

# ଉତ୍କଳ ପ୍ରସଙ୍ଗ



No. 4
Regd. No. 0-05/92
Licence No.



PRINTED AT ORISSA GOVERNMENT PRESS,
CUTTACK



ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କଠାରୁ 'ଜ୍ଞାନଜ୍ୟୋତି' ଗ୍ରହଣ କରି ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ଶିକ୍ଷକ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କର ଏକ ବିରାଟ ସମାବେଶରେ ଅଭିଭାଷଣ ଦେଉଛନ୍ତି ।



ଭୁବନେଶ୍ୱରଠାରେ ନିର୍ମିତ ଦୂରଦର୍ଶନ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ କେନ୍ଦ୍ର ସୂଚନା ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଜିତ୍ କୁମାର ପାଞ୍ଜା ।

# ଉତ୍କଳ ପ୍ରସଙ୍ଗ

୪୯ ଭାଗ ୫ମ ସଂଖ୍ୟା ମାର୍ଗଶିର ୧୯୧୪ ଶକାବ୍ଦ ଡିସେମ୍ବର ୧୯୯୨

## ସମ୍ପାଦକ ମଣ୍ଡଳୀ

ନିର୍ଦ୍ଦେଶକ
ଶ୍ରୀ କାଳୀ କୁମାର ରଥ

ସହ ସମ୍ପାଦକ
ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ
**ଶ୍ରୀ ସତୀଶ ପାଢ଼ୀ**

ପ୍ରଚ୍ଛଦପଟ୍ଟ
ଶ୍ରୀ ଆଶିଷ କୁମାର ପାଣ୍ଡେ

ପ୍ରକାଶନ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦
(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।*

*"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

# ସୂଚୀ


| | | |
|---|---|---|
| ଇତିହାସ ଲୋଟିପଡ଼େ ପାଦ ତଳେ ତୋର | ପ୍ରସନ୍ନ ପାଟ୍ଟଶାଣୀ | ୧ |
| ଉପଭୋକ୍ତା ସୁରକ୍ଷା ଆଇନ୍ ଓ ଖାଉଟି ସଚେତନତା | ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି | ୨ |
| ଶିଶୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଯୋଜନା | ଡାକ୍ତର ସୁବୋଧଚନ୍ଦ୍ର ପ୍ରହରାଜ | ୪ |
| ଓଡ଼ିଶାର ଲୋକ ସଂସ୍କୃତି | ଡଃ ମହେନ୍ଦ୍ର କୁମାର ମିଶ୍ର | ୬ |
| ଶ୍ରୀ ହାଡ଼ି ଦାସ ଓ ଭାବନାବର | ଶ୍ରୀ ଜୟରାମ ଦାସ | ୧୩ |
| କଟକ ଜିଲ୍ଲା | .. | ୧୬ |
| ଜିଲ୍ଲା ପ୍ରଶାସନ ବ୍ୟବସ୍ଥାକୁ କର୍ମମୁଖର, ସୁଦୃଢ଼ ଓ ଫଳପ୍ରଦ କରିବା ଲାଗି ନୂତନ ଜିଲ୍ଲା ସୃଷ୍ଟି ଏକ ସମୁଚିତ ପଦକ୍ଷେପ | ଶ୍ରୀ ଚଣ୍ଡୀ ପ୍ରସାଦ ମହାନ୍ତି | ୨୪ |
| ଶିଳ୍ପ ବିକାଶ ନିଗମ : ଏକ ଦୃଷ୍ଟିପାତ | ଶ୍ରୀ କ୍ଷେତ୍ରମୋହନ ଦାଶ | ୨୭ |
| ଦଶ ମହାବିଦ୍ୟାରେ ଦେବୀ ବଗଳାମୁଖୀ | ଇଞ୍ଜିନିୟର ରଘୁନାଥ ପାଢ଼ୀ | ୩୧ |
| ଜନଶିକ୍ଷା ନିଳୟ କ'ଣ ଓ କାହିଁକି ? | ଶ୍ରୀ ରବୀନ୍ଦ୍ର କୁମାର ଜେନା | ୩୫ |
| କବି ମାୟାଧର ମାନସିଂହ : ଏକ ଅନୁଶୀଳନ | ଶ୍ରୀ ରସାନନ୍ଦ ପଣ୍ଡା | ୩୭ |
| ଜନସଂଖ୍ୟା ବୃଦ୍ଧି ରୋକିବାରେ ମହିଳାଙ୍କ ଭୂମିକା | ତନୁଶ୍ରୀ ଦାଶ | ୩୯ |
| ଆୟୁର୍ବେଦର ପ୍ରସାର ଓ ଅଭିବୃଦ୍ଧିରେ ଓଡ଼ିଶାର ଅବଦାନ | ପଦ୍ମଚରଣ ସାହୁ | ୪୧ |
| କର୍ମଯୋଗୀ ବ୍ରଜମୋହନ | ଶ୍ରୀ ସୁଶୀଲ କୁମାର ପାଣିଗ୍ରାହୀ | ୪୪ |
| ଜନଶିକ୍ଷା ମତେ ମଣିଷ କଲା | ଶ୍ରୀ ଉଦୟନାଥ ରଥ | ୪୬ |
| ଆମ ହାତ କଥା କହେ | ଶ୍ରୀ ଭିକାରୀ ଚରଣ ରଥ | ୪୮ |
| ସାର୍ଥକ ସ୍ୱପ୍ନ | .. | ୫୩ |
| ସମ୍ବାଦ ପରିକ୍ରମା | .. | ୫୪ |
| ଓଡ଼ିଶାର ଆଦିବାସୀ ସଂସ୍କୃତି | ଶ୍ରୀ ଅବନୀଚନ୍ଦ୍ର ଦାସ | ୬୦ |
| ଜନଗଣଙ୍କ ବିପ୍ଳବ | .. | ୬୩ |
| ବାର୍ଦ୍ଧକ୍ୟ ଏବଂ ବିଧବା ଭତ୍ତା ଯୋଜନା | ଶ୍ରୀ ରମେଶଚନ୍ଦ୍ର ମହାନ୍ତି | ୬୫ |
| ପାଠକଙ୍କ କଲମରୁ | .. | ୬୭ |

# ସମ୍ପାଦକୀୟ

## ଓଡ଼ିଆ ଜାତି ବିଶ୍ୱର ପଥ ପ୍ରଦର୍ଶକ

କାଉଁରିଆ କାଠି ଭାଙ୍ଗିଯାଏ ସିନା, ନଇଁଯାଏ ନାହିଁ, କାଉଁରିଆ କାଠି ଭଳି ଓଡ଼ିଆ ଜାତି ମଧ୍ୟ ଦୟା ନଦୀକୁ ରକ୍ତାକ୍ତ କରି ଦେଇଥିଲେ ହେଁ ସମ୍ରାଟ ଚଣ୍ଡାଶୋକ ଆଗରେ ମୁଣ୍ଡ ନୁଆଁଇ ନଥିଲେ। ଗୌରବର କଥା, ଓଡ଼ିଆ ଜାତିର ବୀରତ୍ୱ ପାଇଁ ସମ୍ରାଟ ଚଣ୍ଡାଶୋକଙ୍କର ମୁଣ୍ଡ ନଇଁ ଯାଇଥିଲା ଏବଂ ସେ ଅସ୍ତ୍ର ତ୍ୟାଗକରି ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ।

ଦୟା ନଦୀରେ ରକ୍ତର ବନ୍ୟା ଛୁଟିବା ପରେ ମଧ୍ୟ ଓଡ଼ିଆ ବୀରମାନଙ୍କ ମୁଣ୍ଡ ନଇଁ ନଥିଲା। କାରଣ, ସେମାନେ ଜାଣିଥିଲେ ଯେ ଓଡ଼ିଆ ଜାତିର ଇତିହାସ ଏକ ଗୌରବମୟ ଇତିହାସ ଏବଂ ଓଡ଼ିଆ ବୀର ନିଜର ପରାକ୍ରମ ବଳରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିବାକୁ ସକ୍ଷମ ହୋଇ ପାରିଛନ୍ତି। ଏହି ଇତିହାସ ହିଁ ସେତେବେଳେ ଓଡିଆ ବୀରମାନଙ୍କୁ ପ୍ରେରଣା ଦେଇଛି। ଆଗକୁ ଲମ୍ଫ ପ୍ରଦାନ କରିବା ପୂର୍ବରୁ ସିଂହ ସବୁବେଳେ ପଛକୁ ଦେଖିଥାଏ। ଅତଏବ ଆଗକୁ ଅଗ୍ରସର ହେବାକୁ ହେଲେ ଆମକୁ ସିଂହାବଲୋକନ କରିବାକୁ ହେବ, ଅତୀତ ଇତିହାସର ପୃଷ୍ଠା ଓଲଟାଇବାକୁ ହେବ।

ଯେଉଁ ଜାତି ବୀରତ୍ୱର ଧ୍ୱଜା ଉଡ଼ାଇ ଗଙ୍ଗାଠାରୁ ଗୋଦାବରୀ ଜୟ କରିପାରିଛି, ରକ୍ତର ବନ୍ୟା ସୃଷ୍ଟି କରିପାରିଛି; ସେହି ଜାତି ଅପର କ୍ଷେତ୍ରରେ ପ୍ରେମ ଓ ସ୍ନେହର ବାର୍ତ୍ତା ସମଗ୍ର ବିଶ୍ୱକୁ ଦେଇ ପାରିଛି। ଚିହ୍ନା-ଅଚିହ୍ନା, ଉଚ୍ଚ-ନୀଚ ଇତ୍ୟାଦି କୌଣସି ଭେଦଭାବ ନଥାଇ ପୁରୀ ଶ୍ରୀମନ୍ଦିରରେ ଜଣେ ଅନ୍ୟ ଜଣଙ୍କ ସହ ଏକାଠି ପବିତ୍ର ମନରେ ଖାଇପାରୁଛି। ଜଗନ୍ନାଥଙ୍କ ଭଜନ ଗାଇ ଗାଇ ଜୀବନ ବିତାଇ ଦେବାରେ ସାଲବେଗ ମଧ୍ୟ ଆନନ୍ଦ ପାଇଛି। ବିଦ୍ୟାପତି ଶବର କନ୍ୟା ଲଳିତାକୁ ଗ୍ରହଣ କରି ଜାତି ଭେଦ ଦୂର କରିବା ପାଇଁ ସମଗ୍ର ବିଶ୍ୱ ପାଇଁ ପଥ ପ୍ରଦର୍ଶକ ହୋଇ ପାରିଛନ୍ତି। ଜାତିକୁ ଉଦ୍ଧାର କରିବା ପାଇଁ ବିଶୁ ମହାରଣା ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇପାରିଛି ଏବଂ ଧର୍ମା ନିଜର ଜୀବନ ଉତ୍ସର୍ଗ କରିପାରିଛି। ବାଜି ରାଉତ ବନ୍ଧୁକ ଆଗରେ ଛାତି ଦେଖାଇ ନିଜ ଜୀବନ ତୁଳନାରେ ଦେଶ ଓ କର୍ତ୍ତବ୍ୟ ବଡ଼ ବୋଲି ପ୍ରମାଣ ଦେଇଛି।

ବୀର ଓଡ଼ିଆ ଜାତିର ଇତିହାସ ପୃଷ୍ଠାରେ ଥିବା ଅଗଣିତ ଗୌରବମୟ ଅଧ୍ୟାୟ ମଧ୍ୟରୁ ଏହା କେତୋଟି ନମୁନା ମାତ୍ର, ଯାହାକି ସମଗ୍ର ବିଶ୍ୱକୁ ମାର୍ଗ ଦର୍ଶନ ଦେଇଛି। କେବଳ ସେତିକି ନୁହେଁ, କଳାକୃତୀର ପରାକାଷ୍ଠା ଦେଖାଇ ଓଡ଼ିଆ ଶିଳ୍ପୀ ବିଶ୍ୱବନ୍ଦ୍ୟ କୋଣାର୍କ ନିର୍ମାଣ କରିପାରିଛି। ଓଡ଼ିଆ ସାଧବ ପୁଅ ସାତ ସମୁଦ୍ର ତେର ନଈ ପାରି ହୋଇ ବାଣିଜ୍ୟ କରିବାକୁ ବିଦେଶ ଯାତ୍ରା କରୁଥିଲା ଏବଂ ଓଡ଼ିଆ ଶିଳ୍ପୀ-କାରିଗରଙ୍କ ଦ୍ୱାରା ନିର୍ମିତ ସାମଗ୍ରୀ ସବୁ ବିଦେଶରେ ବିକ୍ରି କରି ଧନରତ୍ନ ଆଣିବା ସାଙ୍ଗକୁ ଆମର କଳା-ସଂସ୍କୃତିର ପ୍ରସାର ଏବଂ ପ୍ରଚାର କରୁଥିଲା, ଯାହାକି ଅନ୍ୟ ରାଷ୍ଟ୍ରମାନଙ୍କରେ ଅଦ୍ୟାବଧି ଦେଖିବାକୁ ମିଳେ।

କାଳ ଗର୍ଭରେ ଅତୀତର ସେହି ଗୌରବମୟ ଅଧ୍ୟାୟ ଲୀନ ପ୍ରାୟ। କିଛି ସ୍ମୃତି ହୋଇ ରହିଛି ଏବଂ ଆଉ କିଛି ବିସ୍ମୃତି ଗର୍ଭରେ ଲୀନ ହୋଇଗଲାଣି। ସେଥିପାଇଁ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଧାନ ସଭାରେ ପ୍ରଥମ ଭାଷଣରେ ବିଜୁବାବୁ କହିଥିଲେ ଯେ, "ଓଡ଼ିଆ ଜାତି ଭେଦ ଭାବରେ ବିଶ୍ୱାସ କରେ ନାହିଁ। ତେଣୁ ଆମେ ସମସ୍ତେ ସବୁ ଭେଦଭାବ ଭୁଲିଯାଇ ଓଡ଼ିଆ ଦଳ ଗଠନ କରି ଓଡ଼ିଶାକୁ ଆଗେଇ ନେବା"। ଏହା ଥିଲା ବିଧାନ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବକ୍ତବ୍ୟ।

ବାସ୍ତବରେ ସମୟ ସ୍ରୋତରେ ଓଡ଼ିଆର ସର୍ବସ୍ୱ ଲୁଣ୍ଠନ ହୋଇଯାଇଥିଲେ ହେଁ ଓଡ଼ିଆ ଜାତି କେବଳ ତା'ର ସଂସ୍କୃତି ପାଇଁ ହିଁ ବଞ୍ଚି ରହିଛି। ଅତଏବ, ସଂସ୍କୃତିର ସୁରକ୍ଷା ଏବଂ ପରମ୍ପରାର ପୁନରୁଦ୍ଧାର ନିତାନ୍ତ ଆବଶ୍ୟକ। ସେଥିପାଇଁ ପାଇକ ସଂସ୍କୃତିର ସୁରକ୍ଷା ନିମନ୍ତେ ପାଇକ ଏକାଡେମୀ ବା ବେସାମରିକ ଶାରୀରିକ ଶିକ୍ଷା ଏକାଡେମୀ ଗଠନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ନୌ-ବାଣିଜ୍ୟ ପରମ୍ପରାର ପୁନରୁଦ୍ଧାର ପାଇଁ ପାରାଦ୍ୱୀପରୁ ପାଲଟଣା ବୋଇତଟିଏ ବାଲିଦ୍ୱୀପ ଅଭିମୁଖେ ଯାତ୍ରା କରିଛି। ଗତ ଏପ୍ରିଲ ମାସରେ ଦିଲ୍ଲୀଠାରେ ସାହିତ୍ୟ ସଂସ୍କୃତି ସମାରୋହ କରାଇ ଓଡ଼ିଆ ମନରେ ଓଡ଼ିଆତ୍ୱକୁ ଜାଗ୍ରତ କରିବା ପାଇଁ ଏକ ସମୟୋଚିତ ପଦକ୍ଷେପ ନେଇଛନ୍ତି।

ବର୍ତ୍ତମାନ ବିଜୁବାବୁଙ୍କ ପୃଷ୍ଠପୋଷକତାରେ ବିଶ୍ୱ ଓଡ଼ିଆ ସମ୍ମିଳନୀ କଟକଠାରେ ଅନୁଷ୍ଠିତ ହୋଇଯାଇଛି। ଏହା ଆଉ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସମୁଦ୍ର ମନ୍ଥନରୁ ଅମୃତର ଅଭ୍ୟୁଦୟ ହେଲାଭଳି ଏହି ସମ୍ମିଳନୀ ମଧ୍ୟ ନିଜେ ନିଜକୁ ଚିହ୍ନିବା ପାଇଁ ଉପଯୁକ୍ତ ମାର୍ଗ ଦର୍ଶନ କରୁ ଏବଂ ଅତୀତର ପୁନରାବୃତ୍ତି ହୋଇ ବିଶ୍ୱ ଦରବାରରେ ଓଡ଼ିଆ ଜାତି-ପଥ ପ୍ରଦର୍ଶକର ସମ୍ମାନ ପାଉ – ଏହା ହିଁ କାମନା।

# ଇତିହାସ ଲୋଟିପଡ଼େ ପାଦ ତଳେ ତୋର

● ପ୍ରସନ୍ନ ପାଟଶାଣୀ

ଅଁଳା ପରି ଗୋଲ ଗୋଲ କାଳିଆର ଆଖି
ବାହାଡ଼ାପରି ବଳିଆର ଓ ହରିଡ଼ାପରି ସୁଭଦ୍ରାର
ସତେ ଯେମିତି ତ୍ରିଫଳାର ସମାହାର ।

ଟିକେ ନିରିଖେଇ ଦେଖିଲେ କାଳିକାକୁ
କେଉଁ ଏକ ମୋଫସଲ ବୋହୂପରି
ନାକରେ ଗୁଣା, ଅଧରରେ ପାନପିକର ରଙ୍ଗ
ଓଠରେ ତା' ହସଦିଶେ ଅର୍ବାଙ୍ଗୀନ ମସ୍ତ
କୋଟିକମ ଶାଢ଼ୀ ଛୁଉଁଥାଏ ତା'ର ପଦ୍ମପାଦ ।

ବଳଭଦ୍ରର ବୀରବେଶ
ମୁହଁରେ ଜହ୍ନର ହସ
ଲଙ୍ଗଳରେ ମାଟିତାଡ଼ି ଫସଲ ଫଳେଇ
ତୁମେ ଆଗକୁ ଆସ ସ୍ୱାସ୍ଥ୍ୟର ଦଉଡ଼ିରେ
ମନର ମନ୍ଦିରକୁ
ଯେମିତି ଏକ ଦିବ୍ୟ ଜ୍ୟୋତି
ଯା'ର ରଙ୍ଗ ଧଳା
ତୁମ ଦେହେ ଭଙ୍ଗ ହୁଏ ଆପଦରା ।
ସୁଭଦ୍ରା
ତୋ'ର ନାଗୁଣୀ ରଙ୍ଗର ଦେହେ ମମତାର ଆଭା
ସତେ ଏକ ମାତୃମୟୀ ଭୋର୍
ଭାତୃମୟ ଏଇ ପୃଥ୍ୱୀରେ
ଭଗ୍ନୀର ଚେହେରା
ତତେ ମୂର୍ତ୍ତିଆମାରେ ସମୁଦ୍ର, ସକାଳ ଓ ଖରା ।

ଆପଦରା କରିଦିଏ ବଡ଼ଦାଣ୍ଡକୁ
ନଚିଯାଏ ଅହୋରାତ୍ର ଭଜନରେ
ସମୁଦ୍ର ବୁକୁରେ ଢେଉ

ତୋ ବୁକୁର କୋହୁଆ ଭିତରେ
ଭୋକମୋର ଶୋଇଥାଉ
ଜହ୍ନର ପହଁରାରେ ଯମ ହେଉ ମୋର ଆସ୍ମୃଷ
ତୁ ନଥିଲେ ମୋର ହୁଏ ସର୍ବନାଶ ।

ତୁ ସେଇ ତ୍ରିକାଳ ସତ୍ତ୍ୱ, ରଜ, ତମ
ତୁ ସେଇ ତ୍ରିବେଳ, ଅପରାହ୍ନ, ସଞ୍ଜ ଓ ସକାଳ,
ତୋ'ର ଲୀଳା ଖେଳା
ଗିନି ଦୁଇପଟେ ଯେମିତି ଦୁଇତାଳ
କାହାଳୀ ହୋଇ ଖରାବେଳ ବାଜେ ଆଳତିରେ
ଭ୍ରମରପରି ସକାଳ ଝୁଲୁଥାଏ
ସଞ୍ଜ ଲୋଟୁଥାଏ ପାଦତଳେ ।

କଳାହାଣ୍ଡି ପରି ଚେହେରାକୁ
ଇଡ଼ିଯାଏ ସମସ୍ତ ପେଟ ହୋଇ ହଳଦିଆ ଚଟାଣରେ
ଲକ୍ଷ୍ମୀ ତୁ ରହିଯାଉ ଅଭିମାନରେ
ଦରିଦ୍ର ଓଡ଼ିଆର ଗାଁରେ ।

ଖରା କେବଳ ଆକାଶରେ ନଥାଏ
ଗାଁର ନୁଆଁଣିଆ ଘରକୁ ବି ଓହ୍ଲେଇ ଆସେ
ଜଗନ୍ନାଥ ରଙ୍ଗପରି ଠିଆ ହୁଏ ରାତି
ଇତିହାସ ଲୋଟିପଡ଼େ ପାଦତଳେ ତୋର
ସନ୍ଧ୍ୟା ଆସେ ଭଜନ ଓ ଜଣାଣରେ ।
ତୁ ଜଗତ୍, ତୁ ଜନନୀ
ତୁ ସେଇ ଜ୍ୟୋତିର୍ମୟ, ଅର୍ଦ୍ଧନାରୀଶ୍ୱରୀ ।

୨-ନୁଆପଲ୍ଲୀ,
ଭୁବନେଶ୍ୱର-୧୨ ।

# ଉପଭୋକ୍ତା ସୁରକ୍ଷା ଆଇନ ଓ ଖାଉଟି ସଚେତନତା

● ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି

ଖାଦ୍ୟ ଦ୍ରବ୍ୟରେ ଅପମିଶ୍ରଣ, ଓଜନରେ ଠକେଇ, ନାନା ପ୍ରକାର ବିଜ୍ଞାପନ ମାଧ୍ୟମରେ ଖାଉଟିମାନଙ୍କୁ ପ୍ରଲୁବ୍ଧ କରି ନିମ୍ନ ମାନର ଜିନିଷ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରୀ ଓ ବିଭିନ୍ନ ସେବା ସଂସ୍ଥାମାନଙ୍କର ମନଇଚ୍ଛା କାର୍ଯ୍ୟ ବିରୁଦ୍ଧରେ କିପରି ଭାବରେ ଆଇନର ସହାୟତା ନିଆଯାଇ ପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ।

ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ୧୯୮୬ ମସିହାରେ ଉପଭୋକ୍ତା ସୁରକ୍ଷା ଆଇନ ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇ ୧୫-୪-୧୯୮୭ ତାରିଖଠାରୁ ଜାମ୍ମୁ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ରାଜ୍ୟରେ ଲାଗୁ କରାଗଲା ।

ଉପଭୋକ୍ତାମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଉପଭୋକ୍ତା ପରିଷଦ ଗଠନ, ଉପଭୋକ୍ତାମାନଙ୍କର ବିବାଦ ଏବଂ ତତ୍ ସମ୍ପର୍କିତ ସମସ୍ୟାର ଆଶୁ ସମାଧାନ କରିବା ଏହି ଆଇନର ମୂଳ ଉଦ୍ଦେଶ୍ୟ । ଓଡ଼ିଶାରେ ଏହି ଖାଉଟି ସୁରକ୍ଷା ନିୟମ ୧୫-୩-୧୯୮୮ରେ ପ୍ରବର୍ତ୍ତିତ ହେଲା ।

ଉପଭୋକ୍ତା ଆଇନର ଧାରା ୯ ଅନୁଯାୟୀ ପ୍ରତି ଜିଲ୍ଲାରେ ଖାଉଟି ବିବାଦ ଅଭିଯୋଗ ଫୋରମ୍ (Consumer Dispute Redressal Forum) ଗଠନ କରାଯାଇଛି । ଏଥିରେ ଜିଲ୍ଲାର ମୁଖ୍ୟ ବିଚାରପତି ଜିଲ୍ଲାଜଜ୍ ସଭାପତି ରୂପେ କାର୍ଯ୍ୟ କରୁଛନ୍ତି ଏବଂ ଅନ୍ୟ ଦୁଇଜଣ ସଭ୍ୟଙ୍କ ମଧ୍ୟରୁ ଜଣେ ଶିକ୍ଷା, ବ୍ୟବସାୟ ତଥା ବାଣିଜ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ଓ ଅନ୍ୟଜଣେ ସମାଜ ସେବୀ ମହିଳା ଅଟନ୍ତି ।

ରାଜ୍ୟ ଆୟୋଗ (State Commission) ଉପଭୋକ୍ତା ସୁରକ୍ଷା ଆଇନର ଧାରା ୯ (ଖ) ଅନୁସାରେ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତି (High Court Judge)ଙ୍କ ସଭାପତିତ୍ୱରେ ଗଠନ କରାଯାଇଛି ଓ ଏଥିରେ ଅର୍ଥନୀତି, ଆଇନ, ବ୍ୟବସାୟ ବାଣିଜ୍ୟ, ଶିଳ୍ପ, ଶିକ୍ଷା ଶାସନ ଓ ଜନ ସମସ୍ୟା ସମାଧାନ ସମ୍ପର୍କରେ ନିଜର ସାମର୍ଥ୍ୟ, ସମ୍ବେଦନଶୀଳତା ଓ ପ୍ରତିଷ୍ଠା ଲାଭ କରିଥିବା ଜଣେ ପୁରୁଷ ଓ ଜଣେ ମହିଳା ସଭ୍ୟ ଅଛନ୍ତି । ସେହିପରି ଜାତୀୟ ଆୟୋଗ (National Commission) ଉପଭୋକ୍ତା ସୁରକ୍ଷା ଆଇନ୍‌ର ଧାରା ୯ (ଗ) ଅନୁସାରେ ସୁପ୍ରିମ୍ କୋର୍ଟର ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି ଓ ଏଥିରେ ଅର୍ଥନୀତି, ଆଇନ, ବ୍ୟବସାୟ, ବାଣିଜ୍ୟ, ଶିକ୍ଷା ଓ ଶାସନରେ ପ୍ରତିଷ୍ଠା ଲାଭ କରିଥିବା ଚାରିଜଣ ବିଶିଷ୍ଟ ବ୍ୟକ୍ତି ସଭ୍ୟ ଅଛନ୍ତି ।

କୌଣସି ବ୍ୟବସାୟୀ ବ୍ୟବସାୟରେ ଅସାଧୁ ଉପାୟ ଅବଲମ୍ବନ କରିବା ଫଳରେ କ୍ଷତିଗ୍ରସ୍ତ ହେଲେ କିମ୍ବା ସେବା ସଂକ୍ରାନ୍ତୀୟ ଅଭିଯୋଗ ଥିଲେ ଯେକୌଣସି ଖାଉଟି ବା ଉପଭୋକ୍ତା ଯେକୌଣସି ସ୍ୱେଚ୍ଛାସେବୀ ଉପଭୋକ୍ତା ସଙ୍ଘ, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ଲିଖିତ ଆକାରରେ ନିର୍ଦ୍ଦିଷ୍ଟ ଫୋରମ୍‌ରେ ଅଭିଯୋଗ କରିପାରିବେ । ଯଦି ବସ୍ତୁର ମୂଲ୍ୟ ବା ସେବାର ମୂଲ୍ୟ ଏକଲକ୍ଷ ଟଙ୍କା ବା ତା'ଠାରୁ କମ୍ ହୋଇଥାଏ ତେବେ ଅଭିଯୋଗ ସମ୍ପୃକ୍ତ ଜିଲ୍ଲା ଫୋରମ୍‌ରେ କରିବାକୁ ହେବ । ଯଦି ବସ୍ତୁର ମୂଲ୍ୟ ଏକଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଓ ଦଶ ଲକ୍ଷ ଟଙ୍କାରୁ କମ୍ ହୋଇଥିବ ତେବେ ଅଭିଯୋଗ ରାଜ୍ୟସ୍ତରୀୟ ଫୋରମ୍‌ରେ କରିବାକୁ ହେବ । ବସ୍ତୁର ମୂଲ୍ୟ ଅଥବା ସେବାର ମୂଲ୍ୟ ଦଶଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିଲେ ଅଭିଯୋଗ ଜାତୀୟ ଆୟୋଗଙ୍କଠାରେ ଦାଖଲ କରିବାକୁ ପଡ଼ିବ । ଅଭିଯୋଗ ସାଧା କାଗଜରେ କରିବାକୁ ପଡ଼େ । ଏଥିରେ କୌଣସି କୋର୍ଟଫିସ୍ ଲାଗେ ନାହିଁ କିମ୍ବା ଓକିଲଙ୍କ ସହାୟତା ଦରକାର ପଡ଼େନାହିଁ ।

ଉପଭୋକ୍ତା ସୁରକ୍ଷା ଆଇନ୍‌ରେ ସେବା (Service)ର ଅର୍ଥ ଯେକୌଣସି ପ୍ରକାର ସେବା ଯାହାକି ସମ୍ଭାବ୍ୟ ବ୍ୟବହାରକାରୀଙ୍କୁ ଉପଲବ୍ଧ ହୁଏ । ଯଥା- ବ୍ୟାଙ୍କିଙ୍ଗ୍ ସେବା, ଅର୍ଥ ଲଗାଣକାରୀ ସେବା, ବୀମା, ଗମନାଗମନ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ଶକ୍ତି ଯୋଗାଣକାରୀ ସଂସ୍ଥା, ଟେଲିଫୋନ୍ ସେବା, ହୋଟେଲ୍ ବା ଖାଦ୍ୟ ପରିବେଷଣକାରୀ ସଂସ୍ଥା, ଚିକିତ୍ସା ସେବା ଏବଂ ଆମୋଦ ପ୍ରମୋଦ ପାଇଁ ସୁବିଧା ସୁଯୋଗକୁ ବୁଝାଏ । କିନ୍ତୁ ଯେଉଁ ସେବା ବିନା ମୂଲ୍ୟରେ ବା ବ୍ୟକ୍ତିଗତ ଭାବେ ମିଳେ ତାହା ସେବା ସଂଜ୍ଞାର ଅନ୍ତର୍ଭୁକ୍ତ ନୁହେଁ ।

ଜାତୀୟ ସ୍ତରରେ ଥିବା ଖାଉଟି ସୁରକ୍ଷା କମିଶନ ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବାକୁ ଖାଉଟି ସୁରକ୍ଷା ଆଇନର ପରିସର ଭୁକ୍ତ କରିଛନ୍ତି । ଜାତୀୟ ଖାଉଟି ଅଭିଯୋଗ ନିରାକରଣ

କମିଶନ ଏ ସଂପର୍କରେ ଇଣ୍ଡିଆନ୍ ମେଡ଼ିକାଲ୍ ଅସୋସିଏସନ୍‌ର ଯୁକ୍ତିକୁ ଅଗ୍ରାହ୍ୟ କରି ରାୟ ଦେଇ କହିଛନ୍ତି ଯେ ଚିକିତ୍ସା ସେବାରେ ଚିକିତ୍ସକ ଅବହେଳା ପ୍ରଦର୍ଶନ କଲେ କିମ୍ବା ତ୍ରୁଟିପୂର୍ଣ୍ଣ ଚିକିତ୍ସା ଫଳରେ ଖାଉଟି ବା ଉପଭୋକ୍ତା କ୍ଷତିଗ୍ରସ୍ତ ହେଲେ ଉପଭୋକ୍ତା କ୍ଷତି ପୂରଣ ଦାବୀ କରିବାର ଆଇନଗତ ଅଧିକାର ରହିଛି ।

କୌଣସି ସାମଗ୍ରୀ ବା ସେବା ସଂପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ପାଇବା ପରେ ଫୋରମ୍ ଅଭିଯୋଗର ଏକ ନକଲ ସେଥିରେ ଉଲ୍ଲିଖିତ ପ୍ରତିବାଦୀଙ୍କ ପାଖକୁ ପଠାଇଥାନ୍ତି ଏବଂ ଅଭିଯୋଗ ସଂପର୍କରେ ତାଙ୍କର କିଛି କହିବାର ଥିଲେ ୩୦ ଦିନ ମଧ୍ୟରେ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ପ୍ରତିବାଦୀଙ୍କର ବିଶେଷ ଅନୁରୋଧ କ୍ରମେ ଜିଲ୍ଲା ଫୋରମ୍ ଅଧିକ ୧୫ ଦିନ ସମୟ ଦେଇ ପାରନ୍ତି ।

ପ୍ରତିବାଦୀ ଅଭିଯୋଗକୁ ଅସ୍ୱୀକାର କଲେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବିବାଦର ସମାଧାନ ନିମନ୍ତେ ଫୋରମ୍ ନିକଟରେ ଉପସ୍ଥିତ ହୋଇ ତାଙ୍କର ବକ୍ତବ୍ୟ ଜଣାଇବେ ।

ଅଭିଯୋଗକାରୀ ଉପଭୋକ୍ତା ବସ୍ତୁର ମାନ (Quality) ସମ୍ପର୍କରେ ଅଭିଯୋଗ କରିଥିଲେ, ଫୋରମ୍ ଉକ୍ତ ଦ୍ରବ୍ୟର ନମୁନା ଅଭିଯୋଗକାରୀଙ୍କଠାରୁ ସଂଗ୍ରହ କରି ଜବତ୍‌ମୋହର ଦେଇ ଉପଯୁକ୍ତ ପରୀକ୍ଷାଗାରକୁ ବିଶ୍ଳେଷଣ ପାଇଁ ପଠାଇଥାନ୍ତି । ବସ୍ତୁର ନମୁନା ପରୀକ୍ଷାଗାରକୁ ପଠାଯିବା ପୂର୍ବରୁ ଦ୍ରବ୍ୟର ପରୀକ୍ଷା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଫୋରମ୍‌ରେ ଦାଖଲ କରିବାକୁ ପଡ଼ିଥାଏ । ପରୀକ୍ଷାଗାର ପଠାଇଥିବା ରିପୋର୍ଟ ଫୋରମ୍ ପ୍ରତିବାଦୀଙ୍କୁ ଜଣାଇ ଦିଅନ୍ତି । ଯଦି କୌଣସି ପକ୍ଷ ପରୀକ୍ଷାଗାର ପଠାଇଥିବା ରିପୋର୍ଟ କିମ୍ବା ପରୀକ୍ଷାଗାର ଦ୍ୱାରା କରାଯାଇଥିବା ବିଶ୍ଳେଷଣର ପ୍ରଣାଳୀ ବା ପରୀକ୍ଷାର ବିଶୁଦ୍ଧତାକୁ ବିବାଦ କରନ୍ତି ସେହି କ୍ଷେତ୍ରରେ ଜିଲ୍ଲା ସଂସ୍ଥା ଅଭିଯୋଗକାରୀ ବା ପ୍ରତିବାଦୀଙ୍କୁ ଉପଯୁକ୍ତ ପରୀକ୍ଷାଗାର ରିପୋର୍ଟ ଉପରେ ସେମାନଙ୍କର ଆପତ୍ତି ଲିଖିତ ଆକାରରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି । ଉପଭୋକ୍ତା ସୁରକ୍ଷା ଆଇନର ଧାରା ୧୪ ଅନୁଯାୟୀ ଜିଲ୍ଲା ସଂସ୍ଥା କାର୍ଯ୍ୟବିଧି ଗ୍ରହଣ କରିଥାନ୍ତି । ଅଭିଯୋଗ ଶୁଣାଣି ପରେ ଜିଲ୍ଲା ଫୋରମ୍ ଅଭିଯୋଗ କରାଯାଇଥିବା ଦ୍ରବ୍ୟ ବା ସେବାରେ କୌଣସି ତ୍ରୁଟି ବିଚ୍ୟୁତି ହୋଇଥିବା ଉପଲବ୍ଧି କଲେ ପ୍ରତିବାଦୀଙ୍କୁ ନିମ୍ନଲିଖିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥାନ୍ତି । ଯଥା :- (୧) ପରୀକ୍ଷାଗାର ଦ୍ୱାରା ଦର୍ଶାଯାଇଥିବା ତ୍ରୁଟିକୁ ସୁଧାରିବାକୁ, (୨) ଦୋଷଯୁକ୍ତ ଦ୍ରବ୍ୟ ବଦଳରେ ନୂତନ ତ୍ରୁଟିମୁକ୍ତ ଦ୍ରବ୍ୟ ବଦଳାଇ ଦେବାକୁ, (୩) ଅଭିଯୋଗକାରୀଙ୍କଠାରୁ ଗ୍ରହଣ କରିଥିବା ଦ୍ରବ୍ୟର ମୂଲ୍ୟ ଫେରନ୍ତ କରିବାକୁ ଏବଂ ଉପଭୋକ୍ତା ଭୋଗିଥିବା ସମସ୍ତ ପ୍ରକାର କ୍ଷତି ପାଇଁ ଜିଲ୍ଲା ସଂସ୍ଥା ନିର୍ଦ୍ଧାରଣ କରିଥିବା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥାନ୍ତି । ଯଦି ଅଭିଯୋଗ ସେବା ପାଇଁ ହୋଇଥାଏ ତେବେ ଫୋରମ୍ ସମାନ ପ୍ରଣାଳୀ ଅବଲମ୍ବନ କରିଥାନ୍ତି ।

ପ୍ରତିବାଦୀ ଜିଲ୍ଲା ଫୋରମ୍ ଦେଇଥିବା ନିର୍ଦ୍ଦେଶରେ ସନ୍ତୁଷ୍ଟ ନହେଲେ, ଫୋରମ୍ ଆଦେଶ ଦେବା ତାରିଖଠାରୁ ୩୦ ଦିନ ମଧ୍ୟରେ ଉକ୍ତ ଆଦେଶ ବିରୁଦ୍ଧରେ ରାଜ୍ୟ ଆୟୋଗଙ୍କ ନିକଟରେ ଉପଭୋକ୍ତା ସୁରକ୍ଷା ଆଇନ୍‌ର ଧାରା ୧୫ ଅନୁସାରେ ବିହିତ ମତେ ଅପିଲ୍ କରିପାରିବେ । ସେହିପରି ରାଜ୍ୟ ଫୋରମ୍ ଦେଇଥିବା ନିର୍ଦ୍ଦେଶରେ କୌଣସି ବ୍ୟକ୍ତି ସନ୍ତୁଷ୍ଟ ନହେଲେ ଜାତୀୟ କମିଶନ୍‌ଙ୍କ ପାଖରେ ୩୦ ଦିନ ମଧ୍ୟରେ ଅଭିଯୋଗ କରିପାରିବେ ।

ଯଦି କୌଣସି ବ୍ୟବସାୟୀ ବା ବ୍ୟକ୍ତି ଜିଲ୍ଲା ସଂସ୍ଥା, ରାଜ୍ୟ ଆୟୋଗ ବା ଜାତୀୟ ଆୟୋଗର ଆଦେଶ ଅବମାନନା କରନ୍ତି ବା ଆଦେଶ ଅନୁସାରେ ପଦକ୍ଷେପ ନ ନିଅନ୍ତି ତେବେ ସେହି ବ୍ୟବସାୟୀ ବା ବ୍ୟକ୍ତି ସର୍ବନିମ୍ନ ଏକ ମାସରୁ ଆରମ୍ଭ କରି ସର୍ବାଧିକ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗ କରିବେ ଅଥବା ସର୍ବନିମ୍ନ ୨,୦୦୦ ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୧୦,୦୦୦ ଟଙ୍କା ଜୋରିମାନା ଦେବେ ଅଥବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ । ପୁନଶ୍ଚ କ୍ଷେତ୍ର ବିଶେଷରେ ଜିଲ୍ଲାସଂସ୍ଥା, ରାଜ୍ୟ ଆୟୋଗ କିମ୍ବା ଜାତୀୟ ଆୟୋଗ ପରିସ୍ଥିତିକୁ ବିଚାର କରି ଆବଶ୍ୟକ ମନେକଲେ ଉପଭୋକ୍ତା ସୁରକ୍ଷା ଆଇନର ୨୭ ଧାରାରେ ବର୍ଣ୍ଣିତ ଦଣ୍ଡର ପରିମାଣକୁ କମ୍ କରିଦେଇ ପାରିବେ ।

ଖାଉଟିମାନଙ୍କୁ ସଚେତନ କରିବା ପାଇଁ କେବଳ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା ଯଥେଷ୍ଟ ହେବନି । ଖାଉଟି ଆନ୍ଦୋଳନକୁ ସକ୍ରିୟ କରିବା ପାଇଁ ଖବର କାଗଜ, ରେଡ଼ିଓ ଓ ଦୂରଦର୍ଶନ ପରି ଶକ୍ତିଶାଳୀ ଗଣମାଧ୍ୟମର ଭୂମିକା ଉପଭୋକ୍ତା ସୁରକ୍ଷା ଆଇନକୁ ପ୍ରଖର କରିବାରେ ଯଥେଷ୍ଟ ସାହାଯ୍ୟ କରିବ ।

ଓଡ଼ିଶାରେ ଖାଉଟି ଆନ୍ଦୋଳନକୁ ସକ୍ରିୟ କରିବା ପାଇଁ ରାଜ୍ୟ ସରକାର "ଚେତନା ସମ୍ମାନ" ନାମରେ ନୂତନ ରାଜ୍ୟ ସ୍ତରୀୟ ସମ୍ମାନ ଓ ପୁରସ୍କାର ପ୍ରଦାନର ବ୍ୟବସ୍ଥା କରିଛନ୍ତି । ଏଥିସହ ଏ ଦିଗରେ ପ୍ରଶଂସନୀୟ କାର୍ଯ୍ୟ କରୁଥିବା ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଲେଖକ ଯୁବକର୍ମୀ ଓ ଖାଉଟି ଅଧିକାରକୁ ସାବ୍ୟସ୍ତ କରିବାରେ ସଫଳ ହୋଇଥିବା ଜଣେ ସଚେତନ ନାଗରିକଙ୍କ ପ୍ରଶଂସା ପତ୍ର ସହ ୨,୦୦୦୦ ଟଙ୍କା ପୁରସ୍କାର ଦେବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି ।

କେବଳ ଆଇନ ପ୍ରଣୟନ ଦ୍ୱାରା ସମସ୍ୟା ଦୂର ହୋଇ ପାରିବନି । ପ୍ରତ୍ୟେକ ନାଗରିକ ସେମାନଙ୍କର ମୌଳିକ ଅଧିକାର ପ୍ରତି ସଚେତନ ହେଲେ ଏକ ସୁସ୍ଥ ଶୋଷଣମୁକ୍ତ ସମାଜ ଗଠନ କରାଯାଇ ପାରିବ ।

---

କ୍ୱାର୍ଟର ନଂ-ଭିଏ: ୨୦/୨
ୟୁନିଟ୍-୨।

# ଶିଶୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଯୋଜନା

● ଡାକ୍ତର ସୁବୋଧ ଚନ୍ଦ୍ର ପ୍ରହରାଜ

ଭାରତର ଜନସଂଖ୍ୟା ଦିନକୁ ଦିନ ଯେପରି ଭାବେ ଦ୍ରୁତ ଗତିରେ ବଢ଼ିଚାଲିଛି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏହା ବର୍ତ୍ତମାନ ସମସ୍ତଙ୍କ ପାଇଁ ବିଶେଷ ଚିନ୍ତାର ବିଷୟ । ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯାଇ ପରିବାର କଲ୍ୟାଣ ଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ଉପାୟରେ ଲୋକମାନଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜାତୀୟ ଓ ରାଜ୍ୟ ସ୍ତରରେ ନାନା ପ୍ରକାର ଯୋଜନା ପ୍ରଣୟନ କରାଯାଇ ଅନେକ ଅର୍ଥ ବ୍ୟୟ କରାଯାଉଛି । ତଥାପି ଜନସଂଖ୍ୟା ବଢ଼ିବାରେ ଲାଗିଛି ଏବଂ ଅବସ୍ଥା ଏପରି ହୋଇଛି, ଜନସଂଖ୍ୟା ବୃଦ୍ଧିକୁ ଯେ ଆଉ ରୋକାଯାଇ ପାରିବ ତାହା ସମସ୍ତଙ୍କୁ ଅସମ୍ଭବ ପରି ମନେ ହେଉଛି । ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରାଯାଇ ପାରୁନଥିବାରୁ ଦେଶର ଅର୍ଥନୈତିକ ପରିସ୍ଥିତି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ଓ ଦେଶର ଅଗ୍ରଗତି କ୍ରମଶଃ ପଛେଇ ଯାଉଛି । ପରିବାର କଲ୍ୟାଣର ସମ୍ପୂର୍ଣ୍ଣ ସଫଳତା ଜନସାଧାରଣଙ୍କର ବୁଝିବା ଏବଂ ସହଯୋଗ ଉପରେ ନିର୍ଭର କରେ । ଲୋକମାନେ ଯଦି ବୁଝିବେ ଏବଂ ସେମାନଙ୍କର ଥିବା ଗୋଟିଏ କିମ୍ବା ଦୁଇଟି ସନ୍ତାନଙ୍କ ଜୀବନ ଉପରେ ସମ୍ପୂର୍ଣ୍ଣ ଆଶାବାଦୀ ହେବେ ତେବେ ସେମାନେ ପରିବାର ନିୟନ୍ତ୍ରଣ କରିବା ପାଇଁ ଆପଣାଛାଏଁ ଆଗେଇ ଆସିବେ । ଲୋକମାନେ ନିଜ ଇଚ୍ଛାରେ ଏହି ଯୋଜନାକୁ ଗ୍ରହଣ ନକଲେ ତାଙ୍କ ଉପରେ ଜୋର ଜବରଦସ୍ତ ଏହାକୁ ଲଦି ଦିଆଯାଇ ପାରିବ ନାହିଁ । ବିଭିନ୍ନ ପ୍ରକାର ନିୟମ ପ୍ରଣୟନ କରି ଲୋକମାନଙ୍କୁ ବାଧ୍ୟ କରାଗଲେ ସେମାନେ ଡର ଭୟରେ ଏହାକୁ ଗ୍ରହଣ କରିବେ, କିନ୍ତୁ ଏହି ଯୋଜନା ସବୁଦିନ ଚିରସ୍ଥାୟୀ ହୋଇପାରିବ ନାହିଁ । ଲୋକମାନେ ଯେତେବେଳେ ଦେଖିବେ ଶିଶୁମାନଙ୍କ ଜୀବନ ଉପରେ କିଛି ଭରସା ନାହିଁ ଏବଂ ସେମାନେ ଅକାଳରେ ମୃତ୍ୟୁବରଣ କରୁଛନ୍ତି କିମ୍ବା ଅକର୍ମଣ୍ୟ ହୋଇ ଯାଉଛନ୍ତି, ସେତେବେଳେ ସେମାନେ ଏହି ଯୋଜନା ଉପରୁ ଆସ୍ଥା ହରାଇବା ସଙ୍ଗେ ସଙ୍ଗେ ଚାରିଆଡ଼େ ଅଶାନ୍ତିର ବାତାବରଣ ଖେଳିଯିବ ଯାହା ଦେଖି ଅନ୍ୟମାନେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ଏହି ଯୋଜନାକୁ ଆଉ ଗ୍ରହଣ କରିବେ ନାହିଁ, ଯାହାଦ୍ୱାରା ଏହି କାର୍ଯ୍ୟକ୍ରମ ଭବିଷ୍ୟତରେ ସମ୍ପୂର୍ଣ୍ଣ ବିଫଳ ହେବ ଏବଂ ଜନସଂଖ୍ୟା ବିସ୍ଫୋରଣ ଘଟିବ, ଯାହାକୁ କି ସେତେବେଳେ ଆଉ ଆୟତ୍ତ କରିବା ସମ୍ଭବପର ହେବନି । ବର୍ତ୍ତମାନ ନାନା ପ୍ରକାର ଅଭିଜ୍ଞତା ଓ ଗବେଷଣାରୁ ଜଣାଗଲାଣି ଯେ ଶିଶୁମାନଙ୍କ ଜୀବନ ଉପରେ ଭରସା ରହୁନଥିବା ଘଟଣା ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ ବିଫଳତାର ଏକ ପ୍ରଧାନ କାରଣ । ଆମ ଦେଶରେ ଶିଶୁ ମୃତ୍ୟୁହାର ଅଧିକ ଯେ ପିତା ମାତାମାନେ ସେମାନଙ୍କ ପିଲାମାନଙ୍କର ବୟସ ୧୪–୧୫ ବର୍ଷ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ଉପରେ ଆଶା ରଖିପାରି ନଥାନ୍ତି । ତେଣୁ ଶିଶୁ ସ୍ୱାସ୍ଥ୍ୟ ଏବଂ ଶିଶୁ ମୃତ୍ୟୁହାର ସହିତ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ଏକ ଘନିଷ୍ଠ ସମ୍ପର୍କ ରହିଛି । ଯଦି ଦେଶରେ ଜନ୍ମହାର ଅଧିକ ହୋଇ ଶିଶୁସଂଖ୍ୟା ବୃଦ୍ଧିପାଏ ତେବେ ସବୁ ଶିଶୁମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇବା ସମ୍ଭବପର ନୁହେଁ, ଯାହାକି ଶିଶୁ ମୃତ୍ୟୁହାର ବୃଦ୍ଧି କରିବାର କାରଣ ହୋଇଥାଏ । ତେଣେ ଶିଶୁ ମୃତ୍ୟୁହାର ବୃଦ୍ଧି ଘଟିଲେ ଜନ୍ମହାର ମଧ୍ୟ ସମପରିମାଣରେ ଅଧିକ ହୋଇଥାଏ । ତେଣୁ ଗୋଟିକ ସହିତ ଅନ୍ୟଟି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ବର୍ତ୍ତମାନ ଲୋକଙ୍କ ଶିକ୍ଷାର ଉନ୍ନତି ଘଟିବା ସହ ପରିବାର ନିୟନ୍ତ୍ରଣର ଡାକରା ସମସ୍ତଙ୍କ ପାଖରେ ପ୍ରାୟ ପହଞ୍ଚି ପାରିଲାଣି । ଲୋକମାନେ ମଧ୍ୟ ପରିବାର ନିୟନ୍ତ୍ରଣର ଉପକାରିତା ଓ ବଡ଼ ପରିବାରର ଅପକାରିତା ବିଷୟରେ ଭଲ ରୂପେ ଅନୁଭବ କରିପାରିଲେଣି କିନ୍ତୁ ଶିଶୁ ମୃତ୍ୟୁହାର କମୁନଥିବାରୁ ସେମାନେ କୌଣସି ସ୍ଥାୟୀ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା ସାହାସର ସହିତ ଗ୍ରହଣ କରିପାରୁ ନାହାନ୍ତି । ଏହି ଭୟ ସମସ୍ତଙ୍କ ମନରେ ହେବା ସ୍ୱାଭାବିକ୍ । ତେଣୁ ଆମ ଦେଶରେ ଶିଶୁ ମୃତ୍ୟୁହାର ଯଦି କମିଯାଆନ୍ତା ଏବଂ ପ୍ରତି ପରିବାର ସେମାନଙ୍କର ଗୋଟିଏ କିମ୍ବା ଦୁଇଟି ସନ୍ତାନଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥାବାନ ହୋଇପାରନ୍ତେ ତେବେ ସେମାନେ ସ୍ୱେଚ୍ଛାକୃତ ଭାବେ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବାକୁ ଆଗେଇ ଆସନ୍ତେ ।

ଆମ ଦେଶରେ ଶିଶୁ ମୃତ୍ୟୁହାର ବୃଦ୍ଧିର ଅନେକ କାରଣ ଅଛି । ସୁସ୍ଥ ଶିଶୁଟିଏ ଜନ୍ମ ହେବା ହେଲେ ମାଆର ସ୍ୱାସ୍ଥ୍ୟ ଭଲ ରହିବା ଉଚିତ୍ । ମାଆ ଯଦି କୌଣସି ରୋଗରେ ଆକ୍ରାନ୍ତ ହୋଇଥାଏ ତେବେ ଶିଶୁଟି ପେଟ ଭିତରେ ଭଲ ବଢ଼ିପାରେ ନାହିଁ । ଶିଶୁର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଗଠନ ହେବାରେ ଅସୁବିଧା ହୁଏ, ଯେଉଁଥିପାଇଁ ଜନ୍ମହେବା ଶିଶୁଟି ପେଟରୁ ମୃତ୍ୟୁ ଅବସ୍ଥାରେ ଜନ୍ମ ହୁଏ କିମ୍ବା ପରେ ରୋଗାଗ୍ରସ୍ତ ହୋଇ ମୃତ୍ୟୁ ବରଣ କରେ

ଅଥବା ସବୁଦିନ ପାଇଁ ବିକଳାଙ୍ଗ ହୋଇଯାଏ । ସେହିଭଳି ବିକଳାଙ୍ଗ ଶିଶୁଟି ବଞ୍ଚି ରହିଲେ ତା'ର ପିତାମାତା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏବଂ ସାରା ଜୀବନ ପାଇଁ ଦୁଃଖ ପାଆନ୍ତି । ଶିଶୁ ସନ୍ତାନଟି ପେଟ ଭିତରେ ବଢୁଥିବା ବେଳେ ମା'ର ଖାଦ୍ୟ ଯଥେଷ୍ଟ ହେବା ଦରକାର । ଖାଦ୍ୟ ଠିକ୍ ନ ହେଲେ ମାଆ ଖାଦ୍ୟାଭାବ ଜନିତ ରୋଗ ଭୋଗ କରେ । ତେଣୁ ଜନ୍ମ ହେବା ଶିଶୁଟି ମଧ୍ୟ ବୟସ ତୁଳନାରେ ଓଜନରେ କମ୍ ହୋଇ ଜନ୍ମ ହୁଏ ଏବଂ ରକ୍ତ ହୀନତା ପରି ବିଭିନ୍ନ ମାରାତ୍ମକ ରୋଗ ଭୋଗ କରେ । ପିଲାଟି ପେଟ ଭିତରେ ବଢୁଥିବା ବେଳେ ମାଆ ରୁବେଲା ଇତ୍ୟାଦି ବିଭିନ୍ନ ଜୀବାଣୁ ରୋଗରେ ଆକ୍ରାନ୍ତ ହେଲେ ପିଲାମାନେ ଜନ୍ମଗତ ହୃତ୍‌ପିଣ୍ଡ ରୋଗ ଭୋଗ କରନ୍ତି ଯାହାକି ତାଙ୍କୁ ସବୁଦିନ ପାଇଁ ଅକର୍ମଣ୍ୟ କରିଦିଏ । ପିଲାଟି ଗର୍ଭରେ ଥିବାବେଳେ କେବଳ କେତେଗୋଟି 'ଭିଟାମିନ୍' ଔଷଧକୁ ଛାଡ଼ିଦେଲେ ପ୍ରାୟ ଅନ୍ୟ ସମସ୍ତ ପ୍ରକାର ଔଷଧ ମାଆ ଖାଇଲେ ତାହା ଶିଶୁର ବୁଦ୍ଧିରେ କ୍ଷତି ଘଟାଇ ଥାଏ । ଏବେ ତ ଯାହା ଦେଖାଯାଉଛି ଗର୍ଭାବସ୍ଥାରେ ମାଆର କିଛି ଟିକିଏ ଅସୁବିଧା ହେଲେ ତାଙ୍କୁ ନାନା ପ୍ରକାର ଔଷଧ ଖାଇବାକୁ ଦିଆଯାଉଛି ଯେଉଁଥିପାଇଁ ସେମାନେ ଜନ୍ମ ଦେଉଥିବା ଶିଶୁମାନେ ନାନା ଜଟିଳ ରୋଗ ଭୋଗ କରୁଛନ୍ତି । ସେହିଭଳି ଆଜିକାଲି ଗର୍ଭସ୍ଥ ଶିଶୁକୁ ବିସ୍ତରକୁ ନ ନେଇ ମାଆଙ୍କର ଅନେକ ଥର ଏକ୍ସ-ରେ ଇତ୍ୟାଦି ବିଭିନ୍ନ ପରୀକ୍ଷା କରାଯାଉଛି, ଯା'ଦ୍ୱାରା ଶିଶୁଟି ପେଟରେ ଭଲରେ ବଢ଼ିପାରୁନାହିଁ ଏବଂ ତାହା ସେମାନଙ୍କର ନାନା ପ୍ରକାର ଅସାଧ ରୋଗର କାରଣ ହେଉଛି । ତେଣୁ ଉତ୍ତମ ସ୍ୱାସ୍ଥ୍ୟର ଶିଶୁଟିଏ ପାଇବାକୁ ହେଲେ ପିଲାଟି ପେଟ ଭିତରେ ରହିବା ଦିନଠାରୁ ଆରମ୍ଭକରି ମା'ର ଯତ୍ନନେବା ଏକାନ୍ତ ଆବଶ୍ୟକ । ମାଆକୁ ଯଥେଷ୍ଟ ଖାଦ୍ୟ ଓ ବିଶ୍ରାମ ଦେବା ଦରକାର । ଉଭୟ ମାଆ ଓ ଶିଶୁର ଟିଟାନସ୍ ରୋଗ ନିରାକରଣ ପାଇଁ ଟିଟାନସ୍ ଟୀକା ଦେବା ଆବଶ୍ୟକ । ଏହାଛଡ଼ା ଗର୍ଭାବସ୍ଥାରେ ପ୍ରତି ମାସରେ ଡାକ୍ତର, ନର୍ସ କିମ୍ବା ଶିକ୍ଷିତା ଧାଇମାନଙ୍କୁ ଦେଖାଇ ଗର୍ଭ ପରୀକ୍ଷା କରିନେବା ଉଚିତ୍ ।

ଜନ୍ମ ସମୟରେ ଶିଶୁର ଅଧିକ ଯତ୍ନନେବା ଦରକାର । ପିଲା ଜନ୍ମ ହେଲାବେଳେ ମାଆମାନଙ୍କର କଷ୍ଟ ଉପଶମ କରିବା ପାଇଁ ନିଆଯାଉଥିବା ବିଭିନ୍ନ ନିଶା ଔଷଧ ଶିଶୁର ଶ୍ୱାସକ୍ରିୟାରେ ବ୍ୟାଘାତ ଘଟାଇଥାଏ । ଏହି ଶିଶୁମାନେ ଜନ୍ମହେବା ପରେ ପରେ ଠିକ୍ ଭାବେ କାନ୍ଦିପାରନ୍ତି ନାହିଁ ଏବଂ ସେମାନଙ୍କର ଦେହ ନେଳି ପଡ଼ିଯାଏ ଯାହାକି ତାଙ୍କର ମୃତ୍ୟୁର କାରଣ ହୋଇଥାଏ କିମ୍ବା ଏପରି ଶିଶୁ ଯଦି ବଞ୍ଚିରହନ୍ତି ତେବେ ଭବିଷ୍ୟତରେ ତାଙ୍କର ମସ୍ତିଷ୍କ ଠିକ୍ ଭାବେ ବଢ଼ି ନ ଥାଏ ଏବଂ ଶେଷରେ ସେମାନେ ଅକର୍ମଣ୍ୟ ହୋଇ ପରିବାର ଉପରେ ବୋଝ ହୋଇ ରହନ୍ତି । ପିଲା ଜନ୍ମ ବେଳେ ଆବଶ୍ୟକ ନ ଥିବା ନାନା ପ୍ରକାର ଯନ୍ତ୍ର ବ୍ୟବହାର କରି ପିଲାଙ୍କୁ ଜନ୍ମ କରାଗଲେ କିମ୍ବା ଜନ୍ମ ପରେ ଠିକ୍ ଭାବେ ତାଙ୍କର ଯତ୍ନ ନ ନେଲେ ପିଲାଟି ଭବିଷ୍ୟତରେ ନାନା ପ୍ରକାର ରୋଗ ଭୋଗକରେ । ଜନ୍ମ ସମୟରେ ତା'ର ନାଭିର ଯତ୍ନ ଠିକ୍ ରୂପେ ନ ନେଲେ ଏଥିରୁ ଧନୁଷ୍ଟଙ୍କାର ଭଳି ମାରାତ୍ମକ ରୋଗ ଉତ୍ପନ୍ନ ହୋଇଥାଏ । ଶିଶୁ ଜନ୍ମ ହେବାର ଅଳ୍ପ କିଛି ସମୟପରେ ତାକୁ ମାଆ କ୍ଷୀର କିମ୍ବା ଗ୍ଲୁକୋଜ ପାଣି ଇତ୍ୟାଦି ପିଇବାକୁ ଦେବା ଉଚିତ୍ । ବର୍ତ୍ତମାନ ଏପରି ଦେଖାଯାଇଛି ଯେ ଶିଶୁଟି ଜନ୍ମହେବା ପରେ ବହୁତ ସମୟ ପର୍ଯ୍ୟନ୍ତ ଏପରିକି ଦିନଦିନ ଧରି ତାକୁ କିଛି ପିଇବାକୁ ଦିଆଯାଏ ନାହିଁ, ଯାହାଦ୍ୱାରା ସେମାନଙ୍କର ରକ୍ତର ଶର୍କରା ଭାଗ କମିଯାଏ ଏବଂ ପିଲାମାନଙ୍କୁ ବାତ ମାରିବା ସଙ୍ଗେ ସଙ୍ଗେ ସେମାନଙ୍କ ମସ୍ତିଷ୍କରେ କ୍ଷତି ଘଟାଇଥାଏ । ଜନ୍ମ ପରେ ଶିଶୁକୁ ଭଲଭାବେ ଘୋଡ଼ାଇ ରଖିଲେ ଶୀଘ୍ର ତାଙ୍କ ଶରୀରର ତାପମାତ୍ରା କମିଯାଏ ନାହିଁ ।

ଜନ୍ମ ପରଠାରୁ ଶିଶୁମାନେ ମାଆଠାରୁ କ୍ଷୀର ଖାଇବା ଦରକାର ! ଔଷଧ ଅପେକ୍ଷା ଶିଶୁମାନଙ୍କ ପାଇଁ ଖାଦ୍ୟ ଏବଂ ଯତ୍ନର ଆବଶ୍ୟକତା ଅଧିକ । ଖାଦ୍ୟ ଯେ ଶିଶୁକୁ କେବଳ ବଞ୍ଚି ରହିବା ପାଇଁ ସାହାଯ୍ୟ କରେ ତା ନୁହେଁ ଏହା ତାଙ୍କ ଶରୀରର ବୃଦ୍ଧି, କ୍ଷୟ ପୂରଣ ଓ ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ । ଆମ ଦେଶରେ ଖାଦ୍ୟାଭାବ ଏବଂ ସେଥିରୁ ଉତ୍ପନ୍ନ ରୋଗ ଶିଶୁ ମୃତ୍ୟୁର ପ୍ରଧାନ କାରଣ । ଖାଦ୍ୟାଭାବ ହେଲେ ଶିଶୁ ଭଲ ବଢ଼ିପାରେ ନାହିଁ ଏବଂ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ଯେଉଁଥିପାଇଁ ସେମାନେ ବିଭିନ୍ନ ଜୀବାଣୁ, ଭୂତାଣୁ ରୋଗରେ ପୀଡ଼ିତ ହୁଅନ୍ତି । ଅର୍ଥାଭାବ ଏବଂ ଆମ ସମାଜରେ ଚଳି ଆସୁଥିବା ବିଭିନ୍ନ ଅନ୍ଧବିଶ୍ୱାସ ଓ କୁସଂସ୍କାର ଯୋଗୁଁ ପିତାମାତାମାନେ ଆବଶ୍ୟକ ପରିମାଣର ଖାଦ୍ୟ ଠିକ୍ ଭାବେ ଦେଇ ପାରନ୍ତି ନାହିଁ । ଆଜିକାଲି ନାନା କାରଣରୁ ମାଆ କ୍ଷୀର ଶିଶୁମାନଙ୍କୁ ଖାଇବାକୁ ନ ଦେଇ ବିଭିନ୍ନ ପ୍ରକାର ବାହାର ଖାଦ୍ୟ ଦିଆଯାଉଛି ଯାହା ଶିଶୁ ପାଇଁ ସବୁ ଦୃଷ୍ଟିରୁ ଯଥେଷ୍ଟ ନୁହେଁ ଏବଂ ସେଥିପାଇଁ ଶିଶୁମାନେ ବିଭିନ୍ନ ଖାଦ୍ୟାଭାବ ଜନିତ ରୋଗ ଭୋଗ କରୁଛନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ମାଆ କ୍ଷୀର ଯଥେଷ୍ଟ ହେଉଥିଲେ ମଧ୍ୟ ପିଲାଙ୍କୁ ତାହା ଦିଆ ନ ଯାଇ ବଜାରରେ ମିଳୁଥିବା ନାନା ପ୍ରକାର ଡବା କ୍ଷୀର ଖାଇବାକୁ ଦିଆ ଯାଉଛି । ତା'ର କାରଣ ହେଲା ଡବା କ୍ଷୀର ବିକ୍ରି ପାଇଁ ହେଉଥିବା ବହୁଳ ପ୍ରଚାର ଲୋକମାନଙ୍କର ମନ ପରିବର୍ତ୍ତନ କରିଦେଉଛି ଏବଂ ସେମାନେ ଡବା କ୍ଷୀର ନେବା ପାଇଁ ଆକୃଷ୍ଟ ହେଉଛନ୍ତି । କେତେକ ସ୍ଥଳରେ ଦେଖାଯାଉଛି ଯେ ଧନୀ ଲୋକମାନେ ସେମାନଙ୍କର ପିଲାମାନଙ୍କୁ ନାନା ପ୍ରକାର ଡବା କ୍ଷୀର କିଣି ଖାଇବାକୁ ଦେଉଛନ୍ତି । ବର୍ତ୍ତମାନ ଏହି କ୍ଷୀରର ମୂଲ୍ୟ ଏତେ ଅଧିକ ବୃଦ୍ଧି ପାଇଲାଣି ଯେ ସାଧାରଣ ଲୋକମାନେ ଏହା କିଣି ପିଲାମାନଙ୍କୁ ଦେବା ସହଜ କଥା ନୁହଁ । କିନ୍ତୁ ସେମାନେ ଯେତେବେଳେ ଦେଖୁଛନ୍ତି ଧନୀ ଘରର ପିଲାମାନେ ଏହାକୁ ଖାଉଛନ୍ତି ଏବଂ ସେମାନଙ୍କର ବିଶ୍ୱାସ ହେଉଛି ଯେ ଏହା ନିଶ୍ଚୟ ଶିଶୁମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ଖାଦ୍ୟ, ତେଣୁ ତାଙ୍କୁ ଦେଖି ସେମାନେ ବହୁତ କଷ୍ଟରେ ଗୋଟିଏ ଡବା କିଣି ପିଲାକୁ ଖାଇବାକୁ ଦେଉଛନ୍ତି ଏବଂ ଅର୍ଥାଭାବରୁ ଆବଶ୍ୟକ ପରିମାଣର ଏହି କ୍ଷୀର ଯୋଗାଇବା ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇ ପଡୁଛି । ସେହି କାରଣ ଯୋଗୁଁ ସେମାନେ ଆବଶ୍ୟକ ଅନୁପାତର କ୍ଷୀର ଗୁଣ୍ଡ ନଦେଇ ଅଳ୍ପ ଅଳ୍ପ ଦେଉଛନ୍ତି ଯାହା ପିଲା ପାଇଁ ଅତ୍ୟନ୍ତ କମ୍ ଏବଂ ତାହା ଦ୍ୱାରା ପିଲା ଖାଦ୍ୟାଭାବ ରୋଗ ଭୋଗ କରୁଛି । ଖାଦ୍ୟାଭାବ ଯୋଗୁଁ ଆମ ଦେଶର ଅଧିକାଂଶ ଶିଶୁ ଅକାଳରେ ଦୃଷ୍ଟିଶକ୍ତି ହରାଇ ସବୁଦିନ ପାଇଁ ଅନ୍ଧ ହୋଇଯାଉଛନ୍ତି ।

ଏହା ବ୍ୟତୀତ ଆମ ଦେଶରେ ଆହୁରି ଅନେକ କାରଣ ଅଛି ଯାହା ଶିଶୁ ମୃତ୍ୟୁହାର ବୃଦ୍ଧି କରିଥାଏ । ସେମାନଙ୍କ ମଧ୍ୟରେ ବିଭିନ୍ନ ସଂକ୍ରାମକ ରୋଗ ଯଥା ଡିପ୍‌ଥେରିଆ, ହୁପିଙ୍ଗ୍‌କାଶ, ଧନୁଷ୍ଟଙ୍କାର, ମିଳିମିଳା, ପୋଲିଓ ଓ ଯକ୍ଷ୍ମା ଭଳି ରୋଗ ପ୍ରଧାନ । ଏହି ରୋଗଗୁଡ଼ିକ ପାଇଁ ଆଜିକାଲି ବିଭିନ୍ନ ପ୍ରତିଷେଧକ ଟୀକା ମିଳିଲାଣି ଯାହାକୁ ଠିକ୍ ସମୟରେ ପିଲାମାନଙ୍କୁ ଦେଲେ ସେମାନେ ଏଭଳି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବେ । ଏସବୁ ଟୀକା ଆଜିକାଲି ପ୍ରାୟ ସବୁ ଡାକ୍ତରଖାନାରେ ଦିଆଯାଉଛି ଏପରିକି ଏବେ ସରକାରଙ୍କ ଦ୍ୱାରା ପ୍ରତି ଘରେ ଘରେ ଟୀକା ଦେବା ବନ୍ଦୋବସ୍ତ କରାଯାଉଛି । ଲୋକମାନେ ଏହାର ଉପକାରିତା ବୁଝିବା ଉଚିତ୍ ଏବଂ ଏସବୁ ସୁବିଧାର ସତ୍ ଉପଯୋଗ କରିବା ଦରକାର । ବର୍ତ୍ତମାନ ଯାହା ଦେଖାଯାଉଛି ଏହି ରୋଗଗୁଡ଼ିକୁ ଯଦିଓ ସମ୍ପୂର୍ଣ୍ଣ ରୂପେ ନିରାକରଣ କରିବା ସମ୍ଭବପର, ମାତ୍ର ଲୋକମାନଙ୍କ ସହଯୋଗ ଅଭାବରୁ ଏ ରୋଗଗୁଡ଼ିକ ଆମ ଦେଶରେ ବହୁଳ ପରିମାଣରେ ଦେଖାଯାଉଛି । ଝାଡ଼ାରୋଗ ଏବଂ କ୍ରୁମିଜନିତ ରୋଗ ମଧ୍ୟ ଶିଶୁ ମୃତ୍ୟୁର ଅନ୍ୟାନ୍ୟ କାରଣ । ରୋଗ ହେଲାବେଳେ ଶିଶୁକୁ ଡାକ୍ତରଙ୍କୁ ପଚାରି ଠିକ୍‌ଭାବେ ଖାଦ୍ୟ, ପଥ୍ୟ ଏବଂ ଔଷଧ ଦେବା ଆବଶ୍ୟକ । ରୋଗର ନିର୍ଣ୍ଣୟ ଠିକ୍‌ହୋଇ ଚିକିତ୍ସା କରାଗଲେ ଏଗୁଡ଼ିକ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ । ଉତ୍ତମ ଖାଦ୍ୟ, ସଂକ୍ରାମକ ରୋଗର ପ୍ରତିଷେଧକ, ରୋଗାକ୍ରାନ୍ତ ଶିଶୁର ଯତ୍ନ ଏବଂ ସର୍ବୋପରି ସାଧାରଣ ଶିକ୍ଷା ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ସଫଳତାର ପ୍ରଧାନ ଆଭିମୁଖ୍ୟ ।

ତେଣୁ ଦେଖିବାକୁ ଗଲେ ପରିବାର କଲ୍ୟାଣ ଭଳି ଏକ ବିଶେଷ ଜାତୀୟ ଯୋଜନାର ସଫଳତା ଶିଶୁ ବିଶେଷଜ୍ଞମାନଙ୍କ ଉପରେ ପ୍ରାୟ ସମ୍ପୂର୍ଣ୍ଣଭାବେ ନିର୍ଭରଶୀଳ । ସେମାନେ ହେଉଛନ୍ତି ଆମ ଦେଶର ଶିଶୁମାନଙ୍କର ରକ୍ଷକ । ଶିଶୁ ରୋଗ ବିଶେଷଜ୍ଞମାନେ କେବଳ ଶିଶୁମାନଙ୍କୁ ଯେ ଡାକ୍ତରୀ ସାହାଯ୍ୟ ଯୋଗାଇ ଦେଇଥାନ୍ତି ତା' ନୁହେଁ ପିଲାର ଭଲମନ୍ଦ ପାଇଁ ସେମାନେ ଦାୟୀ, କେବଳ ଶିଶୁ ନୁହେଁ ସେମାନଙ୍କ ପରିବାରର ସବୁ ଲୋକଙ୍କ ସହିତ ଘନିଷ୍ଠ ଭାବେ ଜଡ଼ିତ । ଶିଶୁଟିଏ ଜନ୍ମହେବା ପରଠାରୁ ସେମାନେ ତା'ର ଦାୟିତ୍ୱ ଗ୍ରହଣ କରିଥାନ୍ତି ଯେଉଁଥିପାଇଁ ତାଙ୍କ ଉପରେ ପରିବାରର ସମସ୍ତଙ୍କର ପ୍ରଗାଢ଼ ବିଶ୍ୱାସ ଓ ଆସ୍ଥା ଥାଏ । ସେମାନେ ଯାହା କହିବେ ପରିବାରର ଲୋକମାନେ ତାକୁ ଗ୍ରହଣ କରିବେ । ତେଣୁ ପରିବାର ନିୟନ୍ତ୍ରଣର ଉପକାରିତା ସେମାନେ ଅତି ସହଜରେ ଘରେ ଘରେ ଲୋକମାନଙ୍କ ପାଖରେ ପହଞ୍ଚାଇ ଦେଇପାରିବେ ଏବଂ ଲୋକଙ୍କୁ ବୁଝାଇ ପରିବାର କଲ୍ୟାଣ ଯୋଜନାକୁ ସଫଳ କରାଇ ପାରିବେ । ବର୍ତ୍ତମାନ ଏହି ଯୋଜନା ଯାହା କିଛି ସଫଳ ହୋଇଛି ଏହା କେବଳ ଧନୀ ଓ ଶିକ୍ଷିତ ପରିବାରରେ ସୀମିତ ଅଛି । ଏହି ଡାକରାକୁ ଗାଁଗଣ୍ଡା, ମଫସଲ ଓ ଆଦିବାସୀ ଅଞ୍ଚଳ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ହେବ । ଶିଶୁ ସ୍ୱାସ୍ଥ୍ୟ ଉନ୍ନତିର ପ୍ରାଧାନ୍ୟ ପରିବାର କଲ୍ୟାଣ ଯୋଜନାର ସଫଳତା ବିଷୟ ବିସ୍ତରକୁ ନେଇ ଆମ ସରକାର ମାତୃ ଏବଂ ଶିଶୁ କଲ୍ୟାଣ ଯୋଜନା ଉପରେ ବର୍ତ୍ତମାନ ଅଧିକ ଗୁରୁତ୍ୱ ଦେଇଛନ୍ତି କିନ୍ତୁ ଏଥିରୁ ଯେଉଁ ସୁଫଳ ମିଳୁଛି ତାହା ଦେଶର ଶତକଡ଼ା ୫୦ ଭାଗ ଶିଶୁଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ବହୁତ କମ୍ । ଶିଶୁମାନଙ୍କର ଯତ୍ନପାଇଁ ବିଶେଷ ଜ୍ଞାନ, ଅଭିଜ୍ଞତା ଓ ସର୍ବୋପରି ପ୍ରଚୁର ଧୈର୍ଯ୍ୟର ଆବଶ୍ୟକତା ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଦେଶରେ ଶିଶୁ ରୋଗ ବିଶେଷଜ୍ଞମାନଙ୍କର ସଂଖ୍ୟା ଆବଶ୍ୟକ ତୁଳନାରେ ଯଥେଷ୍ଟ କମ୍, କାମ କରିବାର ସୁବିଧା ଓ ସୁଯୋଗର ବହୁଳ ଅଭାବ ପ୍ରତ୍ୟେକ ଶିଶୁର ଯତ୍ନ ନେବାର ଏକ ପ୍ରଧାନ ଅନ୍ତରାୟ ସୃଷ୍ଟି କରିଛି ।

ଉନ୍ନତ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମକୁ ଦେଶର ସବୁ ଘରେ ପହଞ୍ଚାଇ ନ ପାରିଲେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଉପରୁ ସମସ୍ତଙ୍କ ବିଶ୍ୱାସ ଓ ଆସ୍ଥା ତୁଟିଯିବ ଏବଂ ଦେଶର ଜନସଂଖ୍ୟା କେବେହେଲେ ସହଜରେ ନିୟନ୍ତ୍ରଣ ହୋଇ ପାରିବ ନାହିଁ ଏବଂ ସବୁ ଚେଷ୍ଟା ଅକାରଣରେ ବୃଥା ଓ ବିଫଳ ହୋଇଯିବ ।

ତେଣୁ ଏହି ମହତ୍ କାର୍ଯ୍ୟକ୍ରମର ସଫଳତା ପାଇଁ ସାଧାରଣ ଜନତା, ନେତୃବୃନ୍ଦ, ଶାସନ ବିଭାଗର କର୍ମକର୍ତ୍ତା, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଗଣ, ସମାଜ ସେବକ ଓ ସାମ୍ବାଦିକମାନେ ଏବଂ ସର୍ବୋପରି ଶିଶୁ ଓ ସ୍ତ୍ରୀ ରୋଗ ଚିକିତ୍ସକମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ । ସମସ୍ତେ ଏକାଠି ମିଳିମିଶି ସଙ୍କଳ୍ପବଦ୍ଧ ହୋଇ କାମକଲେ ଦେଶର ଶିଶୁମାନଙ୍କର ମଙ୍ଗଳ ହେବା ସଙ୍ଗେ ସଙ୍ଗେ ଏହି ମହତ୍ ଉଦ୍ଦେଶ୍ୟ ନିଶ୍ଚିତ ଭାବେ ସାଧିତ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ସହଯୋଗୀ ଅଧ୍ୟାପକ,**
**ଶିଶୁ ରୋଗ ବିଭାଗ,**
**ଏମ୍: କେ: ସି: ଜି: ମେଡିକାଲ୍ କଲେଜ,**
**ବ୍ରହ୍ମପୁର ।**



# ଓଡ଼ିଶାର ଲୋକ ସଂସ୍କୃତି

● ଡଃ ମହେନ୍ଦ୍ର କୁମାର ମିଶ୍ର

ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳର ନାରିକେଳ ତାଳତମାଳ ଘେରା ଚିର ସବୁଜ ଦୃଶ୍ୟପଟରେ ସମତଳବାସୀ କୃଷିଜୀବୀ, ମତ୍ସ୍ୟଜୀବୀ ଓ ନାବିକମାନଙ୍କର ଜୀବନଧାରା ଓ ସଂସ୍କୃତିର କମନୀୟ ପରିପ୍ରକାଶ ସହିତ ଦକ୍ଷିଣ ପଶ୍ଚିମ ଓ ଉତ୍ତର ଓଡିଶାର ଦ୍ରାବିଡ ଓ ମୁଣ୍ଡାରୀ ଗୋଷ୍ଠୀର ଅସଂଖ୍ୟ ଅଧିବାସୀମାନଙ୍କର କୃଷିଭିତ୍ତିକ ସଭ୍ୟତା ତଥା ସଂଲଗ୍ନ ଅରଣ୍ୟଜୀବୀ ସଭ୍ୟତାର ସମଷ୍ଟିକୁ ନେଇ ଓଡିଶାର ଲୋକ ସଂସ୍କୃତି ପରିପୁଷ୍ଟ, ପରିବର୍ଦ୍ଧମାନ ।

ଓଡିଶାର ଲୋକ ସମାଜ କହିଲେ ଅତୀତରୁ ବର୍ତ୍ତମାନଯାଏ ଶବର, ଦ୍ରାବିଡ ଓ ଆର୍ଯ୍ୟମାନଙ୍କର ସାମାଜିକ, ଆର୍ଥିକ, ସାଂସ୍କୃତିକ ଆନ୍ତଃକ୍ରିୟାକୁ ହିଁ ବୁଝାଏ । ଓଡିଶାର ସଂସ୍କୃତି ଅଧ୍ୟୟନରେ ପଣ୍ଡିତ ନୀଳକଣ୍ଠଙ୍କଠାରୁ ଆରମ୍ଭକରି ସମ୍ପ୍ରତି ଓଡ଼ିଆ ବିଦ୍ୟା ଅଧ୍ୟୟନରତ ଜର୍ମାନ ପଣ୍ଡିତ ହରମାନ୍‌କୁଲ୍‌କେ ପର୍ଯ୍ୟନ୍ତ ମତ ଦିଅନ୍ତି ଯେ ଓଡିଶାର ସଂସ୍କୃତି ଆଦିବାସୀ ସଂସ୍କୃତି ପ୍ରଭାବିତ । ନୀଳକଣ୍ଠ ତେଣୁ କହିଥିଲେ ଭାଷାରେ ଓଡିଶା ଆର୍ଯ୍ୟ ହେଲେ ବି ସଂସ୍କୃତିରେ ଦ୍ରାବିଡ଼ ।

ଓଡିଶାରେ ପ୍ରଥମେ ଥିଲେ ଶବର, ତା'ପରେ ଆସିଲେ ଦକ୍ଷିଣରୁ ଦ୍ରାବିଡ । ଶବର ଓ ଦ୍ରାବିଡମାନଙ୍କ ସାଂସ୍କୃତିକ ସମନ୍ୱୟରୁ ଉଦ୍ଭୂତ ବୈଶିଷ୍ଟ୍ୟକୁ ପରବର୍ତ୍ତୀ କାଳରେ ଆର୍ଯ୍ୟମାନେ (ଓଡିଶାକୁ ଆସି) ଆତ୍ମୀକରଣ କଲେ । ତେଣୁ ଓଡ଼ିଆ ସଂସ୍କୃତିର ସଙ୍କେତ ଖୋଜି ବସିଲେ ସେଇ ଶବର ଓ ଦ୍ରାବିଡଙ୍କ ସମନ୍ୱୟ ଚେତନାର ଅନୁଶୀଳନ କରିବାକୁ ହେବ ।

ଅବସ୍ଥିତି ଦୃଷ୍ଟିରୁ ଓଡିଶାର ଲୋକ ସମାଜକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ, ଯଥା—ଆଦିମ ସମାଜ, କୃଷିଭିତ୍ତିକ ସମାଜ ଓ ପୌର ସମାଜ । ଆର୍ଥିକ ସାମାଜିକ ଦିଗରୁ ସମାଜକୁ ଏହିପରି ବିଭାଜନ କରାଯାଏ ସିନା, ସଂସ୍କୃତିର ବିସ୍ତରଣ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । କାରଣ ପୌର ସମାଜ ସହିତ ଆର୍ଥିକ ସାମାଜିକ ଦୃଷ୍ଟିରୁ ସଂପୃକ୍ତ କୃଷିଭିତ୍ତିକ ସମାଜର ସାଂସ୍କୃତିକ ଆଦାନ ପ୍ରଦାନ ହୋଇଥାଏ । ଏହି କ୍ଷେତ୍ରରେ ପୌର ସମାଜର ପରିନିଷ୍ଠିତ ସାହିତ୍ୟ, କଳା, ଶିଳ୍ପ ଓ ଆଦର୍ଶ କୃଷିଭିତ୍ତିକ ସମାଜର ଅନୁକରଣୀୟ ହୁଏ । ପୁଣି କୃଷିଭିତ୍ତିକ ସମାଜର କମନୀୟ କଳା—ଶିଳ୍ପ ଓ ସ୍ଥାପତ୍ୟ ପୌର ସମାଜରେ ଆଦର ପାଇଥାଏ । ସାହିତ୍ୟ ଓ କଳାର ଆବୃତ୍ତି ପଛରେ ରହିଛି ଆର୍ଥିକ, ସାମାଜିକ ଓ ଧର୍ମୀୟ ସହାବସ୍ଥାନ । ତେଣୁ ପୌର ସମାଜ ତଥା କୃଷିଭିତ୍ତିକ ସମାଜର ଆଦାନ ପ୍ରଦାନ ସମନ୍ୱିତ ସଂସ୍କୃତି ଓଡିଆ ଲୋକ ସଂସ୍କୃତିର ବହୁ ଅଂଶକୁ ବିଶେଷଭାବେ ନିମନ୍ତ୍ରିତ କରି ରଖିଛି ବୋଲି କୁହାଯାଇପାରେ । କାରଣ ଓଡିଶାର ସାମ୍ପ୍ରତିକ ପୌର ସମାଜର ବର୍ଦ୍ଧିଷ୍ଣୁ ରୂପ ମଧ୍ୟରୁ ଅନେକାଂଶ କୃଷିଭିତ୍ତିକ ସମାଜରୁ ସ୍ଥାନାନ୍ତରିତ ହୋଇଥିବାର ଦୃଷ୍ଟାନ୍ତ ରହିଛି । ପୌର ସମାଜର ଦ୍ରୁତ ପାଶ୍ଚାତ୍ୟକରଣ କିମ୍ବା ଆଧୁନିକୀକରଣ କ୍ରମଶଃ କୃଷିଭିତ୍ତିକ ସମାଜକୁ ବି ପ୍ରଭାବ ପକାଇଥାଏ ।

କିନ୍ତୁ ଆଦିବାସୀ ସମାଜ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । ଆଦିବାସୀ ସମାଜର ମୁଖ୍ୟ ବୃତ୍ତି ଜଙ୍ଗଲରୁ ଖାଦ୍ୟ ସଂଗ୍ରହ ଓ ଖାଦ୍ୟ ଉତ୍ପାଦନ । ଏମାନଙ୍କ ଜଙ୍ଗଲଜାତ ଦ୍ରବ୍ୟ କୃଷିଭିତ୍ତିକ ସମାଜର ଦରକାରରେ ଆସେ ତଥା ଆଦିବାସୀ ସମାଜ ଏହି କୃଷିଭିତ୍ତିକ ସମାଜ ଉପରେ ବହୁ ବିଷୟରେ ନିର୍ଭର କରନ୍ତି ।

ସାମାଜିକ ନିୟମ ଶୃଙ୍ଖଳାରକ୍ଷା ତଥା ନିଜ ଜାତିର ସ୍ୱାତନ୍ତ୍ର୍ୟ ରଖିବାରେ ଏମାନେ ରକ୍ଷଣଶୀଳ ହେଲେ ବି ସାଂସ୍କୃତିକ ଆଦାନ ପ୍ରଦାନ କ୍ଷେତ୍ରରେ ନମନୀୟ । ତେଣୁ କୃଷିଭିତ୍ତିକ ସମାଜର ସହଭାଗିତା ମଧ୍ୟରେ ଆଦିବାସୀ ସମାଜ କିମ୍ବା ସଂସ୍କୃତି ଏହି ଦୃଷ୍ଟିରୁ ଓଡ଼ିଶାର ଲୋକ ସଂସ୍କୃତି ସହ ନିରବଚ୍ଛିନ୍ନ ସମ୍ପର୍କ ରକ୍ଷା କରେ ।

ଏଣୁ ସାମଗ୍ରିକ ଭାବେ ଓଡ଼ିଶାର ଲୋକ ସଂସ୍କୃତି ଲୋକ ପୌର ନିର୍ବିଶେଷରେ ପରିବ୍ୟାପ୍ତ ।

ଓଡ଼ିଶାର ଲୋକ ସଂସ୍କୃତିର ସଂରଚନାକୁ ତା'ର କ୍ଷେତ୍ର ମଧ୍ୟରୁ ଜାଣିବା ପାଇଁ ଏହାର ପରିସଂଖ୍ୟାନ ଆମକୁ ବହୁତ ସାହାଯ୍ୟ କରିବ । ଓଡ଼ିଶାର ମୋଟ 'ଜନସଂଖ୍ୟାର ଶତକଡ଼ା ୧୧.୮୨ ସହରବାସୀ । ଶତକଡ଼ା ୮୭.୦୮ ଗ୍ରାମାଞ୍ଚଳରେ ରହନ୍ତି । ଓଡ଼ିଶାରେ ୬ଟି ନଗର ଓ ୨୦୮ଟି ଛୋଟ ବଡ଼ ସହର । ଓଡ଼ିଶାର ଗାଁ ସଂଖ୍ୟା ୫୧,୬୩୯ । ଓଡ଼ିଶାର ୬୨ଟି ଆଦିବାସୀ ଗୋଷ୍ଠୀ ଓଡ଼ିଶାର ସମଗ୍ର ଲୋକ ସଂଖ୍ୟାର ଶତକଡ଼ା ୨୪ ତଥା ଏମାନଙ୍କର ୩୬ଟି ସ୍ୱତନ୍ତ୍ର ଉପଭାଷା ରହିଛି ।

ତେଣୁ ଭାଷା ଦୃଷ୍ଟିରୁ ଓଡ଼ିଶାରେ ଓଡ଼ିଆ ଭାଷା କହୁଥିବା ଲୋକ ଶତକଡ଼ା ୮୦ରୁ ଅଧିକ । ଆଦିବାସୀମାନେ ନିଜ ଭାଷା କହିବା ସହିତ ଓଡ଼ିଆ ଭାଷା ପ୍ରଭାବିତ ଦେଶିଆ (କୋରାପୁଟ) ସାଦ୍ରି (ସୁନ୍ଦରଗଡ଼) ଓ ସାନ୍ତାଳୀ (ମୟୂରଭଞ୍ଜ) lingua franca ରୂପେ ପ୍ରଚଳିତ । ଭାଷାର ଏହି ସାର୍ବଜନୀନତା ସହିତ ମାନସିକତା, ଚଳଣି, ପରମ୍ପରାର ପାରସ୍ପରିକତାକୁ ଉପଜୀବ୍ୟ କରି ଓଡ଼ିଆ ଲୋକ ସଂସ୍କୃତିର କ୍ଷେତ୍ର ସୁପ୍ରଶସ୍ତ । ତେଣୁ ମୁଖ୍ୟତଃ ଏହି ପଟ୍ଟଭୂମିରୁ ଓଡ଼ିଆ ଲୋକ ସଂସ୍କୃତିର ବିଧିବଦ୍ଧ ଅଧ୍ୟୟନ କରାଯାଇପାରେ ।

ସମ୍ପ୍ରତି ଲୋକ ସଂସ୍କୃତି ଏକ ସ୍ୱତନ୍ତ୍ର ବିଷୟ ଶୃଙ୍ଖଳା ରୂପେ ବିଶ୍ୱର ମାନବିକ ସମ୍ପୃକ୍ତି ଅନୁଶୀଳନର ପରିସରଭୁକ୍ତ । ଆମେରିକାର ଇତିହାସ ପ୍ରଫେସର R. M. Dorson "ଲୋକ ସଂସ୍କୃତିକୁ ମାନବିକ ଶୃଙ୍ଖଳାର ଏକ ମହତ୍ତ୍ୱପୂର୍ଣ୍ଣ ବିଭାବ ରୂପେ ଗତ ୫୦ ବର୍ଷରୁ ମାନ୍ୟତା ଦେଇଥିଲେ । ତାଙ୍କ ସଙ୍ଗଠିତ ପ୍ରଚେଷ୍ଟାରେ ବର୍ତ୍ତମାନ ବିଶ୍ୱର ଅନେକ ଦେଶ ଲୋକ ସଂସ୍କୃତିକୁ ସାହିତ୍ୟ, ଇତିହାସ, ରାଜନୀତି ବିଜ୍ଞାନ, ମାନବ ବିଜ୍ଞାନ, ସମାଜ ବିଜ୍ଞାନ ଦର୍ଶନ, ମନସ୍ତତ୍ତ୍ୱର ଏକ ପରିପୂରକ ବିଷୟ ରୂପେ ସ୍ୱତନ୍ତ୍ର ମାନ୍ୟତା ଦିଆଯାଇଛି । ଭାରତରେ ଏବେ ଅନ୍ୟୂନ ୨୦ଟି ବିଶ୍ୱବିଦ୍ୟାଳୟରେ ଏହା ସ୍ୱତନ୍ତ୍ର ବିଭାଗ ରୂପେ କାର୍ଯ୍ୟ କରୁଛି ।

Dorson ଲୋକ ସଂସ୍କୃତିକୁ ଅଧ୍ୟୟନ କରିବା ମୂଳରେ ନିହିତ ଥିଲା ଲୋକଙ୍କର ମୌଖିକ ଇତିହାସ, ମୌଖିକ ପରମ୍ପରା, ଜନଶ୍ରୁତି ଓ ପୁରାଣାଦିରୁ ମଣିଷ ସମାଜର କିମ୍ବା ନିର୍ଦ୍ଦିଷ୍ଟ ଦେଶର ପ୍ରକୃତ ଇତିହାସ ନିରୂପଣ କରିବା । କାରଣ ମାନବ ସଭ୍ୟତାରେ ସବୁବେଳେ କେତେକ ରାଜବଂଶର ଇତିହାସକୁ ହିଁ ମଣିଷ ଜାତିର ଇତିହାସ ବୋଲି ଆମେ ଭ୍ରମ କରି ଆସୁଛୁ । ସମ୍ପ୍ରତି ମଣିଷର ମୁକ୍ତି ତଥା ସାମ୍ୟର ଜୟଗାନ କରିବାକୁ ହେଲେ ସମଗ୍ର ମଣିଷ ଜାତିର ଇତିହାସ, ଐତିହ୍ୟ ଓ ପରମ୍ପରା ସହିତ ସାମ୍ପ୍ରତିକ ଜୀବନଧାରାର ସମନ୍ୱୟ ଓ ସଂସ୍କୃତିର ଗତିଶୀଳତାକୁ ଜାଣିବାକୁ ହେବ । ଏଣୁ ଲୋକ ସଂସ୍କୃତି ଅଧ୍ୟୟନର ଆବଶ୍ୟକତାକୁ ଡର୍‌ସନ୍ ଉପଲବ୍ଧି କରିଥିଲେ । ସେ ମଧ୍ୟ କହିଥିଲେ ଯେ, ମଣିଷ ସମାଜର କ୍ରିୟା ଓ ଚିନ୍ତନର କଳାତ୍ମକ ପ୍ରକାଶ ଯେତେ ଦିନ ରହିଥିବ ଲୋକ ସଂସ୍କୃତି ସେତିକି ଦିନ ରହିବ । ଏହା ଫସିଲ୍ ନୁହେଁ ବରଂ ମଣିଷ ଜୀବନର ଚଳମାନ କାହାଣୀ ।

ଡର୍‌ସନ୍ ଲୋକ ସଂସ୍କୃତିକୁ ମୁଖ୍ୟ ଚାରୋଟି ବିଭାଗରେ ବିଭକ୍ତ କରିଛନ୍ତି । ଏହା ଲୋକ ସାହିତ୍ୟ (Folk Literature) (Physical Folk Life) ଲୋକଙ୍କର ଭୌତିକ ଜୀବନ, ଲୋକଙ୍କର ସାମାଜିକ ଚଳଣି (Social Folk Customs) ତଥା ପ୍ରଦର୍ଶନଶୀଳ ଲୋକ କଳା (Performing Folk Arts) । ସଂସ୍କୃତିବିତ୍ ବାସକମ୍ ଏହି ବିଭାବମାନଙ୍କୁ Verbal Art ତଥା non-verbal art ରୂପେ ବିଭାଜନ କରିଛନ୍ତି । Dan Ben Anos ଲୋକ ସଂସ୍କୃତିକୁ ୪ଟି genreରେ ବିଭାଜନ କରି ଏହାକୁ Conversational genre play genre, fictive genre ତଥା static genre ରୂପେ ଅଭିହିତ କରନ୍ତି । ଏ ସବୁ ଭିତରେ ପରସ୍ପରଙ୍କ ଆନ୍ତଃ ସମ୍ପର୍କ ଥିବାର ଦର୍ଶାଇ ସେ ଲୋକ ସଂସ୍କୃତିର ପରିପୂର୍ଣ୍ଣ ଚିତ୍ର ଦେଖିବାକୁ ଚାହିଁଛନ୍ତି ।

ମୌଖିକ ପରମ୍ପରା ସହିତ ନୃତ୍ୟ, ନାଟ୍ୟ, କ୍ରୀଡ଼ା, ପର୍ବପର୍ବାଣୀ, ଧର୍ମାଚାରର ସମ୍ପର୍କ ନିବିଡ଼ । ଲୋକ ନୃତ୍ୟ ଓ ନାଟ୍ୟ ସହିତ ପ୍ରସାଧନ, ବେଶ ପୋଷାକ ଓ ଅଳଙ୍କାର ନିର୍ମାଣର ସମ୍ପର୍କ ରହିଛି । ଭୌତିକ ବସ୍ତୁରେ ଉଦ୍ଭାବନ ସହିତ ଲୋକ ବାଦ୍ୟ ତଥା ଯନ୍ତ୍ର, ଶିଳ୍ପର ଉପକରଣ ଉତ୍ପାଦନର ସମ୍ପର୍କ ରହିଛି । ଧର୍ମାନୁଷ୍ଠାନ ସହିତ ଯାତ୍ରା, ଅଭିନୟ ଓ ନାଟ୍ୟର ଅଙ୍ଗାଙ୍ଗୀ ଭାବେ ରହିଛି ।

ଓଡ଼ିଆ ଲୋକ ସଂସ୍କୃତିର ବିଶ୍ଳେଷଣ କାଳରେ ଆମେ ଏହି ବିଭାବମାନଙ୍କ ପ୍ରତି ସଚେତନ ହେବାର ନିତାନ୍ତ ଆବଶ୍ୟକତା ରହିଛି ।

ଓଡ଼ିଆ ଲୋକ ସଂସ୍କୃତି ଚର୍ଚ୍ଚାରେ ଓଡ଼ିଶାର ସାହିତ୍ୟିକ, ମାନବ ବିଜ୍ଞାନୀ, ଭାଷାତତ୍ତ୍ୱବିତ୍, ଇତିହାସବେତ୍ତା, ରାଜନୀତି ବିଜ୍ଞାନୀ, ଅର୍ଥନୀତି ବିଶାରଦ, ମନସ୍ତତ୍ତ୍ୱବିତ୍, ସମାଜ ଶାସ୍ତ୍ରୀ, ଦର୍ଶନ ବିଜ୍ଞାନୀ ତଥା ଗ୍ରାମୀଣ ଅଧ୍ୟୟନ କରୁଥିବା ଶୃଙ୍ଖଳାର ସମସ୍ତେ ଗୋଟିଏ ମଞ୍ଚରେ ବିଚାର ବିନିମୟ କରିବାର ଅଛି । ତା' ନହେଲେ ସଂସ୍କୃତି ଚର୍ଚ୍ଚା ଏକ ଦେଶଦର୍ଶୀ ହୋଇଯିବାର ଆଶଙ୍କା ରହିଛି । ଏବେ ସ୍ୱତନ୍ତ୍ର ଭାବେ ଲୋକ ସଂସ୍କୃତିର ବିଭିନ୍ନ ବିଭାବମାନଙ୍କର ଅଧ୍ୟୟନ କରାଯାଉ । ଏଥିପାଇଁ ଡର୍‌ସନ୍‌ଙ୍କ ବିଭାଗୀକରଣ ପ୍ରକ୍ରିୟାକୁ ଏହି ପ୍ରବନ୍ଧରେ ଅବଲମ୍ବନ କରାଯାଇଛି ।

## ଓଡ଼ିଆ ଲୋକ ସାହିତ୍ୟ :

ଓଡ଼ିଆ ଲୋକ ମୁଖରେ ଗୀତ, କାହାଣୀ,ଗାଥା, ଲୋକୋକ୍ତି, ଲୋକ କାବ୍ୟ, କିମ୍ବଦନ୍ତୀ, ମିଥ୍ ପ୍ରଭୃତି ବିଭାବ ଆବହମାନ କାଳରୁ ବଞ୍ଚି ରହିଛି । ଏହା ଲିଖିତ ସାହିତ୍ୟ ସୃଷ୍ଟି ହେବା ପୂର୍ବରୁ ପ୍ରଚଳିତ ଥିଲା । ଲିଖିତ ସାହିତ୍ୟ ସୃଷ୍ଟି ହେବାର ପାଞ୍ଚ ଛଅ ଶହ ବର୍ଷ ପରେ ଏବେ ବି ଲୋକ ସାହିତ୍ୟ ମୌଖିକ ପରମ୍ପରା ରୂପେ ଜୀବନ୍ତ । ବରଂ ଜ୍ଞାନ ଓ ଅଭିଜ୍ଞତାର ମାଧ୍ୟମ ରୂପେ ଲିଖିତ ସାହିତ୍ୟର ବିଷୟ ଲୋକ ମୁଖରେ ଜୀବନ୍ତ ରହିଛି । ଏହିପରି ମୌଖିକ, ଲିଖିତ – ମୌଖିକ ରୂପେ ସାହିତ୍ୟର ଆଦାନପ୍ରଦାନ ତତ୍ତ୍ୱ କେବଳ ଓଡ଼ିଶା କାହିଁକି ସମଗ୍ର ଭାରତୀୟ ସାହିତ୍ୟର ଇତିହାସରେ ଲକ୍ଷ୍ୟଣୀୟ । ଓଡ଼ିଶାରେ ପ୍ରାଚୀନ କାଳରୁ ଆଧୁନିକ କାଳ ପର୍ଯ୍ୟନ୍ତ ଉତ୍କୃଷ୍ଟ ସାହିତ୍ୟ ମଧ୍ୟରେ ମୌଖିକ ସାହିତ୍ୟର ପ୍ରଭାବ ଓ ଲିଖିତ ସାହିତ୍ୟର ଚିରନ୍ତନ ମାଧୁରୀ ଦ୍ୱାରା ଲୋକ ସାହିତ୍ୟ ନିତ୍ୟ ପ୍ରଭାବିତ ହେବା ପ୍ରକ୍ରିୟା ଲୋକ–ପୌରର ଆଦାନପ୍ରଦାନ ସୂତ୍ରକୁ ଓ ସମ୍ପର୍କକୁ ସୂଚିତ କରେ । ତେଣୁ ଓଡ଼ିଆ ସାହିତ୍ୟ ମୌଖିକରୁ ଲିଖିତ ଓ ଲିଖିତରୁ ମୌଖିକ ପରମ୍ପରା ରୂପେ କ୍ରମ ବିବର୍ତ୍ତନଶୀଳ । ନିରକ୍ଷର ଲୋକ ଭଣ୍ଡା ସାହିତ୍ୟ ବୋଲିବା ତଥା ଶିକ୍ଷିତ କବିର କଲମରେ ଦିବ୍ୟ ଅଦିବ୍ୟ ଭାଷାରେ ପଦସିଦ୍ଧ ହେବା ଉଭୟ ଓଡ଼ିଆ ସାହିତ୍ୟର ଲକ୍ଷଣ ।

ସାରଳା ଦାସଙ୍କ ମହାଭାରତକୁ ଓଡ଼ିଆ ଲୋକ ସଂସ୍କୃତିର କାବ୍ୟମୟ ଅଭିବ୍ୟକ୍ତି ବୋଲି କୁହାଯାଇପାରେ । ଓଡ଼ିଶାର ସଂସ୍କୃତିର କୌଣସିଟି ଆଶୟ(trait)ତାଙ୍କ ରଚନାରୁ ବାଦ୍

ଯାଇନାହିଁ । ଲୋକ ଧର୍ମ, ଦର୍ଶନ, ଲୋକ ଚରିତଠାରୁ ରାନ୍ଧଣା ଗୀତି ପର୍ଯ୍ୟନ୍ତ ତାଙ୍କ ରଚନାରେ ଓଡ଼ିଆ ସଂସ୍କୃତିର ବିପୁଳ ସମ୍ଭାର । ମାନବ, ପ୍ରକୃତି ଓ ଈଶ୍ୱରଙ୍କ ସତ୍ତାରେ ତାଙ୍କ ରଚନା ଗ୍ରଥିତ । ଓଡ଼ିଆ ଜୀବନର ପ୍ରାଣ ସ୍ପନ୍ଦନକୁ ସେ ଗଭୀରତର କରି ଅନୁଭବ କରିପାରିଥିଲେ ।

ତାଙ୍କ ଅଭିବ୍ୟକ୍ତ ରଚନା ପରବର୍ତ୍ତୀ କାଳର କବିମାନଙ୍କୁ ଏତେ ଅଭିପ୍ରେରିତ କରିଛି ଯେ ଷୋଡ଼ଶ ସପ୍ତଦଶ ଶତାବ୍ଦୀର ଶୂନ୍ୟ ସାଧନାରେ ହେଉ କିମ୍ବା ଆଖ୍ୟାୟିକା କାବ୍ୟରେ ହେଉ, ସାରଳା ଦର୍ଶନର ପ୍ରଭାବ ସେ ସବୁରେ ପ୍ରଚ୍ଛନ୍ନ । ସାରଳା ଦାସଙ୍କ ହରଣ ଓ ବିବାହ ଉପାଖ୍ୟାନମାନ ସପ୍ତଦଶ ଶତାବ୍ଦୀର ଆଖ୍ୟାୟିକା କାବ୍ୟ ରୂପେ ନିରୁତା ଓଡ଼ିଆ ଲୋକ ମୁଖର ଏକ ଏକ ରୋମାନ୍ସ କାହାଣୀ/ଗାଥା/ଲୋକ କାବ୍ୟର ଲିଖିତ ରୂପ ବ୍ୟତୀତ ଅନ୍ୟ କିଛି ନୁହେଁ । ଆଖ୍ୟାୟିକା କାବ୍ୟର ରୂପ ବିଭବକୁ ନେଇ ଓଡ଼ିଆ ଲୋକ କାହାଣୀଗୁଡ଼ିକର ତୁଳନାତ୍ମକ ଅଧ୍ୟୟନ କରାଗଲେ ଏହା ସମ୍ୟକ୍ ଭାବେ ଉପଲବ୍ଧି କରିହେବ । ଏହି ଦୃଷ୍ଟିରୁ କଳ୍ପଲତା, ଶଶୀସେଣା, ପ୍ରେମାଲୋଚନା, ସ୍ୱଟ ଇଚ୍ଛାବତୀ, ଅନଙ୍ଗରେଖାଠାରୁ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ପ୍ରଭୃତି କାଳ୍ପନିକ କାବ୍ୟର ପଟ୍ଟଭୂମିରେ ତତ୍କାଳୀନ ଓଡ଼ିଆ ଲୋକ ସଂସ୍କୃତିର ସ୍ୱାକ୍ଷର ସୁପ୍ରତୁଳ ।

ସେ କାଳର ସମାଜର ମାନବ–ପ୍ରକୃତି–ଈଶ୍ୱରଙ୍କ ମଧ୍ୟରେ ଏକ ଯୋଗସୂତ୍ର ରହିଥିଲା । ଲୋକ ସମାଜର ଧର୍ମ ବିଶ୍ୱାସ ମଣିଷ ପଶୁପକ୍ଷୀ ଓ ଜଙ୍ଗଲ ଭିତରେ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରିବାଠାରୁ ଅପ୍ରାଣୀବାଚକ ବସ୍ତୁରେ ବି ଈଶ୍ୱର କଳ୍ପନା କରିଥିଲା । ମଣିଷର ଅତିପ୍ରାକୃତ ସତ୍ତାରେ ଗଭୀର ବିଶ୍ୱାସ, ତେଣୁ ପ୍ରାକ୍ ଭଞ୍ଜୀୟ ଓ ଭଞ୍ଜୋତ୍ତର କବିମାନଙ୍କ ନାୟକ ନାୟିକାମାନଙ୍କୁ କେବେ ସ୍ୱର୍ଗରେ ତ କେତେବେଳେ ମର୍ତ୍ତ୍ୟରେ ଆଣି ଥୋଇ ଦେଉଥିଲା । ସେମାନେ ପୁନର୍ଜନ୍ମ ଭୋଗୁଥିଲେ । ପୂର୍ବ ଜନ୍ମର କୃତକର୍ମର ଫଳ ମଣିଷ ହୋଇ ଭୋଗକରି ପୁଣି ଦେବଲୋକକୁ ଚାଲିଯାଉଥିଲେ । ପଶୁପକ୍ଷୀଠାରୁ ଜଙ୍ଗଲ ନଦୀ ପର୍ଯ୍ୟନ୍ତ ସେମାନଙ୍କର ପ୍ରେମମୟ ଜୀବନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତନ୍ତ୍ର ଓ ଯାଦୁବିଦ୍ୟାର ପ୍ରଭାବରେ ନାୟକ ଯୋଜନ ଯୋଜନ ଦୂରରୁ ନାୟିକାର ଅନ୍ତଃପୁରରେ ପ୍ରବେଶ କରି ପାରୁଥିଲା । ମଣିଷ ମେଣ୍ଢା ହେଉଥିଲା ଦିନରେ, ଭେଣ୍ଡା ହେଉଥିଲା ରାତିରେ । ଏହି ଆଖ୍ୟାୟିକାର ମୋଟିଫ୍‌ଗୁଡ଼ିକ ଆଜିର ପ୍ରଚଳିତ ଗ୍ରାମୀଣ ଲୋକ କାହାଣୀଠାରୁ ଭିନ୍ନ ନୁହେଁ ।

ଓଡ଼ିଆ ଲୋକ କଥାର ଆଦିକରେ ଶବର ସଂସ୍କୃତିର ପ୍ରଭାବ ଏବେ ସୁଦ୍ଧା ଅପ୍ରତିହତ ଥିବାର ଦେଖାଯାଏ । ତନ୍ତ୍ରବିଦ୍ୟା, ପରକାୟା ପ୍ରବେଶ, ମଣିଷରୁ ଗଛ – ଗଛରୁ ମଣିଷ, ପଶୁପକ୍ଷୀରେ ପରିଣତ ହେବା ସ୍ତମ୍ଭନ ମୋହନ, ବଶୀକରଣ, ବୁଢ଼ୀ ଅସୁରୁଣୀର ଜୀବନନାଟି, ପ୍ରଭୃତି ଶାବରୀ ବିଦ୍ୟାର ପ୍ରଭାବ ଲୋକ କଥା, ଗାଥା ଓ ଲୋକ କାବ୍ୟରେ ପ୍ରଭାବ ପକାଇଛି ।

ଓଡ଼ିଆ ମିଥ୍ ତଥା କିମ୍ବଦନ୍ତୀରେ ଓଡ଼ିଶାର ଧର୍ମୀୟ ବିଶ୍ୱାସ ଓ ବିଶ୍ୱ ଦୃଷ୍ଟିର ଚିତ୍ର ସୁଲଭ । ଏକ ଧର୍ମ ପ୍ରଧାନ ଦେଶ ରୂପେ ଓଡ଼ିଶାର ମାଟିଗୋଡ଼ି ତଥା ଜୀବନ ଜଳବାୟୁରେ ଧର୍ମ ବିଶ୍ୱାସର ସ୍ୱାକ୍ଷର ବହୁ କାଳରୁ ସ୍ୱୀକୃତ । ଏହା ବି ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ କେବଳ ଯେ ପାରମ୍ପରିକ ତାହା ନୁହେଁ ବରଂ ପୋଷାକରେ ଆମେ ଆଧୁନିକ ହେଲେ ବି ସଂସ୍କାରରେ ଆମେ ରକ୍ଷଣଶୀଳ ।

ଓଡ଼ିଶାର କିମ୍ବଦନ୍ତୀରେ ରାମାୟଣ ମହାଭାରତୀୟ ଚରିତ୍ର ଓ ଘଟଣାର ଆରୋପଣ, ନଦୀ ପର୍ବତ ଜଙ୍ଗଲ, ମନ୍ଦିର, ଐତିହାସିକ ସ୍ଥାନମାନଙ୍କରେ ଦେବଦେବୀ ଓ ମହାକାବ୍ୟର ନାୟକ ନାୟିକାମାନଙ୍କର ବିଚରଣ ଏହି ଆଞ୍ଚଳିକ ଭୂମିର ମହାଭାରତୀୟତାକୁ ସୂଚିତ କରେ । ସୁଦୂର ପ୍ରାଚୀନ ହେଉ ବା ନିକଟ ଅତୀତର ହେଉ, ଓଡ଼ିଆ କିମ୍ବଦନ୍ତୀର ମହାନ୍ ପରମ୍ପରା ଭାରତୀୟତାର ମହାଭାବରେ ଉଦ୍‌ବୁଦ୍ଧ । ଶ୍ରୀଜଗନ୍ନାଥଙ୍କୁ ଭିତ୍ତିକରି ଓଡ଼ିଶାର ଅନେକ ଅଞ୍ଚଳର କିମ୍ବଦନ୍ତୀ ଲୋକ ସ୍ମୃତିରେ ସଜୀବ । କିମ୍ବଦନ୍ତୀ ହୋଇପାରେ ଅର୍ଦ୍ଧସତ୍ୟ, କିନ୍ତୁ ଜନ ମାନସରେ ସଞ୍ଚିତ ବିଶ୍ୱାସ ତଥା ନିଜକୁ ମହାଭାରତୀୟ ଚେତନାର ଅଂଶ ବିଶେଷ ରୂପେ ପରିଚିତ କରିବା ପରମ୍ପରା ଆମ ଦେଶର ସଂହତି ସ୍ଥାପନରେ ବହୁ କାଳରୁ କ୍ରିୟାନ୍ୱିତ ।

ମିଥ୍ ବା ପୁରାଣ କଳ୍ପକୁ ସଂସ୍କୃତିର ସ୍ୱପ୍ନ ବୋଲି କୁହାଯାଏ । ଏହା ମଣିଷର ଆଦିମ ମୌଳ ଅଭିଜ୍ଞତାର ସମଷ୍ଟି । ସାମ୍ପ୍ରତିକ ଚେତନା ପର୍ଯ୍ୟନ୍ତ ଏହା ନିରବିଚ୍ଛିନ୍ନତା ରକ୍ଷାକରେ । ଓଡ଼ିଆ ସଂସ୍କୃତିରେ ଶବର, ଦ୍ରାବିଡମାନଙ୍କର ମାନବ ସୃଷ୍ଟି, ପୃଥିବୀର ଉତ୍ପତ୍ତି, ଜଳ, ପଶୁପକ୍ଷୀ, ଗଛଲତା, ଚନ୍ଦ୍ର ସୂର୍ଯ୍ୟର ଉତ୍ପତ୍ତି ସମ୍ପର୍କୀୟ ବର୍ଣ୍ଣନାତ୍ମକ ପରମ୍ପରା ରହିଛି ।

ଓଡ଼ିଶାର ଆଦିବାସୀମାନଙ୍କର ଭାଇ ଭଉଣୀ ମିଳନରୁ ମଣିଷର ସୃଷ୍ଟି, ମଣିଷର ଜାତି, ବର୍ଣ୍ଣ ବିଭାଜନ, ଦେବଦେବୀଙ୍କ ବିଭାଜନ, ରାଜ୍ୟପ୍ରାପ୍ତି ମିଥ୍ ଓ ସଂସ୍କୃତି ନାୟକ ମିଥ୍ ଅଧ୍ୟୟନ କଲେ ଓଡ଼ିଆ ସାହିତ୍ୟରେ ଏହି ପୁରାଣକଳ୍ପର ପ୍ରାଚୀନତା ଓ ବୈଧତା ସମ୍ପର୍କରେ ଜାଣିହେବ ।

ଭାଇ ଭଉଣୀଙ୍କ ମିଳନରୁ ପୃଥିବୀରେ ମଣିଷ ଜାତିର ଉଦ୍‌ଭବ କଳ୍ପନା ମଧ୍ୟ ଭାରତର ଆଦିବାସୀମାନଙ୍କ ମିଥ୍‌ରେ ସୁପ୍ରତୁଳ । ପୁନଶ୍ଚ ୧୨ ବର୍ଷରେ ଶ୍ରୀଜଗନ୍ନାଥଙ୍କ ନବକଳେବର ହେବା ଓ ସଂସ୍କାର କ୍ରିୟା ସହିତ ଆଦିବାସୀମାନଙ୍କ ସହିତ ଧାର୍ମିକ ସାମାଜିକ ସ୍ତରରେ ୧୨ ସଂଖ୍ୟାର ମହତ୍ତ୍ୱ ଖୋଜିବସିଲେ ଜଗନ୍ନାଥ ଧର୍ମର ସଂରଚନାରେ ଆଦିବାସୀଙ୍କ ଭୂମିକା ଲକ୍ଷ୍ୟ କରିହେବ । ଓଡ଼ିଆ ଲୋକମିଥ୍‌ରେ ଓଡ଼ିଆ ସଂସ୍କୃତିର ସମୂହ ମାନସିକତାର ଚିତ୍ର ସଂଗୁମ୍ଫ । ଏହା ସ୍ୱପ୍ନ ଓ ସ୍ମୃତି ରୂପେ ଆମ ଐତିହ୍ୟ ସହିତ ଜଡ଼ିତ । ପଣ୍ଡିତ ନୀଳକଣ୍ଠ ସାରା ବିଶ୍ୱରେ କେବଳ ଓଡ଼ିଶା ହିଁ ଭାଇ ଭଉଣୀଙ୍କୁ ବିଶ୍ୱ ଦେବତା ଓ ଦେବୀ ରୂପେ କଳ୍ପନା କରିବାର ମୌଳିକତା ପଛରେ ଆଦିବାସୀ ବିଶ୍ୱ ଦୃଷ୍ଟିର ସଙ୍କେତ ରହିଛି ବୋଲି କହନ୍ତି । ତାଙ୍କ ଭାଷାରେ, ସୃଷ୍ଟିରେ ଆଦ୍ୟ ନରନାରୀ ହେଉଛନ୍ତି ଭାଇ ଭଉଣୀ । ସେଇପରି ନିରାକାର ବା ମହାଶୂନ୍ୟଙ୍କ ବିକାଶରେ ତାଙ୍କ ସ୍ୱରୂପରୁ ଯେଉଁ ଆଦିପୁରୁଷ ଓ ନାରୀ ପ୍ରକାଶ ପାଇଲେ ସେ ମଧ୍ୟ ଭାଇ ଭଉଣୀ । ଜଗନ୍ନାଥ ଶଙ୍କର ଓ ସୁଭଦ୍ରା ଯୋଗମାୟା ।

ଓଡ଼ିଆ ପୁରାଣ ସାହିତ୍ୟର ପ୍ରଭାବ ଆଧୁନିକ ସାହିତ୍ୟକୁ ପ୍ରଭାବିତ କରି ରଖିବା ପଛରେ ଏହି ଆଦିମ ମୌଳ ଅଭିଜ୍ଞତାର ସ୍ୱାକ୍ଷର ରହିଛି । ପ୍ରାଚୀନ ଘଟଣା ସହିତ ସମ ମାନସିକତା ରହିଥିବା ବର୍ତ୍ତମାନର ଯୁଗ ଯନ୍ତ୍ରଣା କିମ୍ବା ଘଟଣା ଆମକୁ ମିଥ୍ ଦ୍ୱାରା ହିଁ ଭଲଭାବରେ ବୁଝାପଡ଼େ । କାରଣ ଜାଗତିକ ସଂସାରରେ ବିସ୍ମୃତ ହେଲେ ହେଁ ଆମ ସ୍ମୃତିରେ ମଣିଷର ସୃଷ୍ଟିଠାରୁ ଅଦ୍ୟତନ ବିକାଶ ପର୍ଯ୍ୟନ୍ତ ଐତିହ୍ୟବୋଧ ଓ ପରମ୍ପରା ଉଦ୍ଭାସିତ ।

ପ୍ରବାଦ ପ୍ରବଚନ ଓ ନାମକରଣ ପ୍ରଭୃତି ସାମାଜିକ ନୈତିକତା ଓ ସାମାଜିକ ମୂଲ୍ୟବୋଧର ନିତ୍ୟ ନିୟାମକ । ବ୍ୟକ୍ତିର ସାମାଜିକରଣ ପାଇଁ ଏହା ଉଦ୍ଦିଷ୍ଟ । ସମାଜ ଦ୍ୱାରା ବ୍ୟକ୍ତିର ବ୍ୟବହାର ଓ ଚରିତ୍ରରେ ପରିଶୋଧନ କରିବାରେ ଓ ସାମାଜିକ ସମସ୍ୟାର ସମାଧାନ କରିବାରେ ଏହା ଉଦ୍ଦିଷ୍ଟ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ନାଁ ଦିଆ ପ୍ରବାଦ ପ୍ରବଚନର ଭୂରି ଭୂରି ଦୃଷ୍ଟାନ୍ତ ରହିଛି ।

## Physical Folk Life :

ବସ୍ତୁବାଦୀ ସଂସ୍କୃତି ବା ଲୋକଙ୍କର ଭୌତିକ ଜୀବନ ଲୋକ ସାହିତ୍ୟ ପରି ପୁରୁଷାନୁକ୍ରମେ ଆଦରିତ । ଏଥିରେ କାରିଗରୀ କୌଶଳ, ଦକ୍ଷତା ଓ ନିର୍ମାଣ ପ୍ରଣାଳୀ ପରମ୍ପରା ରୂପେ କ୍ରମେ ରୂପାନ୍ତରିତ ହୋଇ ଆସେ । କିନ୍ତୁ ବ୍ୟକ୍ତିର ସ୍ୱତନ୍ତ୍ର ନିର୍ମାଣ ଶୈଳୀ ଏଥିରେ ରଞ୍ଜିତ ହୋଇଥାଏ । ଗୃହ ନିର୍ମାଣ ଶୈଳୀ, ବସ୍ତ୍ର ବୟନର ଜଟିଳ ପଦ୍ଧତି, ଖାଦ୍ୟ ପ୍ରଭୃତି ତଥା ପ୍ରସାଧନ କ୍ଷେତ୍ରରେ, କାଷ୍ଠୋପକରଣ ନିର୍ମାଣ, ବାସନକୁଣ୍ଡନ, ଅଳଙ୍କାର ନିର୍ମାଣ କ୍ଷେତ୍ରରେ ପାରମ୍ପରିକ କଳାର ଉତ୍କର୍ଷ ଲକ୍ଷ୍ୟ କରାଯାଇଥାଏ ।

ପାଶ୍ଚାତ୍ୟ ସଭ୍ୟତାର ପ୍ରବେଶ ପୂର୍ବରୁ ଲୋକକଳା, ସ୍ଥାପତ୍ୟ ଓ ଶିଳ୍ପର ସମାଦୃତି ଲୋକଙ୍କ ପାଖରେ ଥିଲା । କିନ୍ତୁ ଆଧୁନିକ ସଭ୍ୟତାର ପ୍ରବେଶ ହେଲାପରେ ଏହି କଳା ସାମାଜିକ ପୃଷ୍ଠପୋଷକତାର ଅଭାବରେ ଲୁପ୍ତ ପ୍ରାୟ ହୋଇଆସିଲା । କେତେକ ଲୋପ ପାଇଗଲା ମଧ୍ୟ । କିନ୍ତୁ କେତେକ କଳା ଓ ଶିଳ୍ପ ପଲ୍ଲୀ ଗ୍ରାମରୁ କ୍ରମେ ସୃଷ୍ଟିହୋଇ ସର୍ବଭାରତୀୟ ସ୍ତରରେ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଖ୍ୟାତିଲାଭ କରିଛି । ତେଣୁ ଲୋକ କଳାର ପାରମ୍ପରିକ ଉତ୍ପାଦନକୁ ଗୁରୁତ୍ୱ ଦେବା ଫଳରେ ଲେଖାପଢ଼ି ଜାଣିନଥିବା ଗ୍ରାମୀଣ ଶିଳ୍ପୀର ସୃଷ୍ଟ ବାଉଁଶ ନିର୍ମିତ ଶିଳ୍ପ, ପୁରୀର କଟକର ତାଳପତ୍ର ପଟଚିତ୍ର, କଟକର ତାରକସୀ, ବ୍ରହ୍ମପୁରୀ ପାଟ, ସମ୍ବଲପୁରୀ ବସ୍ତ୍ର, ପାରଳାଖେମୁଣ୍ଡିର ଶିଙ୍ଗ ନିର୍ମିତ ଶିଳ୍ପ କଳାର ଆଦୃତି ବଢ଼ିଲା । ଭୁବନେଶ୍ୱର ଆଦିବାସୀ ମେଳାର କଳା ଓ ଶିଳ୍ପ ତଥା ଲଳିତକଳା ଏକାଡେମୀର କଳାକୃତି ସମ୍ପର୍କରେ ଏହା ପ୍ରଯୁଜ୍ୟ ।

ଲୋକକଳା ଓ ଶିଳ୍ପ ଏକ ସ୍ୱତନ୍ତ୍ର ବିଭାଗ ହେଲେ ହେଁ ଏଥି ସହିତ ପୂଜାପାର୍ବଣ, ଓଷାବ୍ରତ, ମେଳା ମଉଚ୍ଛବର ସମ୍ପର୍କ ରହିଛି । ଜନ୍ମ, ବିବାହ ପ୍ରଭୃତି ମାଙ୍ଗଳିକ ଅନୁଷ୍ଠାନ ତଥା ଓଷାବ୍ରତ କାଳରେ କୁମାରୀ/ନାରୀମାନଙ୍କର ଝୋଟିଚିତା; କାନ୍ଥରେ ରଙ୍ଗ ଚିତ୍ରିତ ବିଭିନ୍ନ ଚିତ୍ର ଲୋକମାନଙ୍କର ଧାର୍ମିକ-ନନ୍ଦନତାତ୍ତ୍ୱିକ ଭାବାବେଗକୁ ପରିଚିତ କରାଏ । ଗାଁର ଦେବଦେବୀ ମନ୍ଦିରରେ କାଷ୍ଠ ଖୋଦିତ ମୂର୍ତ୍ତି, ପ୍ରସ୍ତର ମୂର୍ତ୍ତି ଏହାର ପ୍ରକୃଷ୍ଟ ଉଦାହରଣ

ଏହ କଳା ସୃଷ୍ଟି ମଧ୍ୟ ଉତ୍ପାଦନ ଓ ଉପାର୍ଜନକ୍ଷମ କରିବାରେ ସମର୍ଥ । କିନ୍ତୁ ଗ୍ରାମର ଅମାର୍ଜିତ କଳା ସହରରେ ମାର୍ଜିତ ରୂପ ନେଇ ପୁନରୁଦ୍ଭାବିତ ହେଲେ ଏହା ଲୋକଙ୍କର ଜୀବନର ଓ ଜୀବିକାର ଅବଲମ୍ବନ ହୋଇପାରିବ ।

## ଲୋକଙ୍କର ସାମାଜିକ ଚଳଣି ଓ ପ୍ରଥା :

ପାରିବାରିକ ଓ ସାମାଜିକ କ୍ଷେତ୍ରରେ ସାମୂହିକଭାବେ ପାଳିତ ହେଉଥିବା ପର୍ବପର୍ବାଣି, ଧର୍ମାଚାର, ଉତ୍ସବ ସମେତ ଲୋକଧର୍ମ ଓ ଦର୍ଶନ, ଆମୋଦ ପ୍ରମୋଦ, କ୍ରୀଡ଼ା, ଲୋକ ଔଷଧି ଏହାର ଅନ୍ତର୍ଭୁକ୍ତ । ସମାଜରେ ବ୍ୟକ୍ତିର ଅନୁମୋଦନ ତଥା ବ୍ୟକ୍ତି ରୂପେ ସମାଜ ପ୍ରତି କର୍ତ୍ତବ୍ୟ ସାଧନ ଏହି ସାମାଜିକ ଚଳଣିର ଅନ୍ତର୍ଗତ ।

ଓଡ଼ିଶାର ସମାଜରେ କୁଳାଚାର ଲୋକାଚାର ଓ ଦେଶାଚାର ଭେଦରେ ଚଳଣିଗୁଡ଼ିକ ବିଭକ୍ତ । ପ୍ରତ୍ୟେକ ଜାତିର ସ୍ୱତନ୍ତ୍ର ପ୍ରଥା ଓ ଚଳଣି ଥାଏ । ଗୋଟିଏ କ୍ଷୁଦ୍ର ଅଞ୍ଚଳରେ ପ୍ରଚଳିତ ପ୍ରଥା ଲୋକାଚାର ତଥା ଅଞ୍ଚଳ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ପରିଗୃହୀତ ପ୍ରଥା ଓ ପରମ୍ପରା ଦେଶାଚାର ରୂପେ ପ୍ରଚଳିତ । ଓଡ଼ିଶାର ଲୋକ ସମାଜର ପ୍ରତ୍ୟେକଙ୍କର ସ୍ୱତନ୍ତ୍ର ମିଥ୍, ପୁରାଣ, ଜାତି ଉତ୍ପତ୍ତି ବିବରଣୀ, ମୌଖିକ ପରମ୍ପରା ରୂପେ ଧର୍ମାଚାର ପାଳନ କାଳରେ ହିଁ ଗାନ କରାଯାଇଥାଏ । ଏଥିପାଇଁ ଲୌକିକ ଭାଟମାନେ ମଧ୍ୟ ଗୋଟିଏ ଗୋଟିଏ ଜାତିକୁ ଆଦରି ରହିଥିବାର ଜଣାଯାଏ । ତେଣୁ ଚଳଣୀ ସହିତ ଲୋକ ସାହିତ୍ୟର ସମ୍ପର୍କ ମଧ୍ୟ ନିବିଡ଼ ।

ଓଡ଼ିଶାର ରଜପର୍ବ, ରଥଯାତ୍ରା, ଦଶହରା, ଦୀପାବଳୀ, ହୋଲି ସମେତ ନାନା ଓଷାବ୍ରତ ଓ ପର୍ବପର୍ବାଣିର ସାମାଜିକ ମହତ୍ତ୍ୱ ଧର୍ମୀୟ ଅଭିପ୍ସା ତଥା ମନସ୍ତାତ୍ତ୍ୱିକ ଭିତ୍ତି ରହିଛି । ଲୌକିକ ସଂସ୍କୃତିର ପ୍ରଭାବରେ ପର୍ବପର୍ବାଣିଗୁଡ଼ିକ ପାଳିତ ହୁଏ । ଆଦିବାସୀ ସମ୍ପ୍ରଦାୟର ଧର୍ମାଚାର ଓ ପର୍ବପର୍ବାଣି ସ୍ୱତନ୍ତ୍ର ।

ବର୍ଷର ବିଭିନ୍ନ କାଳରେ କୃଷି ଭିତ୍ତିକ ପର୍ବ ପାଳିତ ହୁଏ । ମାନବ ଶସ୍ୟ ଉତ୍ପାଦନ ପାଇଁ ଦେବଦେବୀଙ୍କଠାରେ ପ୍ରାର୍ଥନା କରିବା, ରୋଗ ଶୋକରୁ ମୁକ୍ତ ପାଇଁ ପ୍ରାର୍ଥନା କରିବା ମୂଳରେ ମାନବ-ପ୍ରକୃତି ଓ ଅତିପ୍ରାକୃତ ସତ୍ତାର ନିବିଡ଼ ସମ୍ପର୍କ ରହିଛି । ଏହି ହେତୁ ଲୋକ ସାହିତ୍ୟରେ ମଧ୍ୟ ମାନବ, ପଶୁପକ୍ଷୀ, ପ୍ରକୃତି ଓ ଈଶ୍ୱରୀୟ ସତ୍ତାର ବିପୁଳ ବର୍ଣ୍ଣନା ରହିଛି ।

ଧର୍ମ ସଂପୃକ୍ତ କ୍ଷେତ୍ରରେ ଓଡ଼ିଶାର ଲୋକଧର୍ମ କହିଲେ ମୁଖ୍ୟତଃ ଶାକ୍ତ ଧର୍ମକୁ ବୁଝାଏ । ଏହାଛଡ଼ା ଓଡ଼ିଶାର ମହାନ୍ ଧର୍ମ ପରମ୍ପରା କହିଲେ ଶ୍ରୀଜଗନ୍ନାଥ ଧର୍ମକୁ ବୁଝାଏ । ଶ୍ରୀଜଗନ୍ନାଥ ଧର୍ମ ମୂଳତଃ ଶତାବ୍ଦୀ ବ୍ୟାପୀ ଶବର-ଦ୍ରାବିଡ ଓ ଆର୍ଯ୍ୟ ଧର୍ମର ସମନ୍ୱୟ ବୋଲି ଜଣାଯାଏ ।

ଲୋକ ସାହିତ୍ୟ ଓ କିମ୍ବଦନ୍ତୀରେ ବିଦ୍ୟାପତି ଲଳିତାମିଥିଟି ହୋଇପାରେ ଶବର ଓ ଆର୍ଯ୍ୟ ଧର୍ମର ପ୍ରତୀକାତ୍ମକ ଅଭିବ୍ୟକ୍ତି । ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ କିମ୍ବଦନ୍ତୀଟି ମଧ୍ୟ ପ୍ରସଙ୍ଗ ପ୍ରତୀକାତ୍ମକ ମହିମା ପ୍ରବଚନ । କିନ୍ତୁ ଶ୍ରୀମନ୍ଦିରରେ ପ୍ରଚଳିତ

ଚଳଣି ଓ ଶୃଙ୍ଖଳିତ ଧର୍ମାଶ୍ରଗୁଡ଼ିକର ସହ ଓଡ଼ିଶାର ସାମ୍ପ୍ରତିକ ଶବର, ସଉରା, ଗଣ୍ଡ, କନ୍ଧ, ବିଂଝାଲିମାନଙ୍କର କି ସମ୍ପର୍କ ରହିଛି; ବାସ୍ତବରେ ଓଡ଼ିଶାର ଜଗନ୍ନାଥ ଧର୍ମରେ ସେହି ଆଦିବାସୀ ସଂସ୍କୃତିର ମୂଳ ସ୍ୱରୂପ କିପରି ପ୍ରତୀକାତ୍ମକ ଭାବେ ଶ୍ରୀମନ୍ଦିରର ଚଳଣି ଓ ପ୍ରଥା ମଧ୍ୟରେ ଆତ୍ମୀକରଣ ହୋଇଛି—ସେହି ପ୍ରସଙ୍ଗରେ ଆମେ ଏବେ ସୁଦ୍ଧା ବେଶୀ ଆଗେଇ ପାରିନାହୁଁ। ଓଡ଼ିଶାର ସ୍ୱାୟତ୍ତ ଗ୍ରାମଶାସନରେ ଗଜପତି ଓ ଷୋହଳ ସାମନ୍ତ ଚକ୍ରର ପରିଧି–କେନ୍ଦ୍ର ଭିତ୍ତିକ ଶାସନରେ, ସେମାନଙ୍କୁ ଭିତ୍ତିକରି ଶ୍ରୀଜଗନ୍ନାଥଙ୍କ ନାମରେ ଓଡ଼ିଶାର ଶାସନକୁ ବିକେନ୍ଦ୍ରୀକରଣ କରିବା କ୍ଷେତ୍ରରେ ଆମ ଅଧ୍ୟୟନ ଯେ କମ୍ ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ। ତେଣୁ ଓଡ଼ିଶାର ସାହିତ୍ୟ, ଭାଷା, ଧର୍ମ, ଗ୍ରାମଶାସନ ଲୋକ ପରମ୍ପରା ସହିତ୍ ଆଦିବାସୀ ଧର୍ମ ଓ ଚଳଣିର ଆନ୍ତଃଶୃଙ୍ଖଳିତ ଅଧ୍ୟୟନର ଆବଶ୍ୟକତା ରହିଛି।

ଶାକ୍ତଧର୍ମ ପୃଥିବୀ ପରି ପ୍ରାଚୀନ। ଓଡ଼ିଶାର ଗାଁ ଗହଳରେ ଗ୍ରାମଦେବୀଙ୍କ ପୂଜା ଅନିବାର୍ଯ୍ୟ। ବୃକ୍ଷପୂଜା, ଶସ୍ୟପୂଜା, ଭୂମିପୂଜା, ଜଡ଼ବସ୍ତୁରେ ପ୍ରାଣୀତ୍ୱର ଆରୋପଣ କରି ପୂଜା କରିବା ତଥା ମଣିଷ ମଧ୍ୟରେ ଐଶ୍ୱରୀୟ ଶକ୍ତିର ଆରୋହଣ କଳ୍ପନା ଓଡ଼ିଶାର ଲୋକଧର୍ମର ମୂଳ କଥା।

## ପ୍ରଦର୍ଶନଶୀଳ ଲୋକକଳା

ଲୋକନୃତ୍ୟ, ଲୋକନାଟ୍ୟ, ଲୋକସଙ୍ଗୀତ, ଲୋକବାଦ୍ୟ ତଥା କ୍ରୀଡା ଏହାର ଅନ୍ତର୍ଗତ। ଲୋକଙ୍କର କାଳ୍ପନିକ ଓ ଆବେଗିକ ଆତ୍ମପ୍ରକାଶ ପାଇଁ ଲୋକନୃତ୍ୟର ସାମୁହିକ ପ୍ରଦର୍ଶନ ଓ ଅଂଶ ଗ୍ରହଣ ଏଥିରେ ଗର୍ଭିତ। ବୟସ ଲିଙ୍ଗ ନିର୍ବିଶେଷରେ ଲୋକନୃତ୍ୟରେ ସମ୍ପୃକ୍ତି, ଲୋକନାଟ୍ୟରେ କେବଳ ପୁରୁଷମାନଙ୍କ ଅଂଶ ଗ୍ରହଣ କରିବାର ଦେଖାଯାଏ। ଲୋକନୃତ୍ୟଗୁଡିକ କ୍ରମଶଃ ସରଳରୁ ଜଟିଳ କ୍ରମରେ ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳା ମଧ୍ୟରେ ଅଭିବ୍ୟକ୍ତ ହୋଇଥାଏ। ପ୍ରତ୍ୟେକ ସାଂସ୍କୃତିକ ଅଞ୍ଚଳକୁ ନେଇ ଏହି ନୃତ୍ୟର ବିଶେଷତ୍ୱ ଦେଖା ଯାଇଥାଏ। ଓଡ଼ିଶାର ପାହାଡ଼ି ଅଞ୍ଚଳର ବୃତ୍ତାକାର, ସର୍ପାକାର ଓ ଅର୍ଦ୍ଧବୃତ୍ତାକାର ନୃତ୍ୟରେ ଛନ୍ଦ ଓ ଆଙ୍ଗିକର ପୁନରାବୃତ୍ତି ଦୀର୍ଘ ସ୍ଥାୟୀ। ଅପର ପକ୍ଷରେ ଓଡ଼ିଶାର ସାମରିକ ନୃତ୍ୟ, ସୁନ୍ଦରଗଡ଼ର ପରିଂବା ନାଚ, ମୟୂରଭଞ୍ଜର ଛଉନୃତ୍ୟ, କଳାହାଣ୍ଡିର ଘୁମୁରା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଝୁମର ନୃତ୍ୟ, ଖୋରଧାର ପାଇକ ନୃତ୍ୟ କେବଳ ଶାରୀରିକ ଭଙ୍ଗୀ ପ୍ରଧାନ ନୁହେଁ ଭାବ ପ୍ରଧାନ ମଧ୍ୟ। ନୃତ୍ୟର ଲକ୍ଷଣ ଅନୁସାରେ ବାଦ୍ୟ ବି ସୁନିର୍ଦ୍ଦିଷ୍ଟ।

ଓଡ଼ିଶାର ଅନେକ ଲୋକନୃତ୍ୟର ଶାସ୍ତ୍ରୀୟ ମର୍ଯ୍ୟାଦା ନାହିଁ। ଏପରିକି ତିରିଶି/ଚାଳିଶି ବର୍ଷ ପୂର୍ବେ ଭାରତରେ ଓଡିଶୀ ନୃତ୍ୟକୁ ଲୋକନୃତ୍ୟ ବୋଲି କହୁଥିଲେ। କିନ୍ତୁ ଏହାର ନିର୍ଦ୍ଦିଷ୍ଟ ନିୟମ ଶୃଙ୍ଖଳା, ଛନ୍ଦ, ରାଗତାଳ, ବେଶ ଭୂଷା ଅଭିନୟାଦିର ଏକ ସୁସଂହତ ରୂପ ରଚନାକୁ ବିଧିବଦ୍ଧ କରି ଦେଖାଇବା ଫଳରେ ଏହା ଅଳ୍ପକାଳ ମଧ୍ୟରେ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଛି। ଓଡିଶୀର ମୂଳରୂପ ମାହାରୀ ନୃତ୍ୟ ଓ ଗୋଟିପୁଅ ନାଚରେ ଦେଖିବାକୁ ମିଳେ। ଓଡିଶୀ ନୃତ୍ୟରେ ଭଙ୍ଗୀ ନୃତ୍ୟ ଓ ଷୋହଳ ଶଣ୍ଡବାଦ୍ୟର ପ୍ରଚଳନ ଥିଲା। ଏବେ ସେହି ଷୋହଳ ଖଣ୍ଡବାଦ୍ୟର ପ୍ରଚଳନ ଲୁପ୍ତ ପ୍ରାୟ। ପଶ୍ଚିମ ଓଡିଶାର ଦଣ୍ଡନାଚରେ 'ଷୋହଳ ଖାଡି ବାଦ୍ୟ' ବଜାଇ କାଳିକା ନୃତ୍ୟ ଓ ପ୍ରଭା ନୃତ୍ୟ ହୁଏ। ଦଣ୍ଡନାଚର ଅନ୍ୟନାମ ଷୋହଳ ପୁଆଙ୍ଗ। ରାଧାକୃଷ୍ଣ ଏହି ନୃତ୍ୟର ବାଦ୍ୟର ତାଳେ ତାଳେ ମଞ୍ଚକୁ ଆସନ୍ତି। ଓଡିଶାର ସର୍ବତ୍ର ପ୍ରଚଳିତ ଏହି ଷୋହଳ ଖଣ୍ଡବାଦ୍ୟ ସମ୍ପର୍କରେ ବୁଝିଦେଲେ ଓଡିଶୀ ନୃତ୍ୟ କେଉଁ କେଉଁ ଲୋକନୃତ୍ୟର ଆଙ୍ଗିକଶୈଳୀରୁ ଉଦ୍ଭୂତ ତାହା ଜଣାଯିବ।

ଛଉ, ଘୁମୁରା ଓ ଝୁମର ଏବେ ଏକ ଲୋକନୃତ୍ୟ ରୂପେ ସ୍ୱୀକୃତ ହେଲେବି ଏହାର ସଂରଚନାରେ ସଂପୃକ୍ତ ଏକ ଶାସ୍ତ୍ରୀୟ ମର୍ଯ୍ୟାଦା। ନୃତ୍ୟ ବିଶାରଦମାନେ ଓଡିଶାର ସମସ୍ତ ଅଞ୍ଚଳର ନୃତ୍ୟ ମାନଙ୍କ ମଧ୍ୟରେ ଥିବା ରୂପ ରଚନା ଗତ ସାଦୃଶ୍ୟ ବୈଶାଦୃଶ୍ୟର ଅନୁଧ୍ୟାନ କରି ଏହାର ଉତ୍ସ ସନ୍ଧାନ କରିବା ଆବଶ୍ୟକ। ଛଉର ଶାସ୍ତ୍ରୀୟତା ସମ୍ପର୍କରେ ସନ୍ଦେହ ନାହିଁ। କିନ୍ତୁ ତାକୁ ଏବେ ବି ଆମେ ଲୋକନୃତ୍ୟ ବୋଲି କହି ଆସୁଛୁ। ସେହିପରି ଘୁମୁରା ନୃତ୍ୟ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ନ ହେଲେବି ଶାସ୍ତ୍ରୀୟ ନୃତ୍ୟ ପ୍ରଭାବିତ। ଏବେ କଳାହାଣ୍ଡିର ଘୁମୁରା ସର୍ବତ୍ର ସମାଦୃତ କିନ୍ତୁ କଟକ, ଢେଙ୍କାନାଳ, କେଉଁଝର ପ୍ରଭୃତି ଅଞ୍ଚଳରେ ଘୁମୁରା ବିଭିନ୍ନ ଭାବେ ଦେଖାଯାଏ। କୋଣାର୍କର ନାଟ ମନ୍ଦିରରେ ଘୁମୁରା ଲୋକନୃତ୍ୟକାରୀର ମୂର୍ତ୍ତି ରହିଛି। ଏହାର ଧର୍ମୀୟ ଭିତ୍ତି ବି ରହିଛି। ଶାକ୍ତ ପରମ୍ପରା ସହିତ ଘୁମୁରା ନୃତ୍ୟର ଗଭୀର ସମ୍ପର୍କ।

ସେହିପରି ଲୋକବାଦ୍ୟଗୁଡିକର ଉତ୍ପତ୍ତି କାହାଣୀ ସାମାଜିକ ଧାର୍ମିକ ଓ ଆମୋଦ ପ୍ରମୋଦ ଉତ୍ସବ କାଳରେ ଭିନ୍ନ ଭିନ୍ନ ସୁର ଓ ତାଳର ବ୍ୟବହାର, ବିଭିନ୍ନ ସମ୍ପ୍ରଦାୟର ପ୍ରକାରଭେଦ ବାଦ୍ୟର ନିର୍ମାଣ ଏକ ସ୍ୱତନ୍ତ୍ର ଅଧ୍ୟୟନର ଅପେକ୍ଷା ରଖେ। ସମ୍ବଲପୁରୀ ଭାଷାରେ ନିର୍ମିତ 'ଭୁଖା' ଚଳଚିତ୍ର ପଶ୍ଚିମ ଓଡ଼ିଶାର ବଜନିଆ ସମ୍ପ୍ରଦାୟର ବାଦ୍ୟ ବଜାଇ ଜୀବନକୁ ବଞ୍ଚିବାର ସଫଳ ସମ୍ପର୍କୀୟ ଏକ ପ୍ରାମାଣିକ ଚଳଚିତ୍ର। ଏମାନଙ୍କ ଟସା, ଢୋଲ, ଢାବ, ମହୁରୀ, ଝାଞ୍ଜ ଓ ନିଶାଣର ସମବେତ ବାଦ୍ୟବୃନ୍ଦ ରହିଛି। ଦେବଦେବୀଙ୍କ ପାଇଁ ସ୍ୱତନ୍ତ୍ର ରାଗ ତାଳ ରହିଛି। ବିବାହର ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଭାବରେ ବାଦ୍ୟ ବଜାଇଥାନ୍ତି। ସମ୍ପ୍ରତି ମାନବ ବିଜ୍ଞାନୀମାନେ ଏହି ପ୍ରକାରିକ ବାଦ୍ୟକୁ ethromusicology କହନ୍ତି। ପ୍ରତ୍ୟେକ ସମ୍ପ୍ରଦାୟର ସଂସ୍କୃତି କିପରି ନିଜ ନିଜ ସାଙ୍ଗୀତିକ ବ୍ୟବହାର ମଧ୍ୟରେ ଅଭିବ୍ୟକ୍ତ ହୋଇଥାଏ – ତାହା ଏହି ଅଧ୍ୟୟନର ମୂଳକଥା। ଭାରତୀୟ ନାଟ୍ୟ ପରମ୍ପରାକୁ ଲୋକଧର୍ମୀ ଓ ନାଟ୍ୟ ଧର୍ମୀ ତଥା ବିଦଗ୍ଧବୃତ୍ତ ଓ ଲୋକବୃତ୍ତ ଭେଦରେ ଭରତ ମୁନିଙ୍କ କାଳରୁ ବିଭକ୍ତ କରାଯାଇଛି। ଓଡ଼ିଶାରେ ସଂସ୍କୃତ ନାଟକ ଲେଖୁଥିବା ନାଟ୍ୟକାରମାନେ ଲୋକ ନାଟ୍ୟକୁ ଗ୍ରାମ୍ୟ ଧର୍ମୀ ବୋଲି ସେଗୁଡ଼ିକୁ ତର୍କୀର ବିଷୟ ରୂପେ ଗ୍ରହଣ କରିନାହାନ୍ତି।

ନାଟ୍ୟ ଲୋକ ହେଉ ବା ବିଦଗ୍ଧ, ଏହା ପ୍ରଥମତଃ ଧର୍ମୀୟ ପରମ୍ପରା ଉତ୍ସବ ଅନୁଷ୍ଠାନ ସହ ସମ୍ପୃକ୍ତ। ଓଡ଼ିଶାର ପୁରାଣ ଓ ମହାକାବ୍ୟର ଆଖ୍ୟାୟିକାଗୁଡ଼ିକ ଲୋକ ନାଟ୍ୟର ଆଧିକ। କେତେ ଜଣ ଛାୟନାଟ୍ୟ ଓ କାବ୍ୟ ଭିତରେ କିଛି ପାର୍ଥକ୍ୟ ନାହିଁ।

ବସି ଜଣକଠାରୁ କାବ୍ୟ ଶୁଣି ଆମୋଦ ଲାଭ କରନ୍ତି ଓ ଏହି କାବ୍ୟ ଅଭିନେତାଙ୍କ ଦ୍ୱାରା ଲୋକ ମଞ୍ଚରେ ଅଭିନୀତ ହୁଏ । ପ୍ରଥମେ ଓଡ଼ିଶୀ ଲୋକ ନାଟ୍ୟରେ କେବଳ ଛାନ୍ଦହିଁ କାବ୍ୟମୟ ସଂଳାପ ରୂପେ ରହିଥିଲା । ଓଡ଼ିଶାରେ ଲୋକ ନାଟ୍ୟରେ ସଂଳାପ ଆସିବା ବେଶି ଦିନର ନୁହେଁ । ଏଣୁ ଓଡ଼ିଶାରେ ବୈଷ୍ଣବ ପାଣି, ଜଗନ୍ନାଥ ପାଣି ତଥା ସେମାନଙ୍କ ସମକାଳୀନ ନାଟ୍ୟକାରମାନଙ୍କ ପୂର୍ବରୁ ରଚିତ ଛାନ୍ଦନାଟ୍ୟ କାବ୍ୟ ଶୈଳୀର । ପଶ୍ଚିମ ଓଡ଼ିଶାରେ ବୈଷ୍ଣବ ପାଣିଙ୍କ ଯାତ୍ରା ପ୍ରସିଦ୍ଧ ହେବା ପୂର୍ବରୁ ଛାନ୍ଦନାଟ୍ୟ ହିଁ ଅଭିନୀତ ହେଉଥିଲା । ଏବେବି ଗ୍ରାମାଞ୍ଚଳରେ ନାଟ୍ ରୂପେ କୋରାପୁଟର ଦେଶିଆ ନାଟରେ ବସ୍ତର ଓ ଛତିଶଗଡ଼ ଅଞ୍ଚଳର ଲୋକନାଟ୍ୟରେ ସଂଳାପ ବିହୀନ ଛାନ୍ଦ ଗାଇ ଗାଇ ଅଭିନେତାଗଣ ଅଭିନୟ କରିଥାନ୍ତି । ଏଥିରେ ପାତ୍ରର ନିଜସ୍ୱ ଗୀତିମୟ ସଂଳାପରେ ନିଜର ରୂପଗୁଣ ବର୍ଣ୍ଣନା, ଚରିତ୍ରାଭିମୁଖୀ ବାଦ୍ୟ ରଚନା, ସମସ୍ତ ଚରିତ୍ର ଏକତ୍ର ମଞ୍ଚରେ ଉପସ୍ଥିତ ହୋଇ ନିଜ ନିଜର ପ୍ରସଙ୍ଗ ଅନୁରୂପ ଅଭିନୟ କରିବା କେତେକ ସ୍ଥଳରେ ଗାୟକର ନେପଥ୍ୟ ଗୀତ ସହିତ ମଞ୍ଚରେ ଅଭିନେତା ଅଭିନୟ କରିବା ପରମ୍ପରା ନିହିତ ।

ଓଡ଼ିଶାର ଲୋକ ନାଟ୍ୟ କହିଲେ ମୁଖ୍ୟତଃ ଶାରଳା ମହାଭାରତର ଆଖ୍ୟାୟିକା, ବିଶୀରାମାୟଣ, ଲକ୍ଷ୍ମୀପୁରାଣ ସୁଆଙ୍ଗ, ଭାରତଲୀଳା, ରାମଲୀଳା, ଶ୍ରୀକୃଷ୍ଣଲୀଳା, ଅଲେଖ ଲୀଳା ତଥା ବଧ, ହରଣ, ଚରିତ, ବିବାହ ପ୍ରଭୃତିକୁ ବୁଝାଏ । ପର୍ବପର୍ବାଣୀରେ ଓ ଧର୍ମୀୟ ଉତ୍ସବ ଅନୁଷ୍ଠାନାଦିରେ ଏହାର ଅନିବାର୍ଯ୍ୟତା ରହିଛି । ଶାସ୍ତ୍ରୀୟ ଚରିତ୍ର ଓ ଘଟଣାସବୁ ଲୋକମାନସରେ ଚିରସଜୀବ ରହିବା ପଛରେ ଲୋକ ନାଟ୍ୟର ଦୃଶ୍ୟ ଶ୍ରାବ୍ୟ ମାଧ୍ୟମର ଗୁରୁତ୍ୱ ରହିଛି । ଐଶ୍ୱରୀୟ ଚରିତ୍ରର ଲୌକିକୀ କରଣ ହୋଇଥାଏ ଲୋକ ନାଟ୍ୟରେ । ଆଞ୍ଚଳିକ ସଂସ୍କୃତିର ଶଙ୍କୁ ଓ ସଙ୍କେତ ଲୋକ ନାଟ୍ୟରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥାଏ । ସାଂସ୍କୃତିକ ରୂପାନ୍ତରଣ ସହିତ ମାନବର ଆଧାର ଚେତନାର ଭାବ ଲୋକ ନାଟ୍ୟରେ ସଂରଚିତ । ଦୈବିକ ଚରିତ୍ରମାନଙ୍କର ମାନବୀୟ ଦୋଷ ଗୁଣ ସମ୍ପନ୍ନ ସ୍ୱାଭାବିକ ଆତ୍ମପ୍ରକାଶରେ କେବଳ ନୈତିକତା ଓ ମନୋରଞ୍ଜନର ସାମଗ୍ରୀଟିଏ ହୋଇ ଲୋକନାଟ୍ୟ ଦେଖାଦିଏ ନାହିଁ ବରଂ ଲୋକ ସମାଜର ନିୟନ୍ତ୍ରଣରେ ସାମୂହିକ ଚେତନାରେ ତଥା ବ୍ୟକ୍ତି ସ୍ମୃତିରେ ଗଭୀର ରେଖାପାତ କରେ । ଏହା ମହାଭାରତୀୟ ଭାବନା ଦ୍ୱାରା ସମସ୍ତଙ୍କୁ ଉଦ୍‌ବୁଦ୍ଧ କରେ ।

ଓଡ଼ିଶାର ଗ୍ରାମାଞ୍ଚଳରେ ଶ୍ରୀରାମଲୀଳା ଓ ଶ୍ରୀକୃଷ୍ଣଲୀଳାର ଆଦୃତି ସର୍ବାଧିକ । ଶ୍ରୀକୃଷ୍ଣଲୀଳା ଏକ ଧର୍ମାନୁଷ୍ଠାନ, ନାଟ୍ୟାଭିନୟ ଏହାର ମୁଖ୍ୟ ଆଙ୍ଗିକ । କେବଳ ଧର୍ମାନୁଷ୍ଠାନକୁ ବାଦ୍ ଦେଇ ଯଦି ଶ୍ରୀକୃଷ୍ଣଲୀଳାର ଆତ୍ମିକର ବିଶ୍ଳେଷଣ କରାଯାଏ ତେବେ ଏଥି ମଧ୍ୟରେ ଗୋଟିଏ ଅଞ୍ଚଳର ଲୋକ ସଂସ୍କୃତିର ବାସ୍ତବ ଚିତ୍ର ସଂଗୋପିତ ହୋଇ ରହିଛି ବୋଲି ଜଣାଯାଏ । ପୁରୀର ଗ୍ରାମାଞ୍ଚଳରେ ପ୍ରଚଳିତ ଶ୍ରୀକୃଷ୍ଣଲୀଳାରେ ଗ୍ରାମୀଣ ଲୋକ ସଂସ୍କୃତିର ଚିତ୍ର ସୁଲଭ ।

ଲୋକନାଟ୍ୟରେ ଲୋକଙ୍କର ସୁଖ ଦୁଃଖର କଳାତ୍ମକ ପ୍ରକାଶ ହୋଇଥାଏ । ଅତୀତ ସହିତ ବର୍ତ୍ତମାନର ସଂଯୋଗ ତଥା ନାଟକରେ କାଳହୀନତା ପରୀକ୍ଷା ଧର୍ମୀ/ ପ୍ରୟୋଗ ଧର୍ମୀ/ ଆବସର୍ଡ ନାଟକରେ ଏବେ ପ୍ରୟୋଗ କରାଯାଉଛି । କିନ୍ତୁ ଲୋକନାଟ୍ୟରେ ପୌରାଣିକ କଥାବସ୍ତୁ ମଧ୍ୟରେ ଦୁଆରୀ ମାଧ୍ୟମରେ ସାମ୍ପ୍ରତିକ ଯୁଗର ନିର୍ବାଚନ ପ୍ରସ୍ତୁତ, ଚିନି କିରୋସିନିରେ ଦରଦାମ୍ ବୃଦ୍ଧି, ଜନ୍ମ ନିୟନ୍ତ୍ରଣ, ଯୁଦ୍ଧ କିମ୍ବା ଜାତୀୟ ସମସ୍ୟାର ଚିତ୍ର ଦୁର୍ଲଭ ନୁହେଁ । ଏହା ଏକ ସମନ୍ୱୟରେ ଅତୀତ ଓ ବର୍ତ୍ତମାନର ଅନୁଭବକୁ ପ୍ରତ୍ୟକ୍ଷ କରାଇଥାଏ ।

ଲୋକଙ୍କର ସାମୂହିକ ଅଂଶ ଗ୍ରହଣ ଲୋକନାଟ୍ୟର ମୁଖ୍ୟ ବିଷୟ । ଲୀଳାଭିନୟରେ ଗ୍ରାମର ସମସ୍ତଙ୍କର କିଛିନା କିଛି ଭୂମିକା ରହିଥାଏ । ପ୍ରତ୍ୟେକେ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ କରନ୍ତି । ମଞ୍ଚନିର୍ମାଣ, ପୋଷାକ ପ୍ରସ୍ତୁତି, ଖାଦ୍ୟ ଯୋଗାଣ, ପୂଜା ସାମଗ୍ରୀ, ଅଭିନେତାଙ୍କୁ ଆତିଥ୍ୟ ଦେବା, ରଥତିଆରି, କଳସଯାତ୍ରା ପ୍ରଭୃତିରେ ଗ୍ରାମର ସମସ୍ତଙ୍କର ନିଜ ନିଜ ଭୂମିକା ରହିଥାଏ । ଏହା ଗ୍ରାମୀଣ ସଂହତିର ଦ୍ୟୋତକ ତଥା ସମାଜରେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶର ସହାୟକ ।

ଓଡ଼ିଆ ଲୋକ ସଂସ୍କୃତିର ବହୁବର୍ଣ୍ଣୀ ରୂପ–ବିଭାବ ପରସ୍ପର ସହିତ ଏକ ଜାଲିକାମ ଦ୍ୱାରା ଅନୁବନ୍ଧିତ । ଓଡ଼ିଆ ଲୋକସଂସ୍କୃତିର ଏକ ସାର୍ବିକ ଅଧ୍ୟୟନ କରିବାକୁ ହେଲେ ଓଡ଼ିଶାର ବିଭିନ୍ନ ଉପ–ଆଞ୍ଚଳିକ ସଂସ୍କୃତିଗୁଡ଼ିକର କ୍ଷେତ୍ର ଅଧ୍ୟୟନ ଦରକାର । ଏହି ସଂସ୍କୃତି ଶହ ଶହ ବର୍ଷର ଫଳଶ୍ରୁତି । ଲୋକଙ୍କ ସହ ଗଭୀର ସମ୍ପୃକ୍ତି ସହ ଶାସ୍ତ୍ର ସହ ଗଭୀର ଅବଗାହନ, ଓଡ଼ିଆ ଭୂମିପ୍ରତି ସଶ୍ରଦ୍ଧ ଦୃଷ୍ଟିରଖି ସାଧନା କଲେ ଆମେ ଓଡ଼ିଆ ମାଟିର ଚେରରୁ ଆହରିତ ସଂସ୍କୃତି ବୃକ୍ଷର ଫୁଲ ଫଳରେ ଆମେ ମାନବ ଆସାର ବନ୍ଦନା କରିପାରିବା । ନିଜ ସଂସ୍କୃତିର ଶାଶ୍ୱତ ମୂଲ୍ୟବୋଧ ଗୁଡ଼ିକୁ ଭବିଷ୍ୟତରେ 'ଆହ୍ୱାନ' ଗୁଡ଼ିକ ମଧ୍ୟରେ ଆତ୍ମୀକରଣ କରାଇ ଆମେ ଓଡ଼ିଆ ଜୀବନ ଓ ସଂସ୍କୃତିର ସମ୍ଭାବନା କରିପାରିବା ।

---

**ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର,**
**ଜନଶିକ୍ଷା ଭବନ, ଭୁବନେଶ୍ୱର–୧**






ଭୁବନେଶ୍ୱର ଶିଶୁପାର୍କଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପ୍ରଦୀପ ଜାଳି ଜାତୀୟ ସଂହତି ମେଳା ଉଦ୍‌ଘାଟନ କରୁଛନ୍ତି ।




ସୂଚନା ଭବନଠାରେ ଅନୁଷ୍ଠିତ ଏକ ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର, ବସ୍ତ୍ରଶିଳ୍ପ ମନ୍ତ୍ରୀ ଶ୍ରୀ ମୁସ୍ତାଫିଜ୍ ଅହମଦ୍ ଓ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ କାଳିକୁମାର ରଥ ଜାତୀୟ ସଂହତି ଶପଥ ପାଠ କରୁଛନ୍ତି (୧୯/୧୧) ।



ସୂଚନା ଭବନଠାରେ ସୂଚନା ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବିର୍ଶାମୁଣ୍ଡା ଜୟନ୍ତୀ ଉତ୍ସବରେ ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମଙ୍ଗଳା କିସାନଙ୍କ ଉଦ୍‌ବୋଧନ (୧୫/୧୧) ।




ଭୁବନେଶ୍ୱର ଏକାମ୍ରନିବାସଠାରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ୯୪ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ଅଭିଭାଷଣ ଦେଉଛନ୍ତି (୨/୧୧)।




ପଣ୍ଡିତ ନୀଳକଣ୍ଠ ଦାସଙ୍କ ମୃତ୍ୟୁ ବାର୍ଷିକ ପାଳନ ଅବସରରେ ବିଧାନ ସଭା ପରିସର ମଧ୍ୟରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ଓ ବିଧାନ ସଭାର ସଦସ୍ୟବୃନ୍ଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି (୬/୧୧)।

# ଶ୍ରୀ ହାଡ଼ିଦାସ ଓ "ଭାବନା ବର"

● ଶ୍ରୀ କନ୍ଦରାମ ଦାସ

ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ଉତ୍କଳୀୟ ବୈଷ୍ଣବ ଧର୍ମର ପ୍ରାଣ ପ୍ରତିଷ୍ଠାତା ଉତ୍କଳୀୟ ପଞ୍ଚସଖା—ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ବଳରାମ ଓ ଜଗନ୍ନାଥ ଏହି ପଞ୍ଚ ମହାପୁରୁଷ ଗୋଟିଏ ଆଧ୍ୟାତ୍ମିକ ବୃକ୍ଷର ପାଞ୍ଚଗୋଟି ଶାଖା ଭାବରେ ଆବିର୍ଭାବ ହୋଇ ଯେଉଁ ଆଧ୍ୟାତ୍ମିକ ଜ୍ଞାନର ଉତ୍କର୍ଷତା ପ୍ରତିପାଦନ କରି ଯାଇଥିଲେ ତାଙ୍କରି ଦାୟାଦ ଭାବରେ ଆବିର୍ଭାବ ହୋଇଥିଲେ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ନୀରବ ସାଧକ ଶ୍ରେଷ୍ଠ—ଦୀନ କବି ଶ୍ରୀ ହାଡ଼ିଦାସ ।

ଏହି ମହାତ୍ମା ଜନ୍ମ ନେଇଥିଲେ କଟକ ଜିଲ୍ଲାର ଛତିଆବଟ ନିକଟବର୍ତ୍ତୀ 'ଚମ୍ପାନଗ୍ରା' ବା ଚମ୍ପାପୁରଗ୍ରାମର ଏକ ଅଖ୍ୟାତ କମାର ପରିବାରମଧ୍ୟରେ । ଶାଳ କରି ଜୀବିକା ନିର୍ବାହ କରିବା ଥିଲା ତାଙ୍କର ମୌଳିକ ପନ୍ଥା । କିନ୍ତୁ ଦାରିଦ୍ର୍ୟର ନିର୍ମମ କଶାଘାତରେ ପ୍ରପୀଡ଼ିତ ଜୀବନ ଯନ୍ତ୍ରଣାକୁ ଭ୍ରୂକ୍ଷେପ ନକରି ମାତ୍ର ଚଉଦ ବର୍ଷ ବୟସରେ ଜନ୍ମସ୍ଥାନ ପରିତ୍ୟାଗ କରି ଏକ ଲଣ୍ଡା ପାହାଡ଼ର ବଟ ବୃକ୍ଷମୂଳେ କୁଟିର ସ୍ଥାପନ କରି ସପରିବାର ଆଶ୍ରୟ ନେଇଥିଲେ । ସେହି ବଟ ମୂଳଥିଲା ତାଙ୍କ ଜୀବନର ଧର୍ମ—କର୍ମ ଓ ସାଧନା ପୀଠ । ଯେଉଁ ପୀଠ ଆଜି "ଛତିଆବଟ" ନାମରେ ପ୍ରସିଦ୍ଧି ଲାଭ କରି ଏକ ତୀର୍ଥ ସ୍ଥାନରେ ପରିଣତ ହୋଇଛି ।

ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ଭବିଷ୍ୟ ବାଣୀରେ ଲେଖିଛନ୍ତି —

ଚମ୍ପାନଗ୍ରାଠାରେ ଜନମ ହୋଇଣ ଅମରାରି ପୁରେ ବାସ ।
ଶାଳକରି ନିତି ଫାଳ ପଜାଇବି ନାମ ବହି ହାଡ଼ିଦାସ ॥

ଏହି ପଞ୍ଚସଖା ମହାପୁରୁଷ ଗଣଥିଲେ ସ୍ରଷ୍ଟା, ଦିବ୍ୟଦ୍ରଷ୍ଟା ଓ ଭବିଷ୍ୟତବକ୍ତା । ଏମାନେ ଜାତସ୍ମର ଭାବରେ ନିଜର ପରିଚୟ ପ୍ରଦାନ କରିଛନ୍ତି । ନିଜ ଆତ୍ମାଭିତରେ ବିଶ୍ୱାତ୍ମାକୁ ଉପଲବ୍ଧି କରିଛନ୍ତି । ଏମାନଙ୍କର ଭବିଷ୍ୟତ ବାଣୀ ମାଳିକା ଗ୍ରନ୍ଥ ନାମରେ ପରିଚିତ । ସରଳ ନିରାଡ଼ମ୍ବର ଜୀବନ ମଧ୍ୟରେ ସାଧନା ଥିଲା ତାଙ୍କର ଅନନ୍ୟସାଧାରଣ । ଏହିମାନେ ବ୍ୟକ୍ତିବାଦର ଊର୍ଦ୍ଧ୍ୱରେ ରହି "ଜୀବ କୁ ଶିବ" ଭାବରେ ପ୍ରତିପାଦିତ କରି ପାରିଥିଲେ । ସାଂଖ୍ୟମତର ଦ୍ୱୈତ ବାଦକୁ ଗ୍ରହଣ କରି ଏମାନେ ଥିଲେ ଶ୍ରୀଜଗନ୍ନାଥ ସଂସ୍କୃତିର ରକ୍ଷକ ଓ ଉପାସକ । ମହାପୁରୁଷ ବଳରାମଙ୍କ ଭାଷାରେ—

ଜଗତ ନାଥ ଷୋଳ କଳା
ତହୁଁ କଳାଏ ନନ୍ଦବଳା,
କଳାକୁ ଷୋଳ କଳାକରି
ଗୋପେ ବିହରେ ନରହରି ।
(ବୋଲୁବ୍ରହ୍ମ ଗୀତା)

ଜଗତର ନାଥ ଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମଭାବରେ ସ୍ୱୀକାର କରି ଗୋପପୁରରେ ଜନ୍ମ ନେଇଥିବା ଶ୍ରୀକୃଷ୍ଣଙ୍କୁ ତାଙ୍କର ଅଂଶ ବିଶେଷ ଭାବରେ ପ୍ରତିପାଦନ କରିଛନ୍ତି । ଏହି ମହାପୁରୁଷଗଣ ଶ୍ରୀଜଗନ୍ନାଥ ସଂସ୍କୃତିର ପୃଷ୍ଠପୋଷକ ଥାଇ ନିଜଭିତରେ ବ୍ରହ୍ମରୂପି ଜଗନ୍ନାଥଙ୍କୁ ସଦାସର୍ବଦା ସଂଦର୍ଶନ କରୁଥିଲେ । ପୂର୍ଣ୍ଣ ବ୍ରହ୍ମ ଜଗନ୍ନାଥ ଥିଲେ ଏମାନଙ୍କର ଉପାସ୍ୟ ଦେବତା । ଅଚ୍ୟୁତାନନ୍ଦଙ୍କ ଭାଷାରେ—

ମୁହି ଦୀନହୀନ କରଇ ଜଣାଣ ଆହେ ପ୍ରଭୁ
ଚକାଡୋଳା ।
ଚଉଦ ରୂପରେ ଶ୍ରୀନୀଳାଚଳରେ କରୁଅଛ ନାଥ
ଖେଳା ॥
(ଶୂନ୍ୟ ସଂହିତା)

କିନ୍ତୁ ଛତିଆବଟର ଏକନିଷ୍ଠ—ସାଧକ ଶ୍ରେଷ୍ଠ ଶ୍ରୀ ହାଡ଼ିଦାସଙ୍କ ରଚିତ ଅନେକ ଗ୍ରନ୍ଥ ମଧ୍ୟରୁ 'ଭାବନାବର' ଏକ କ୍ଷୁଦ୍ର ପୁସ୍ତକ ହେଲେହେଁ ଏଥିରେ ତାଙ୍କ ସରଳ ହୃଦୟର ଭକ୍ତିମତ୍ତାର ନିଦର୍ଶନ ସୂଚିତ ହୁଏ । ତାଙ୍କ ନିଷ୍କପଟ ହୃଦୟର ଆକୁଳ ନିବେଦନ ଏଥିରେ ପ୍ରଚ୍ଛନ୍ନ ଭାବରେ ସନ୍ନିବେଶିତ ହୋଇଛି । ନୀରବ ନିଃସଙ୍ଗ ବଟମୂଳରେ ବସି ତାଙ୍କ ଏକାଗ୍ରଚିତ୍ତର ଭାବନା ସମ୍ପ୍ରସାରିତ ହୋଇଛି ଜଗତର ନାଥ ଜଗନ୍ନାଥଙ୍କ ନିକଟକୁ । ତାଙ୍କ ଭାବନାବର "ପ୍ରଥମବୋଲିରେ" କବି ଗାଇ ଉଠିଛନ୍ତି—

ଅନନ୍ତ ସିନ୍ଧୁ ଯେ ପ୍ରଭୁଙ୍କୁ କହନ୍ତି ଶୁଣହେ ନିଳାଦ୍ରୀବର ।
ଭକତ ତୋତେ ଅବା କିସ କହିବ ଚରଣେ ସେବୁ ତାଙ୍କର ॥
ଏବେ ପ୍ରଭୁହୋଇ କେଉଁ ସୁଖ ପାଇଁ ତେଜିଲ
ବୈକୁଣ୍ଠ ସୁଖ ।
କେଉଁ ନିଧି ତହିଁ ପୁରାଇ ଅଛୁକି ସହୁଥାଉ ବସି ସୁଖ ॥
(ଭାବନା ବର)

ଅନନ୍ତ ମହିମାର ମହିମାନ୍ୱିତ ଶିଶୁ ଭାବରେ ନିଜକୁ ପ୍ରକଟିତ କରି ନିଳାଦ୍ରୀ କନ୍ଦରାନନ୍ଦ ଶ୍ରୀ ପୁରୁଷୋତ୍ତମଙ୍କ ଭକ୍ତ ଭାବରେ ନିଜକୁ ପରିଚୟ ପ୍ରଦାନ କରିଛନ୍ତି । ବୈକୁଣ୍ଠ ବିହାରୀ ଜଗନ୍ନାଥ ଭକ୍ତମନ ବାଞ୍ଛା କଳ୍ପତରୁ ସ୍ୱରୂପ ଭକ୍ତଜନର ଶ୍ରୀମୁଖ ଦର୍ଶନ ପାଇଁ ନିଳାଚଳବାସୀ ହୋଇଥିବାରୁ ଭକ୍ତ ହୃଦୟରେ ସ୍ୱାଭିମାନ ପ୍ରକଟିତ ହୋଇଛି । ଯେତେବେଳେ ବିଷୟ ଜଞ୍ଜାଳପୂର୍ଣ୍ଣ ଆବିଳତାରେ ଭକ୍ତପ୍ରାଣ ନିଷ୍ପେଷିତ ହୋଇଯାଏ–ସେତେବେଳେ କାତର କଣ୍ଠରେ ଭକ୍ତପ୍ରାଣ ବ୍ୟାକୁଳ ହୋଇ ଉଠେ । ସେ ଭଗବାନଙ୍କୁ ପଚାରେ–କାହିଁକି ତୁମେ ବୈକୁଣ୍ଠ ସୁଖ ତ୍ୟାଗକରି ଏହି ଦୁଃଖ ପୂର୍ଣ୍ଣ ଦୁନିଆଁରେ ଭକ୍ତମାନଙ୍କର ସେବା କରିବାକୁ ତତ୍ପର ହୁଅ ପ୍ରଭୁ? କେଉଁ ସମ୍ପଦରେ ଭରା ଭକ୍ତମାନଙ୍କର ଶ୍ରୀମୁଖକୁ ସର୍ବଦା ଶୁହିଁବସିଛ ? ଭକ୍ତଗଣଙ୍କ ହୃଦୟରେ କେଉଁ ସମ୍ପଦ ଭରି ରହିଛି ଯେ ତୁମେ ତାଙ୍କୁ ତ୍ୟାଗ କରିପାରୁ ନାହଁ ? ତୁମେ ପୁଣି ଭକ୍ତର ଜୀବ ଜୀବନ ଓ ଭକ୍ତର ଅଧୀନ । ଭକ୍ତ ତୁମକୁ ଡାକୁ ବା ନଡାକୁ ଖୋଜୁ ବା ନଖୋଜୁ ତୁମେ କିନ୍ତୁ ଭକ୍ତର ହିତ ପାଇଁ ସର୍ବଦା କାର୍ଯ୍ୟ କରୁଥାଅ । ଭକ୍ତ ତୁମକୁ ନଦେଖିଲେ ନକାନ୍ଦୁପଛେ ତୁମେ କିନ୍ତୁ ଭକ୍ତଙ୍କୁ ଦର୍ଶନ ନକଲେ କାନ୍ଦୁ ଥାଅ । ଭକ୍ତର ମନବାଞ୍ଛା ପୂର୍ଣ୍ଣ କରିବାକୁ ତୁମେ ଶତତ ବ୍ୟାକୁଳିତ । ପତିତପାବନ ବାନା ତୁମର ସର୍ବଦା ପତିତମାନଙ୍କ ପାଇଁ ଜାଗ୍ରତ ।

ଭକ୍ତ ସରୋବର ତୁ ତହିଁରେ ମୀନ ଅନ୍ୟ
ନଜାଣନ୍ତି କେହି ।
ତୁହି ତାହାଜାଣୁ ସର୍ବ ପରିଣୀଣୁ ନମସ୍ତେ
ହେ ଭାବଗ୍ରାହୀ ॥

(ଭା:ବ:)

ହେଭାବ ବିନୋଦିଆ ଠାକୁର ତୁମେ ଭକ୍ତଙ୍କୁ କ୍ଷଣେ ମାତ୍ର ଛାଡ଼ି ବଞ୍ଚିପାରିବ ନାହିଁ ।

"ତୁତ ଅଟୁ ବୃକ୍ଷ ଭକତ ଯେ ପ୍ରତ୍ୟେକ୍ଷ ସାକ୍ଷାତେ ତୋହର ଦେହି ।
ତହିଁ ଯେତେ କରି କରାଉଣ ଥାଉ ସର୍ବ ତୁହିଁ ଭାବଗ୍ରାହୀ" ।

(ଭା:ବ:)

ତୁମେ ସର୍ବଦା କଳ୍ପବୃକ୍ଷ ସ୍ୱରୂପ ବିରାଜମାନକରି ଭକ୍ତଗଣଙ୍କ ହୃଦୟ କନ୍ଦରରେ ବସାବାନ୍ଧି ରହିଥାଅ । କବି ଜଗନ୍ନାଥଙ୍କ ଭାଷାରେ–

କରି କରାଉ ଥାଏ ମୁହିଁ
ଅନ୍ତରେ ସାକ୍ଷୀ ରୂପେ ରହି ।

ତୁମେ ସକଳ ଘଟରେ ଅନ୍ତର୍ଯ୍ୟାମୀ ରୂପେ ବିରାଜମାନ କରି ସର୍ବ ଜୀବନକୁ ପରିଚାଳନା କରୁଛ, ତୁମେ ସୃଷ୍ଟି ସ୍ଥିତି ବିଳୟର କର୍ତ୍ତା, ତୁମେ ଆଦି ମଧ୍ୟ ଅନ୍ତ୍ୟର ଉଦ୍‌ଘୋଷକ । ତୁମେ ଦୁଃଖ–ସୁଖ, ହସ–କାନ୍ଦ, ଭଲ–ମନ୍ଦର ସ୍ରଷ୍ଟା । କନ୍ଧକବି ଭୀମ ଭୋଇଙ୍କ ଭାଷାରେ–

ସମ୍ପତ୍ତି–ବିପତ୍ତି ମୁକତି–ଦୁର୍ଗତି ଭିଆଣ କରିଛ ଯୋଡ଼ି,
ଦୁଃଖଭାର ଆଉ କେ ତୁମ୍ଭ ବହିବ ପାଦ ତଳେ
ଥାଉ ପଡ଼ି ।

(ସ୍ତୁତିଚିନ୍ତାମଣୀ)

ଦୀନକବି ହାଡ଼ିଦାସ ଦୁଃଖ ଯନ୍ତ୍ରଣାରେ କାତର ହୋଇ ନାହାନ୍ତି । ତାଙ୍କ ହୃଦୟର ଆରାଧ୍ୟ ଦେବତା ଜୀବନସ୍ୱାମୀ ନିଳାଦ୍ରୀନାଥଙ୍କ ନିକଟରେ ସମସ୍ତ ଦୁଃଖ ଯନ୍ତ୍ରଣାକୁ ସମର୍ପଣ କରିଦେଇ ମୁକ୍ତ କଣ୍ଠରେ ଗାଇ ଉଠିଛନ୍ତି–

ମୁଁ ସିନା ତୁମ୍ଭର କିଣାପରିସ୍ତର
ନୋହିବାକ ମୋତେ ରୋଷି ।
ଚରଣେ ପିଙ୍ଗିଲେ କାରଣ ନିମନ୍ତେ
ବଳେ ପଶୁଥିବି ଆସି ॥

(ଭାବନାବଳୀ)

ମୁଁସିନା ତୁମ୍ଭଙ୍କୁ ଚିହ୍ନିଲିହେ ନାଥ
ତୁମ୍ଭେ ଚିହ୍ନି ନାହିଁ ମୋତେ ।
ତୁମ୍ଭେ ଚିହ୍ନଯେବେ ମହିମା ପ୍ରକାଶ
କେଅବା ନଯାଉ ପ୍ରତେ ॥

(ଭା:ବ:)

ଭକ୍ତ କବି ନିଜର ଦୁଃଖ ଦୈନ୍ୟତା ମଧ୍ୟରେ ନିଜକୁ ହଜାଇଦେଇ ନାହାନ୍ତି, ସେ ଏକନିଷ୍ଠ–ଏକଲବ୍ୟ ଭଳି ତାଙ୍କ ଭକ୍ତି ମଧ୍ୟର ବ୍ୟକ୍ତିତ୍ୱ ବିଳାପ କରି ଉଠିଛି । ସେ ଦୃଢ଼ ବିଶ୍ୱାସ ସ୍ଥାପନ କରିଛନ୍ତି ତାଙ୍କ ଉପାସ୍ୟ ଠାକୁରଙ୍କ ନିକଟରେ । ପ୍ରଭୁର ମହିମା ପ୍ରକଟିତ ହେବା ପାଇଁ ପ୍ରାର୍ଥନା କରିଛନ୍ତି ।

ଚମ୍ପାପୁର ଗ୍ରାମେ ଜନମ ହୋଇଣ ଛତିଆ ରହିଲି ଆସି ।
ଏଠାରେ ଯେତେ ଲଘୁ କରିଅଛି ଜାଣତ କରୁଣାରାଶି ॥

(ଭା:ବ:)

ସେତ ମୋ ଉତ୍ତମ ପୁରୁଷୋତ୍ତମ
ତୋ ସୁଖ ହେଲାକି ଦେଖ ।
ମୁଁତ ଭଜିବାକୁ ଭାଜନ ନୁହିଁଇ
ତୁ ଏବେ ମୋତେ ନିରେଖ ॥

(ଭା:ବ:)

ଦୀନକବି ହାଡ଼ିଦାସ ନିଜକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରି ଦୃଢ଼ କଣ୍ଠରେ ଘୋଷଣା କରିଛନ୍ତି, ତୁମେ ମୋତେ ଆଉଠକି ଦେଇ ପାରିବନି ପ୍ରଭୁ, ମୁଁ ଠିକ୍ ତୁମର ସନ୍ଧାନ ପାଇଛି । ତୁମେ ମୋର ପୁରୁଷଉତ୍ତମ ସ୍ୱାମୀ, ତୁମେ ମୋଠାରୁ ଦୂରେଇ ଯାଇପାରିବ ନାହିଁ । ଏହି ବ୍ୟାଧିଗ୍ରସ୍ତ ଶରୀରକୁ ନେଇ ମୁଁ ତୁମର ସେବା କରିବାକୁ ଅକ୍ଷମ ହୋଇଥିଲେ ସୁଦ୍ଧା ତୁମେ ମୋଠାରୁ ଦୂରେଇ ଯାଇପାରିବ ନାହିଁ । ତୁମ କରୁଣା ନେତ୍ରରେ ମୋତେ ଥରେ ନିରେଖି ଚାହିଁ ପ୍ରଭୁ । ତୁମେ ପରା ଅନାଥର ନାଥ, ଦୀନଜନର ବନ୍ଧୁ, ତୁମବିନା ମୋର ଆଉ କେହି ସାହା ଭରସା ନାହିଁ । ସାଧକଶ୍ରେଷ୍ଠ ହାଡ଼ିଦାସ ବିଷୟୀ ଜଞ୍ଜାଳର ଦୁଃଖ ଯନ୍ତ୍ରଣାକୁ ଲୁଚାଇ ନାହାନ୍ତି । ତାଙ୍କ ସରଳ ହୃଦୟର ନିଷ୍କପଟ ଅଭିବ୍ୟକ୍ତିକୁ ପ୍ରକାଶ କରିଛନ୍ତି ନିଜ ଭାବୋଦ୍ଦୀପକ ଭାଷାରେ–

କାହାକୁ ମୋଦୁଃଖ କହିବିହେ ନାଥ
କେଅଛି ତୁମ୍ଭ ବାହାରେ ।
ଥିଲାକୁ କହିଲି ଗଲେମୁହିଁ ହେଲି
ବୁଝିଥାଅ ଯ୍ୟା ଚିତ୍ତରେ ॥

(ଭା:ବ:)

ଜୀବନଜିଜ୍ଞାସାର ଉତ୍ତୁଙ୍ଗ ଶିଖରରେ ପଦାର୍ପଣ କରି ଦୀନ କବି ହାଡ଼ିଦାସ ପ୍ରଭୁଙ୍କ ସହିତ ସଂଗ୍ରାମ କରିବାକୁ ପ୍ରସ୍ତୁତ ହୋଇଛନ୍ତି । ତାଙ୍କ ଭକ୍ତିମତ୍ତା ନିଦର୍ଶନର ପଟାନ୍ତର ନାହିଁ । ତୁମ ବୈଚିତ୍ର ପୂର୍ଣ୍ଣ ସୃଷ୍ଟିରେ ସାମ୍ୟଭାବର ଅଭାବ କାହିଁକି ପ୍ରଭୁ ? ସମଗ୍ର ବିଶ୍ୱର ପାଳକ, ପୋଷକ, ନିୟାମକ ଭାବରେ ସେ ଅଭିଯୋଗ କରିଛନ୍ତି । ତୁମ ସୃଷ୍ଟିକୁ କଳଙ୍କିତ କରନାହିଁ ପ୍ରଭୁ, ଭକ୍ତମାନଙ୍କୁ ମାୟାଛନ୍ନ କରି ତୁମେ କ'ଣ ଯଶ ଅର୍ଜନ କରିପାରିବ ? ତୁମର ଆଦେଶ ଓ ନିର୍ଦ୍ଦେଶରେ ମୋଜୀବନ ପରିଚାଳିତ ହେଉଥିବାରୁ ମୁଁ ତୁମ ନିକଟରେ ହେୟ କି ଘୃଣ୍ୟ ନୁହେଁ । କେବଳ ମୁଁ ତୁମର ଦାସ୍ୟାଦ ଭାବରେ ମୋଅଧିକାରକୁ ସାବ୍ୟସ୍ତ କରୁଛି ମାତ୍ର । ଭକ୍ତକବି ରାମଦାସଙ୍କ ଭାଷାରେ–

ତୁମ୍ଭକୁ ନାହିଁ ମୋର ଡ଼ର,
ମୋ ପ୍ରଭୁ ବଳେ ବଳିୟାର ।

ମୁଁ ତୁମରି ସନ୍ତାନ ହୋଇ ତୁମରି ଆଦର୍ଶରେ ଅନୁପ୍ରାଣିତ ହୋଇ ତୁମରି ଚିନ୍ତା ଚେତନାକୁ ପାଥେୟକରି ଏହି ଜୀବନ ନୌକାଟି ଭାସି ଭାସି ଚାଲିଛି ତୁମରି ଉଦ୍ଦେଶ୍ୟରେ । ମୁଁ ଦୃଢ଼ କଣ୍ଠରେ ଘୋଷଣା କରୁଛି ଯେ ତୁମେ ଏହାର ଗତିରୋଧ କରିପାରିବ ନାହିଁ ।

ତୁମ୍ଭେ ପରା ପ୍ରଭୁ ଅଣବାବୁଆ ହେ
ମୁଁ ପରା ତୁମ୍ଭର ପୁଅ ।
ମୋର ପିତା ନାମ ଶ୍ରୀପୁରୁଷୋତ୍ତମ
ତୁମ୍ଭ ପିତା କିସ କହ ।
ତୁମ୍ଭର କେ ଅଛି ତୁମ୍ଭେ ଡ଼ାକ ଦେଖି
ମୁଁ ଡ଼ାକିବି ମୋ ପ୍ରଭୁଙ୍କୁ ।
ତେବେ ସିନା କଥା ଯୁଗେ ଯୁଗେ ଥିବ
ଜଗତରେ ଶୁଣିବାକୁ ॥
(ଭାବନାବର)

ହେ ପ୍ରଭୁ, ତୁମ ସୃଷ୍ଟିର ଅନ୍ତରାଳରେ କେଉଁ ଲୀଳାର ସମ୍ଭାର ରହିଛି ତାହା ମଧ୍ୟ ରହସ୍ୟାବୃତ । କିନ୍ତୁ ତୁମ ବିଚିତ୍ର ଦୁନିଆଁର ମୋହ ଜାଲରେ ମୁଁ ବନ୍ଦି ହୋଇନାହିଁ ପ୍ରଭୁ । ତୁମ ମାୟାର ଗଣ୍ଠିକୁ ଛିଣ୍ଡାଇ ମୁଁ ଛିନ୍ନଭିନ୍ନ କରି ଦେଇଛି । ମୁକ୍ତ ଆକାଶର ବିହଙ୍ଗ ଭଳି ତୁମର ଶୂନ୍ୟମଣ୍ଡଳକୁ ମୁଁ ଅପଲକ ନେତ୍ରରେ ଚାହିଁ ରହିଛି । ତୁମରି ଏକ ବିଶ୍ୱରୂପ ମଧ୍ୟରେ ଅନେକଙ୍କୁ ସନ୍ଦର୍ଶନ କରୁଛି । ଜାଗ୍ରତ ପ୍ରହରି ସାଜି ତୁମରି ଗତି ପଥକୁ ସର୍ବଦା ସ୍ଥିର ଦୃଷ୍ଟିରେ ଅବଲୋକନ କରୁଛି । ମୁଁ ତୁମର ପ୍ରଭୁପଣକୁ ଛଡ଼ାଇ ନେବାକୁ ଚାହେଁନା ପ୍ରଭୁ । କେବଳ ଦାସ ପଦବୀରେ ଭୂଷିତ କରି ତୁମରି ଅଭୟ ପଦ ପଙ୍କଜରେ ଟିକିଏ ସ୍ଥାନ ପାଇବା ପାଇଁ ନିବେଦନ ମାତ୍ର । ତୁମରି ଆନନ୍ଦରେ ମୁଁ ଆଜି ସଚ୍ଚିଦାନନ୍ଦ ସ୍ୱରୂପକୁ ଉପଲବ୍ଧି କରିଛି । ମୋଜୀବନର ସମସ୍ତ ଅଭିଳାଷ ପୂର୍ଣ୍ଣ ହୋଇଛି ।

ଯେଉଁଦିନ ଚତୁର୍ଭୁଜ ହୋଇ ଦେଖା
ଦେଲ ହେ କରୁଣାନିଧି ।
ସେଦିନୁ ମୋ ଦୁଃଖ ଥିଲାପ୍ରାୟ ମୋତେ
ନଲାଗଇ ନିରବଧି ॥
ଦେଖି ସର୍ବକର୍ମ ଆଶ୍ରେ କଲି
ଧର୍ମ ଦିନ ଅସରନ୍ତି ହେଲା ।
ପ୍ରଭୁ ଭୃତ୍ୟ ଆଶ୍ରେ କଲାତ ହାଡ଼ିଆ
ମହାଭାଗକୁ ପାଇଲା ॥
(ଭାବନାବର)

ସାଧକଶ୍ରେଷ୍ଠ–ହାଡ଼ିଦାସ ସବୁ ଦୁଃଖ ଯନ୍ତ୍ରଣାକୁ ଭୁଲି ସମସ୍ତ ଆଶା ଆକାଙ୍କ୍ଷାକୁ ପରିହାର କରି ଶୟନ ସ୍ୱପନେ ଯାଗରଣେ ପ୍ରଭୁ ନାମ ଉଦ୍‌ଘୋଷଣ କରି ଜୀବନ ତରୀକୁ ଆର କୂଳରେ ପହଞ୍ଚାଇବାର ସୁନିଶ୍ଚିତ ଜାଣି ଦୀନ କବିଙ୍କ ହୃଦୟରେ ସ୍ୱଚ୍ଛ ମନ୍ଦାକିନୀ ଧାରା ପ୍ରବାହିତ ହୋଇଛି । ସୁବର୍ଣ୍ଣ ପିଣ୍ଡକୁ ଅଗ୍ନିରେ ନିକ୍ଷେପ କଲେ ଯେପରି ତା'ର ଔଜ୍ଜ୍ୱଲ୍ୟ ବୃଦ୍ଧିପାଏ, ଦୀନକବିଙ୍କର କାବ୍ୟ ପ୍ରତିଭାକୁ ତାଙ୍କର ଚିର ସହଚର ଦୁଃଖ ଦୈନ୍ୟତା ବହୁଗୁଣିତ କରିଛି ।

ଦୀନକବିଙ୍କର ଘଟଣା ବହୁଳ ଜୀବନର ଅନେକ ଦୃଶ୍ୟକୁ କବି ଭୁଲିପାରି ନାହାନ୍ତି । ସେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରି ନିଜ ଭାଷାରେ ପ୍ରକାଶ କରିଛନ୍ତି ।

ଏକଦା ଭକ୍ତ ପ୍ରାଣ ଜୀବନସ୍ୱାମୀ ପୁରୁଷୋତ୍ତମଙ୍କର ଦର୍ଶନାଭିଳାଷୀ ହୋଇ ଶ୍ରୀକ୍ଷେତ୍ରକୁ ଯାତ୍ରୀ କରିଥିଲେ । ସେଠାରେ ସେବକମାନଙ୍କଠାରୁ ମାଡ଼ଖାଇ ଶ୍ରୀମନ୍ଦିରର ଉତ୍ତର ଦ୍ୱାର ନିକଟରେ ଦୁଇଦିନ ଉପବାସରେ ପଡ଼ି ରହିଥିଲେ । ସେଠାରୁ ଜଳପାନ କରି ବହୁ କଷ୍ଟରେ ଚାଲି ଚାଲି ଆସି ପିପିଲି ନିକଟରେ ପହଞ୍ଚିଥିଲେ । ସନ୍ଧ୍ୟା ସମୟରେ ଏକ ପୋଖରି କୂଳରେ ବସିଥିବାର ଦେଖି ଗ୍ରାମବାସୀଗଣ ସେଠାରେ ପହଞ୍ଚି ମାରିବାକୁ ଉଦ୍ୟତ ହୁଅନ୍ତେ କବି ଭୟରେ ଜଙ୍ଗଲ ଭିତରେ ଲୁଚି ରହିଥିଲେ । ତହିଁଆରଦିନ ବାଲକାଟି ନଦୀ ତୀରରେ ପହଞ୍ଚିଥିଲେ । ସେଠାରେ ସାଧୁ ସାହୁ ନାମୀ ଜନୈକ ପାଟରା, କବିଙ୍କ ପ୍ରତି ଦୟା ପରବଶ ହୋଇ କିଛି ତୋରାଣି ପିଇବାକୁ ଦେଇଥିଲେ ବୋଲି କବି ଏହି ଭାବନାବର ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଭାବନାବର ଏକ କ୍ଷୁଦ୍ରକାୟ ପୁସ୍ତକ ହେଲେହେଁ କବିଙ୍କର ଜୀବନ ଦର୍ଶନ ଏଥିରେ ପ୍ରତିଫଳିତ ହୋଇଛି । ତ୍ରିତାପ ଦୁଃଖରେ ପଡ଼ି ମଧ୍ୟ କବି ନିଜର ଏକନିଷ୍ଠ ସାଧନା ପଥରୁ ବିଚ୍ୟୁତ ହୋଇ ନାହାନ୍ତି । ଦାରିଦ୍ର୍ୟର ମୁହୁର୍ମୁହୁ କଷାଘାତ, କବି ପ୍ରାଣକୁ ସ୍ପର୍ଶ କରିନାହିଁ । କବି ଧୈର୍ଯ୍ୟର ସହିତ ପରିସ୍ଥିତିର ମୁକାବିଲାକରିଛନ୍ତି ଏବଂ ନିଜ ଆରାଧ୍ୟ ପ୍ରଭୁଙ୍କର ମହିମା ଗାନ କରିଛନ୍ତି । ହୃଦୟରେ ଅତୁଟ ବିଶ୍ୱାସ ସ୍ଥାପନକରି କହିଛନ୍ତି–ମୋର ଭୃତ୍ୟପଣ ଓ ଦାସତ୍ୱ ଯଦି ସତ୍ୟ ହୋଇଥାଏ ତେବେ ଏହିଠାରେ ତୁମର ବିଚାର ହେବ ପ୍ରଭୁ, ତୁମ ନୀତି ଆଦର୍ଶରୁ ତୁମେ ବିଚ୍ୟୁତ ହୋଇ ପାରିବ ନାହିଁ । ତୁମେ ନିଶ୍ଚୟ ଥରେ ମୋନିକଟକୁ ଆସିବ । ସେତିକିବେଳେ ପଚାରିବି ପ୍ରଭୁ ତୁମେ ବଡ଼ ନା ମୁଁ ? ତୁମ ଉତ୍ତର ଅପେକ୍ଷାରେ ଚାହିଁ ବସିଛି ଏହି ଛତିଆ ବଟ ମୂଳରେ, ଏଇମିତି ବସିଥିବି ଯୁଗ ଯୁଗ ଧରି ତୁମ ଆସିବା ପର୍ଯ୍ୟନ୍ତ ।

କାହାର କି ଦୋଷ ଅଛି କିହୋ ପୁଣି
ସେ ସିନା ଅଛି ଏ ହରି,
ତାହାର ମୋହର ବଡ଼୍ ସାନ ପୁଣି
ଏହିଠାରେ ହେବ ବାରି ।
ମୁଁ ତ ନଜାଣଇ ମୋହର ଅଗରେ
ଏତେ କଥା ଦୃଶ୍ୟ ହେଲା,
ଏଥି ପାଇଁ ହାଡ଼ି ନୋହେ ଭକ୍ତ ସରି
ନିଳାଦ୍ରି ସିଂହେ କହିଲା ।
(ଭାବନାବର)

ପ୍ରଜ୍ଞାନ ମନ୍ଦିର,
କଲଥା–ନାଇବେଣୀ, କଟକ–୭୫୩୦୧୩ ।

# କଟକ ଜିଲ୍ଲା

### କେତେକ ଜ୍ଞାତବ୍ୟ ତଥ୍ୟ

| | | |
|---|---|---|
| (୧) କ୍ଷେତ୍ରଫଳ | .. | ୧୧,୧୪୨ ବର୍ଗ କିଲୋମିଟର |
| (୨) ଜନ ସଂଖ୍ୟା | .. | ୫୫,୦୩,୩୦୭ |
| ପୁରୁଷ ସଂଖ୍ୟା | .. | ୨୮,୦୧,୬୧୨ |
| ମହିଳା ସଂଖ୍ୟା | .. | ୨୭,୦୧,୬୯୫ |
| (୩) ମୋଟ ସାକ୍ଷର | .. | ୨୯,୩୬,୬୨୪ |
| (୪) ସବ୍‌ଡିଭିଜନ୍ ସଂଖ୍ୟା | .. | ୬ |
| (୫) ବ୍ଲକ୍ ସଂଖ୍ୟା | .. | ୪୧ |
| (୬) ଗ୍ରାମ ପଞ୍ଚାୟତ ସଂଖ୍ୟା | .. | ୬୮ |
| (୭) ଗ୍ରାମ ସଂଖ୍ୟା | .. | ୬,୦୩୬ |
| (୮) ପୌର ପରିଷଦ ସଂଖ୍ୟା | .. | ୪ |
| (୯) ବିଜ୍ଞାପିତ ଅଞ୍ଚଳ ସଂଖ୍ୟା | .. | ୭ |

କଟକ ଜିଲ୍ଲା ୨୦°୯' ଉତ୍ତର ଓ ୨୧°୧୦' ଉତ୍ତର ଅକ୍ଷାଂଶ ଏବଂ ୮୪°୩' ପୂର୍ବ ଓ ୮୭°୩' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହି ଜିଲ୍ଲାକୁ ଉତ୍ତର ଦିଗରୁ ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲା, ଦକ୍ଷିଣ ଦିଗରୁ ପୁରୀ ଜିଲ୍ଲା, ପଶ୍ଚିମ ଦିଗରୁ ଢେଙ୍କାନାଳ ଜିଲ୍ଲା ଏବଂ ପୂର୍ବ ଦିଗରୁ ବଙ୍ଗୋପ ସାଗର ଘେରି ରହିଛି ।

ଏହି ଜିଲ୍ଲାର ଆୟତନ ୧୧,୧୪୨ ବର୍ଗ କିଲୋମିଟର ଏବଂ ଏହା ରାଜ୍ୟର ମୋଟ୍ ଆୟତନର ଶତକଡ଼ା ୭.୨ ଭାଗ । ୧୯୯୧ ଜନଗଣନା ଅନୁସାରେ ଏହି ଜିଲ୍ଲାର ଲୋକସଂଖ୍ୟା ୫୫,୦୩,୩୦୭ ।

ବର୍ତ୍ତମାନର କଟକ ଜିଲ୍ଲା ପ୍ରାଚୀନ କାଳରେ କଳିଙ୍ଗ ସାମ୍ରାଜ୍ୟର ଏକ ଅଂଶ ଥିଲା । ଭୌମିକରମାନେ ୭୩୬ ଖ୍ରୀଷ୍ଟାବ୍ଦରେ ବିରଜାଠାରେ (କଟକ ଜିଲ୍ଲାର ଆଧୁନିକ ଯାଜପୁର) ସେମାନଙ୍କର ରାଜଧାନୀ ପ୍ରତିଷ୍ଠା କରିଥିଲେ । ତ୍ରୟୋଦଶ ଶତାବ୍ଦୀରେ ୩ୟ ଅନଙ୍ଗଭୀମଦେବ ମହାନଦୀ ଓ କାଠଯୋଡ଼ି ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏକ ନୂତନ ନଗର ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଯଯାତି ନଗର ବା ଆଧୁନିକ ଯାଜପୁରରୁ ନୂତନ ନଗରକୁ ରାଜଧାନୀ ଉଠାଇ ଆଣିଥିଲେ । ସେହି କାଳରୁ ୧୯୪୮ ମସିହା ପର୍ଯ୍ୟନ୍ତ କଟକ ଓଡ଼ିଶାର ରାଜଧାନୀ ହୋଇ ରହି ଆସିଥିଲା ଏବଂ ତତ୍‌ପରେ ରାଜ୍ୟର ରାଜଧାନୀ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିଲା ।

ଲୁହାପଥର, ମ୍ୟାଗ୍ନେଟାଇଟ୍, କ୍ରୋମାଇଟ୍, ନିକେଲ୍, ମାଙ୍ଗାନିଜ ଓ ଆଗ୍ନେୟ ମୃତ୍ତିକା ପ୍ରଭୃତି ଏହି ଜିଲ୍ଲାର ବଡ଼ ଧରଣର ଖଣିଜ ସମ୍ପଦ । ଏଗୁଡ଼ିକ ସୁକିନ୍ଦା ଓ ଦାନଗଦି ବ୍ଲକ୍ ଅଞ୍ଚଳରେ ବହୁଳ ପରିମାଣରେ ମିଳିଥାଏ ।

କଟକ ଜିଲ୍ଲାର ପାରାଦ୍ୱୀପଠାରେ ଗୋଟିଏ ଆଧୁନିକ ବନ୍ଦର ରହିଛି । କଟକ ସହର ଏହି ଜିଲ୍ଲାର ପ୍ରଶାସନିକ ସଦର ମହକୁମା । ଅଦ୍ୱିତୀୟ ତାରକସି କାମ ଓ ଶିଙ୍ଗ କାମ ପାଇଁ ଏହି ସହର ପ୍ରସିଦ୍ଧି ଅର୍ଜନ କରିଛି । ଅଧିଷ୍ଠାତ୍ରୀ ଦେବୀ ଚିରଞ୍ଜା

ଠାକୁରାଣୀଙ୍କ ଯାଜପୁର ଏକ ପବିତ୍ର ପୀଠ । ଏହାକୁ ନାଭିଗୟା କ୍ଷେତ୍ର ଏବଂ ବୈତରଣୀ ତୀର୍ଥ ବୋଲି ମଧ୍ୟ କୁହାଯାଇଥାଏ । ସପ୍ତମ ଶତାବ୍ଦୀରେ ଯାଜପୁର ବ୍ୟବସାୟ ବାଣିଜ୍ୟ କେନ୍ଦ୍ର ରୂପେ ବିକାଶଲାଭ କରିଥିଲା ବୋଲି ହୁଏନ୍‌ସାଂ ଦେଖିଥିଲେ । ରତ୍ନଗିରି, ଉଦୟଗିରି ଓ ଲଳିତଗିରି – ଏହି ତିନୋଟି ପାହାଡ଼ରେ ପ୍ରସିଦ୍ଧ ବୌଦ୍ଧକୀର୍ତ୍ତି ଦେଖିବାକୁ ମିଳେ । ଏଠାରୁ ବୌଦ୍ଧ ଯୁଗୀୟ ବହୁଳ ଧ୍ୱଂସାବଶେଷ ଆବିଷ୍କୃତ ହୋଇଛି । କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ର ରୂପେ ପରିଚିତ ଏବଂ ଏହା ବଳଦେବ ଜୀଉଙ୍କ ପବିତ୍ର ପୀଠ । ଶାରଳା ଠାକୁରାଣୀଙ୍କ ନିମନ୍ତେ ଝଙ୍କଡ଼ ପ୍ରସିଦ୍ଧିଲାଭ କରିଛି । ଅଂଶୁପା ହ୍ରଦ ଏହି ଜିଲ୍ଲାର ଅନ୍ୟତମ ମନୋରମ ସ୍ଥାନ ।

## କୃଷି

ଚିରଦିନ ମରୁଡ଼ି ଅଥବା ବନ୍ୟା ଅଧ୍ୟୁଷିତ କଟକ ଜିଲ୍ଲାରେ କୃଷକମାନଙ୍କର ସକ୍ରିୟ ସହଯୋଗ ଏବଂ ସମୟୋପଯୋଗୀ ସରକାରୀ ପରାମର୍ଶ ଏବଂ ସାହାଯ୍ୟ ଫଳରେ ଆଖିଦୃଶିଆ ସଫଳତା ହାସଲ କରାଯାଇ ପାରିଛି ।

**ଧାନ**–ଆବଶ୍ୟକତା ଅନୁସାରେ ଉତ୍ତମ ବିହନ, ସାର ଏବଂ ଜଳ ଯୋଗାଇ ଦିଆଯାଇଥିବାରୁ ଓ ପୂର୍ବରୁ ହେଉଥିବା ଧାନଚାଷ ଅଞ୍ଚଳକୁ ବଢ଼ାଇ ଦିଆଯାଇଥିବାରୁ ଖରିଫ୍ ଋତୁର ଧାନ ଅମଳ ହେକ୍ଟର ପିଛା ୧୮.୧୪ କ୍ୱିଣ୍ଟାଲ ଚାଷୀ ଉପଭୋଗ କରିପାରିଛି । ପୂର୍ବ ବର୍ଷ ଏହି ସଫଳତା ଶତକଡ଼ା ୫୦ ଭାଗ ହୋଇଥିବା ସ୍ଥଳେ ୧୯୯୦–୯୧ ଏବଂ ୧୯୯୧–୯୨ ବର୍ଷ ମଧ୍ୟରେ ଏହି ସଫଳତା ଶତକଡ଼ା ହାରାହାରି ୫୫ ଏବଂ ୫୭ ହୋଇଥିବା ଜଣାଯାଇଛି ।

**ଚିନାବାଦାମ**–ଜଳସେଚନର ସୁବିଧା ନଥିବା ଶୁଖିଲା ସ୍ଥାନମାନଙ୍କରେ ରବି ଋତୁରେ ଚିନାବାଦାମ ଚାଷ କରି କୃଷକ ହେକ୍ଟର ପିଛା ୧୫ ହଜାର ଟଙ୍କା ପାଇ ବିଗତ ବର୍ଷର ପ୍ରଳୟଙ୍କରୀ ବନ୍ୟା ଦାଉରେ କ୍ଷତିଗ୍ରସ୍ତ ଆର୍ଥିକ ଦୁରାବସ୍ଥାକୁ ସୁଧାରି ପାରିଛି ।

ନିମ୍ନ ସୂଚୀ ଅନୁସାରେ

| କୃଷି ବର୍ଷ | ମୋଟ ଚାଷ ଜମିର ପରିମାଣ | ମୋଟ ଅମଳ | ହେକ୍ଟର ପିଛା ଅମଳ |
|---|---|---|---|
| ୧୯୮୯–୧୯୯୦ | [illegible] ହେକ୍ଟର | [illegible] ମେଟ୍ରିକ୍ ଟନ୍ | [illegible] କେଜି |
| ୧୯୯୦–୧୯୯୧ | [illegible] ହେକ୍ଟର | [illegible] ମେଟ୍ରିକ୍ ଟନ୍ | [illegible] କେଜି |
| ୧୯୯୧–୧୯୯୨ | [illegible] ହେକ୍ଟର | [illegible] ମେଟ୍ରିକ୍ ଟନ୍ | [illegible] କେଜି |

ଏହି ସଫଳତା କଟକ ଜିଲ୍ଲାର କୃଷକମାନଙ୍କୁ କେବଳ ଆମ ରାଜ୍ୟରେ କାହିଁକି, ଆମ ଦେଶରେ ସର୍ବୋଚ୍ଚ ପରିଚୟ ପ୍ରଦାନ କରିପାରିଛି ।

କୃଷକମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଆକାଶମାର୍ଗରୁ ଚିନାବାଦାମ ଚାଷର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି ।

**ଝୋଟ**–ଜିଲ୍ଲାର କୃଷକ ଝୋଟ ଚାଷ ପରି ଅର୍ଥକରୀ ଫସଲରେ ୧୯୮୯–୯୦ରେ ଶତକଡ଼ା ୩୦ ସଫଳତାକୁ ପରବର୍ତ୍ତୀ ଦୁଇ ବର୍ଷରେ ଶତକଡ଼ା ୪୭ ବୃଦ୍ଧି କରି ମୋଟରେ ୯୭.୮୫୯ ବେଲ ଝୋଟ ଆମଦାନୀ କରି ୬ କୋଟି ୮୭ ଲକ୍ଷ ଅର୍ଥ ସଂଗ୍ରହ କରିପାରିଛି ।

**ପନିପରିବା**–ଉଦ୍ୟାନ ବିଭାଗ ଜରିଆରେ ୧୯ କ୍ୱିଣ୍ଟାଲ ୬୮ କେ: ଜି: ଉନ୍ନତ ଇଣ୍ଡୋ–ଆମେରିକାନ୍ ମଞ୍ଜି ଶତକଡ଼ା ୫୦ ରିହାତିରେ ଯୋଗାଣ ଆବଶ୍ୟକତା ଅନୁସାରେ ସମୟୋପଯୋଗୀ ସାର, ପୋକମରା ଔଷଧ, କୃଷି ଯନ୍ତ୍ରପାତି ଇତ୍ୟାଦି ଯୋଗାଣ ଫଳରେ କଟକ ଜିଲ୍ଲାର ଚାଷୀ ଆଶାତୀତ ସଫଳତା ହାସଲ କରି ସୁନାମ ଅର୍ଜନର ସୌଭାଗ୍ୟ ହାସଲ କରିପାରିଛି ।

## ଜଳସେଚନ

କୃଷିର ଉନ୍ନତି କଲେ ଯେତେ ଯେତେ ପରିକଳ୍ପନା କରାଯାଉ ପଛକେ ଚାଷୀର ହାତ ପାଖରେ ଆବଶ୍ୟକସ୍ଥଳେ ସମୟ ମୁତାବକ ଚାଷ ପାଇଁ ପାଣି ଯୋଗାଣ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ମୁଖ୍ୟ ଶାଖା ଓ କେନାଲଗୁଡ଼ିକ ଅତ୍ୟନ୍ତ ପୁରାତନ ହୋଇଥିବାରୁ ଏବଂ ଚାଷ ଜମିର ଚାହିଦା ବଢ଼ିଥିବାରୁ ସେଗୁଡ଼ିକର ସମୟୋପଯୋଗୀ ମରାମତି, ଅଧିକ ଗଭୀର ଏବଂ ଶାଖା କେନାଲ ବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯାଇ କେନାଲ ଶେଷ ମୁଣ୍ଡରେ ରହିଥିବା ଚାଷୀ ପାଣି ନପାଇ ଯେଉଁ ଅସୁବିଧା ଭୋଗ କରୁଥିଲା, ତାହା ଦୂର କରାଯାଇ ପାରିଛି ।

ଚାଷ ପାଇଁ ଅଗ୍ରାଧିକାର ଭିତ୍ତିରେ ଜଳ ଯୋଗାଣ ପାଇଁ ପୂର୍ବର ଧାରାବାହିକ କାର୍ଯ୍ୟ ସହ କେତେକ ନିର୍ଦ୍ଦିଷ୍ଟ ନୂତନ ଜଳସେଚନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ସେମାନଙ୍କ ମଧ୍ୟରେ କେବଳ କଟକ ପୂର୍ବାଞ୍ଚଳ ସର୍କଲରେ :—

(କ) ତ୍ରିକୋଣଭୂମି ଉନ୍ନୟନ ଯୋଜନାରେ ୨୩୭ ଯୋଜନା ଓ ସେ ସମ୍ପର୍କୀୟ ଖର୍ଚ୍ଚ ଅଟକଳ ୮୭୨ ଲକ୍ଷ ଟଙ୍କା **(Delta Development Plan)** ।

(ଖ) ଜଳସେଚନ ଉନ୍ନୟନ କାର୍ଯ୍ୟକ୍ରମରେ ୩୩ ଗୋଟି କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ଖର୍ଚ୍ଚ ଅଟକଳ ୮୧୭ ଲକ୍ଷ ଟଙ୍କା **(Irrigation Advance Programmee)**.

(ଗ) ଜାତୀୟ ଜଳ ପ୍ରବନ୍ଧ ଯୋଜନାରେ ଗୋଟିକୁ ପର୍ଯ୍ୟାୟଭୁକ୍ତ କରାଯାଇ ୩୦୫ ଲକ୍ଷ ଅର୍ଥ ବରାଦ କରାଯାଇ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି **(National Water Management Project)**.

ଏହାଛଡ଼ା ବନ୍ୟା ନିୟନ୍ତ୍ରଣ ପାଇଁ ୨୩୧ ଗୋଟି ଯୋଜନା ହାତକୁ ନିଆଯାଇ ୧,୫୨୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଅଛି । ନଦୀ ଓ କେନାଲ ବନ୍ଧଗୁଡ଼ିକର ଦୁର୍ବଳ ଅବସ୍ଥାକୁ ସୁଦୃଢ଼ କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ ବନ୍ଧବାଡ଼କୁ ଅଧିକ ଉଚ୍ଚ

କରାଯାଇଛି । ଫଳରେ ୧୯୯୨ ବନ୍ୟା ଦାଉରୁ ପୂର୍ବ ବର୍ଷମାନଙ୍କ ତୁଳନାରେ ଜନଜୀବନ ଓ ଫସଲ ଇତ୍ୟାଦି କ୍ଷୟକ୍ଷତିକୁ ଅନେକାଂଶରେ ଆୟତ୍ତ କରାଯାଇଛି ।

କେତେକ କେନାଲ ତଳି ଅଞ୍ଚଳରେ ପାଣି ଜମି ରହିବା ଯୋଗୁ ଫସଲ ନଷ୍ଟ ହେଉଥିବାରୁ ତାହାର ଜଳକର ଆଦାୟରେ ଯେଉଁ ଅଶାନ୍ତି ଲୋକମାନଙ୍କ ଭିତରେ ଥିଲା, ତାହା ଦୂର କରାଯାଇ ସେହି ଅଞ୍ଚଳମାନଙ୍କରୁ ଜଳକର ଛାଡ଼ କରାଯାଇଛି ଏବଂ ତଳିଆ ଅଞ୍ଚଳର ଜଳ ନିଷ୍କାସନ କାର୍ଯ୍ୟ ବିଧିବଦ୍ଧ ଭାବେ କରାଯାଇଛି । ସମୁଦ୍ର କୂଳିଆ ଅଞ୍ଚଳରେ ଏପରି ୩୦ କି: ମି: ଜଳ ନିଷ୍କାସନ କେନାଲ ନିର୍ମାଣ ସେହି ଅଞ୍ଚଳରେ ଏକ ନୂତନ ସମ୍ଭାବନା ସୃଷ୍ଟିକରି ପାରିଛି ।

ଲୁଣାପାଣି ମାଡ଼ି ସମୁଦ୍ର କୂଳିଆ ଅଞ୍ଚଳମାନଙ୍କରେ କ୍ଷୟକ୍ଷତି କରୁଥିବାରୁ ତାହାକୁ ରୋକାଯିବା ପାଇଁ ପ୍ରାୟ ୮ ଶହ କି: ମି: ପରିମିତ ଲୁଣାପାଣି ଘେରିବନ୍ଧ ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ବିଶ୍ୱର କରାଯାଉଛି ।

ମୋଟାମୋଟି ବିଗତ ଦୁଇବର୍ଷ ମଧ୍ୟରେ ଚାଷ ପାଇଁ ପାଣି, ବନ୍ୟା ନିୟନ୍ତ୍ରଣ, ମତ୍ସ୍ୟ ଚାଷ, ଗମନାଗମନର ସୁବିଧା, ପୂର୍ବର ପୁରୁଣା କେନାଲଗୁଡ଼ିକୁ ଅଧିକ ଫଳପ୍ରଦ କରିବା ସହ ନୂଆ ନୂଆ ଜଳସେଚନ ପ୍ରକଳ୍ପ ହାତକୁ ନିଆଯାଇଛି ।

## ଶିଳ୍ପ

ରାଜ୍ୟକୁ ଶିଳ୍ପ ସମୃଦ୍ଧ କରି ଗଢ଼ି ତୋଳିବାକୁ ଶିଳ୍ପ ବିଶାରଦ ମୁଖ୍ୟମନ୍ତ୍ରୀ ଦିବାରାତି ଯେଉଁ ସ୍ୱପ୍ନ ଦେଖୁଛନ୍ତି, ତାହା ବାସ୍ତବରେ ପରିଣତ ହୋଇ ଯଶପୁରଠାରେ ଦ୍ୱିତୀୟ ଇସ୍ପାତ୍ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଓ ଏହା ରାଜ୍ୟବାସୀଙ୍କ ମନରେ ଅପାର ଆନନ୍ଦ ଉତ୍ସାହ ଉଦ୍ରେକ କରାଇଛି । କାରଖାନା ନିର୍ମାଣ ସମ୍ପୂର୍ଣ୍ଣ ହେଲେ ରାଜ୍ୟର ହଜାର ହଜାର ଶିକ୍ଷିତ ଓ ଅଣଶିକ୍ଷିତ ଯୁବକ କର୍ମ ନିଯୁକ୍ତି ଲାଭ କରିବେ ।

ଏତଦ୍ ବ୍ୟତୀତ ଜିଲ୍ଲାରେ ବହୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯିବା ସହିତ ହସ୍ତଶିଳ୍ପ ଓ ସିଉ (SEEUY) କାର୍ଯ୍ୟକ୍ରମମାନଙ୍କରେ ବହୁ ଯୁବକଙ୍କୁ ସରକାରୀ ପ୍ରୋତ୍ସାହନ ଓ ବ୍ୟାଙ୍କମାନଙ୍କ ଜରିଆରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି ।

ବିଗତ ଦୁଇ ବର୍ଷରେ ଏହି ଜିଲ୍ଲାରେ ପ୍ରତିଷ୍ଠିତ କ୍ଷୁଦ୍ର ଶିଳ୍ପ, ହସ୍ତ ଶିଳ୍ପ ଏବଂ ସିଉ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଏକ ଟିପ୍ପଣୀ ନିମ୍ନରେ ପ୍ରଦତ୍ତ ହେଲା :–

| ୧୯୯୦-୯୧ରେ | କ୍ଷୁଦ୍ର ଶିଳ୍ପ | ହସ୍ତ ଶିଳ୍ପ | ସିଉ ଯୋଜନା (SEEUY) |
|---|---|---|---|
| ହିତାଧିକାରୀ | ୮୮୦ ଜଣ | ୧,୬୫୩ ଜଣ | – |
| ସ୍ଥାପନରେ ଅର୍ଥ ପରିମାଣ | ୮୨୬.୭୨ ଲକ୍ଷ | ୨୬.୯୮ ଲକ୍ଷ | – |
| କେତେ ଲୋକ କର୍ମ ନିଯୁକ୍ତି ଲାଭ କଲେ । | ୨,୪୮୨ ଜଣ | ୪,୨୦୦ ଜଣ | ୨୦୫ ଜଣ |
| ୧୯୯୧-୯୨ରେ | | | |
| ହିତାଧିକାରୀ | ୧୧୯୫ ଜଣ | ୧୦,୮୨୨ ଜଣ | – |
| ସ୍ଥାପନରେ ଅର୍ଥ ପରିମାଣ | ୬୮୦.୨୬ ଲକ୍ଷ | ୪୦୮.୪୨ ଲକ୍ଷ | – |
| କେତେ ଲୋକ କର୍ମ ନିଯୁକ୍ତି ଲାଭ କଲେ । | ୨,୨୦୬ ଜଣ | ୧୮,୨୪୦ ଜଣ | ୨୨ ଜଣ |

## ଦ୍ୱିତୀୟ ଇସ୍ପାତ୍ କାରଖାନା

ଓଡ଼ିଶାବାସୀଙ୍କର ବହୁ ଦିନର ସ୍ୱପ୍ନ ସାର୍ଥକ କରି ଓ ରାଜ୍ୟର ସୁବିସ୍ତୃତ ଅଞ୍ଚଳରେ ଗଚ୍ଛିତ ଖଣିଜ ସମ୍ପଦର ଉତ୍ତୋଳନ ଓ ସଦୁପଯୋଗ କରି ତାହାକୁ ଏକ ସମୃଦ୍ଧିଶାଳୀ ରାଷ୍ଟ୍ରରେ ପରିଣତ କରି ଓଡ଼ିଶାବାସୀଙ୍କର ଦାରିଦ୍ର୍ୟ ବିମୋଚନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପୌରହିତ୍ୟରେ କଟକ ଜିଲ୍ଲାର ସୁକିନ୍ଦା ତହସିଲର ଯଶପୁରା ଗ୍ରାମଠାରେ ଗତ ୧୦–୫–୧୯୯୨ ତାରିଖ ପୂର୍ବାହ୍ନ ୧୦ ଘଟିକାରେ ବହୁ ଆକାଙ୍କ୍ଷିତ ଦ୍ୱିତୀୟ ଇସ୍ପାତ କାରଖାନାର ଭିତ୍ତିଭୂମି ପ୍ରସ୍ତାବନା କରାଯାଇଅଛି । ଏହି ଭିତ୍ତିଭୂମି ସ୍ଥାପନ ଉତ୍ସବରେ ସମବେତ ୧୦ ଲକ୍ଷ ଜନତା ଓ ଓଡ଼ିଶାର ବିଶିଷ୍ଟ ମନ୍ତ୍ରୀବୃନ୍ଦଙ୍କ ଗହଣରେ କାରଖାନା ସ୍ଥାପନା ପାଇଁ ଅଙ୍ଗୀକୃତ କରିଥିବା ଦରିଆ ପାରିର ଶିଳ୍ପପତି ତଥା ବିଶ୍ୱ ବିଖ୍ୟାତ କାପାରୋ ଗ୍ରୁପ୍‌ର ଅଧ୍ୟକ୍ଷ ଶ୍ରୀଯୁକ୍ତ ସ୍ୱରାଜ ପାଲ୍ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ବ୍ରିଟିଶ୍ ହାଇକମିଶନର୍ ସାର୍ ନିକୋଲାସ୍ ଫେନ୍ ମଧ୍ୟ ଉପସ୍ଥିତ ଥିଲେ ।

ଏକ ଦିଗରେ ଦୈତାରୀ–ଯଶପୁରା ରେଲୱେ ଲାଇନ୍ ଓ ଅନ୍ୟ ଦିଗରେ ରାଜ୍ୟ ପାରାଦ୍ୱୀପ–ଦୈତାରୀ ଦ୍ରୁତ ରାଜପଥ ଓ ଅନ୍ୟ ପାଖରେ ବ୍ରାହ୍ମଣୀ ନଦୀ ପରିବେଷ୍ଟିତ ୨୬ ଖଣ୍ଡ ଗ୍ରାମର ତ୍ରିକୋଣଭୂମି ଆକାରର ସୁବିସ୍ତୃତ ଅଞ୍ଚଳ ଏହି ଦ୍ୱିତୀୟ ଇସ୍ପାତ କାରଖାନା ୪,୦୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇ ସ୍ଥାପନା ପାଇଁ ସ୍ଥିରୀକୃତ ହୋଇଛି । ପ୍ରାଥମିକ ସ୍ତରରେ କାପାରୋ ଗ୍ରୁପ୍ ସ୍ଥାପନା କରୁଥିବା ଇସ୍ପାତ କାରଖାନା ପାଇଁ ୯ଟି ଗ୍ରାମ ଯଥା–ଯଶପୁରା, ଦଶମାଣିଆ, କଟେରୀଗାଁ, ନୂଆଗାଁ, ଗୋବରଘାଟି, ମଙ୍ଗଳପୁର, ଖୁରୁଣ୍ଟି, ଗାଦପୁର ଓ ଗୁହିଆର ୧୨,୦୦୦ ଏକର ପରିମିତ ଜମି ଚିହ୍ନଟ କରାଯାଇଛି । ଏହି ୧୨,୦୦୦ ଏକରରୁ ୮,୫୦୦ ଏକର ରୟତି ଜମି ଓ ୩,୫୦୦ ଏକର ଜଙ୍ଗଲ ଓ ଅଣଜଙ୍ଗଲ ସରକାରୀ ଜମି ଅଟେ । ରୟତ ଜମି ଭୂ–ଅର୍ଜନ ମାଧ୍ୟମରେ ଆହରଣ ପାଇଁ Orissa Industrial Infrastructure Development Corporation (IDCO) ଜୁଲାଇ ୧୯୯୦ ମସିହାରେ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ । ରୟତ ଜମି ଆହରଣ ପାଇଁ ୧୯ କୋଟି ୩୨ ଲକ୍ଷ ଟଙ୍କାର ଭୂ–ଅର୍ଜନ ଖର୍ଚ୍ଚ ଅଟକଳ କରାଯାଇଅଛି ଏବଂ ବର୍ତ୍ତମାନ ସୁଦ୍ଧା ୭ କୋଟି ଟଙ୍କା କ୍ଷତିପୂରଣ ହିସାବରେ ଉପରୋକ୍ତ ୯ଟି ଗ୍ରାମର ଲୋକମାନଙ୍କୁ ଦିଆ ସରିଛି ଏବଂ ପ୍ରତି ଦିନ କ୍ଷତିପୂରଣ ପଙ୍କପାଳ ଡାକ ବଙ୍ଗଳାରେ ବଣ୍ଟା ଚାଲିଛି । ଉକ୍ତ ୯ଟି ଗ୍ରାମର ପ୍ରାୟ ୧,୦୦୦ଟି ବାସଚ୍ୟୁତ ପରିବାରଙ୍କୁ ଅନ୍ୟତ୍ର ମାଗଣାରେ ସରକାରଙ୍କ ତରଫରୁ ଘରଡିହ ଯୋଗାଇ ଦେବା ନିମନ୍ତେ ଏକ ଯୋଜନା ଜିଲ୍ଲାପାଳଙ୍କ ତରଫରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ।

ଭାରତ ସରକାରଙ୍କର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟଠାରୁ ଅନୁମତି ପାଇଲା ପରେ ଉପରୋକ୍ତ ୩,୫୦୦ ଏକର ଜଙ୍ଗଲ ଜମି କଟକ ଜିଲ୍ଲାର ବାଙ୍କୀ, ଦର୍ପଣ, ଧର୍ମଶାଳା ଓ ସୁକିନ୍ଦା ତହସିଲର ତତ୍ତୁଲ୍ୟ ପରିମାଣ ଅଣଜଙ୍ଗଲ ସରକାରୀ ଜମି ଜଙ୍ଗଲ ବିଭାଗକୁ ମଧ୍ୟ ହସ୍ତାନ୍ତର କରାଯାଇଛି ।

ଏହା ବ୍ୟତୀତ ୮୪ଟି ଗ୍ରାମ ତଥା ୭୦ ହଜାର ପରିମିତ ଅଞ୍ଚଳକୁ ନେଇ "କଳିଙ୍ଗ ନଗର" ନାମରେ ନାମିତ ଏକ ଉନ୍ନୟନ ସଂସ୍ଥା (Development Authority) ଗଠନ କରାଯାଇଛି ।

## ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

(କ) **ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ (ଆଇ.ଆର.ଡି.ପି.)** ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଗ୍ରାମାଞ୍ଚଳର ପରିବାରମାନଙ୍କୁ ରୋଜଗାରକ୍ଷମ କରି ନିଜ ଗୋଡ଼ରେ ଠିଆ ହେବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଆବଶ୍ୟକ ମୋଟ ଅର୍ଥ ମଧ୍ୟରୁ ଶତକଡ଼ା ୫୦ ଭାଗ କେନ୍ଦ୍ରୀୟ ସହାୟତା ଓ ଅବଶିଷ୍ଟ ୫୦ ଭାଗ ରାଜ୍ୟ ସରକାରଙ୍କ ସହାୟତାକ୍ରମେ ବିଭିନ୍ନ ବ୍ୟାଙ୍କ୍ ଜରିଆରେ ଏହି ଅର୍ଥ ଦରିଦ୍ର ଲୋକମାନଙ୍କୁ ଯୋଗାଇ ଦେବା ସହ ଆନୁପାତିକ ଆର୍ଥିକ ରିହାତି ସୁବିଧା ଯୋଗାଇ ଦିଆଯାଉଛି । କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ୧୯୯୦-୯୧ ବର୍ଷରେ ୧୫,୦୧୧ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ହିତାଧିକାରୀଙ୍କ ସଂଖ୍ୟା ୨୨,୫୩୦ ହୋଇଛି । ସେଥି ମଧ୍ୟରୁ ହରିଜନ ୭,୨୬୮, ଆଦିବାସୀ ୭୧୩ ଓ ସାଧାରଣ ପରିବାରଙ୍କ ସଂଖ୍ୟା ୧୪,୫୪୯ ହୋଇଅଛି । ସେମାନଙ୍କ ମଧ୍ୟରେ ୨,୪୯୭ ମହିଳା ହିତାଧିକାରୀ ଅଛନ୍ତି । ଏଥିପାଇଁ ମୋଟରେ ୪୭୬ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ସେହିପରି ୧୯୯୧-୯୨ ଆର୍ଥିକ ବର୍ଷ ପାଇଁ ୧୪,୨୧୯ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୧୪,୪୧୨ ପରିବାରଙ୍କୁ ସାହାଯ୍ୟ ଯୋଗାଇ ଦିଆଯାଇଛି । ସେଥି ମଧ୍ୟରୁ ହରିଜନ ୬,୭୬୩ ଓ ଆଦିବାସୀ ୬୬୫ ପରିବାର ଥିବା ସ୍ଥଳେ ଅନ୍ୟାନ୍ୟ ଜାତିର ୬,୯୮୪ ହିତାଧିକାରୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୬,୦୪୧ ମହିଳା ହିତାଧିକାରୀ ଅଟନ୍ତି ଏବଂ ମୋଟ ଆର୍ଥିକ ସହାୟତାର ପରିମାଣ ୬୧୬ ଲକ୍ଷ ଟଙ୍କା ଅଟେ ।

(ଖ) **ଗ୍ରାମାଞ୍ଚଳ ଯୁବ ତାଲିମ ଓ ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ**–୧୯୮୦-୮୧ରୁ ୧୯୯୦-୯୧ ପର୍ଯ୍ୟନ୍ତ ସର୍ବମୋଟ ୧୩,୫୫୨ ଜଣଙ୍କୁ ତାଲିମ୍ ଦେବାର ବ୍ୟବସ୍ଥା କରାଯାଇ ୧୧,୬୪୧ ଜଣଙ୍କୁ ଆତ୍ମ ନିଯୁକ୍ତି ଯୋଗାଇ ଦିଆଯାଇଛି । କେବଳ ୧୯୯୧-୯୨ ଆର୍ଥିକ ବର୍ଷରେ ୪,୫୯୨ ଜଣଙ୍କୁ ତାଲିମ୍ ଯୋଗାଇ ଦିଆଯାଇଛି ଏବଂ ୧୫,୨୧୩ ଜଣଙ୍କୁ ଆତ୍ମ ନିଯୁକ୍ତି ଦିଆଯାଇଛି ।

(ଗ) **ଜବାହର ରୋଜଗାର ଯୋଜନା**–୧୯୮୯-୯୦ରୁ ୧୯୯୦-୯୧ ବର୍ଷ ପର୍ଯ୍ୟନ୍ତ ଜବାହର ରୋଜଗାର ଯୋଜନା ମାଧ୍ୟମରେ ୭,୫୩୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ତନ୍ମଧ୍ୟରୁ ୩୪·୭୬ ଲକ୍ଷ ଶ୍ରମ ଦିବସ ହରିଜନ ଓ ଆଦିବାସୀଙ୍କ ପାଇଁ ୧୦·୧୧ ଲକ୍ଷ ଶ୍ରମ ଦିବସ ମହିଳାମାନଙ୍କ ପାଇଁ ସେହିପରି ୧୯୯୧-୯୨ ଆର୍ଥିକ ବର୍ଷରେ ୪୪·୫୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ତନ୍ମଧ୍ୟରୁ ଆଦିବାସୀ ହରିଜନ ଏବଂ ମହିଳାମାନଙ୍କ ପାଇଁ ଯଥାକ୍ରମେ ୧୯·୭୯ ଲକ୍ଷ ଏବଂ ୭·୧୮ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଆର୍ଥିକ ଆବଣ୍ଟନ ଅନୁଯାୟୀ ୧୯୯୦-୯୧ ଓ ୧୯୯୧-୯୨ରେ ଯଥାକ୍ରମେ ୧,୭୩୫ ଲକ୍ଷ ଏବଂ ୧,୯୦୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ।

(ଘ) **ଇନ୍ଦିରା ଆବାସ ଯୋଜନା**–ଏହି ଯୋଜନାରେ ୧୯୯୦-୯୧ ଆର୍ଥିକ ବର୍ଷ ମଧ୍ୟରେ ୧୦୮ ଲକ୍ଷ ଟଙ୍କା ବିନିଯୋଗରେ ୬୫୧ ଗୋଟି ଗୃହ ଯୋଗାଇ ଦିଆଯାଇଥିବା ସ୍ଥଳେ ୧୯୯୧-୯୨ ବର୍ଷ ମଧ୍ୟରେ ୨୩୭ ଲକ୍ଷ ଟଙ୍କା ଖର୍ଚ୍ଚରେ ୧,୯୮୨ ଗୋଟି ଗୃହ ଯୋଗାଇ ଦିଆଯାଇଅଛି ।

୧୯୯୧-୯୨ ଆର୍ଥିକ ବର୍ଷରେ ଭୟାନକ ବନ୍ୟା ଫଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଆଦିବାସୀ ଓ ହରିଜନ ଗୃହହରା ପରିବାରମାନଙ୍କ ପାଇଁ ୧୬୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତାରେ ୧,୨୮୬ ଗୋଟ ଗୃହ ନିର୍ମାଣ କରାଯାଇଅଛି ।

(ଙ) **ଦାଦନ ଶ୍ରମିକ ଥଇଥାନ**–୧୯୭୮-୭୯ ଆର୍ଥିକ ବର୍ଷଠାରୁ ୧୯୯୨ ମାର୍ଚ୍ଚ ସୁଦ୍ଧା କଟକ ଜିଲ୍ଲାରେ ୫,୨୨୯ ଜଣ ଦାଦନ ଶ୍ରମିକଙ୍କୁ ଥଇଥାନ କରାଯାଇଛି । ଏଥିପାଇଁ ୨୦୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

(ଚ) **ମହିଳା ବିକାଶ ସମବାୟ ନିଗମ**–ଆର୍ଥିକ ଦୁରାବସ୍ଥା ମଧ୍ୟରୁ ଏକ ନୂତନ ସାମାଜିକ ବ୍ୟବସ୍ଥା ମଧ୍ୟକୁ ମହିଳାମାନଙ୍କୁ ଆଣି ରୋଜଗାରକ୍ଷମ କରାଇବା ଉଦ୍ଦେଶ୍ୟରେ ଏହି ନିଗମର ପରିକଳ୍ପନା କରାଯାଇଅଛି । ସେଥିପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଜଣେ ଜିଲ୍ଲା ପରିଚାଳକଙ୍କୁ ଅବସ୍ଥାପିତ କରାଯାଇଅଛି । ମହିଳାମାନେ ନିଜେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀଗୁଡ଼ିକର ବିକ୍ରିବଟା ପାଇଁ ଅନ୍ନପୂର୍ଣ୍ଣା ନାମରେ କଟକ ଓ.ଏମ୍.ପି. ଛକରେ ଏକ ବିକ୍ରୟ କେନ୍ଦ୍ର ଖୋଲାଯାଇଛି । ବିଭିନ୍ନ ସାମଗ୍ରୀ ପାଇଁ ମହିଳାମାନଙ୍କ ଚାହିଦା ମୁତାବକ କଞ୍ଚାମାଲ୍ ଯୋଗାଣ, ଆର୍ଥିକ ସହାୟତା, ଆବଶ୍ୟକୀୟ ପ୍ରଶିକ୍ଷଣ ଏବଂ ପ୍ରସ୍ତୁତି ସାମଗ୍ରୀଗୁଡ଼ିକର ବିକ୍ରୟ ଦାୟିତ୍ୱ ନିଗମ ଜରିଆରେ କରାଯାଉଛି ।

(ଛ) **ନିସ୍ତୁଡ କୂପ**–ଚାଷ ପାଇଁ ଜଳର ଆବଶ୍ୟକତାକୁ ବିଚାର କରି ନିସ୍ତୁଡ କୂପ ପରିକଳ୍ପନା କରାଯାଇଛି । ୧୯୯୦-୯୧ ଏବଂ ୧୯୯୧-୯୨ ଆର୍ଥିକ ବର୍ଷମାନଙ୍କରେ ମୋଟରେ ୨୧୯ ଲକ୍ଷ ଟଙ୍କା ଖର୍ଚ୍ଚରେ ୧,୫୦୦ଟି କୂପ ଖନନ କରାଯାଇ ହରିଜନ ଓ ଆଦିବାସୀ ପରିବାରଙ୍କୁ ଯୋଗାଇ ଦିଆଯାଇଛି ।

(ଜ) **ସ୍ୱତନ୍ତ୍ର ଶସ୍ୟ ଉତ୍ପାଦନ ଯୋଜନା**–୧୯୮୮-୮୯ ଓ ୧୯୯୦-୯୧ ଆର୍ଥିକ ବର୍ଷ ମଧ୍ୟରେ ୩,୪୪୮ ସେଚକୂପ ଓ ୪,୭୦୬ଟି ଅଗଭୀର ନଳ ସେଚକୂପ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି । କେବଳ ୧୯୯୧-୯୨ ଆର୍ଥିକ ବର୍ଷରେ ୬୩୫ଟି ସେଚକୂପ, ୧,୩୩୧ଟି ଅଗଭୀର ନଳ ସେଚକୂପ ଓ ୨୦୮ଟି ଗଭୀର ନଳକୂପ ଖନନ କରାଯାଇ ୨,୦୩୦ ହେକ୍ଟର ଜମିକୁ ଜଳ ସେଚନର ସୁବିଧା ଦିଆଯାଇଛି ।

(ଝ) **ଗୋବର ଗ୍ୟାସ**–୧୯୮୪-୮୫ରୁ ୧୯୯୦-୯୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୭,୩୦୩ ଗୋଟି ଗୋବର ଗ୍ୟାସ ପ୍ଲାଣ୍ଟ

ତିଆରି କରାଯାଇଅଛି ଓ ୩୭,୦୦୦ ଗୋଟି ଉନ୍ନତ ଚୁଲ୍ଲୀ ସ୍ଥାପନ କରାଯାଇଛି । ୧୯୯୧-୯୨ ଆର୍ଥିକ ବର୍ଷରେ ମୋଟ ୨,୩୮୬ ଗୋଟି ଗୋବର ଗ୍ୟାସ ପ୍ଲାଣ୍ଟ ଓ ୨୯,୮୦୯ ଗୋଟି ଉନ୍ନତ ଚୁଲ୍ଲୀ କରାଯାଇଅଛି ।

**(ଙ) ଛାତପଟା କାର୍ଯ୍ୟକ୍ରମ**—ଏହି ଯୋଜନା ମାଧ୍ୟମରେ ୧୯୯୧-୯୨ ଆର୍ଥିକ ବର୍ଷ ମଧ୍ୟରେ ପଞ୍ଚାୟତରାଜ ଏବଂ ଶିକ୍ଷା ବିଭାଗର ମିଳିତ ଆର୍ଥିକ ସହାୟତାରେ ୭୭ ଗୋଟି ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ କରାଯାଇଛି ।

## ସମାଜ କଲ୍ୟାଣ

**(କ) ପିତୃ ମାତୃହୀନ ଅସମର୍ଥ ପିଲାମାନଙ୍କ ଥଇଥାନ**—କଟକ ଜିଲ୍ଲାରେ ଏଭଳି ଅସମର୍ଥ ପିଲାମାନଙ୍କ ଥଇଥାନ ନିମନ୍ତେ ୧୩ ଗୋଟି ଅନୁଷ୍ଠାନ କାର୍ଯ୍ୟ କରୁଛି । ୧୯୮୯-୯୦ ଆର୍ଥିକ ବର୍ଷରେ ଏଭଳି ୫୯୮ ଜଣ ପିଲାଙ୍କୁ ଥଇଥାନ କରାଯାଇଥିବା ସ୍ଥଳେ ୧୯୯୦-୯୧ ଓ ୧୯୯୧-୯୨ ବର୍ଷରେ ଯଥାକ୍ରମେ ୫୯୮ ଓ ୭୭୩ ଜଣ ପିଲାଙ୍କୁ ଥଇଥାନ କରାଯାଇଛି ।

**(ଖ) ଶାରୀରିକ ଅସମର୍ଥମାନଙ୍କୁ ଷ୍ଟାଇପେଣ୍ଡ ବ୍ୟବସ୍ଥା**—୧୯୯୦-୯୧ ଓ ୧୯୯୧-୯୨ ବର୍ଷମାନଙ୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯଥାକ୍ରମେ ୮୫୨ ଓ ୯୬୬ ଜଣ ଶାରୀରିକ ଅସମର୍ଥ ବ୍ୟକ୍ତିଙ୍କୁ ୭,୮୯,୧୦୫ ଟଙ୍କା ପ୍ରୋତ୍ସାହନ ଯୋଗାଯାଇଥିବା ସ୍ଥଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉକ୍ତ ଦୁଇ ବର୍ଷରେ ୪୨୫ ଜଣଙ୍କୁ ୫,୩୩,୬୬୦ ଟଙ୍କା ଯୋଗାଇ ଦିଆଯାଇଛି ।

**(ଗ) କଳିଙ୍ଗ କୁଟୀର ଯୋଜନା**—ଗ୍ରାମାଞ୍ଚଳରେ ବାସଗୃହ ଜନିତ ଅସୁବିଧା ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଳିଙ୍ଗ କୁଟୀର ଯୋଜନା କାର୍ଯ୍ୟକ୍ରମ ଚଳିତ ବର୍ଷ କାର୍ଯ୍ୟକାରୀ ହେଉଅଛି । ଏହାଦ୍ୱାରା ଆଦୌ ଗୃହ ନ ଥିବା, ଗୃହ ଥାଇ ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା କିମ୍ବା ଖଡ଼ଛପର ଘର ପ୍ରତିବର୍ଷ ଅଗ୍ନିଭୟ ରହୁଥିବା ଅସୁବିଧା ଏହି ଯୋଜନା ମାଧ୍ୟମରେ ଦୂର କରାଯାଇ ପାରିବ ବୋଲି ଲକ୍ଷ୍ୟ ରହିଛି । ହୁଡ୍‌କୋ ସଂସ୍ଥାର ଆର୍ଥିକ ସହାୟତାକ୍ରମେ ରାଜ୍ୟ ଗୃହ ନିର୍ମାଣ ବୋର୍ଡ଼ ଏହାର କାର୍ଯ୍ୟକାରୀ କରାଇବା ଦାୟିତ୍ୱ ବହନ କରିଛନ୍ତି । ପ୍ରଥମତଃ ପ୍ରତ୍ୟେକ ବ୍ଲକ୍ ଅନ୍ତର୍ଗତ ନିହାତି ଏକ ପଛୁଆ ପଞ୍ଚାୟତକୁ ପର୍ଯ୍ୟାୟଭୁକ୍ତ କରିବା ପାଇଁ ସିଦ୍ଧାନ୍ତ ନିଆଯାଇଛି ।

**(ଘ) ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା**—ଅସମର୍ଥ ବୁଢ଼ାବୁଢ଼ୀ, ବିଧବାମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଭତ୍ତାର ବ୍ୟବସ୍ଥା କରାଯିବା ଫଳରେ ୧୯୮୯-୯୦ରୁ ୧୯୯୧-୯୨ ତିନିଗୋଟି ଆର୍ଥିକ ବର୍ଷରେ ଯଥାକ୍ରମେ ୧,୩୮,୬୩,୧୮୧ ଟଙ୍କା, ୨,୬୪,୩୨,୫୯୦ ଟଙ୍କା ଓ ୫,୬୪,୨୦,୩୭୬ ଟଙ୍କା ବିନିଯୋଗ ହୋଇ ୨୪,୫୯୩ ଜଣ, ୨୯,୬୬୬ ଓ ୮୯,୧୮୪ ଜଣ ବାର୍ଦ୍ଧକ୍ୟ ଓ ବିଧବା ଲୋକ ଉପକୃତ ହୋଇଛନ୍ତି ।

**(ଙ) ଶାରୀରିକ ଅସମର୍ଥ ବ୍ୟକ୍ତିମାନଙ୍କୁ ଭତ୍ତା**—ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପରି ଶାରୀରିକ ଓ ମାନସିକ ସ୍ତରରେ ଅକ୍ଷମ ଅସମର୍ଥ ବାର୍ଦ୍ଧକ୍ୟ ବ୍ୟକ୍ତିମାନଙ୍କୁ ଗତ ୩ଟି ଆର୍ଥିକ ବର୍ଷ ମଧ୍ୟରେ ୧୧,୫୭,୪୭୩ ଟଙ୍କା ୨୨,୫୩,୬୪୨ ଟଙ୍କା ଓ ୩୧,୮୨,୧୬୭ ଟଙ୍କା ଭତ୍ତା ଯଥାକ୍ରମେ ୨,୨୬୬, ୨,୪୯୪ ଓ ୩,୬୮୯ ଜଣଙ୍କୁ ଯୋଗାଇ ଦିଆଯାଇଅଛି ।

**(ଚ) ୩ ଚକିଆ ଗାଡ଼ି ଓ ଶ୍ରବଣ ଯନ୍ତ୍ର ଯୋଗାଣ**—ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କ ସହାୟତା ପରିକଳ୍ପନାରେ ୧୯୮୯-୯୦ ବର୍ଷରେ ୨ ଗୋଟି ୩ ଚକିଆ ସାଇକେଲ ଓ ୯୧ ଗୋଟି ଶ୍ରବଣ ଯନ୍ତ୍ର ଯୋଗାଯାଇଥିବା ସ୍ଥଳେ ପରବର୍ତ୍ତୀ ୨ଟି ଆର୍ଥିକ ବର୍ଷ ମଧ୍ୟରେ ୬୮ ଜଣଙ୍କୁ ସାଇକେଲ ଓ ୩୭୬ ଜଣଙ୍କୁ ଶ୍ରବଣ ଯନ୍ତ୍ର ଯୋଗାଇ ଦିଆଯାଇଛି ।

**(ଛ) ଗ୍ରାମ୍ୟ ବିଦ୍ୟୁତ୍‌କରଣ**—ବିଗତ ୨ ବର୍ଷ ମଧ୍ୟରେ ୧୬୬ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି ।

## ସ୍ୱାସ୍ଥ୍ୟ

**ଏଲୋପ୍ୟାଥିକ୍**—ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ସୁଫଳ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୯୯୦-୯୧ ଆର୍ଥିକ ବର୍ଷ ମଧ୍ୟରେ ୬୩ ଜଣ ଡାକ୍ତର, ୭୨ଟି ଫାର୍ମାସିଷ୍ଟ, ୭୨ଟି ଏ: ଏନ୍: ଏମ୍: ଏବଂ ୧୩୫ ଗୋଟି ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ଦିଆଯାଇଛି । ତତ୍ ସହିତ ୧୯୯୧-୯୨ ମଧ୍ୟରେ ସାଲେପୁର, ରଘୁନାଥପୁର, ବିଞ୍ଝାରପୁର, ରାଜକନିକା, ମହାକାଳପଡ଼ା, ମଣିଜଙ୍ଗା, ମଙ୍ଗଳପୁର, ବଡ଼ଚଣା, ମାର୍ଶାଘାଇ ଓ ରାଜନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କୁ କମ୍ୟୁନିଟ୍ ହେଲଥ୍ ସେଣ୍ଟରରେ ପରିଣତ କରାଯାଇଛି । ଏହାଛଡ଼ା ଦାନପୁର, ଓଲାଭର, ଆଳପୁଆ, କରିଲୋପାଟଣା, କନ୍ୟାଗୋଲା, ସୁନ୍ଦରପୁର, ମାଙ୍ଗୁଲି, ଅଲଣାହାଟ, ବରହମ୍ପୁର, ହାତିମାଳ, ଗୁଣ୍ଡିପଡ଼ିଆ ଇତ୍ୟାଦି ସ୍ଥାନମାନଙ୍କରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନ ସ୍ଥାପନ କରାଯାଇଛି ।

ପାଟକୁରା, ପଟ୍ଟାମୁଣ୍ଡାଇ, ଟାଙ୍ଗୀ, ବାଲିକୁଦା ଏବଂ କେନ୍ଦ୍ରାପଡ଼ା ଡାକ୍ତରଖାନାମାନଙ୍କରେ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଅଛି ଏବଂ ପାଟକୁରା ଓ ମାର୍ଶିଆବନ୍ଧ ଦୁଇଟି ଡାକ୍ତରଖାନାରେ ଏକ୍ସ-ରେ ଯନ୍ତ୍ରପାତି ସ୍ଥାପନ କରାଯାଇଛି । ୪ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ କୋଠାବାଡ଼ି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ବୃଦ୍ଧି କରିବା ପାଇଁ ଗୋଟିକୁ ୧୫ ଲକ୍ଷ କରି ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି ଏବଂ ୨୦ ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫ ଲକ୍ଷ କରି ନୂତନ କୋଠାବାଡ଼ି ନିର୍ମାଣ ନିମିତ୍ତ ଅର୍ଥ ପ୍ରଦାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା କଟକ ଜିଲ୍ଲାରେ ୨୨୬ ଗୋଟି ଡାକ୍ତରଖାନା ୧,୧୨୦ ଗୋଟି ମେଡ଼ିକାଲ ସବ୍-ସେଣ୍ଟର କାର୍ଯ୍ୟ କରୁଅଛି ।

**ହୋମିଓ ପ୍ୟାଥିକ୍**—ହୋମିଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗାଁ ଗହଳିର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟ ରଖି ୧୯୯୦-୯୧ ଓ ୧୯୯୧-୯୨ ଆର୍ଥିକ ବର୍ଷରେ ଯଥାକ୍ରମେ ୭ ଗୋଟି ଓ ୫ ଗୋଟି ହୋମିଓ ପ୍ୟାଥିକ୍ ଚିକିତ୍ସାଳୟ ଖୋଲା

ଯାଉଛି । ମୋଟରେ କଟକ ଜିଲ୍ଲାରେ ସର୍ବମୋଟ ୫୯ ଗୋଟି ହୋମିଓ ଚିକିତ୍ସାଳୟ କାର୍ଯ୍ୟ କରୁଅଛି ।

ଆୟୁର୍ବେଦିକ—କଟକ ଜିଲ୍ଲାରେ ୫୨ ଗୋଟି ଆୟୁର୍ବେଦିକ ଚିକିତ୍ସାଳୟ ସ୍ଥାପନ କରାଯାଇଛି । ପୂର୍ବୋକ୍ତ ୨ଟି ଆର୍ଥିକ ବର୍ଷରେ ଯଥାକ୍ରମେ ୯ ଓ ୧୯ ଗୋଟି ଆୟୁର୍ବେଦିକ ଚିକିତ୍ସାଳୟ ସ୍ଥାପନ କରାଯାଇଅଛି ।

## ପରିବେଶ ସୁରକ୍ଷା

ପରିବେଶ ପ୍ରଦୂଷଣ ରୋକିବା ପାଇଁ ଜିଲ୍ଲା ପରିବେଶ ସମିତି ପକ୍ଷରୁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଜନଶିକ୍ଷା ଆଧାରିତ ବହୁ ସଭା ସମିତି, ଆଲୋଚନା ଚକ୍ର, କର୍ମଶାଳା, ମେଳା ଇତ୍ୟାଦି ଆୟୋଜନ କରାଯାଇଛି । ଲୋକମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗ୍ରାମାଞ୍ଚଳମାନଙ୍କରେ "ପ୍ରକୃତି ମିତ୍ର" ପୁରସ୍କାର ଏବଂ ବ୍ୟକ୍ତି ବିଶେଷଙ୍କୁ ଏ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ "ପ୍ରକୃତି ବନ୍ଧୁ" ପୁରସ୍କାର ପ୍ରଦାନ କରାଯାଇଛି । ଏତଦ୍ ବ୍ୟତୀତ ବନବନ୍ଧୁ, ଉତ୍କୃଷ୍ଟ ସବୁଜ ଅନୁଷ୍ଠାନ, ଶାନ୍ତି ଏବଂ ସବୁଜ ଗ୍ରାମ, ପ୍ରକୃତି କ୍ଲବ୍ ପୁରସ୍କାର ବ୍ୟବସ୍ଥା କରାଯାଇଛି । ଜିଲ୍ଲା ପରିବେଶ ସମିତି ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇ କଟକ ସଦର ବ୍ଲକର ୫୨–ମୌଜା, ଆଠଗଡ଼ ସବ୍‌ଡିଭିଜନର ଧବଳେଶ୍ୱର ଏବଂ ବାଙ୍କୀ ସବ୍‌ଡିଭିଜନର ଅଂଶୁପା ଅଞ୍ଚଳକୁ ଶାନ୍ତି ଓ ସବୁଜ ଅଞ୍ଚଳ କରି ଗଢ଼ି ତୋଳିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବୃକ୍ଷରୋପଣକୁ ଅଗ୍ରାଧିକାର ଦିଆଯାଇ ସେଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗ୍ରାମାଞ୍ଚଳ ଏବଂ ଶିକ୍ଷାନୁଷ୍ଠାନ ସ୍ତରରେ "ସବୁଜ ବାହିନୀ" ଗଠନ ପରିକଳ୍ପନା ଆରମ୍ଭ କରାଯାଉଛି । କଟକଠାରେ ଏକ ପରିବେଶ ପାଠାଗାର ସ୍ଥାପନ କରାଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ ସମ୍ପର୍କୀୟ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଉଛି ।

## ମତ୍ସ୍ୟ ଚାଷ ଉନ୍ନୟନ

ରାଜସ୍ୱ ବିଭାଗ, ଗ୍ରାମପଞ୍ଚାୟତ ଓ ବ୍ୟକ୍ତିଗତ ମାଲିକାନା ମଧ୍ୟରେ ଥିବା ୮,୪୬୮ ହେକ୍ଟର ଆୟତନ ବିଶିଷ୍ଟ ୪୪,୧୪୫ ଗୋଟି ଜଳାଶୟ ନବୀକରଣ କରାଯାଇ ମାଛଚାଷୀମାନଙ୍କୁ ସମସ୍ତ ପ୍ରୋତ୍ସାହନ ଯୋଗାଯିବା ଫଳରେ ସମ୍ଭାବ୍ୟ ସୁଫଳ ମିଳିଅଛି । ହରିଜନ, ଆଦିବାସୀ, ବେକାର ଯୁବକ ଓ ଗରିବ ମାଛ ଚାଷୀମାନଙ୍କୁ ବିଭିନ୍ନ ଅର୍ଥ ଲଗାଣକାରୀ ବ୍ୟାଙ୍କ୍, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ହରିଜନ, ଆଦିବାସୀ ଅର୍ଥ ଲଗାଣକାରୀ ନିଗମ ଜରିଆରେ ଆବଶ୍ୟକୀୟ ଅର୍ଥ, ଶିକ୍ଷା, ଉନ୍ନତ ବିହନ ଇତ୍ୟାଦି ଯୋଗାଇ ଦିଆଯାଉଅଛି । ଏଥି ସହିତ ମଧୁର ଜଳ ଚିଙ୍ଗୁଡ଼ି ଚାଷ ଉପରେ ଗୁରୁତ୍ୱ ଆରୋପ କରାଯାଇ ପରୀକ୍ଷାମୂଳକ ଭାବରେ ୫୮ ହେକ୍ଟର ଜଳ ଅଞ୍ଚଳରେ ଚାଷ ଆରମ୍ଭ କରାଯାଇ ପୁରା ଅମଳ ସମୟ ପୂର୍ବରୁ ୬.୨୮ ମେଟ୍ରିକ୍ ଟନ୍ ଚିଙ୍ଗୁଡ଼ି ଆଦାୟ କରାଯାଇଅଛି ଏବଂ ୧୯୯୨–୯୩ ବର୍ଷରେ ଏହି ଚାଷ ୧୦୦ ହେକ୍ଟର ଅଞ୍ଚଳରେ କରାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ମାଛଚାଷ ଏକ ଲାଭ ଦାୟକ ବ୍ୟବସ୍ଥା ହୋଇଥିବାରୁ ଏଥିରେ ଭାଗ ନେଇଥି ଗରିବ ଚାଷୀମାନେ ବେଶ ଦୁଇପଇସା ଲାଭ କରି ନିଜର ଆର୍ଥି ଦୁରାବସ୍ଥା ଦୂର କରିବାରେ ସକ୍ଷମ ହୋଇଛନ୍ତି ।

ଚିଙ୍ଗୁଡ଼ି ଚାଷ ଉନ୍ନୟନ (ବି: ଏଫ୍: ଡି: ଏ)—ଆଗ୍ରହୀ ଉପଯୁକ୍ତ ଗରିବ ମତ୍ସ୍ୟଚାଷୀ ଓ ଶିକ୍ଷିତ ବେକାରମାନଙ୍କୁ ଚିହ୍ନଟ ବ୍ୟକ୍ତିଗତ ମାଲିକାନାରେ ଥିବା ସର୍ବେକ୍ଷଣ, ଦୀର୍ଘ ମିଆଦି ସୂତ୍ରରେ ସରକାରୀ ଜମି ଯୋଗାଣ, ବ୍ୟାଙ୍କ୍ ଋଣ ଯୋଗାଣ, ବୈଷୟିକ ତାଲିମ, ଉନ୍ନତ ଚିଙ୍ଗୁଡ଼ି ବିହନ ଯୋଗାଣ, ଋଣରେ ରିହାତି ବ୍ୟବସ୍ଥା ଫଳରେ ସମ୍ଭାବ୍ୟ ଅଗ୍ରଗତି ଓ ସାଫଲ୍ୟ ହାସଲ କରାଯାଇ ପାରିଅଛି ।

୧୯୯୦–୯୧ ଓ ୧୯୯୧–୯୨ ଦୁଇ ବର୍ଷ ମଧ୍ୟରେ ୧,୪୮୬ ହେକ୍ଟର ଜମିରେ ଚିଙ୍ଗୁଡ଼ି ଚାଷ କରାଯାଇଅଛି । ଏହା ଦ୍ୱାରା ୬୦୧ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । ଗରିବ ଚାଷୀ ଓ ମତ୍ସ୍ୟଜୀବୀମାନଙ୍କୁ ଆବଶ୍ୟକୀୟ ପୁଞ୍ଜିର ଶତକଡ଼ା ୧୦୦ ଭାଗ ରିହାତି ଯୋଗାଣ ବ୍ୟବସ୍ଥା ଫଳରେ ଚାଷୀମାନେ ଆବଶ୍ୟକୀୟ ଖତ, ସାର ଓ ଚିଙ୍ଗୁଡ଼ି ଜାଆଁଳ ବ୍ୟବସ୍ଥା କରି ଉତ୍ପାଦନ ବୃଦ୍ଧି ଓ ଲାଭବାନ୍ ହେଉଛନ୍ତି । ଏପରି କି କୁଜଙ୍ଗ ବ୍ଲକର ନିତାଇ ସୁନ୍ଦର ରାଉତରାୟ ଏକ ଏକର ଜମିରୁ ୫୦୦ କିଲୋ ଚିଙ୍ଗୁଡ଼ି ଉତ୍ପାଦନ କରି ପାରିଛନ୍ତି ଏବଂ ପାରାଦ୍ୱୀପଠାରେ ଭାରତ ସରକାରଙ୍କ "ବାଇଓ ଟେକ୍‌ନୋଲଜି ବିଭାଗ ଓ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ" ସଂସ୍ଥା ସହାୟତାରେ ହେକ୍ଟର ପିଛା ୬ ହଜାର କିଲୋ ଚିଙ୍ଗୁଡ଼ି ଆମଦାନୀ କରାଯାଇ ପାରୁଛି । ଗରିବ ଲୋକଙ୍କ ଆର୍ଥିକ ମାନ ବୃଦ୍ଧି ନିମନ୍ତେ ଏହା ସହାୟକ ହେଉଛି ।

## ଦୁଗ୍ଧ ଆମଦାନୀ ଓ ଯୋଗାଣ

ଜାତୀୟ ଡାଇରୀ ଉନ୍ନୟନ ସଂସ୍ଥା ସହଯୋଗିତା ଏବଂ ଗୁଜୁରାଟର ଆନନ୍ଦ ଶୈଳୀକୁ ଆଧାର କରି ଗ୍ରାମାଞ୍ଚଳରେ ରହୁଥିବା ଗୋ–ମହିଷାଦି ଦୁଗ୍ଧ ପ୍ରଦାନକାରୀ ପଶୁମାନଙ୍କ ସଂଖ୍ୟା ବୃଦ୍ଧି, ସେମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ଓ ଅଧିକ ଦୁଗ୍ଧ ଉତ୍ପାଦନ ଏବଂ ତାହାର ସୁଷମ ବଣ୍ଟନ ସହ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଆର୍ଥିକ ତଥା ସାମାଜିକ ଉନ୍ନତି ଘଟାଇବା ପାଇଁ କଟକ ମିଲ୍‌କ୍ ୟୁନିୟନ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ସମଗ୍ର ରାଜ୍ୟରେ ଅଗ୍ରଣୀ ରହିଛି । ଗାଁ ଗହଳିରେ ଦୁଗ୍ଧ ସମବାୟ ଗଠନ କରାଯାଇ ସେହି ଅଞ୍ଚଳର ଉଦ୍‌ବୃତ୍ତ ଦୁଗ୍ଧକୁ ସଂଗ୍ରହ କରି ରଖିବା ପାଇଁ ଦୁଗ୍ଧ ଶିତଳୀକରଣ ପ୍ଲାଣ୍ଟ (ଚିଲିଙ୍ଗ୍ ପ୍ଲାଣ୍ଟ) ସ୍ଥାପନ କରାଯାଇଅଛି । ଲୋକମାନଙ୍କର ଘର ପାଖରୁ ସେମାନଙ୍କର ବଳକା ଦୁଗ୍ଧ ସଂଗ୍ରହ କରାଯାଇ ତାହାର ବିକ୍ରୟ ଦାୟିତ୍ୱ ୟୁନିୟନ ବହନ କରିଛି । ଫଳରେ ବିଗତ ବର୍ଷମାନଙ୍କରେ କଟକ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ହାତକୁ ୮ କୋଟିରୁ ଅଧିକ ଅର୍ଥ ଯାଇଅଛି । ଗୋରୁ ଗାଈଙ୍କର ଉନ୍ନତି କଳ୍ପେ ସୁଲଭ ଦରରେ ଗୋ–ଖାଦ୍ୟ, ଚିକିତ୍ସା ସୁବିଧା ଯୋଗାଣ ଓ ଲୋକ ଶିକ୍ଷା ନିମନ୍ତେ ନାନା କର୍ମଶାଳା ଆୟୋଜନ କରାଯାଇଛି ।

ଗତ ୧୯୯୦-୯୧ ଓ ୧୯୯୧-୯୨ ଆର୍ଥିକ ବର୍ଷ ମଧ୍ୟରେ ୨୬୭ ଗୋଟି ଦୁଗ୍ଧ ସମବାୟ ସମିତି ଜରିଆରେ ୧୮,୩୩୦ ସଭ୍ୟଙ୍କ ଦ୍ୱାରା ୭୦ ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରାଯାଇଥିବା ସ୍ଥଳେ ପରବର୍ତ୍ତୀ ବର୍ଷର ଭୟାବହ ବନ୍ୟା ସତ୍ତ୍ୱେ ୩୦୦ ସମବାୟ ସମିତି ଜରିଆରେ ୨୨ ହଜାର ସଭ୍ୟଙ୍କ ଦ୍ୱାରା ୬୫ ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରାଯାଇ ପାରିଛି ।

## କ୍ଷୁଦ୍ର ଏବଂ ମଧ୍ୟମ ସହର ଉନ୍ନୟନ (I.D.S.M.T)

କ୍ଷୁଦ୍ର ଓ ମଧ୍ୟମ ଧରଣ ବିଶେଷ କରି କେନ୍ଦ୍ରାପଡ଼ା, ଯାଜପୁର ରୋଡ଼, ଜଗତସିଂହପୁର, ଯାଜପୁର ସହର ଓ ପାରାଦ୍ୱୀପ ଇତ୍ୟାଦି ସହରମାନଙ୍କରେ ସ୍ଥାୟୀ ଦୋକାନ ଘର, ଦୈନିକ ଓ ସାପ୍ତାହିକ ବଜାର, ରାସ୍ତାଘାଟଗୁଡ଼ିକର ଉନ୍ନତି ଇତ୍ୟାଦି କାର୍ଯ୍ୟ ସେଠିକାର ପୌର ସଂସ୍ଥା ଏବଂ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ହାତକୁ ନିଆଯାଇଛି । ବିଗତ ଦୁଇ ଆର୍ଥିକ ବର୍ଷରେ ଏ ବାବଦରେ ୬୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଅଛି ।

## ସଂସ୍କୃତି

ଐତିହାସିକ ପ୍ରତ୍ନତାତ୍ତ୍ୱିକ ତଥା ସାଂସ୍କୃତିକ ଦୃଷ୍ଟିକୋଣରୁ କଟକ ଜିଲ୍ଲାର ସ୍ଥାନ ଉଲ୍ଲେଖନୀୟ ।

ବିଗତ ଦୁଇବର୍ଷ ମଧ୍ୟରେ ଏହି ଜିଲ୍ଲାର ୨୭୩ ଜଣ କଳାକାରଙ୍କୁ ମାସିକ ୩୦୦ ଟଙ୍କା କରି ଭତ୍ତା ପ୍ରଦାନ କରାଯାଉଛି । ସେହିପରି କେବଳ ୧୯୯୦-୯୧ ଆର୍ଥିକ ବର୍ଷରେ ୨୮୪ ଗୋଟି ସାଂସ୍କୃତିକ ଅନୁଷ୍ଠାନକୁ ୩,୭୮,୫୦୦ ଟଙ୍କା ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି ଓ ୨୨ ଗୋଟି ଅନୁଷ୍ଠାନକୁ ୩୬,୫୦୦ ଟଙ୍କା ପୁନଃଯୌନିକ ଅନୁଦାନ ଦିଆଯାଇଛି ।

ଉତ୍କଳୀୟ ବରପୁତ୍ରମାନଙ୍କର ଜୟନ୍ତୀ ଉତ୍ସବ ଆୟୋଜନ କରାଯାଇ ପୂଜ୍ୟପୂଜାର ରୀତିକୁ ରକ୍ଷା କରାଯାଉଛି । ସାଂସ୍କୃତିକ ଭାବର ଆଦାନ ପ୍ରଦାନ କ୍ରମରେ କଟକଠାରେ ମଣିପୁର, ଉତ୍ତର ପ୍ରଦେଶ, ଆସାମ, ପଞ୍ଜାବ ଓ ପଶ୍ଚିମବଙ୍ଗର ପ୍ରଖ୍ୟାତ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ମଞ୍ଚ କଳାର ପୁନରୁତ୍‌ଥାନ ପାଇଁ କଟକର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ନୂତନ ଭାବେ ଜୀବନ୍ୟାସ ଦିଆଯାଇ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ସପ୍ତାହକୁ ୩ ଦିନ ଧରି ଉଚ୍ଚକୋଟୀର ନାଟକମାନ ମଞ୍ଚସ୍ଥ କରାଯାଉଛି ।

ଉତ୍କଳୀୟ ବରପୁତ୍ରମାନଙ୍କର ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ମାହାଙ୍ଗାଠାରେ ଏକ ସ୍ମୃତିଭବନ ନିର୍ମାଣ ପାଇଁ ୧୯୯୧-୯୨ ସୁଦ୍ଧା ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ୧୨,୪୬,୪୨୭ ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଲଳିତଗିରି, ରତ୍ନଗିରି ଓ ଉଦୟଗିରି ସ୍ୱର୍ଣ୍ଣ ତ୍ରିଭୁଜର ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ସାଂସ୍କୃତିକ ଗୁରୁତ୍ୱ ଦୃଷ୍ଟିରୁ ଲଳିତଗିରିଠାରେ ଏକ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ୧୯୯୧-୯୨ ଆର୍ଥିକ ବର୍ଷ ସୁଦ୍ଧା ୧୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## ପରିବହନ

ଯାନବାହାନର ଦ୍ରୁତ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ କଟକ ଜିଲ୍ଲାରେ କଟକ ଓ ଚଣ୍ଡିଖୋଲଠାରେ ଦୁଇଗୋଟି ଆଞ୍ଚଳିକ ପରିବହନ ସଂସ୍ଥା କାର୍ଯ୍ୟରତ ଅଛନ୍ତି । ୧୯୮୯-୯୦ ଆର୍ଥିକ ବର୍ଷ ଭିତରେ ଦୁଇ ଗୋଟି କାର୍ଯ୍ୟାଳୟ ଜରିଆରେ ଯାନବାହାନ ଟିକସ ବାବଦକୁ ୭,୦୫,୧୫,୨୦୬ ଟଙ୍କା ଅର୍ଥ ସଂଗୃହୀତ ହୋଇଥିବା ସ୍ଥଳେ ୧୯୯୦-୯୧ ଏବଂ ୧୯୯୧-୯୨ ଆର୍ଥିକ ବର୍ଷମାନଙ୍କରେ ଯଥାକ୍ରମେ ୮,୪୪,୬୦,୯୪୦ ଟଙ୍କା ଏବଂ ୩୬,୮୫,୦୦୦ ଟଙ୍କା ରାଜ୍ୟ ରାଜକୋଷକୁ ମିଳିଅଛି ।

## ସିଲିଂ ବହିର୍ଭୂତ ଜମି ବଣ୍ଟନ

କଟକ ସହରରେ ବାସଗୃହର ଉତ୍କଟ ଅଭାବ ଦୃଷ୍ଟିରୁ ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ବ୍ୟକ୍ତିମାନଙ୍କ ବସବାସ ନିମନ୍ତେ ବାସଗୃହ ନିର୍ମାଣ କରି ଯୋଗାଇ ଦେବାକୁ ରାଜ୍ୟ ଗୃହ ନିର୍ମାଣ ବୋର୍ଡକୁ ବିଦ୍ୟାଧରପୁର, ରାମଗଡ଼ ଓ ତୁଳସୀପୁର ମୌଜାମାନଙ୍କରେ ମୋଟରେ ୧୫ ଏକର ଜମି ଯୋଗାଇ ଦିଆଯାଇଅଛି ।

## ହରିଜନ ଓ ଆଦିବାସୀ କଲ୍ୟାଣ

୧୯୯୦-୯୧ ଓ ୧୯୯୧-୯୨ ଆର୍ଥିକ ବର୍ଷ ମଧ୍ୟରେ ଆଳିର ମଦନୀପାଳ, ଡମପଡ଼ାର ପାଥପୁର ଓ ବଡ଼ଚଣାର ରାଇଝରଠାରେ ଆବାସିକ ସେବାଶ୍ରମ ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଅଛି । ପ୍ରତ୍ୟେକ ଆବାସିକ ବିଦ୍ୟାଳୟରେ ୪୦ ଜଣ ଅନ୍ତେବାସୀ ଛାତ୍ରମାନଙ୍କୁ ମାଗଣାରେ ଖାଦ୍ୟ, ପୋଷାକ ଓ ପାଠ୍ୟ ଉପକରଣ ଯୋଗାଣ ବ୍ୟବସ୍ଥା କରାଯାଇଛି ।

୧୯୯୦-୯୧ ବର୍ଷରେ ୧୦ ଗୋଟି ଆବାସିକ ସେବାଶ୍ରମ ବିଦ୍ୟାଳୟରେ ମୋଟରେ ୫୬୦ ଜଣ ଅନ୍ତେବାସୀ ଛାତ୍ରଙ୍କ ସଂଖ୍ୟା ୧୯୯୧-୯୨ରେ ବୃଦ୍ଧି କରାଯାଇ ୧,୦୭୦ କରାଯାଇଛି ।

ଅସବର୍ଣ୍ଣ ବିବାହକୁ ପ୍ରୋତ୍ସାହନ କରାଯିବା କ୍ରମରେ ପ୍ରଥମ ବର୍ଷ ପ୍ରତି ଦମ୍ପତିଙ୍କୁ ୩,୦୦୦ ଟଙ୍କା କରି ମୋଟରେ ୧୫,୦୦୦ ଟଙ୍କା ଦିଆଯାଇଥିବା ସ୍ଥଳେ ବର୍ତ୍ତମାନ ପ୍ରୋତ୍ସାହନ ସଂଖ୍ୟା ୫ରୁ ୧୦କୁ ବୃଦ୍ଧି କରାଯାଇଅଛି ।

## ଆଦିବାସୀ ସମନ୍ୱିତ ଯୋଜନା (ମାଡ଼ା)

କଟକର ମୋଟ ୪୧ ଗୋଟି ବ୍ଲକ ମଧ୍ୟରୁ କେବଳ ଆଦିବାସୀ ବହୁଳ ଦାନଗଦି ଓ ସୁକିନ୍ଦା ବ୍ଲକ ୨ଟିରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇ ଆଦିବାସୀ ଲୋକମାନଙ୍କର ଆର୍ଥିକ ବିକାଶ ନିମନ୍ତେ ଉଦ୍ୟମ ଅବ୍ୟାହତ ରହିଅଛି । ୧୯୯୧-୯୨ ପୂର୍ବରୁ ପ୍ରତି ବ୍ଲକରେ ୧୦୦ ଗୋଟି ଅତ୍ୟନ୍ତ ଦୁଃସ୍ଥ ଆଦିବାସୀ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ବ୍ଲକ ପିଛା ୩ ଲକ୍ଷ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ସ୍ଥଳେ ବର୍ତ୍ତମାନ ବ୍ଲକ ପିଛା ୧୫୦ ଗୋଟି ପରିବାର ଚିହ୍ନଟ କରାଯାଇ ୪ ଲକ୍ଷ ୫୦ ହଜାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଅଛି ।

## ପ୍ରାକ୍ ପ୍ରବେଶିକା ବୃତ୍ତି

ପୂର୍ବ ପ୍ରଚଳିତ ପ୍ରାକ୍ ପ୍ରବେଶିକା ବୃତ୍ତି ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ତରରେ ୧୦୦ ଟଙ୍କା ଓ ଉଚ୍ଚ ବିଦ୍ୟାଳୟ ସ୍ତରରେ ୧୫୦ ଟଙ୍କା ଥିବା ସ୍ଥଳେ ବର୍ତ୍ତମାନ ଏହାକୁ ବୃଦ୍ଧି କରାଯାଇ ଯଥାକ୍ରମେ

୧୫୦ ଟଙ୍କା ଓ ୨୦୦ ଟଙ୍କା ରଖାଯାଇଛି । ଏହା ଫଳରେ ପୂର୍ବରୁ ବାର୍ଷିକ ଆବଶ୍ୟକତା ୬୦ ଲକ୍ଷ ଟଙ୍କା ଥିବା ସ୍ଥଳେ ବର୍ତ୍ତମାନ ଏହା ୭୬ ଲକ୍ଷକୁ ବୃଦ୍ଧି ପାଇଛି ।

## ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା

## (District Urban Development Agency)

ପୌରାଞ୍ଚଳରେ ବସବାସ କରୁଥିବା ବାସହୀନ ବ୍ୟକ୍ତିମାନଙ୍କୁ ଶାସଗୃହ ଯୋଗାଣ ପାଇଁ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ମାଧ୍ୟମରେ ୧୯୯୦–୯୧ରେ ୭ ଲକ୍ଷ ଓ ୧୯୯୧–୯୨ରେ ୧୯ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି । ଏତଦ୍ ବ୍ୟତୀତ ସହରାଞ୍ଚଳରେ ବସବାସ କରୁଥିବା ଖଟିଖିଆ ମଜୁରିଆମାନଙ୍କୁ ବିଭିନ୍ନ କାମ ଯୋଗାଇ ଦିଆଯାଇ ସେ ବାବଦରେ ପୂର୍ବୋକ୍ତ ୨ଟି ଆର୍ଥିକ ବର୍ଷରେ ଯଥାକ୍ରମେ ୧୨ ଲକ୍ଷ ଏବଂ ୧୫ ଲକ୍ଷ ବ୍ୟୟ କରାଯାଇଅଛି ।

## ପର୍ଯ୍ୟଟନ

ଐତିହାସିକ ଓ ସାଂସ୍କୃତିକ ବିଭବ ପ୍ରାଧାନ୍ୟ ସ୍ଥାନମାନଙ୍କରୁ କଟକ ଜିଲ୍ଲାର କଟକ, ଯାଜପୁର, ରତ୍ନଗିରି, ଲଳିତଗିରି, ଉଦୟଗିରି, ପାରାଦ୍ୱୀପ, ଧବଳେଶ୍ୱର, କେନ୍ଦ୍ରାପଡ଼ା, ଝଙ୍କଡ଼, ବାଙ୍କୀ, ଭଟ୍ଟାରିକା, ଚଣ୍ଡିଖୋଲ, ମହାବିନାୟକ, ଛତିଆ, ଚୌଦ୍ୱାର, ଅଂଶୁପା, ନରାଜ, ନିଆଳୀ ମାଧବ, ଅଶୋକଝର, ବ୍ୟାସ ସରୋବର ଓ ଭିତର କନିକାକୁ ଚିହ୍ନଟ କରାଯାଇଅଛି । ବିରଜା, ଧବଳେଶ୍ୱର ଓ ପଥରାଜପୁରଠାରେ ପାନ୍ଥଶାଳାମାନ ନିର୍ମାଣ କରାଯାଇଥିବା ସ୍ଥଳେ କଟକ ବକ୍ସିବଜାରଠାରେ ଏକ ଅତ୍ୟାଧୁନିକ ପାନ୍ଥନିବାସ କାର୍ଯ୍ୟ କରୁଅଛି । ପୂର୍ବୋକ୍ତ ପର୍ଯ୍ୟଟନ କେନ୍ଦ୍ରମାନଙ୍କରେ ୧୭ଟି ସ୍ଥାନରେ ନୂତନ ଭାବେ ପାନ୍ଥଶାଳା ନିର୍ମାଣ କରାଯିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ତନ୍ମଧ୍ୟରୁ ଗୋକର୍ଣ୍ଣିକା, ଭଟ୍ଟାରିକା, କେନ୍ଦ୍ରାପଡ଼ା ଏବଂ ଶୋଡ଼ିଠାରେ ପାନ୍ଥଶାଳା ନିର୍ମାଣ ପାଇଁ ବିଭାଗୀୟ ଅନୁମୋଦନ ମିଳିଅଛି । ପଥରାଜପୁରଠାରେ ଥିବା ପାନ୍ଥଶାଳାକୁ ବୃଦ୍ଧି କରାଯାଇ ଏକ ଅତ୍ୟାଧୁନିକ ପାନ୍ଥଶାଳା ନିର୍ମାଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି । ଚଳିତ ଆର୍ଥିକ ବର୍ଷରେ ଝଙ୍କଡ଼, ବାଙ୍କୀ, ଅଂଶୁପା, ମହାବିନାୟକ, ତପାଡିକ୍କଣ ଏବଂ ଡାଙ୍ଗମାଳଠାରେ ପାନ୍ଥଶାଳାମାନ ନିର୍ମାଣ କାର୍ଯ୍ୟ ପାଇଁ ସିଦ୍ଧାନ୍ତ ନିଆଯାଇଛି ।

ଜଳକ୍ରୀଡ଼ାର ସୁବିଧା ପାଇଁ ମହାନଦୀର କଟକ ଏବଂ ଧବଳେଶ୍ୱରଠାରେ ସୁବିଧା ସୃଷ୍ଟି କରାଯାଇଛି । ଭିତର କନିକାର ଗୁପ୍ତବାଲି, ଡାଙ୍ଗମାଳ, ଗହୀରମଥା ଏବଂ ହୁରୁଗିତୋଳା କେନ୍ଦ୍ରକୁ ନେଇ ଏକ ପର୍ଯ୍ୟଟନ ବଳୟ ସୃଷ୍ଟି କରାଯାଇ ପର୍ଯ୍ୟଟକମାନଙ୍କ ବ୍ୟବହାର ପାଇଁ ଗୋଟିଏ ଓଭର ଡ୍ରାଫଟ୍ ରଖାଯାଉଛି । ଏହା କେନ୍ଦ୍ର ପର୍ଯ୍ୟଟନ ବିଭାଗ ଆର୍ଥିକ ସହାୟତା ଦ୍ୱାରା କରାଯିବ ।

## ପାନୀୟ ଜଳ ଯୋଗାଣ

ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଟକ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ପାନୀୟ ଜଳ ଯୋଗାଣ ବାବଦରେ ୧–୪–୧୯୯୨ ତାରିଖ ସୁଦ୍ଧା ମୋଟରେ ୮,୮୭୫ ଗୋଟି ନଳକୂପ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ୧,୫୫୦ ଗୋଟି ଅଚଳ ଥିବା ନଳକୂପର ଆଶୁ ମରାମତି ପାଇଁ ବ୍ୟବସ୍ଥିତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କେବଳ ୧୯୯୦–୯୧ ଏବଂ ୧୯୯୧–୯୨ ଆର୍ଥିକ ବର୍ଷ ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧,୪୪୪ ଗୋଟି ନଳକୂପ କରାଯାଇଥିବା ସ୍ଥଳେ ଡାନିଡ଼ା ପକ୍ଷରୁ ୫୨୭ ଗୋଟି କରାଯାଇଅଛି ।

**ଗ୍ରାମାଞ୍ଚଳ ପାଇଁ ପାଇପ୍ ଜଳ ଯୋଗାଣ**—ଲୁଣା ନଦୀ କୂଳରେ ଅବସ୍ଥିତ ୧୫ ଗୋଟି ଗ୍ରାମକୁ ପାଇପ୍ ଜରିଆରେ ଜଳ ଯୋଗାଇବା ପାଇଁ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଲୁଣି ଓ ଖାରିଆ ପାଣି ପରିବର୍ତ୍ତେ ଲୋକମାନଙ୍କୁ ପାନୀୟ ପାଇଁ ମଧୁର ଜଳ ଯୋଗାଣକୁ ଅଗ୍ରାଧିକାର ଭିତ୍ତିରେ ଦିଆଯାଇ ୧ କୋଟି ୧୮ ଲକ୍ଷ ଖର୍ଚ୍ଚରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି ।

## ରେଡ଼କ୍ରସ୍

କଟକ ଜିଲ୍ଲା ରେଡ଼କ୍ରସ୍ ସମିତି ପକ୍ଷରୁ ୧୯୯୦ରୁ ୧୯୯୨ ବର୍ଷ ମଧ୍ୟରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ୧ ଲକ୍ଷ ୨୫ ହଜାର ଅର୍ଥ ବିନିଯୋଗ କରାଯାଇ କେନ୍ଦ୍ରାପଡ଼ା ପୌର ସଂସ୍ଥାକୁ ଏକ ଆମ୍ବୁଲାନ୍ସ ଗାଡ଼ି ଯୋଗାଇ ଦିଆଯାଇଛି । ୨୩ ହଜାର ଟଙ୍କାରେ ୨ ଗୋଟି ଇ.ଜି.ସି. ମେସିନ କଟକ ସିଟି ଏବଂ ବାଙ୍କୀ ଡାକ୍ତରଖାନାକୁ ଯୋଗାଇ ଦିଆଯାଇଛି । ଯାଜପୁର, ଆଠଗଡ଼ ଏବଂ ନରସିଂହପୁର ଡାକ୍ତରଖାନାମାନଙ୍କୁ ୭୮ ହଜାର ଟଙ୍କାରେ ୩ ଗୋଟି ଜେନେରେଟର ଯୋଗାଯାଇଛି । ସେହିପରି ୫୧ ହଜାର ଟଙ୍କାର ଏକ ଏୟାରକଣ୍ଡିସନର୍ କଟକ ଶିଶୁ ଭବନକୁ ଯୋଗାଯାଇଛି । ଅନ୍ଧତ୍ୱ ନିରାକରଣ ସମିତିକୁ ୧୫ ହଜାର ଟଙ୍କାର ଚକ୍ଷୁ ଚିକିତ୍ସା ଯନ୍ତ୍ରପାତି ଯୋଗାଯାଇଥିବା ସ୍ଥଳେ ୮ ହଜାର ଟଙ୍କାର ଏକ ଓଭର ହେଡ୍ ଟ୍ୟାଙ୍କ ବାଙ୍କୀ ଡାକ୍ତରଖାନାକୁ ଯୋଗାଯାଇଛି । କଟକ ସହରର ନୂଆପଡ଼ାଠାରେ ୪୦ ଲକ୍ଷ ଖର୍ଚ୍ଚ ଅଟକଳରେ ଏକ ଅତ୍ୟାଧୁନିକ ରେଡକ୍ରସ ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ଚାଲିଛି । ପ୍ରତି ମାସରେ ଟିକରପଡ଼ା ରେଡକ୍ରସ ଡାକ୍ତରଖାନା ଏବଂ କଟକର ବଡ଼ ଡାକ୍ତରଖାନାର ଯକ୍ଷ୍ମା ଓ ହୃଦରୋଗ ବିଭାଗକୁ ୧୫ ଶହ ଟଙ୍କାର ଔଷଧ ଯୋଗାଯାଉଅଛି । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ କର୍ତ୍ତୃପକ୍ଷ ପରିଚାଳନାରେ ୭ ହଜାର ୫ ଶହ ଟଙ୍କାର ଏକ ପାଣ୍ଠି ସୃଷ୍ଟି କରାଯାଇ ଦୁର୍ଘଟଣାଗ୍ରସ୍ତ ଗରିବ ଓ ଅସହାୟ ବ୍ୟକ୍ତିଙ୍କର ଜରୁରୀ ଆବଶ୍ୟକତା ପୂରଣ କରାଯାଉଛି । ରକ୍ତ ବୋତଲ ପିଛା ୨୦ ଟଙ୍କା ହିସାବରେ ଯୋଗାଯାଇ ରେଡକ୍ରସ୍ ପକ୍ଷରୁ ରକ୍ତ ଭଣ୍ଡାରକୁ ଅଦ୍ୟାବଧି ୫ ଲକ୍ଷ ୭୬ ହଜାର ଟଙ୍କା ଏ ବାବଦରେ ଯୋଗାଯାଇଛି । କଟକଠାରେ ଚଳିତ ବର୍ଷ ଘଟିଥିବା ମର୍ମନ୍ତୁଦ ମଦ ଦୁର୍ଘଟଣାରେ ବିଷାକ୍ତ ମଦରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କର ଚିକିତ୍ସା ପାଇଁ ୩୨ ହଜାର ଟଙ୍କାର ଔଷଧ ଯୋଗାଣ ସହ ୧୦୭ ଜଣ ମୃତ ବ୍ୟକ୍ତିଙ୍କର ଶବ ସଂସ୍କାର ପାଇଁ ୭୯ ହଜାର ଟଙ୍କା ଯୋଗାଇ ଦିଆଯାଇଛି । ଏହାଛଡ଼ା ବନ୍ୟା, ବାତ୍ୟା, ଏବଂ ଅଗ୍ନିଦାହ ବିପର୍ଯ୍ୟୟରେ ଆକ୍ରାନ୍ତ ବ୍ୟକ୍ତିବିଶେଷ ତଥା ମାତୃ, ପିତୃହରା ବହୁ ପିଲାଙ୍କୁ ପ୍ରାୟ ପ୍ରତିଦିନ ଜିଲ୍ଲା ରେଡକ୍ରସ ପକ୍ଷରୁ କିଛି କିଛି ସାହାଯ୍ୟ ଯୋଗାଣ ଅବ୍ୟାହତ ରହିଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଓ ଚିକିତ୍ସା ପାଇଁ ବିଭିନ୍ନ କ୍ୟାମ୍ପମାନ ଆୟୋଜନ କରିବା ପାଇଁ ଆର୍ଥିକ ସହାୟତା ଏବଂ ଆବଶ୍ୟକୀୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ବହୁମୁଖୀ ସେବା କାର୍ଯ୍ୟ ପାଇଁ କଟକ ଜିଲ୍ଲା ରେଡକ୍ରସ ସମିତି ୧୯୯୧ ବର୍ଷରେ ସର୍ବଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇ ପାରିଅଛି ।

# ଜିଲ୍ଲା ପ୍ରଶାସନ ବ୍ୟବସ୍ଥାକୁ
# କର୍ମମୁଖର, ସୁଦୃଢ଼ ଓ ଫଳପ୍ରଦ କରିବା ଲାଗି
# ନୂତନ ଜିଲ୍ଲା ସୃଷ୍ଟି ଏକ ସମୁଚିତ ପଦକ୍ଷେପ

● ଶ୍ରୀ ଚଣ୍ଡୀ ପ୍ରସାଦ ମହାନ୍ତି

> "କ୍ଷେତ୍ର ପରିସର ସ୍ୱଳ୍ପାୟତନ ହେଲେ ପରିଚାଳନାଗତ ଦକ୍ଷତା ବୃଦ୍ଧି ପାଏ ଓ ସହଜରେ ସଫଳତା ହାସଲ କରାଯାଏ ।"
>
> —ନେପୋଲିୟନ ବୋନାପାର୍ଟ

● ସାମ୍ପ୍ରତିକ ପରିପ୍ରେକ୍ଷୀରେ ଜିଲ୍ଲା ପୁନର୍ଗଠନ ସରକାରଙ୍କର ଏକ ଯୁଗୋପଯୋଗୀ ଓ ସାହସିକ ପଦକ୍ଷେପ ।

**ସଂକ୍ଷିପ୍ତ ଆଲୋକପାତ**

| ନୂତନ ଜିଲ୍ଲାର ନାମ | ଆୟତନ | ଲୋକ ସଂଖ୍ୟା | ବ୍ଲକ୍ | ଜିଲ୍ଲା ସଦର ମହକୁମାମାନଙ୍କ ନାମ |
|---|---|---|---|---|
| ୧) ମାଲକାନଗିରି | ୬୦୫୯·୧୫ ବର୍ଗ କିː ମିː | ୩ ଲକ୍ଷ ୩୫ ହଜାର | ୭ | ମାଲକାନଗିରି |
| ୨) ରାୟଗଡ଼ା | ୭୫୮୦·୯୦ ବର୍ଗ କିː ମିː | ୬ ଲକ୍ଷ ୯ ହଜାର | ୧୧ | ରାୟଗଡ଼ା |
| ୩) ନବରଙ୍ଗପୁର | ୫୨୩୭·୫୭ ବର୍ଗ କିː ମିː | ୬ ଲକ୍ଷ ୫୪ ହଜାର | ୧୦ | ନବରଙ୍ଗପୁର |
| ୪) ଗଜପତି | ୩୧୦୭·୯୦ ବର୍ଗ କିː ମିː | ୫ ଲକ୍ଷ ୫୦ ହଜାର | ୭ | ପାରଳାଖେମୁଣ୍ଡି |

ଜିଲ୍ଲା ପ୍ରଶାସନ ବ୍ୟବସ୍ଥାକୁ କର୍ମମୁଖର, ସୁଦୃଢ଼ ଓ ଫଳପ୍ରଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ନୂତନ ଜିଲ୍ଲା ସୃଷ୍ଟି ଏକ ସମୁଚିତ ପଦକ୍ଷେପ । ସମୁଦାୟ ପୁରୁଣା ତେରଟି ଜିଲ୍ଲାର ଆୟତନ, ଲୋକସଂଖ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି, ଉନ୍ନୟନ କାର୍ଯ୍ୟକ୍ରମ ପ୍ରଣୟନ, ଆଞ୍ଚଳିକ ସମସ୍ୟା ଓ ସରକାରଙ୍କ ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ଜିଲ୍ଲା ପୁନର୍ଗଠନ ଓ ନୂତନ ଜିଲ୍ଲା ସୃଷ୍ଟି ନିମନ୍ତେ ଚଳିତ ବର୍ଷ ରାଜସ୍ୱ ବିଭାଗ ବଜେଟ୍‌ରେ ଏକ କୋଟି ଟଙ୍କା ବ୍ୟୟ ବରାଦ ରଖିଛନ୍ତି । ସ୍ୱାଧୀନତା ହାସଲ ପରେ ପ୍ରଥମ ଥର ପାଇଁ ଏହି ନୂତନ ଜିଲ୍ଲା ଗଠିତ ହେବା ଫଳରେ ରାଜ୍ୟରେ ଜିଲ୍ଲା ସଂଖ୍ୟା ୧୩ରୁ ୧୭କୁ ବୃଦ୍ଧି ପାଇଛି । କୋରାପୁଟ ଓ ଗଞ୍ଜାମ ଜିଲ୍ଲାରେ ଚାରୋଟି ନୂତନ ଜିଲ୍ଲା କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି । ଏଥିପାଇଁ ବିଭିନ୍ନ ଜିଲ୍ଲାରେ ନୂତନ ଜିଲ୍ଲାପାଳ ଓ ଏସ୍.ପି.ମାନଙ୍କୁ ନିଯୁକ୍ତି ଦିଆଯାଇଛି ।

କୋରାପୁଟ ଜିଲ୍ଲାକୁ ପୁନର୍ଗଠନ କରାଯାଇ ତିନୋଟି ନୂତନ ଜିଲ୍ଲା ଯଥା :— ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ସୃଷ୍ଟି କରାଯାଇଛି । ଗଞ୍ଜାମ ଜିଲ୍ଲାକୁ ପୁନର୍ଗଠନ କରାଯାଇ ନୂତନ ଗଜପତି ଜିଲ୍ଲା ସୃଷ୍ଟି କରାଯାଇଛି । ଗଜପତି ଜିଲ୍ଲାର ସଦରଦପ୍ତର ପାରଳାଖେମୁଣ୍ଡିଠାରେ, ମାଲକାନଗିରି ସଦର ଦପ୍ତର ମାଲକାନଗିରିଠାରେ, ରାୟଗଡ଼ାର ସଦର ଦପ୍ତର ରାୟଗଡ଼ାଠାରେ, ନବରଙ୍ଗପୁରର ସଦର ଦପ୍ତର ନବରଙ୍ଗପୁରଠାରେ ପ୍ରତିଷ୍ଠା କରାଯାଇଛି । ପାରଳାଖେମୁଣ୍ଡି ସବ୍‌ଡିଭିଜନକୁ ନେଇ ଗଜପତି ଜିଲ୍ଲା ଗଠନ କରାଯାଇଛି । ଏଥିରେ ପାରଳାଖେମୁଣ୍ଡି ଓ ଆର୍ ଉଦୟଗିରି ଦୁଇଟି ତହସିଲ ଏବଂ କାଶୀନଗର, ପାରଳାଖେମୁଣ୍ଡି, ରାୟଗଡ଼ା, ଗୁମା, ନୂଆଗଡ଼, ଆର୍ ଉଦୟଗିରି, ମୋହନା, ଏହିପରି ସାତୋଟି ବ୍ଲକ୍ ରଖାଯାଇଛି । ଏହି ଜିଲ୍ଲାର ପରିମିତି ୩୧୦୭-୯୦ ବର୍ଗ କିଲୋମିଟର ଏବଂ ଏହାର ଜନସଂଖ୍ୟା ୫·୫୦ ଲକ୍ଷ ।

ସେହିପରି ମାଲକାନ୍‌ଗିରି ସବ୍‌ଡ଼ିଭିଜନକୁ ନେଇ ମାଲକାନଗିରି ଜିଲ୍ଲା ଗଠନ କରାଯାଇଛି । ଏଥିରେ ତିନୋଟି ତହସିଲ୍ ଯଥା :–ମାଲକାନଗିରି, ମୋଟୁ, ଚିତ୍ରକୁଣ୍ଡା ରଖାଯାଇଛି । ସାତୋଟି ବ୍ଲକ୍ ଯଥା :–ମାଲକାନଗିରି, କୋରକୁଣ୍ଡା, ପାଡ଼ିଆ, ଖଇରାପୁଟ, କୁଡ଼ୁମୁଲୁଗୁମା, ବାଲିମେଳା, ମାତିଲି ରଖାଯାଇଛି । ଏହି ଜିଲ୍ଲା ୬୨୫୯·୧୪ ବର୍ଗ କିଲୋମିଟର ପରିମିତି ଅଞ୍ଚଳରେ ଏବଂ ୩ ଲକ୍ଷ ୩୫ ହଜାର ଜନସଂଖ୍ୟାକୁ ନେଇ ଗଠନ କରାଯାଇଛି ।

ରାୟଗଡ଼ା ଓ ଗୁଣୁପୁର ଦୁଇଟି ସବ୍‌ଡ଼ିଭିଜନ୍‌କୁ ନେଇ ରାୟଗଡ଼ା ଜିଲ୍ଲାଗଠନ କରାଯାଇଛି । ଏଥିରେ ୪ଟି ତହସିଲ ଯଥା :–କାଶୀପୁର, ରାୟଗଡ଼ା, ବିଷମ କଟକ ଓ ଗୁଣୁପୁର ରହିଛି । ଏଗାରଟି ବ୍ଲକ୍ ଯଥା :–ରାୟଗଡ଼ା, କାଶୀପୁର, କୋଲନରା, କଲ୍ୟାଣସିଂହପୁର, ଗୁଣୁପୁର, ଗୁଡାରୀ, ବିଷମ କଟକ, ଚନ୍ଦ୍ରପୁର, ମୁନିଗୁଡ଼ା, ରାମନାଗୁଡ଼ା, ପଦ୍ମପୁର ବ୍ଲକ୍ ରହିଛି । ଏହି ଜିଲ୍ଲା ୭୫୮୦·୯୦ ବର୍ଗ କିଲୋମିଟର ପରିମିତି ଅଞ୍ଚଳ ଓ ୬ ଲକ୍ଷ ୯ ହଜାର ଜନସଂଖ୍ୟାକୁ ନେଇ ଗଠନ କରାଯାଇଛି । କେବଳ ନବରଙ୍ଗପୁର ସବ୍‌ଡ଼ିଭିଜନକୁ ନେଇ ନବରଙ୍ଗପୁର ଜିଲ୍ଲା ଗଠନ କରାଯାଇଛି । ଏଥିରେ ୪ଟି ତହସିଲ୍ ଯଥା :–ନବରଙ୍ଗପୁର, ଉମରକୋଟ, କୋଡ଼ିଙ୍ଗା, ଡାବୁଗାଁ ରହିଛି । ଦଶଟି ବ୍ଲକ୍ ଯଥା :–ନବରଙ୍ଗପୁର, ଉମର କୋଟ, ତେନ୍ତୁଳିଖୁଣ୍ଟି, ଚନ୍ଦାହାଣ୍ଡି, କୋସାଗୁମୁଡ଼ା, ପାପଡ଼ାହାଣ୍ଡି, ଝରିଗାଁ, ଡାବୁଗାଁ, ରାୟଗଡ଼ ଓ ନନ୍ଦାହାଣ୍ଡି ବ୍ଲକ୍ ରହିଛି । ଏହି ଜିଲ୍ଲାର କ୍ଷେତ୍ରଫଳ ୫୨୩୬·୫୬ ବର୍ଗ କି.ମି. ଏବଂ ଲୋକ ସଂଖ୍ୟା ୬ ଲକ୍ଷ ୫୪ ହଜାର ।

ସେହିପରି ଗଜପତି ଜିଲ୍ଲା ଗଠନ କରାଯାଇ ଏହାକୁ ଦୁଇଟି ତହସିଲ ପାରଳାଖେମୁଣ୍ଡି ଓ ଆର୍ ଉଦୟଗିରିରେ ବିଭକ୍ତ କରାଯାଇଛି । କୋରାପୁଟ ଜିଲ୍ଲା ଦୌରାଜକ୍ ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ ଜିଲ୍ଲା ନିମନ୍ତେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବେ । ସେହିପରି ଗଞ୍ଜାମ ଦୌରାଜକ୍ ଗଜପତି ଜିଲ୍ଲା ପାଇଁ କାର୍ଯ୍ୟ କରିବେ । କୋରାପୁଟ ଜିଲ୍ଲା ଅଧୀନରେ ଏବେ କୋରାପୁଟ ଓ ଜୟପୁର ସବ୍‌ଡ଼ିଭିଜନ୍ ରହିବ । ପୁନର୍ଗଠନ ପରେ ଏହି ଜିଲ୍ଲାର କ୍ଷେତ୍ରଫଳ ୭୧୩୩·୧୯ ବର୍ଗ କିଲୋମିଟର ଏବଂ ଲୋକସଂଖ୍ୟା ୮ ଲକ୍ଷ ୮୬ ହଜାରକୁ ହ୍ରାସ ପାଇଛି । ଏହି ଜିଲ୍ଲା ଅଧୀନରେ କୋରାପୁଟ, ନନ୍ଦପୁର, ମାଛକୁଣ୍ଡା, ବୋରିଗୁମା, ଜୟପୁର, କୋଟପାଡ଼ ତହସିଲ ଏବଂ କୋରାପୁଟ, ସିମିଳିଗୁଡ଼ା, ପଟାଙ୍ଗି, ଲକ୍ଷ୍ମୀପୁର, ନନ୍ଦପୁର, ବନ୍ଧୁଗାଁ, ନାରାୟଣ ପାଟଣା, ଲକ୍ଷ୍ମଣପୁଟ, ଦଶମନ୍ତପୁର, ଜୟପୁର, କୋଟପାଡ଼, କୁନ୍ଦ୍ରା, ବୋରିଗୁମା ଓ ବୈପାରୀଗୁଡ଼ା ବ୍ଲକ୍ ରହିବ ।

ପୁନର୍ଗଠିତ ଗଞ୍ଜାମ ଜିଲ୍ଲା ଅଧୀନରେ ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗର ସବ୍‌ଡ଼ିଭିଜନ୍ ରହିବ । ପୁନର୍ଗଠନ ପରେ ଏହି ଜିଲ୍ଲାର କ୍ଷେତ୍ରଫଳ ୮୦୫୪·୬୮ ବର୍ଗ କିଲୋମିଟର ଓ ଲୋକସଂଖ୍ୟା ୨୨ ଲକ୍ଷ ୬୬ ହଜାରକୁ ହ୍ରାସ ପାଇଛି । ଏହି ଜିଲ୍ଲା ଅଧୀନରେ ବ୍ରହ୍ମପୁର, ଚିକିଟି, ଦିଗପହଣ୍ଡି, କନିସି, ଛତ୍ରପୁର, କୋଦଳା, ଖଲ୍ଲିକୋଟ, ପୁରୁଷୋତ୍ତମପୁର, ଆସ୍କା, ଭଞ୍ଜନଗର, ସୋରଡ଼ା, ଭୁଗୁଡ଼ା, ତହସିଲ ଏବଂ ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡି, ଦିଗପହଣ୍ଡି, ସାନଖେମୁଣ୍ଡି, ଚିକିଟି, ପାତ୍ରପୁର, ଛତ୍ରପୁର, ଗଞ୍ଜାମ, ଖଲ୍ଲିକୋ କୋଦଳା, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ, ପୋଲସ କବିସୂର୍ଯ୍ୟନଗର, ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥ ପ୍ରସା ଭୁଗୁଡ଼ା, ଆସ୍କା, ଶେରଗଡ଼, ଧରାକୋଟ ଓ ସୋରଡ଼ା ବ୍ଲ ରହିବ । କୋଠାବାଡ଼ି ନିର୍ମାଣ କରି ଜିଲ୍ଲାଗୁଡ଼ିକୁ ସମ୍ପୂର୍ଣ୍ଣ ଭା କାର୍ଯ୍ୟକ୍ଷମ କରିବାକୁ ହୁଏତ ୫/୧୦ ବର୍ଷ ଲାଗି ଯାଇପାରେ । ସେଥିନିମିତ୍ତ ଏହି ଜିଲ୍ଲା ପୁନର୍ଗଠନ ସମୟରେ ପ୍ରବର୍ତ୍ତନ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଯେପରି ବାଧାପ୍ରାପ୍ତ ନହୁଏ ସେଥିପ୍ରତି ସରକାରଙ୍କ ତରଫରୁ ସତର୍କ ଦୃଷ୍ଟି ଦିଆଯାଇଛି । ଯେଉଁ ଅଞ୍ଚଳଗୁଡ଼ିକ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି ସେ ସବୁ ଜିଲ୍ଲାଗୁଡ଼ିକରେ ରିଲିଫ୍ କାର୍ଯ୍ୟକୁ ସକ୍ରିୟ ଓ ତ୍ୱରାନ୍ୱିତ କରାଇବା ପାଇଁ ବିହିତ ପଦକ୍ଷେପ ନିଆଯାଉଛି । ମାତ୍ର ଜିଲ୍ଲାଗୁଡ଼ିକରୁ ପୃଥକ କରାଯାଇଥିବା ଅଞ୍ଚଳଗୁଡ଼ିକୁ ନେଇ ସୃଷ୍ଟି ହୋଇଥିବା ନୂତନ ଜିଲ୍ଲାମାନଙ୍କରେ ଆଗରୁ ମୂଳ ଜିଲ୍ଲାରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ପ୍ରତି ଅଧିକ ଧ୍ୟାନ ଦିଆଯାଇ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ।

ଅମଲାତାନ୍ତ୍ରିକ ଦାୟିତ୍ୱ ହସ୍ତାନ୍ତର ସମୟରେ ନୂତନ ଜିଲ୍ଲାଗୁଡ଼ିକରେ ଆବଶ୍ୟକ ହେଉଥିବା ବିଭିନ୍ନ ଦିଗପ୍ରତି ସତର୍କତା ଅବଲମ୍ବନ କରାଯାଇଛି । ଯେଉଁ ଦିଗ ପ୍ରତି ଅଧିକ ସତର୍କତା ଦିଆଯାଇଛି ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।

(କ) କାର୍ଯ୍ୟାଳୟ, କୋଠାବାଡ଼ି ସମୂହ

(ଖ) ଜିଲ୍ଲାରେ କାର୍ଯ୍ୟ କରିବା ଲାଗି ଆବଶ୍ୟକ ପଦାଧିକାରୀ ଓ କର୍ମଚାରୀବୃନ୍ଦଙ୍କ ନିଯୁକ୍ତି ଓ ଜିଲ୍ଲାର ସ୍ୱୀକିରି ପାହ୍ୟାର ପୁନର୍ଗଠନ ।

(ଗ) ସମ୍ପୃକ୍ତ ଜିଲ୍ଲାକୁ ଆବଶ୍ୟକ ମତେ ଗାଡ଼ି ଡ୍ରାଇଭର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଣ ।

(ଘ) ଟ୍ରେଜେରୀ ବ୍ୟବସ୍ଥା

(ଙ) ବଜେଟ ଅଟକଳ ଓ ହିସାବ ନିକାଶର ବିଭାଜୀକରଣ ।

(ଚ) ଆବଶ୍ୟକ ନଥିପତ୍ରଗୁଡ଼ିକର ହସ୍ତାନ୍ତର ।

(ଛ) ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନଥିପତ୍ରଗୁଡ଼ିକର ହସ୍ତାନ୍ତର ।

(ଜ) ଜିଲ୍ଲାରେ ପଡ଼ିରହିଥିବା ଅନୁସନ୍ଧାନମୂଳକ ବ୍ୟାପାର ଓ ଶୃଙ୍ଖଳାଗତ ମାମଲାଗୁଡ଼ିକର ଫଇସଲା ।

(ଝ) ବିଚାର ବିଭାଗୀୟ ଅନୁଷ୍ଠାନଗୁଡ଼ିକ ନୂତନ ପରିପ୍ରେକ୍ଷୀରେ କିପରି କାର୍ଯ୍ୟ କରିବେ ସରକାରୀ ଓକିଲ ଓ ଅନ୍ୟାନ୍ୟ ଓକିଲଙ୍କର ସୁବିଧା ।

(ଞ) ଲୋକଙ୍କର ଅସୁବିଧା ପ୍ରତି ଦୃଷ୍ଟି ଦେବା ଓ ନ୍ୟାୟ ବିଚାର ପାଇଁ ଆସୁଥିବା ସାଧାରଣ ଲୋକମାନେ ସମ୍ପୃକ୍ତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଜାଣିବା ।

(ଟ) ଜିଲ୍ଲା ଯୋଜନାଗୁଡ଼ିକର ସଂଶୋଧିତ ବଜେଟ ଅଟକଳ ପ୍ରସ୍ତୁତି ।

(ଠ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସମନ୍ୱିତ ଆଦିବାସୀ ସଂସ୍ଥାଗୁଡ଼ିକର ପୁନର୍ଗଠନ ଓ ଆବଶ୍ୟକ ସ୍ଥଳେ ଆନୁଷଙ୍ଗିକ ବାଇଲଗୁଡ଼ିକର ସଂଶୋଧନ ।

(ଡ) ଜିଲ୍ଲାସ୍ତରୀୟ କମିଟି ଓ ବୋର୍ଡ଼ଗୁଡ଼ିକର ପୁନର୍ଗଠନ ।

ନୂତନ ଭାବେ ସୃଷ୍ଟି ହୋଇଥିବା ଜିଲ୍ଲାଗୁଡ଼ିକର ମାନଚିତ୍ର ପ୍ରସ୍ତୁତ କରିବାଲାଗି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହାଛଡ଼ା ପୋଲିସ୍ ଷ୍ଟେସନଗୁଡ଼ିକର ପରିସୀମା ସଂକ୍ରାନ୍ତରେ ଆଞ୍ଚଳିକ କ୍ଷମତା ବିଜ୍ଞପ୍ତି ପ୍ରକାଶ କରିବା ଲାଗି ବିହିତ କାର୍ଯ୍ୟ ଗ୍ରହଣ କରାଯାଇଛି । ଏହାଛଡ଼ା ସମ୍ପୃକ୍ତ ଜିଲ୍ଲାରେ ଡ଼ି:ଏଫ୍:ଓ: ଡ଼ି:ଏଫ୍: ଆଦି ପଦାଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି । ବିଭାଜିତ ନୂତନ ଜିଲ୍ଲା ଓ ପୁରାତନ ଜିଲ୍ଲାଗୁଡ଼ିକ ମଧ୍ୟରେ ଯେଉଁସବୁ ସୁବିଧା ସୁଯୋଗ ରହିଆସିଛି ସେସବୁଗୁଡ଼ିକ ଉଭୟ ଜିଲ୍ଲା ସଦୁପଯୋଗ କରିପାରିବେ । ଉଦାହରଣ ସ୍ୱରୂପ ଜିଲ୍ଲା ଜେଲ୍, ଜିଲ୍ଲା ଅଗ୍ନିଶମସେବା, ଜିଲ୍ଲା କମ୍ପ୍ୟୁଟର କେନ୍ଦ୍ର ପ୍ରଭୃତି । ଏହି ସୁବିଧାସୁଯୋଗ ସହିତ ପୁରୁଣା ଜିଲ୍ଲାରେ ରହିଥିବା ଅନ୍ୟାନ୍ୟ ସୁବିଧାସୁଯୋଗ ସହିତ ପୁରୁଣା ଜିଲ୍ଲାରେ ରହିଥିବା ଅନ୍ୟାନ୍ୟ ସୁବିଧାସୁଯୋଗକୁ ହାସଲ କରିବା ନିମନ୍ତେ ସରକାରଙ୍କଠାରୁ ନିର୍ଦ୍ଦେଶନାମା ଜାରି ହୋଇଛି । ସରକାରଙ୍କ ରାଜସ୍ୱ ବିଭାଗ, ସାଧାରଣ ପ୍ରଶାସନ ବିଭାଗ, ଯୋଜନା ଓ ସମନ୍ୱୟ ବିଭାଗ, ଅର୍ଥବିଭାଗ, ସ୍ୱରାଷ୍ଟ୍ର ବିଭାଗ, ପଞ୍ଚାୟତ ବିଭାଗ, ହରିଜନ ଓ ଆଦିବାସୀ ବିଭାଗ, ଜଙ୍ଗଲ ବିଭାଗ ପ୍ରଭୃତି ଏହି ଜିଲ୍ଲା ପୁନର୍ଗଠନ କ୍ଷେତ୍ରରେ ଓ ଅମଲାତାନ୍ତ୍ରିକ କ୍ଷମତାର ହସ୍ତାନ୍ତର ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ।

ଆର୍:ଡି:ସି: ଓ ନୂତନ ଜିଲ୍ଲାପାଳ, ବିଭାଗୀୟ ମୁଖ୍ୟ, ଜିଲ୍ଲାସ୍ତରୀୟ ଅଫିସରଙ୍କଲାଗି ଏକ ସବିଶେଷ ତନଖି ତାଲିକା ପ୍ରସ୍ତୁତ କରିବାଲାଗି ସମ୍ପୃକ୍ତ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଫଳରେ ଅମଲାତାନ୍ତ୍ରିକ ହସ୍ତାନ୍ତର ସୁରୁଖୁରୁ ଭାବରେ ସମ୍ପନ୍ନ କରାଯାଇ ପାରିବ ।

ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସରକାରଙ୍କର ରାଜସ୍ୱ ବିଭାଗ, ପ୍ରଶାସନିକ ବିଭାଗ, ଅର୍ଥ ବିଭାଗ, ସ୍ୱରାଷ୍ଟ୍ର ବିଭାଗ, ଓ ଆଇନ ବିଭାଗ ଦ୍ୱାରା ଗୃହୀତହୋଇଛି ।

ଆର୍:ଡି:ସି:, ରାଜସ୍ୱବୋର୍ଡ ଓ ରାଜସ୍ୱ ବିଭାଗ ଦ୍ୱାରା ପରିସ୍ଥିତିର ଅନୁଧ୍ୟାନ କରିବାଲାଗି ସରକାରଙ୍କ ଦ୍ୱାରା ଆଦେଶନାମା ଜାରି ହୋଇଛି । ଏହା ଫଳରେ ଅମଲାତାନ୍ତ୍ରିକ ଦାୟିତ୍ୱ ହସ୍ତାନ୍ତର ଖୁବ୍ ସୁରୁଖୁରୁରେ ହେବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ସାମଗ୍ରୀ ହସ୍ତାନ୍ତର କ୍ଷେତ୍ରରେ ମଧ୍ୟ କୌଣସି ବାଧା ଉପୁଜିବ ନାହିଁ । ଏଭଳି ଅମଲାତନ୍ତ୍ର ହସ୍ତାନ୍ତରର ସୁପରିଚାଳନା ଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଓ କେତେକ ଗୁରୁତ୍ୱପୂର୍ଣ୍ଣ ଶାସନ ସଚିବ ଓ ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି ।

ଜିଲ୍ଲା ପୁନର୍ଗଠନ ଓ ତା'ର ବିକେନ୍ଦ୍ର ପ୍ରଶାସନିକ ବ୍ୟବସ୍ଥାର ଦୃଢ ପଦକ୍ଷେପ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଏଥିରେ ସନ୍ଦେହ ନାହିଁ ।

ଜିଲ୍ଲା ପୁନର୍ଗଠନ ନିମନ୍ତେ ସରକାରଙ୍କ ଦ୍ୱାରା ଗୃହୀତ ନୀତିଗତ ନିଷ୍ପତ୍ତିର ପ୍ରଥମ ପର୍ଯ୍ୟାୟ ରୂପେ ଏହି ଚାରୋଟି ନୂତନ ଜିଲ୍ଲା ସୃଷ୍ଟି କରାଯାଇଛି । ଅନ୍ୟ ଜିଲ୍ଲାଗୁଡିକୁ ଆଗାମୀ ଆର୍ଥିକବର୍ଷ ମଧ୍ୟରେ ପୁନର୍ଗଠିତ କରି ଆଉ ୧୦ଟି ବା ୧୧ଟି ନୂତନ ଜିଲ୍ଲା ସୃଷ୍ଟି କରାଯିବା ବିଷୟ ମୁଖ୍ୟମନ୍ତ୍ରୀ ଘୋଷଣା କରିସାରିଛନ୍ତି । କେବଳ ଫୁଲବାଣୀ, ସୁନ୍ଦରଗଡ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ଛାଡି ଅନ୍ୟ ସବୁ ଜିଲ୍ଲାଗୁଡିକୁ ପୁନର୍ଗଠନ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି ।

---

ରଚନା ଅଧିକାରୀ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ।



ହିନ୍ଦୋଳ ସବ୍‌ଡିଭିଜନର ନୂଆବାଗଠାରେ ଜଳସେଚନ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର ସାପୁଆ ବଡଜୋର ମଧ୍ୟମ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ।

# ଶିଳ୍ପ ବିକାଶ ନିଗମ : ଏକ ଦୃଷ୍ଟିପାତ

● ଶ୍ରୀ କ୍ଷେତ୍ରମୋହନ ଦାଶ

ସ୍ୱାଧୀନତା ପରେ ପ୍ରଚୁର ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଭାରତର ପୂର୍ବ ଉପକୂଳ ପ୍ରଦେଶ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ଯେଉଁସବୁ ନିଗମମାନ ଗଢ଼ିଉଠିଛି, ସେଥି ମଧ୍ୟରୁ ଓଡ଼ିଶା ଶିଳ୍ପ ବିକାଶ ନିଗମ (IDCOL) ଅନ୍ୟତମ । ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସଙ୍ଗେ ସଙ୍ଗେ ନୂତନ ଦିଗ୍‌ଦର୍ଶନ ଦେଇ ଓଡ଼ିଶାର ଶିଳ୍ପକୁ ବିଶ୍ୱ ଦରବାରରେ ପ୍ରଗତି ପଥରେ ଆଗେଇନେବା ଏହି ନିଗମର ଲକ୍ଷ୍ୟ । ଏହି ନିଗମ ପ୍ରଥମେ ୧୯୬୨ ମସିହା ମାର୍ଚ୍ଚ ମାସରେ ଏକ ସାଧାରଣ କମ୍ପାନୀ ରୂପେ ରେଜିଷ୍ଟ୍ରୀଭୁକ୍ତ ହୋଇଥିଲା । ବର୍ତ୍ତମାନ ୧୨ଟି ଶିଳ୍ପ ପ୍ରତିଷ୍ଠାନକୁ (ଦୁଇଟି ସହାୟକ ସଂସ୍ଥା) ଏହି ଶିଳ୍ପ ନିଗମ ପରିଚାଳନା କରୁଛି । ଏଠାରେ ପ୍ରାୟ ୬,୬୩୦ ବ୍ୟକ୍ତି ପ୍ରତ୍ୟକ୍ଷ ଭାବେ ଓ ୩,୦୦୦ ବ୍ୟକ୍ତି ଠିକାଦାରମାନଙ୍କ ଦ୍ୱାରା ପରୋକ୍ଷ ଭାବେ ନିଯୁକ୍ତି ପାଇଛନ୍ତି । ଏହାର ବାର୍ଷିକ କାରବାର ପ୍ରାୟ ୧୦୦ କୋଟି ଟଙ୍କା ।

## (୧) ହୀରାକୁଦ ଶିଳ୍ପ କାରଖାନା :

ହୀରାକୁଦ ନଦୀବନ୍ଧ ଯୋଜନାର ଏକ ବୃହତ ଇଞ୍ଜିନିୟରିଂ କାରଖାନାକୁ ୧୯୬୨ ମସିହାରେ ଏହି ନିଗମ ନିଜ ହାତକୁ ନେଇ ସମ୍ବଲପୁର ଜିଲ୍ଲାର ହୀରାକୁଦଠାରେ "ହୀରାକୁଦ ଶିଳ୍ପ କାରଖାନା" ନାମରେ କାର୍ଯ୍ୟ ଆରମ୍ଭ କରିଥିଲା । ଏହି କାରଖାନାର ଆଧୁନିକୀକରଣ ପାଇଁ ନିଗମ ନିଜର ଅର୍ଥ ବ୍ୟୟ କରିଥିଲା । ସେହି ବର୍ଷ ନଭେମ୍ବର ମାସଠାରୁ ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ ତାର ବାନ୍ଧିବା ପାଇଁ ଆବଶ୍ୟକ ହେଉଥିବା ଟାୱାର ଓ ବିଦ୍ୟୁତ୍ ସବ୍‌ଷ୍ଟେସନମାନଙ୍କରେ ବ୍ୟବହୃତ ହେଉଥିବା ଖୁଣ୍ଟ ତିଆରି ଆରମ୍ଭ ହେଲା । ପ୍ରଥମେ ଏହି କାରଖାନାରୁ ୬୬ କେ.ଭି ଓ ୧୩୨ କେ.ଭି ଓ ୨୨୦ କେ.ଭି ବିଦ୍ୟୁତ୍ ସରବରାହ ଟାୱାରମାନ ତିଆରି ହେଉଥିଲା । ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଶକ୍ତିର ପରିବହନ ପାଇଁ ଅଧିକ ଦକ୍ଷଯୁକ୍ତ ଟାୱାର ଖୁଣ୍ଟର ଆବଶ୍ୟକତା ମେଣ୍ଟାଇବା ପାଇଁ କାରଖାନାର ଶକ୍ତି ବୃଦ୍ଧି କରାଯାଇ ଏବେ ସେଠାରେ ୪୦୦ କେ.ଭି ଶକ୍ତିଯୁକ୍ତ ତାର ପରିବହନ ଖୁଣ୍ଟମାନ ତିଆରି ହେଉଛି । ବର୍ତ୍ତମାନ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୬,୦୦୦ ଟନ୍ । ଏହି କାର୍ଯ୍ୟର ସୂକ୍ଷ୍ମ ପରିଚାଳନା ପାଇଁ ଡିଜିଟାଲ କମ୍ପ୍ୟୁଟର ସାହାଯ୍ୟରେ ସ୍ୱୟଂଚାଳିତ ଷ୍ଟେପ୍ ଟ୍ରେସ ବିଶ୍ଳେଷଣ ବ୍ୟବସ୍ଥା ସମ୍ପାଦନ କରାଯାଇଛି । ବାଙ୍ଗାଲୋରସ୍ଥିତ କେନ୍ଦ୍ର ଶକ୍ତି ଗବେଷଣା ସଂସ୍ଥା ଦ୍ୱାରା କାରଖାନାରୁ ଉତ୍ପନ୍ନ ସାମଗ୍ରୀ ଉନ୍ନତମାନର ବୋଲି ନିରୂପିତ ହୋଇଅଛି । କାରଖାନାରୁ ଉତ୍ପନ୍ନ ହେଉଥିବା ଟାୱାର ସରଞ୍ଜାମ ଓ ଖୁଣ୍ଟ ଅନ୍ୟାନ୍ୟ ରାଜ୍ୟର ବିଦ୍ୟୁତ୍ ବୋର୍ଡ଼ ଓ ସାଧାରଣ ସଂସ୍ଥାମାନଙ୍କୁ ଯୋଗାଇ ଦିଆଯାଉଛି । ବର୍ତ୍ତମାନ ଏହି କାରଖାନା ଦ୍ୱାରା ଲୌହ ଶିଳ୍ପ, ସାରକାରଖାନା, ଜଳସେଚନ ଓ ଶକ୍ତି ଉତ୍ପାଦନ ପ୍ରକଳ୍ପ ପାଇଁ ଆବଶ୍ୟକ ଡ଼ିଜାଇନ୍ ଓ ନିର୍ମାଣ କାମ କରାଯାଉଛି । ଅଦ୍ୟାବଧି କାରଖାନାରେ ମୋଟ ୧ କୋଟି ୬୭ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ଓ ୪୬୨ ଜଣ ଲୋକଙ୍କୁ କର୍ମ ନିଯୁକ୍ତି ଦିଆଯାଇଛି । ୧୯୭୮ ମସିହା ଅଗଷ୍ଟ ମାସରେ ଏହାର ଆଉ ଏକ ଶାଖା ପ୍ରତିଷ୍ଠା କରାଯାଇ ଆବଶ୍ୟକସ୍ଥଳେ ବିଦ୍ୟୁତ୍ ବୋର୍ଡ଼ମାନଙ୍କର ଟାୱାର ତିଆରି ଓ ତାରଟଣା କାମ କରାଇ ଦିଆଯାଉଛି ।

## (୨) ହୀରା କେବଲ୍ କାରଖାନା :

୧୯୬୭ ମସିହା ନଭେମ୍ବର ମାସରେ "ହୀରା କେବଲ ୱାର୍କସ" ନାମରେ ଏକ କେବଲ ତିଆରି କାରଖାନା ଓଡିଶା ଶିଳ୍ପ ବିକାଶ ନିଗମ ଉଦ୍ୟମରେ ୪ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ କରାଯାଇଅଛି । ଏହି କାରଖାନାର ଉତ୍ପାଦନ କ୍ଷମତା ୫,୦୦୦ ଟନ୍ ବିଦ୍ୟୁତ୍ ପରିବାହୀ ଆଲୁମିନିୟମ ଓ ୬୬୦ ମେଟ୍ରିକ ଟନ୍ ତମ୍ବା ମିଶ୍ରିତ ଆଲୁମିନିୟମ ତାର । ଏହି କାରଖାନାର ବ୍ୟବସାୟିକ ଉତ୍ପାଦନ ୧୯୬୯ ମସିହାଠାରୁ ଆରମ୍ଭ ହୋଇଛି ।

ଭାରତୀୟ ବିଦ୍ୟୁତ୍ ସରବରାହ ମାନଚିତ୍ରରେ ହୀରା କେବଲ ୱାର୍କସର ଦାନ ଉଲ୍ଲେଖନୀୟ । ଫରାସୀ ବୈଷୟିକ ସହାୟତା ଓ ସ୍ଥାନୀୟ ନିପୁଣ କର୍ମ କୁଶଳତା ହୀରା କେବଲ୍‌ର ଆନ୍ତର୍ଜାତୀୟ ମାନରକ୍ଷା କରିପାରିଛି । ଏଠାରେ ତିଆରି ହେଉଥିବା କେବଲ୍‌ର କଞ୍ଚାମାଲ ଉତ୍ପାଦନଠାରୁ ଆରମ୍ଭ କରି ପଦାର୍ଥ ଉତ୍ପାଦନ ଶେଷ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତୀୟ, ବ୍ରିଟିଶ ତଥା ଆନ୍ତର୍ଜାତୀୟ ମାନ ନିର୍ଦ୍ଧାରଣ ପାଇଁ ଆବଶ୍ୟକ ହେଉଥିବା ସବୁ ପ୍ରକାରର ପରୀକ୍ଷା ନିରୀକ୍ଷାର ସୁବ୍ୟବସ୍ଥା ରହିଛି । ଉତ୍ପାଦିତ ସାମଗ୍ରୀକୁ ସର୍ବୋତ୍କୃଷ୍ଟ କରିବା ପାଇଁ କାରଖାନାର ପ୍ରତ୍ୟେକ ସ୍ତରରେ କୁଶଳୀ ଓ କର୍ମଠ

ହସ୍ତର ଦକ୍ଷତା ପ୍ରଦର୍ଶନ କରାଯାଇଥାଏ । ବ୍ୟବହାରକାରୀର ବିଶ୍ୱାସ, ଆବଶ୍ୟକତା ଓ ଉତ୍ପାଦିତ ସାମଗ୍ରୀର ଦୀର୍ଘ ସ୍ଥାୟିତ୍ୱ ଉପରେ ଦିଆଯାଉଥିବା ଗୁରୁତ୍ୱ, ଖାଉଟିଙ୍କୁ ହୀରା କେବଲ୍ କିଣିବା ପାଇଁ ଉତ୍ସାହିତ କରିଥାଏ । ହୀରା କେବଲ୍‌ର ଉତ୍ପାଦିତ ସାମଗ୍ରୀ ଆଲିପୁରସ୍ଥିତ ଜାତୀୟ ପରୀକ୍ଷାଗାରର ସମସ୍ତ ପ୍ରକାର ଟିକିନିଖି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛି । ଏହି କାରଖାନାରୁ ୫୦୦ କେ.ଭି. ବିଦ୍ୟୁତ୍‌ଶକ୍ତି ପରିବହନ କରି ପାରୁଥିବା ଉ. ମାନର ବିଦ୍ୟୁତ ପରିବାହୀ ତାରମାନ ତିଆରି ହୋଇପାରୁଛି ।

ହୀରା କେବଲ୍ କାରଖାନା ଭାରତର ବିଭିନ୍ନ ବିଦ୍ୟୁତ ବୋର୍ଡର କେବଲ୍ ଚାହିଦା ନିର୍ଦ୍ଦିଷ୍ଟ ସମୟରେ ଆବଶ୍ୟକ ମୁତାବକ ଯୋଗାଇ ଦେଉଛି । ଏତଦ୍ ଭିନ୍ନ ଥାଇଲାଣ୍ଡ ଓ ଫିଲିପାଇନସ୍ ଇତ୍ୟାଦି ବିଦେଶୀ ରାଷ୍ଟ୍ରକୁ କେବଲ୍ ଯୋଗାଇ ଦେବାର କ୍ଷମତା ଅର୍ଜନ କରିଛି । ପରିବର୍ଦ୍ଧିତ ଯୋଜନା ଅନୁସାରେ ଏକ ପ୍ରୋପର୍‌ଜି ମିଲ୍ ଦ୍ୱାରା ଆଲୁମୁନିୟମ୍ ପିଣ୍ଡକୁ ରଡ୍‌ରେ ପରିଣତ କରାଯାଉଛି । ବାର୍ଷିକ ୬,୦୦୦ ମେଟ୍ରିକ ଟନ୍ ଆଲୁମୁନିୟମ ରଡ୍ ଉତ୍ପାଦନ କରିପାରୁଥିବା ଏହି କାରଖାନାରୁ ୧୯୮୨ ମାର୍ଚ୍ଚ ମାସଠାରୁ ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇଛି । କାରଖାନାରେ ୨୪୯ ଜଣ ଲୋକ କର୍ମ ନିଯୁକ୍ତି ପାଇଛନ୍ତି ।

## (୩) ହୀରା ସିମେଣ୍ଟ କାରଖାନା :

୧୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ହୀରା ସିମେଣ୍ଟ କାରଖାନା ୧୯୬୮ ମସିହା ଫେବୃଆରୀ ମାସଠାରୁ ଉତ୍ପାଦନକ୍ଷମ ହୋଇପାରିଛି । ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩୯,୬,୦୦୦ ଟନ୍ ପୋର୍ଟଲେଣ୍ଡ ସିମେଣ୍ଟ । ସମ୍ବଲପୁର ଜିଲ୍ଲାର ବରଗଡ଼ ଉପଖଣ୍ଡଠାରୁ ମାତ୍ର ୫ କି.ମି. ଦୂର ବରଦୋଲଠାରେ ଏହି କାରଖାନା ପ୍ରତିଷ୍ଠିତ । ଉଲ୍ଲେଖନୀୟ ବିଷୟ ଏହି ଯେ ଏହାର ଉତ୍ପାଦନ କ୍ଷମତା କାରଖାନା ଦ୍ୱାରା ନିର୍ଦ୍ଧାରିତ ଶତକଡ଼ା ୧୦୦ରୁ ଅଧିକ ଏବଂ ଏହି ଉତ୍ପାଦନ ପ୍ରକ୍ରିୟା ଗତ କେତେବର୍ଷ ଧରି ଅବ୍ୟାହତ ରହିଅଛି । କାରଖାନାଠାରୁ ୪୫ କି.ମି. ଦୂରରେ ଥିବା ଡୁଙ୍ଗୁରୀ ଚୂନପଥର ଖଣି କାରଖାନାର ନିଜସ୍ୱ ରେଳପଥ ଦ୍ୱାରା ସଂଯୁକ୍ତ ହୋଇଥିବାରୁ ଚୂନପଥର ସରବରାହରେ ଅଧିକ ସୁବିଧା ହୋଇପାରିଛି । ଏହି କାରଖାନାରେ ସାଧାରଣ ପୋର୍ଟଲେଣ୍ଡ ସିମେଣ୍ଟ ବ୍ୟତୀତ ପୋର୍ଟଲେଣ୍ଡ ପ୍ରୋଜୋଲେନା ଓ P B F S ଇତ୍ୟାଦି ଭାରତୀୟମାନ ନିର୍ଦ୍ଧାରଣ ସଂସ୍ଥାଦ୍ୱାରା ସ୍ୱୀକୃତି ପାଇଥିବା ସିମେଣ୍ଟ ଉତ୍ପାଦିତ ହେଉଛି ।

କାରଖାନାକୁ କେନ୍ଦ୍ର କରି ଗଢି ଉଠିଥିବା ଜନବସତି ଅଞ୍ଚଳମାନଙ୍କରେ ଆଧୁନିକ ସହରର ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଅଛି । କାରଖାନା ଓ କଲୋନୀର ସବୁ ପ୍ରକାରର ବିଦ୍ୟୁତ ସଂଯୋଗ ପରିକଳ୍ପନା ଏବଂ ସଂଯୋଜନା ଏହି ନିଗମର କର୍ମଚାରୀମାନଙ୍କ ଦ୍ୱାରା ସମ୍ପାଦିତ ହୋଇଛି । କାରଖାନାରେ ଆବଶ୍ୟକ ଜଳ ଯୋଗାଣ, ବିଶୁଦ୍ଧ ଓ ଛଣା ହୋଇଥିବା ପାନୀୟ ଜଳଯୋଗାଣ ଓ ସେଥିପାଇଁ ଆବଶ୍ୟକ ହେଉଥିବା ପାଣି ନଳ ସଂଯୋଗ ଇତ୍ୟାଦି ସମସ୍ତକାମ ନିଗମର କର୍ମଚାରୀମାନଙ୍କ ଦ୍ୱାରା ସମାହିତ ହୋଇଛି । ସମସ୍ତ ପ୍ରକାର M. G. ଓ N. G. ଡ୍ରାଗନ୍ ପଏଣ୍ଟ ଓ Crossing Bridge Girdes ଓ ଆନୁଷଙ୍ଗିକ ଉପକରଣମାନ କାରଖାନାର ନିଜସ୍ୱ ସମ୍ବଳ ଓ ଜନ ସହାୟତାରେ ପ୍ରସ୍ତୁତ କରାଯାଇଛି । ଦୈନିକ ୧୨,୦୦୦ ଟନ୍ ପୋର୍ଟଲେଣ୍ଡ ସିମେଣ୍ଟ ଉତ୍ପାଦନ କରିପାରୁଥିବା ଏହି କାରଖାନା ଅଳ୍ପଦିନ ଭିତରେ ଉତ୍କର୍ଷତା ଯୋଗୁଁ ନିଜର ସମ୍ମାନ ବୃଦ୍ଧି କରିପାରିଛି । ଏଠାରୁ ଉତ୍ପାଦିତ ହେଉଥିବା ସିମେଣ୍ଟର ଚାହିଦା ନିଜରାଜ୍ୟ ତଥା ପଶ୍ଚିମ ବଙ୍ଗ, ଆସାମ, ମଣିପୁର, ତ୍ରିପୁରା, ନେଫା, ନାଗାଲାଣ୍ଡ, ବିହାରର କେତେକ ଅଞ୍ଚଳ ଓ ମଧ୍ୟପ୍ରଦେଶରେ ବୃଦ୍ଧି ପାଇଛି । ବାଲିମେଳା, ଫାରକ୍କା, ବୋକାରୋସ୍ଥିତ ଇସ୍ପାତ କାରଖାନା ଇତ୍ୟାଦି ଜାତୀୟ ପ୍ରକଳ୍ପ ତଥା ପ୍ରତିରକ୍ଷା ବିଭାଗର ଆବଶ୍ୟକ ସିମେଣ୍ଟ ହୀରା ସିମେଣ୍ଟ କାରଖାନା ଯୋଗାଇ ଦେଉଛି । ଏତଦ୍ ବ୍ୟତୀତ ମୁଖ୍ୟ ଜଳସେଚନ ପ୍ରକଳ୍ପ ଓ ଶକ୍ତି ଉତ୍ପାଦନ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସିମେଣ୍ଟ ଏହି କାରଖାନାରୁ ଯୋଗାଇ ଦିଆଯାଉଛି । କାରଖାନାର ଉତ୍ପାଦନ ଶକ୍ତି ବଢ଼ାଇବାର ଆବଶ୍ୟକତା ଉପଲବ୍ଧି ହେବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ୧୦ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ବାର୍ଷିକ ୧୬,୯,୦୦୦ ମେଟ୍ରିକ୍ ଟନ୍ ସିମେଣ୍ଟ ଉତ୍ପାଦନ କରାଯାଇପାରୁଛି । ଏହି ପରିବର୍ଦ୍ଧିତ କାରଖାନାରୁ ୧୯୮୫ ମସିହା ନଭେମ୍ବର ମାସଠାରୁ ଉତ୍ପାଦନ ଆରମ୍ଭ ହୋଇଛି । ଏହି ପ୍ରକଳ୍ପରେ ୧୧୬ ଜଣ ବ୍ୟକ୍ତି ପ୍ରତ୍ୟକ୍ଷ ନିଯୁକ୍ତି ପାଇଛନ୍ତି । ପ୍ରାୟ ୧୦୧ କୋଟି ଟଙ୍କା ବ୍ୟୟରେ ହୀରା ସିମେଣ୍ଟ କାରଖାନାର ଦ୍ୱିତୀୟ ପର୍ଯ୍ୟାୟ ଆଧୁନିକୀକରଣ କରାଯିବ । ଏହା ପୋର୍ଟଲେଣ୍ଡ୍ ଓ ପୋର୍ଟଲେଣ୍ଡ୍ ସ୍ଲାଗ ସିମେଣ୍ଟର ଉତ୍ପାଦନ କ୍ଷମତାକୁ ବଢ଼ାଇ ପାରିବ ଓ ପ୍ରାୟ ୧୦୦ ଜଣ ଲୋକଙ୍କୁ ନିଯୁକ୍ତି ଦେଇପାରିବ ।

ପ୍ରନଷ୍ଟ କାରଖାନାରୁ ଅନବରତ ନିର୍ଗତ ହେଉଥିବା ବାୟୁ ପ୍ରଦୂଷଣକାରୀ ଉପାଦାନକୁ ନିୟନ୍ତ୍ରଣ କରିବା ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଏହି କାରଖାନାରେ ESP ପ୍ରତିଷ୍ଠା କରାଯିବ । ଏହାଦ୍ୱାରା ବାୟୁରେ ମିଶୁଥିବା କ୍ଷତିକାରକ ଉପାଦାନଗୁଡ଼ିକୁ ଅଲଗା କରାଯାଇ ପାରିବ ।

## (୪) କଳିଙ୍ଗ ଲୌହ ଶିଳ୍ପ :

ଓଡିଶା ଶିଳ୍ପ ବିକାଶ ନିଗମ ଆନୁକୂଲ୍ୟରେ ୧୯୬୩ ମସିହା ଏପ୍ରିଲ୍ ମାସରେ ଓଡିଶାରେ ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା କେନ୍ଦୁଝରର ମଟକାମବେଡାଠାରେ କଳିଙ୍ଗ ଲୌହ ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଏହା ଦକ୍ଷିଣ ପୂର୍ବ ରେଲପଥର ବଡବିଲ୍ ରେଲଷ୍ଟେସନର ନିକଟବର୍ତ୍ତୀ ସ୍ଥାନ । ତତ୍‌କାଳୀନ ପଶ୍ଚିମ ଜର୍ମାନୀର ଫ୍ରେଡକ୍ରୁପ୍ କମ୍ପାନୀର ପରିଚାଳନାଗତ ସହାୟତାରେ ଏହି ପ୍ରକଳ୍ପଟି ପ୍ରତିଷ୍ଠିତ ହୋଇଥିଲା । ସେତେବେଳେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ମାତ୍ର ୩୦ ହଜାର ମେଟ୍ରିକ୍ ଟନ୍ ପିଣ୍ଡା ଲୁହାଥିଲା । ଏହାର ଆଧୁନିକୀକରଣ କରାଯାଇ ଓ ଅଧିକ ଦୁଇଟି ଲୁହା ତରଳା ଚୁଲା ନିର୍ମାଣ କରାଯାଇ ଏହାର ଉତ୍ପାଦନ କ୍ଷମତାକୁ ବାର୍ଷିକ ୩୦ ହଜାର ମେଟ୍ରିକ୍ ଟନ୍‌ରୁ ଏକ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯାଇଛି । କାରଖାନାର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ୧୨ ମେଗାୱାଟ୍ ବିଜୁଳିଶକ୍ତି ଯୋଗାଇ ପାରୁଥିବା ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ନିଗମ ତରଫରୁ ତିଆରି କରାଯାଇଛି । ପୁନଶ୍ଚ ପୁନଃ ବିଶୋଧନ ପ୍ରକ୍ରିୟାରେ ଉନ୍ନତମାନର ପିଣ୍ଡା ଲୁହା ଉତ୍ପାଦନ

ଯୋଗାଣ ଶିଳ୍ପ ସଂସ୍ଥାମାନଙ୍କୁ ଯୋଗାଇ ଦିଆଯାଉଛି । ଏଥିପାଇଁ ଉନ୍ନତ କଞ୍ଚାମାଲ ନିରୂପଣ କରାଯାଉଛି ଓ ପୂର୍ବ ନିୟନ୍ତ୍ରିତ ବିଶ୍ଳେଷଣ ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଉଛି ।ଏହି ପ୍ରକଳ୍ପର ପ୍ରତିଷ୍ଠା ଓ କାର୍ଯ୍ୟକାରିତା ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ଓ ମୋଟ ୯୨୩ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଦିଆଯାଇଛି ।

ଲୁହାକୁ ତରଳାଇବା ପାଇଁ ଆବଶ୍ୟକ ହେଉଥିବା ଫେରୋସିଲିକନ୍ ଅଧିକ ମୂଲ୍ୟବାନ ହୋଇଥିବାରୁ ଏଠାରୁ ଉତ୍ପାଦିତ ହେଉଥିବା ପ୍ରଥମ ଶ୍ରେଣୀ ମୁଣ୍ଡା ଲୁହାରେ ସିଲିକନ୍ ଭାଗ ଯେକେତା ୨.୭୫ରୁ ଶତକଡା ୩.୨୫ ଭାଗ ଓ ସ୍ୱତନ୍ତ୍ର ଶ୍ରେଣୀ ମୁଣ୍ଡା ଲୁହାରେ ଶତକଡା ୩.୨୫ ଭାଗରୁ ଅଧିକ ରଖାଯାଇଛି । ତେଣୁ ଏହି ଲୁହା ତରଳାଇ ଯନ୍ତ୍ରପାତି ତିଆରି କରିବାରେ ଅପେକ୍ଷାକୃତ କମ୍ ଖ ହୋଇଥାଏ । ଉତ୍ପାଦିତ କଳ କବ୍‌ଜାକୁ ଦୀର୍ଘସ୍ଥାୟୀ କରିବା ପାଇଁ ଏହି ମୁଣ୍ଡା ଲୁହାରେ ସଲଫର ଭାଗକୁ ଶତକଡା ୦.୦୫ରୁ କମ୍ ରଖାଯାଇ ଥାଏ । ଏଠାରୁ ଉତ୍ପାଦିତ ଲୌହପିଣ୍ଡ ଉନ୍ନତମାନର ହୋଇଥିବାରୁ ତାହା ଜାପାନ, ୟୁଗୋସ୍ଲୋଭିଆ, ରୁମାନିଆ, ଉଭୟ ଉତ୍ତର ଓ ଦକ୍ଷିଣ କୋରିଆ, ଇରାକ୍ ଓ ବାଂଲା ଦେଶକୁ ରପ୍ତାନୀ କରାଯାଇ ୧୨ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଅର୍ଜନ କରାଯାଇପାରିଛି । ଏହି କାରଖାନାରୁ ଉତ୍ପାଦିତ ଲୌହପିଣ୍ଡ ୧୯୭୫ ମସିହାରେ ପ୍ରଥମେ ଓଡିଶାର ପାରାଦ୍ୱୀପ ବନ୍ଦରରୁ ୟୁଗୋସ୍ଲୋଭିଆକୁ ରପ୍ତାନୀ କରାଯାଇଥିଲା । ୧୯୮୫-୮୬ ଓ ୧୯୮୬-୮୭ ବର୍ଷମାନଙ୍କରେ ଏହାର ଉତ୍ପାଦନ କ୍ଷମତା ଓ ବିକ୍ରୟ ଶତକଡା ୧୦୦ରୁ ଅଧିକ ହୋଇଥିଲା । କଳିଙ୍ଗ ଆଇରନ୍ ୱାର୍କସର ଆଧୁନିକୀକରଣ କରାଯାଇ ୨୨ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟରେ ଅଧିକ ଲୁହା ତରଳା ଚୁଲା ସ୍ଥାପନ କରାଯିବ । ଏହାର ଲୌହପିଣ୍ଡ ଉତ୍ପାଦନ କ୍ଷମତା ୪୦,୦୦୦ ମେଟ୍ରିକ ଟନ୍ ହେବ । ଏଥିରେ ମୋଟ୍ ୧୨୦ ଜଣ ଲୋକ କର୍ମନିଯୁକ୍ତି ପାଇବେ । ଏହାର ବ୍ୟବସାୟିକ ଉତ୍ପାଦନ କ୍ଷମତା ଚଳିତ ବର୍ଷରୁ ଆରମ୍ଭ ହେବ ।

## (୫) ବଏଲର ପାଇପିଂ ଓ ସହାୟକ କାର୍ଯ୍ୟ :

୧୯୮୩ ମସିହା ଅପ୍ରେଲ ମାସଠାରୁ ଭୁବନେଶ୍ୱର ନିକଟସ୍ଥ ଚନ୍ଦକା ଶିଳ୍ପାଞ୍ଚଳଠାରେ ୩ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଏହି କାରଖାନା ପ୍ରତିଷ୍ଠିତ ହୋଇ ଉତ୍ପାଦନକ୍ଷମ ହୋଇଛି । ଏହି କାରଖାନରୁ ବାର୍ଷିକ ୨,୪୦୦ ମେଟ୍ରିକ ଟନ୍ ବିଭିନ୍ନ ବ୍ୟାସ ବିଶିଷ୍ଟ ଷ୍ଟେନ୍‌ଲେସ୍ ଷ୍ଟିଲ ଓ ଟିଟାନିୟମ ମିଶ୍ରିତ ପାଇପ୍ ଉତ୍ପାଦନ କରାଯାଇଛି । ବିଜୁଳି ଶକ୍ତି ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ଉଚ୍ଚ କ୍ଷମତାଯୁକ୍ତ ପାଇପ୍ ଲାଇନ୍, ସାର କାରଖାନାରେ ବ୍ୟବହୃତ ହେଉଥିବା ପାଇପ୍ ଲାଇନ୍ ଓ ତେଲ କାରଖାନାରେ ବ୍ୟବହୃତ ହେଉଥିବା ପାଇପ୍ ଲାଇନ୍‌ର ଆବଶ୍ୟକତା ଏହି କାରଖାନା ତୁଲାଇଥାଏ । ଏଠାରୁ ଉତ୍ପନ୍ନ ହେଉଥିବା ମୁଖ୍ୟଭାଗ ସାମଗ୍ରୀ ଭାରତ ଭାରି ବିଦ୍ୟୁତ୍ ଶିଳ୍ପ ସଂସ୍ଥା ଦ୍ୱାରା କ୍ରୟ କରାଯାଇଥାଏ । ଏହି ଭାରତ ଭାରି ବିଦ୍ୟୁତ ଶିଳ୍ପ ସଂସ୍ଥା ବଏଲର୍ ପାଇପିଂ ସଂସ୍ଥାକୁ ସମସ୍ତ ବୈଷୟିକ ସାହାଯ୍ୟ ଯୋଗାଇ ଦେଇଥାଏ । ଏହି କାରଖାନାରେ ୧୨୭ ଜଣ ଲୋକଙ୍କୁ କର୍ମ ନିଯୁକ୍ତି ଦିଆଯାଇଛି ।

ଏହାର ସମ୍ପ୍ରସାରଣ କରାଯାଇ ବାର୍ଷିକ ୧,୬୦୦ ମେଟ୍ରିକ ଟନ ଷ୍ଟେନଲେସ ଷ୍ଟିଲ ଓ ଟିଟାନିୟମ୍ କଣ୍ଡେନ୍‌ସର ଟ୍ୟୁବ୍ ଉତ୍ପାଦନ କରାଯିବାର ବ୍ୟବସ୍ଥା ହୋଇଛି । ଏଥିପାଇଁ ୨୭ କୋଟି ୩୪ ଲକ୍ଷ ଟଙ୍କା ଖର୍ଚ୍ଚ ଓ ଏଥିରେ ୯୮ ଜଣ ଲୋକ କର୍ମ ନିଯୁକ୍ତି ପାଇବେ ।

## (୬) ସୂତା କଳ :

ଶିଳ୍ପ ବିହୀନ ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରେ ୧୯୮୩ ମସିହା ମାର୍ଚ୍ଚ ମାସଠାରୁ ୭ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟରେ ଏକ ସୂତା କଳ ପ୍ରତିଷ୍ଠା କରାଯାଇଛି । ଏହି କଳ ୨୫,୦୮୦ ଟାକୁଡ଼ିଯୁକ୍ତ ଓ ଏହାର ଉତ୍ପାଦନ କ୍ଷମତା ୩୨.୫୦ ଲକ୍ଷ କିଲୋଗ୍ରାମ ସୂତା । ଏହି କଳରେ ୨୦ ନମ୍ବର ଓ ୪୦ ନମ୍ବର ସୂତା ବ୍ୟବହୃତ ହୋଇଥାଏ । ଏହି କଳରେ ମୋଟ ୯୫୯ ଜଣ ଲୋକ କର୍ମନିଯୁକ୍ତି ପାଇଛନ୍ତି ।

୧୯୮୩ ମସିହା ମାର୍ଚ୍ଚ ମାସଠାରୁ ବଲାଙ୍ଗୀର ଜିଲ୍ଲାର ସୋନପୁରଠାରେ ୬ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ ସୂତାକଳ ପ୍ରତିଷ୍ଠା କରାଯାଇଛି । ଏହି ସୂତାକଳ ୨୫,୦୮୦ ଟାକୁଡ଼ି ବିଶିଷ୍ଟ ଓ ଏଠାରୁ ୨୦ ନମ୍ବର ଓ ୪୦ ନମ୍ବର ସୂତା ଉତ୍ପାଦନ କରାଯାଉଛି । ଏହି ସୂତାକଳର ମୋଟ ୮୬୮ ଜଣ ଲୋକ କର୍ମ ନିଯୁକ୍ତି ପାଇଛନ୍ତି ।

୧୯୮୭ ମସିହା ମାର୍ଚ୍ଚ ମାସଠାରୁ ଗଞ୍ଜାମ ଜିଲ୍ଲାର ଆସ୍କାଠାରେ ୧୧ କୋଟି ଟଙ୍କା ବ୍ୟୟରେ ୨୪,୭୫୨ ଟାକୁଡ଼ି ବିଶିଷ୍ଟ ଏକ ସୂତାକଳ ପ୍ରତିଷ୍ଠା କରାଯାଇଛି । ଏହି କଳର ଉତ୍ପାଦନ କ୍ଷମତା ୧୩ ଲକ୍ଷ କିଲୋଗ୍ରାମ କପା ଓ କପା ମିଶ୍ରିତ ରାସାୟନିକ ସୂତା । ଏହି କାରଖାନାରେ ମୋଟ ୬୦୦ ଲୋକ କର୍ମନିଯୁକ୍ତି ପାଇଛନ୍ତି ।

## (୭) ପୂର୍ବ ଉପକୂଳ ବିଅର କାରଖାନା :

କଟକ ଜିଲ୍ଲାର ପାରାଦ୍ୱୀପଠାରେ ତିଆରି ହୋଇଥିବା "ଇଷ୍ଟ କୋଷ୍ଟ ବ୍ରିୱାରୀ ଓ ଡିଷ୍ଟିଲାଇଜର ଲିମିଟେଡ୍" ୧୯୭୯ ମସିହା ଜୁଲାଇ ମାସଠାରୁ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ଆରମ୍ଭ କରିଥିଲା । ୧୯୮୩ ମସିହା ମାର୍ଚ୍ଚ ମାସରେ ଓଡ଼ିଶା ଶିଳ୍ପ ବିକାଶ ନିଗମ ଏହି କାରଖାନାକୁ ନିଜ ହାତକୁ ନେଇଥିଲା । ଏହି କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ୫ ଅୟୁତ ହେକ୍ଟୋଲିଟର ମୃଦୁ ଓ ତୀବ୍ର ବିଅର ମଦ । ଉତ୍ପାଦିତ ମଦର ଉତ୍କୃଷ୍ଟତା ଯୋଗୁଁ ଏହାର ବ୍ୟବସାୟିକ ଚାହିଦା ଯଥେଷ୍ଟ ରହିଛି । ଓଡ଼ିଶା ଶିଳ୍ପ ବିକାଶ ସଂସ୍ଥା ଏହି କାରଖାନାକୁ ନିଜ ହାତକୁ ନେବାପରେ ଏହାର ଆର୍ଥିକ ଓ ଶାରୀରିକ ଅଭିବୃଦ୍ଧି ଘଟିଛି । ବର୍ତ୍ତମାନ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୬୫,୦୦୦ ହେକ୍ଟୋଲିଟର । ଏହି କାରଖାନାର ପ୍ରତିଷ୍ଠା ଖର୍ଚ୍ଚ ୩ କୋଟି ୮୦ ଲକ୍ଷ ଟଙ୍କା । ୧୩୫ ଜଣ ଲୋକ ଏଥିରେ ନିଯୁକ୍ତି ପାଇଛନ୍ତି । ଏହି କାରଖାନାରୁ ଉତ୍ପାଦିତ ହେଉଥିବା ମଦଗୁଡ଼ିକ ଯଥା :- କ୍ଲବ ୪୦୦୦, ପ୍ରିମିୟର ସୁପରସୋନିକ, ବ୍ଲାକ ପାଗୋଡ଼ା, କୋଣାର୍କ, ସଫାରୀ, କଳିଙ୍ଗ, ପାମ୍‌ବିଚ ଓ ଡ଼ଲ୍‌ଫିନ୍ ଇତ୍ୟାଦି ।

### (୮) ରି-ରୋଲିଂ ମିଲ୍ :

୧୯୬୮ ମସିହାର ମଧ୍ୟଭାଗ ବେଳକୁ ସମ୍ବଲପୁର ଜିଲ୍ଲାର ହୀରାକୁଦଠାରେ ୧ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟରେ ରି-ରୋଲିଂ କାରଖାନା ପ୍ରତିଷ୍ଠା କରାଯାଇଛି । ସେତେବେଳେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୨୫,୦୦୦ ମେଟ୍ରିକଟନ୍ ଥିଲା । ବିଦେଶରୁ ତାଲିମ୍ ପାଇ ଆସିଥିବା ଯୁବ ଇଞ୍ଜିନିୟରମାନଙ୍କ ଦ୍ୱାରା ଏହି କାରଖାନା ପ୍ରତିଷ୍ଠା ହୋଇଛି । ଏଠାରେ ପ୍ରସ୍ତୁତ ହେଉଥିବା ସମସ୍ତ ପ୍ରକାର M. S.,ଗୋଲ, ଅନିୟମିତ, ଚୌକୋଣିଆ, ଚେପଟା ତଥା କୋଣ ବିଶିଷ୍ଟ ଲୁହାରଡ଼ର ଗୁଣାତ୍ମକମାନ ରକ୍ଷା ପାଇଁ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି । ଭାରତର ଏହା ଏକ ମାତ୍ର Public Sector ରି-ରୋଲିଂ କାରଖାନା । କାରଖାନାର ଉତ୍ପାଦିତ ଦ୍ରବ୍ୟ ଯେପରି ଭାରତୀୟମାନ ନିର୍ଦ୍ଧାରଣ ସଂସ୍ଥାର ନିର୍ଦ୍ଦେଶିତ ମାର୍ଗରେ ହୁଏ । ସେଥିପ୍ରତି ଦୃଷ୍ଟି ଦିଆଯାଇଥାଏ । ଏହି କାରଖାନାଟି ISI ଦ୍ୱାରା ପ୍ରଥମ ଶ୍ରେଣୀର ଲାଇସେନ୍ସ ପାଇଛି । ବର୍ତ୍ତମାନ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩୯,୭୦୦ ମେଟ୍ରିକ ଟନ୍ । ଏଥିରେ ୨୨୯ ଜଣ ଲୋକ କର୍ମ ନିଯୁକ୍ତି ପାଇଛନ୍ତି ।

### ୯) ସ୍ପନ୍ ପାଇପ୍ ପ୍ଲାଣ୍ଟ :

୧୯୮୨ ମସିହାରେ ୬ କୋଟି ୨ ଲକ୍ଷ ଟଙ୍କା ବ୍ୟୟରେ କଳିଙ୍ଗ ଲୌହ ଶିଳ୍ପ ନିକଟରେ ସନ୍ ପାଇପ୍ କାରଖାନା ପ୍ରତିଷ୍ଠା କରାଯାଇଛି । ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩୧,୨୦୦ ଟନ୍ । ୧୯୮୨ ମସିହା ମାର୍ଚ୍ଚମାସଠାରୁ ଏହା ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ଆରମ୍ଭ କରିଥିଲା । ପରେ ଏହାର ଉତ୍ପାଦନ କ୍ଷମତାକୁ ୩୬,୦୦୦ ଟନ୍ କାଷ୍ଟ ଓ ଡକ୍ଟାଇଲ ଲୌହ ପାଇପ୍‌କୁ ବୃଦ୍ଧି କରାଯାଇଛି । ସମସ୍ତ ଆବଶ୍ୟକୀୟ ବିଧି ବ୍ୟବସ୍ଥା ମଧ୍ୟରେ ଏହି କାରଖାନାରୁ ୮୦ ମି: ମି: ଓ ୩୫୦ ମି: ମି:ର ଉନ୍ନତମାନର ପାଇପ୍ ଉତ୍ପାଦନ କରାଯାଉଛି । ଏଥିରେ ୩୦୨ ଜଣ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ନିଯୁକ୍ତି ହୋଇଛନ୍ତି ।

ମୋଟ ଉପରେ ଓଡ଼ିଶା ଶିଳ୍ପ ବିକାଶ ନିଗମ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇ ପାରିଛି । ଏହା ଦିନେ ନା ଦିନେ ଓଡ଼ିଶାକୁ ବିକାଶଶୀଳ ରାଷ୍ଟ୍ରର ସମକକ୍ଷ କରିବାରେ ସହାୟକ ହୋଇପାରିବ ।

### ୧୦) ଫେରୋକ୍ରୋମ ପ୍ଲାଣ୍ଟ :

୧୯୬୯ ମସିହାରେ କଟକ ଜିଲ୍ଲାର ଯାଜପୁରଠାରେ ପ୍ରାୟ ୯ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟରେ ଫେରୋକ୍ରୋମ କାରଖାନା ପ୍ରତିଷ୍ଠିତ ହୋଇଛି । ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୦,୦୦୦ ମେଟ୍ରିକଟନ୍ ଲଘୁ ଅଙ୍ଗାର ଫେରୋକ୍ରୋମ । ଏତଦ୍‌ଭିନ୍ନ ଏହା ତୀବ୍ର ଅଙ୍ଗାର ଫେରୋକ୍ରୋମ୍ ଓ ସିଲିକୋକ୍ରୋମ୍ ଉତ୍ପାଦନ କରିଥାଏ । ସ୍ୱତନ୍ତ୍ର ଧରଣର ଇସ୍ପାତ ତିଆରି କରିବା ପାଇଁ ଲୁହା ଓ କ୍ରୋମିୟମ୍ ଧାତୁର ଏକ ମିଶ୍ରଣ ପ୍ରସ୍ତୁତ କରାଯାଏ । ଏହି ମିଶ୍ରିତ ଧାତୁ "ଗ୍ରେମର ମେଟାଲ" ନାମରେ ପରିଚିତ । ଏଥିରୁ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ରସ୍ତୁତ ହୁଏ । ଫେରୋକ୍ରୋମ ଭଳି କ୍ରୋମିୟମ ଧାତୁ ବ୍ୟବହାର କରି ଷ୍ଟେନ୍‌ଲେସ୍ ଷ୍ଟିଲ୍‌କୁ ଅଧିକ ଶକ୍ତ କରାଯାଇପାରେ । ଲଘୁ ଅଙ୍ଗାର ମିଶ୍ରିତ ଫେରୋକ୍ରୋମର ଚାହିଦା ଷ୍ଟେନ୍‌ଲେସ୍ ଷ୍ଟିଲ୍ ତିଆରି ପାଇଁ ଯଥେଷ୍ଟ ବେଶୀ । ଏହି ପ୍ରକାରର ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିଦେଶକୁ ରପ୍ତାନୀ କରାଯାଇ ଯଥେଷ୍ଟ ବୈଦେଶିକ ମୁଦ୍ରା ଉପାର୍ଜନ କରାଯାଉଛି । ୧୯୬୯ ମସିହାଠାରୁ ଜାପାନ, ନେଦରଲ୍ୟାଣ୍ଡ, ଇଟାଲୀ, ଅଷ୍ଟ୍ରେଲିଆ, କୋରିଆ, ରୁମାନିଆ ଓ ଫିଲିପାଇନସ୍‌କୁ ଏହି କ୍ରୋମ ରପ୍ତାନୀ କରାଯାଇ ପ୍ରାୟ ୧୦ କୋଟି ୬୪ ଲକ୍ଷ ଟଙ୍କାର ବୈଦେଶିକ ମୁଦ୍ରା ଅର୍ଜନ କରାଯାଇପାରିଛି । ଏ ପର୍ଯ୍ୟନ୍ତ ଏହି କାରଖାନାରେ ପ୍ରାୟ ୯ କୋଟି ୩୬ ଲକ୍ଷ ଟଙ୍କା ବିନିଯୋଗ ହୋଇଛି ଓ ପ୍ରାୟ ୬୭୧ ଜଣ ଲୋକ କର୍ମନିଯୁକ୍ତି ପାଇଛନ୍ତି । ଏହି କାରଖାନା ଉତ୍ପାଦିତ ମାଲର ମାନ ଭାରତୀୟ ମାନ ନିର୍ଦ୍ଧାରଣ ସଂସ୍ଥାର ନିରୂପିତ ନୀତି ନିୟମ ରକ୍ଷା କରିଥାଏ ।

### (୧୧) ଭବିଷ୍ୟତ ପରିକଳ୍ପନା :

ଭବିଷ୍ୟତରେ ଏହି ସଂସ୍ଥାକୁ ଆହୁରି ଉନ୍ନତ କରିବାପାଇଁ କେତେଗୁଡ଼ିଏ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ଫଳରେ ଏହା ରାଜ୍ୟର ଅର୍ଥନୈତିକ ପ୍ରଗତିକୁ ଯଥେଷ୍ଟ ତ୍ୱରାନିତ କରିପାରିବ ।

(୧) ପ୍ରାୟ ୧୫ କୋଟି ଟଙ୍କାର ବ୍ୟୟରେ ଏଠାରେ ଏକ କେପ୍‌ଟିଭ୍ D. G. ସେଟ୍ ଖୁବ୍ ନିକଟରେ ପ୍ରତିଷ୍ଠା ହେବାକୁ ଯାଉଛି । ଏହା ପ୍ରାୟ ୯-୫ ମେଗାୱାଟ୍ ଶକ୍ତି ଉତ୍ପାଦନ କରିପାରିବ ଓ ସେଥିରେ ପ୍ରାୟ ୧୪ ଜଣ ଲୋକ ପ୍ରତ୍ୟକ୍ଷ ନିଯୁକ୍ତି ପାଇ ପାରିବେ ।

(୨) ପରବର୍ତ୍ତୀ ପର୍ଯ୍ୟାୟରେ ଆନୁମାନିକ ୧୨ କୋଟି ଟଙ୍କା ବ୍ୟୟରେ ୯ ଏମ୍.ଭି.ଏ: ଫରନାନ୍‌ସର ଆଧୁନିକୀକରଣ କରାଯିବ ଓ ଏହାର ଉତ୍ପାଦନ କ୍ଷମତାକୁ ୧,୫୦୦ ମେଟ୍ରିକ ଟନ୍‌କୁ ବୃଦ୍ଧି କରାଯିବ ।

(୩) ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ ଯାଜପୁରଠାରେ ଫେରୋ ନିକେଲ ପ୍ରୋଜେକ୍ଟ ପ୍ରତିଷ୍ଠା କରାଯାଇ ବାର୍ଷିକ ପ୍ରାୟ ୭,୦୦୦ ମେଟ୍ରିକ ଟନ୍ ଫେରୋ ନିକେଲ ଉତ୍ପାଦନ କରାଯିବାର ପରିକଳ୍ପନା କରାଯାଇଛି ।

(୪) ପ୍ରାୟ ୩୫ କୋଟି ଟଙ୍କା ବ୍ୟୟରେ ଦ୍ୱିତୀୟ ସ୍ମେଲଟିଂ ଫରନାନ୍‌ସ ପ୍ରତିଷ୍ଠା କରାଯିବ ଓ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୫,୦୦୦ ମେଟ୍ରିକ ଟନ୍ ଏଚ: ସି: ଏଫ: ସି: ହେବ ।

(୫) ମିଳିତ ଉଦ୍ୟୋଗରେ କୋକ୍‌ଓଭେନ୍ ପ୍ରୋଜେକ୍ଟ ପ୍ରାୟ ୮୧ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯିବ ଓ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୪୫,୦୦୦ ମେଟ୍ରିକ ଟନ୍ ହେବ ।

(୬) ଏଠାରେ ଇଲମେନାଇଟ୍ ପ୍ରୋଜେକ୍ଟ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯିବ ଓ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୦,୦୦୦ ମେଟ୍ରିକ ଟନ୍ ଇଲମେନାଇଟ୍ ଓ ୫,୦୦୦ ମେଟ୍ରିକ୍‌ଟନ୍ ପ୍ରାକୃତିକ ରୁଟାଇଲ୍‌ସ୍ ହେବ ।

---

ମଧୁବନ ବାସଗୃହ ପ୍ରକଳ୍ପ,
ବାରିପଦା ।

# ଦଶ ମହାବିଦ୍ୟାରେ ଦେବୀ ବଗଳାମୁଖୀ

● ଇଞ୍ଜିନିୟର ରଘୁନାଥ ପାଢ଼ୀ

"ବିଦ୍ୟା ସମସ୍ତା ତବ ଦେବ ! ମେଦାଃ
ସ୍ତ୍ରୀୟା ସମସ୍ତାଃ ସକଳା ଜଗତସ୍ତୁ ।"

(ସପ୍ତଶତୀ ଚଣ୍ଡୀ)

"ହେ ଦେବୀ ! ହେ ଜଗନ୍ନାଥ ! ଏ ଅଖିଳ ବିଶ୍ୱ ବ୍ରହ୍ମାଣ୍ଡର ବିଦ୍ୟାହିଁ ଆପଣଙ୍କର ଭେଦ ଓ ସମସ୍ତ ନାରୀ ଜଗତ ଆପଣଙ୍କର ବିବିଧ ରୂପ ବିଶେଷ ମାତ୍ର ।"

ନିଗମ ଓ ଆଗମ ଉଭୟ ଶାସ୍ତ୍ର ବିଶ୍ୱର ସ୍ୱରୂପ, ଉତ୍ପତ୍ତି ଓ ବିକାଶାଦି ସମସ୍ତ ସମସ୍ୟାର ସମାଧାନ କରୁଥିବାରୁ ବିଦ୍ୟା ବା ମହାବିଦ୍ୟା ନାମରେ ଅଭିହିତ । ସଚରାଚର ବିଶ୍ୱବ୍ରହ୍ମାଣ୍ଡ ଉକ୍ତ ମହାବିଦ୍ୟାର ପର୍ଯ୍ୟାୟଭୁକ୍ତ । ଉକ୍ତ ବିଦ୍ୟାଦ୍ୱାରା ଅବିନାଶୀ ବ୍ରହ୍ମଜ୍ଞାନ ଉଦିତ ହେବା ସଙ୍ଗେ ସଙ୍ଗେ ସତ୍ୟ, ପ୍ରେମ ଓ ନ୍ୟାୟ ପ୍ରତିଷ୍ଠିତ ହୁଏ । ସେହି ପ୍ରକାଶମୟୀ ମହାବିଦ୍ୟା ହିଁ ସ୍ୱୟଂ ବ୍ରହ୍ମରୁ ପରାଶକ୍ତି । ଉପନିଷଦର ବ୍ରହ୍ମ ତନ୍ତ୍ର ଶାସ୍ତ୍ରର ଶକ୍ତିଠାରୁ ଅଭିନ୍ନ । ବ୍ରହ୍ମ ଶକ୍ତିଯୁକ୍ତ ହୋଇ କାର୍ଯ୍ୟ ସମ୍ପନ୍ନ କରିବାରେ ସମର୍ଥ ହୋଇଥାଏ । ନବଦୁର୍ଗା ଓ ଦଶ ମହାବିଦ୍ୟା ଉକ୍ତ ଶକ୍ତିତତ୍ତ୍ୱର ପର୍ଯ୍ୟାୟଭୁକ୍ତ । ବ୍ରହ୍ମମୟୀ, ଆନନ୍ଦମୟୀ, ପରାବିଦ୍ୟା ଦଶ ମହାବିଦ୍ୟା ମଧ୍ୟରୁ ଶ୍ରୀବଗଳାମୁଖୀ ବା ଶ୍ରୀ ବଗଳା ଅନ୍ୟତମ ।

"କାଳୀ ତାରା ମହାବିଦ୍ୟା ଷୋଡ଼ଶୀ ଭୁବନେଶ୍ୱରୀ ।
ବଗଳା ଛିନ୍ନମସ୍ତାଚ ବିଦ୍ୟା ଧୂମାବତୀ ତଥା ॥
ମାତଙ୍ଗୀ ତ୍ରିପୁରାଚୈବ ବିଦ୍ୟାଚ କମଳାତ୍ମିକା ।
ଏତା ଦଶ ମହାବିଦ୍ୟାଃ ସିଦ୍ଧ ବିଦ୍ୟାଃ ପ୍ରକୀର୍ତ୍ତିତାଃ ॥"

## ଦେବୀଙ୍କ ଦିବ୍ୟ ପରିପ୍ରକାଶ :

ସ୍ୱତନ୍ତ୍ର ତନ୍ତ୍ରରେ ଭଗବତୀ ବଗଳାମୁଖୀ 'ବଗଳା'ଙ୍କ ଉତ୍ପତ୍ତି ସମ୍ବନ୍ଧୀୟ ଆଖ୍ୟାୟିକା ଦ୍ରଷ୍ଟବ୍ୟ । ଏକଦା ସତ୍ୟ ଯୁଗରେ ସଚରାଚର ବିଶ୍ୱ ବିଧ୍ୱଂସୀ ଅଚିନ୍ତ୍ୟ ବାତକ୍ଷୋଭ 'ପ୍ରବାଳ ବାୟୁ ପ୍ରବାହ' ଦୃଷ୍ଟିଗୋଚର ହେଲା । ବିଶ୍ୱ ପରିପାଳକ ଶ୍ରୀମାନ୍ ନାରାୟଣ ଚିନ୍ତାକୁଳ ହେଲେ । ବାୟୁର ବେଗ ପ୍ରଶମିତ କରିବାକୁ ଭଗବାନ ବିଷ୍ଣୁ ଅଗତ୍ୟା ସୌରାଷ୍ଟ୍ରର ହରିଦ୍ରା ସରୋବର ନିକଟରେ ତପସ୍ୟାରତ ରହିଲେ । ଶ୍ରୀମହା ତ୍ରିପୁର ସୁନ୍ଦରୀଙ୍କୁ ସେ ପ୍ରସନ୍ନ ହେଲେ । ଶ୍ରୀବିଦ୍ୟାଙ୍କ ଆସ ସନ୍ତୋଷକ୍ରମେ ମହାଦେବୀ ବଗଳାମୁଖୀ ରୂପେ ପ୍ରକଟିତ ହୋଇ ଅବଲୀଳାକ୍ରମେ ବାତ କ୍ଷୋଭ ନିବୃତ୍ତ କଲେ । ଦେବୀ ତତ୍ପରେ ହରିଦ୍ରା ସରୋବରରେ ଜଳକ୍ରୀଡ଼ା କଲେ । କ୍ରୀଡ଼ାରତା ଦେବୀ ମହାପୀତ 'ହରିଦ୍ରା' ସରୋବରରେ ଶ୍ରୀବିଦ୍ୟା ସମ୍ଭବ ବୈଷ୍ଣବୀୟ ତେଜପୁଞ୍ଜ ଇତସ୍ତତ ବିଚ୍ଛୁରଣ କଲେ । "ବୀର ରାତ୍ରି" ଦିନ ଅର୍ଦ୍ଧରାତ୍ରି ସମୟରେ ତ୍ରୈଲୋକ୍ୟ ସ୍ତମ୍ଭିନୀ, ପୀତ ସରୋବର ନିର୍ବାସିନୀ ବଗଳାମୁଖୀ (ବଗଳା)ଙ୍କ ଆବିର୍ଭାବ ହେଲା । (ବୀର ରାତ୍ରି ଚତୁର୍ଦ୍ଦଶୀ, ମଙ୍ଗଳବାର, କୁଳ ନକ୍ଷତ୍ର ଓ ମକର ସମନ୍ୱିତ ରାତ୍ରି)

"ଅଥ ବକ୍ଷ୍ୟାମି ଦେବେଶି ବଗଳୋତ୍ପତ୍ତି କାରଣମ୍ ।
ପୁରା କୃତ ଯୁଗେ ଦେବୀ ବାତ କ୍ଷୋଭ ଉପସ୍ଥିତେ ॥
ଚରାଚର ବିନାଶାୟ ବିଷ୍ଣୁଶ୍ଚିନ୍ତା ପରାୟଣଃ ।
ତପସ୍ୟାୟା ଚ ସନ୍ତୁଷ୍ଟା ମହାତ୍ରିପୁର ସୁନ୍ଦରୀ ॥
ହରିଦ୍ରାଖ୍ୟଂ ସରୋଂ ଦୃଷ୍ଟ୍ୱା ଜଳକ୍ରୀଡ଼ା ପରାୟଣା ।
ମହାପୀତ ହ୍ରଦସ୍ୟାନ୍ତେ ସୌରାଷ୍ଟ୍ରେ ବଗଳାତ୍ମିକା ॥
ଶ୍ରୀବିଦ୍ୟା ସମ୍ଭବଂ ତେଜୋ ବିଜୃମ୍ଭତି ଇତସ୍ତତଃ ।
ଚତୁର୍ଦ୍ଦଶୀ ଭୌମଯୁତା ମକାରେଣ ସମନ୍ୱିତା ॥
କୁଳ ଋକ୍ଷ ସମାଯୁକ୍ତା ବୀରରାତ୍ରିଃ ପ୍ରକୀର୍ତ୍ତିତା ।
ତସ୍ୟାମେବାର୍ଦ୍ଧରାତ୍ରେ ତୁ ପୀତ ହ୍ରଦ ନିବାସିନୀ ॥
ବ୍ରହ୍ମାସ୍ତ୍ର ବିଦ୍ୟା ସଂଜାତା ତ୍ରୈଲୋକସ୍ୟ ସ୍ତମ୍ଭିନୀ ।
ତତ୍ ତେଜୋ ବିଷ୍ଣୁଜଂ ତେଜୋ ବିଦ୍ୟାନୁ
ବିଦ୍ୟଯୋର୍ଗତମ୍ ॥"

ତନ୍ତ୍ର ଶାସ୍ତ୍ରରେ ମହାବିଦ୍ୟାର ପାରିଭାଷିକ ନାମ ରାତ୍ରି । ଦେବୀଙ୍କ ନାମକରଣ ଆବିର୍ଭାବ କାଳାନୁସାରେ ପରିଦୃଷ୍ଟ । କାଳୀଙ୍କ ନାମ ମହାରାତ୍ରି ଓ ତାରାଙ୍କ ନାମ କ୍ରୋଧରାତ୍ରି । ସେହିପରି ବଗଳାମୁଖୀ (ବଗଳାତ୍ମିକା) ବୀର ରାତ୍ରିରେ ଆବିର୍ଭୂତ ହୋଇଥିବାରୁ ବୀର ରାତ୍ରି ନାମରେ ପରିକୀର୍ତ୍ତିତା ।

## ଦେବୀଙ୍କ ତାତ୍ତ୍ୱିକ ପରିଚୟ

(୧) ବଗଳା ଶବ୍ଦର ବ୍ୟୁତ୍ପତ୍ତି ଓ ଶବ୍ଦାର୍ଥ—ବଗଳା ଶବ୍ଦର ଶୁଦ୍ଧ ବ୍ୟୁତ୍ପତ୍ତି—ଛିନତି, ଦଦାତି ବେତି "ବଗଳା" । କେତେକଙ୍କ ବିଶ୍ୱାସ

ବୈଦିକ ଶବ୍ଦ "ବଲ୍‌ଗା" କାଳାନ୍ତରେ ବିକୃତ ହୋଇ ଆଗମୋକ୍ତ ଶବ୍ଦ "ବଗଳା"ରେ ରୂପାନ୍ତରିତ ହୋଇଛି । ବଲ୍‌ଗା ଶବ୍ଦର ଅର୍ଥ ଲଗାମ ଅର୍ଥାତ୍ ସାଧକର ସମସ୍ତ ବିପତ୍ତି ଓ ଶତ୍ରୁ ଦେବୀଙ୍କ ଆୟତାଧୀନ । ତନ୍ତ୍ର ଶାସ୍ତ୍ରରେ 'ବ'ରୁ ବାରୁଣୀ ଦେବୀ, 'ଗ'ରୁ ସକଳ ସିଦ୍ଧି ପ୍ରଦାୟିନୀ ଓ 'ଲ'ରୁ ପୃଥିବୀ ଅର୍ଥାତ୍ ଚୈତନ୍ୟ ରୂପିଣୀ ମହାମାୟା ବଗଳା ନାମରେ ଅଭିହିତା ।

"ବ'କାରେ ବାରୁଣୀ ଦେବୀ 'ଗ'କାରେ ସିଦ୍ଧିଦା ସ୍ମୃତା ।
'ଲ'କାରେ ପୃଥିବୀଚୈବ ଚୈତନ୍ୟ ମେ ପ୍ରକୀର୍ତ୍ତିତା ।"

**(୨) ସ୍ତମ୍ଭନକାରିଣୀ ବୈଷ୍ଣବୀ ଶକ୍ତି ବଗଳାମୁଖୀ**—କୃଷ୍ଣ ଯଜୁର୍ବେଦର କାଠକ ସଂହିତାରେ ଉଲ୍ଲେଖ ଅଛି—"ଦଶ ଦିଗ ପ୍ରକାଶିକା ସୁନ୍ଦରୀ 'ବିଷ୍ଣୁପତ୍ନୀ', ବିଷ୍ଣୁଙ୍କ ରକ୍ଷାକର୍ତ୍ତ୍ରୀ, ବୈଷ୍ଣବୀ ମହାଶକ୍ତି ଓ ଜଗତର ଈଶ୍ୱରୀ । ସ୍ତମ୍ଭନ କାରିଣୀ ଶକ୍ତିରୂପରେ ବ୍ୟକ୍ତ ଓ ଅବ୍ୟକ୍ତ ସମସ୍ତଙ୍କ ସ୍ଥିତିର ଆଧାର ସ୍ୱରୂପା ଶକ୍ତି, ପୃଥ୍ୱୀ ରୂପା । ବଗଳାମୁଖୀ ସେହି ସ୍ତମ୍ଭନ ଶକ୍ତିର ଅଧିଷ୍ଠାତ୍ରୀ ଦେବୀ ।"

"ବିରାଡ୍‌ଦିଶା ବିଷ୍ଣୁ ପତ୍ନ୍ୟ ଘୋରାସ୍ୟେଶାନା ହ ସହସୋ ଯା ମାନୋତା ବିଶ୍ୱବ୍ୟଶ୍ଚ ଧମ୍ୟନ୍ତୀ ସୁଭୂତା ଶିବା ନୋ ଅସ୍ତୁ ଅଦିତି ରୂପସ୍ଥେ । ବିଷ୍ଣୁଯୋଦିବୋଧଗୁଣଃ ପୃଥିବ୍ୟା ଅସ୍ୟେଶାନା ସହସୋ ବିଷ୍ଣୁପତ୍ନୀ । ବୃହସ୍ପତିମାଂତାରିଶ୍ୱୋତ ବାୟୁଃ ସଂଧ୍ୱାନା ବାତା ଅଭିତୋ ଗୃଣନ୍ତୁ ।" (କୋ:ସଂ: ୨୨ ସ୍ଥାନକ ୮, ୨ ଅନୁ: ୪୯, ୫୦) ।

ସେଥିପାଇଁ ସପ୍ତଶତୀରେ କୁହାଯାଇଛି, "ଆଧାର ଭୂତା ଜଗତସ୍ତ୍ୱମେକା ମହୀସ୍ୱରୂପେଣ ଯତଃ ସ୍ଥିତାସି ।" ପୁନଶ୍ଚ ଯଜୁର୍ବେଦ (୩୨/୬)ରେ "ଯେନ ଦ୍ୟୌ ରୂପା ପୃଥିବୀ ଚ ଦୃଢ଼ା ଯେନ ସ୍ୱଃ ସ୍ତଭିତଂ ଯେନ ନାକଃ ।" "ସେହି ଶକ୍ତି ସ୍ୱରୂପା ବଗଳାମୁଖୀର ପରମତତ୍ତ୍ୱ ସ୍ତମ୍ଭନ ଶକ୍ତିରୁ ଦ୍ୟୁଲୋକ ବୃଷ୍ଟି ପ୍ରଦାନ କରେ । ଉକ୍ତ ଶକ୍ତି ଦ୍ୱାରା ଆଦିତ୍ୟ ମଣ୍ଡଳ ଓ ସ୍ୱର୍ଗଲୋକ ସୁସ୍ଥିର ।"

ପୁନଶ୍ଚ ବୃହଦାରଣ୍ୟକ (୪/୮/୮୯) ଅକ୍ଷର ବ୍ରାହ୍ମଣରେ "ଏତସ୍ୟାକ୍ଷରସ୍ୟ ପ୍ରଶାସନେ ଗାର୍ଗି ସୂର୍ଯ୍ୟାଚନ୍ଦ୍ରମସୌ ବିଧୃତୌ ତିଷ୍ଠତଃ ..........ଦ୍ୟାବ୍ୟା ପୃଥିବ୍ୟୌ ବିଧୃତେ ତିଷ୍ଠତଃ ।" "ହେ ଗାର୍ଗି ! ଉକ୍ତ ଅକ୍ଷର ତତ୍ତ୍ୱ—ସ୍ତମ୍ଭନ ଶକ୍ତିରୁ ସୂର୍ଯ୍ୟ, ଚନ୍ଦ୍ର, ଦ୍ୟୌ, ପୃଥ୍ୱୀ ଆଦି ସମସ୍ତ ଲୋକ ନିଜ ନିଜ ମର୍ଯ୍ୟାଦାରେ ସ୍ଥିତ, ସ୍ତମ୍ଭିତ ।" ବେଦାନ୍ତର "ଅକ୍ଷରାମ୍ବରାନ୍ତର ଧୃତେଃ" "ସାଚ ପ୍ରଶାସନାତ୍ ।" (ବେ:ଦ: ୧/୩/୧୦–୧୧) ତଥା "ସର୍ବୋଂ ପତା ଚ ତଦ୍ଦର୍ଶନାତ୍ ।" ଏହି ତିନୋଟି ସୂତ୍ରରେ ଏହା ମୀମାଂସିତ । ସ୍ତ୍ରୀ ଲିଙ୍ଗ ପ୍ରୟୋଗ ହୋଇଥିବାରୁ ଏହା ପରମତତ୍ତ୍ୱ ଶକ୍ତିରୂପେ ସୁସ୍ପଷ୍ଟ । " ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ ।" 'ବିଷ୍ଟଭ୍ୟ' ପଦଦ୍ୱାରା ଶ୍ରୀକୃଷ୍ଣ ଉକ୍ତ ତତ୍ତ୍ୱକୁ ସମର୍ଥନ କରିଛନ୍ତି । ଏହିପରି ଶ୍ରୁତି–ସ୍ମୃତିର ପ୍ରମାଣ ଦ୍ୱାରା ସ୍ତମ୍ଭନ ଶକ୍ତିର ସ୍ୱରୂପ ସୁବିଦିତ । ଉକ୍ତ ସ୍ତମ୍ଭନ ଶକ୍ତିକାରିଣୀ ବିଷ୍ଣୁ ପତ୍ନୀ ସମସ୍ତ ସଚରାଚର ଜଗତର ଅଧିଷ୍ଠାନ–ବ୍ରହ୍ମ ସ୍ୱରୂପା । ତନ୍ତ୍ରରେ ସେ ଶ୍ରୀବଗଳାମୁଖୀ ମହାବିଦ୍ୟା ରୂପେ ସୁପରିଚିତା ।

**(୩) ବ୍ରହ୍ମାସ୍ତ୍ର ରୂପିଣୀ ବଗଳାମୁଖୀ**—ଶ୍ରୀବଗଳାମୁଖୀ 'ବ୍ରହ୍ମାସ୍ତ୍ର' ରୂପେ ପରିଚିତା "ବ୍ରହ୍ମାସ୍ତ୍ରମିତି ବିଖ୍ୟାତଂ ନ ଦେୟଂ ଯସ୍ୟ କସ୍ୟଚିତ୍ ।" ଐହିକ ବା ପାରଲୌକିକ ଦୁଃଖ ଓ ଶତ୍ରୁହୀନ ନିମିତ୍ତ ଅକ୍ଳାନ୍ତ ବଗଳାମୁଖୀ ସର୍ବଶ୍ରେଷ୍ଠା ଆରାଧ୍ୟା ଦେବୀ । ସକଳ ଜୀବଜଗତ ଦେବୀଙ୍କ ଆଶ୍ରିତ । ସାଧକ ସର୍ବଦା ଦେବୀଙ୍କ ପ୍ରସାଦର ଅକୁତୋଭୟ ଓ ଦେବୀ ସର୍ବଦା ସାଧକର ଉପଜୀବ୍ୟ ।

**ତ୍ରିଶକ୍ତିର ସମନ୍ୱୟ ଦେବୀ ବଗଳାମୁଖୀ**—ବଗଳା ହେଉଛନ୍ତି ତ୍ରିଶକ୍ତି, ମହାକାଳୀ, ମହାସରସ୍ୱତୀ ଓ ମହାଲକ୍ଷ୍ମୀଙ୍କ ସମନ୍ୱୟ ଶକ୍ତି । ସେ କାଳୀ ରୂପେ ଶକ୍ତି ପ୍ରଦାୟିନୀ, ସରସ୍ୱତୀ ରୂପରେ ବିଦ୍ୟାପ୍ରଦାୟିନୀ ଓ ମହାଲକ୍ଷ୍ମୀ ରୂପେ ଐଶ୍ୱର୍ଯ୍ୟ ପ୍ରଦାୟିନୀ । ଦେବୀଙ୍କ କୃପାରୁ ଭକ୍ତ ସର୍ବଦା ଅନୁଗୃହୀତ । ଦେବୀଙ୍କ ଅନୁକମ୍ପାରୁ ଅନାୟାସରେ ସାଧକର ଅଭିପ୍ରେତ ଅଭିରୁଚି ସମ୍ପାଦିତ ହୋଇଥାଏ ।

"ସତ୍ୟେ କାଳୀ ଚ ଶ୍ରୀବିଦ୍ୟା କମଳା ଭୁବନେଶ୍ୱରୀ,
ସିଦ୍ଧବିଦ୍ୟା ମହେଶାନି ତ୍ରିଶକ୍ତି ବଗଳା ଶିବେ ।"

## ଦେବୀ ବଗଳାମୁଖୀ ଓ ଦଶାବତାର :

ତୋଡ଼ଲ ତନ୍ତ୍ରର ଦଶମ ଉଲ୍ଲାସରେ ଦଶ ମହାବିଦ୍ୟା ବିଷ୍ଣୁଙ୍କ ଦଶାବତାର ରୂପେ ବର୍ଣ୍ଣିତା । ଦେବୀ ବଗଳାମୁଖୀ ଭଗବାନ ବିଷ୍ଣୁଙ୍କ କୂର୍ମାବତାର ସଦୃଶା । ଭଗବାନ ବିଷ୍ଣୁ କୂର୍ମାବତାରେ ବିଶ୍ୱବ୍ରହ୍ମାଣ୍ଡକୁ ପୃଷ୍ଠଦେଶରେ ଧାରଣ କରିଥିଲେ । ସେହିପରି ସଚରାଚର ବିଶ୍ୱବ୍ରହ୍ମାଣ୍ଡର ସ୍ତମ୍ଭନକାରିଣୀ ବା ଧାରଣକର୍ତ୍ତ୍ରୀ ହେଉଛନ୍ତି ବଗଳାମୁଖୀ ।

"ତାରା ଦେବୀ ମୀନରୂପା ବଗଳା କୂର୍ମ ମୂର୍ତ୍ତିକା,
ଧୂମାବତୀ ବରାହଃ ସ୍ୟାତ୍ ଛିନ୍ନମସ୍ତା ନୃସିଂହିକା ।"

(ତୋଡ଼ଲ ତନ୍ତ୍ର)

ସେହିପରି ନିତ୍ୟ ତନ୍ତ୍ରାନୁସାରେ ବଗଳାମୁଖୀ ମତ୍ସ୍ୟାବତାର ରୂପେ ବର୍ଣ୍ଣିତା । ମତ୍ସ୍ୟାବତାରେ ନାରାୟଣ ଶଙ୍ଖାସୁର ବିନାଶକରି ଚତୁର୍ବେଦ ରକ୍ଷା କରିଥିଲେ । ସେହିପରି ଭଗବତୀ ବଗଳାମୁଖୀ ବିଶ୍ୱବ୍ରହ୍ମାଣ୍ଡର ରକ୍ଷୟିତ୍ରୀ ଓ ଶତ୍ରୁ ସଂହାରକାରିଣୀ । ମହାଦେବୀ ଶତ୍ରୁର ସମସ୍ତ ଆସ୍ପର୍ଦ୍ଧା ଓ ଆସ୍ଫାଳନ ସମୂଳେ ବିନଷ୍ଟ କରନ୍ତି ।

"ମତ୍ସ୍ୟସ୍ତୁ ବଗଳାଦେବୀ ବରାହୋଛିନ୍ନ ମସ୍ତକା,
ଧୂମାବତୀ କୂର୍ମାରୂପା ନୃସିଂହୋ ଭୈରବୀ ସ୍ୱୟଂ ।"

(ନିତ୍ୟ ତନ୍ତ୍ର)

## ଶ୍ରୀ ବଗଳାମୁଖୀଙ୍କ ଭୈରବ :

ଦଶ ମହାବିଦ୍ୟାଙ୍କର ପ୍ରତ୍ୟେକ ମହାବିଦ୍ୟାପାଇଁ ଜଣେ ଜଣେ ଭୈରବ ଉଦ୍ଦିଷ୍ଟ । ତେଣୁ ଦଶ ମହାବିଦ୍ୟାଙ୍କର ଦଶବିଧ ଭୈରବ ଦ୍ରଷ୍ଟବ୍ୟ । କେତେକ ଶାସ୍ତ୍ରରେ ବଗଳାମୁଖୀଙ୍କ ଭୈରବ ହେଉଛନ୍ତି ଏକ ମୁଖ ରୁଦ୍ର କିନ୍ତୁ ଶକ୍ତି ସଙ୍ଗମ ତନ୍ତ୍ରରେ ଭୈରବ ହେଉଛନ୍ତି ମୃତ୍ୟୁଞ୍ଜୟ ।

## ଶ୍ରୀ ବଗଳାମୁଖୀଙ୍କ ଉପାସନା :

ଦଶ ମହାବିଦ୍ୟାରେ କାଳୀ ହେଉଛନ୍ତି ଶୁଦ୍ଧ ସତ୍ୱ ସ୍ୱରୂପା, ନିର୍ଗୁଣା, କୈବଲ୍ୟ ପ୍ରଦାୟିନୀ, ଷୋଡ଼ଶୀ, ଭୁବନେଶ୍ୱରୀ, ଛିନ୍ନମସ୍ତା ରଜୋଗୁଣ ପ୍ରଧାନା ସତ୍ୱଗୁଣାତ୍ମିକା ଏବଂ ଗୌଣମୁକ୍ତି, ଐଶ୍ୱର୍ଯ୍ୟ ଓ ସ୍ୱର୍ଗାଦି ପ୍ରଦାନ କାରିଣୀ । ଧୂମାବତୀ, ବଗଳା ମାତଙ୍ଗୀ ଓ କମଳା ତମୋଗୁଣା ପ୍ରଧାନା । ଆଭିଚାରିକ ଷଟ୍‌କର୍ମୀ (ଶତ୍ରୁ ଦମନ କରିବାର ତାନ୍ତ୍ରିକ ବିଧାନ) ସାଧନ ଦ୍ୱାରା ଏମାନଙ୍କର ଆରାଧନା କର୍ତ୍ତବ୍ୟ । ସାଧକ ବଗଳାଦେବୀଙ୍କ କୃପାରୁ ଶତ୍ରୁ ପକ୍ଷରେ ମାରଣ, ମୋହନ ଓ ଉଚ୍ଚାଟନାଦି ସୂକ୍ଷ୍ମ ପ୍ରହାର କରି ଅଂଗଳ ଶତ୍ରୁ ବିନାଶ କରିଥାଆନ୍ତି । ଦେବୀଙ୍କ ଅଶେଷ କୃପାରୁ ସାଧକର କଲ୍ୟାଣ ହୁଏ ।

କିନ୍ତୁ କେତେକଙ୍କ ମତରେ ଶ୍ରୀବଗଳାମୁଖୀ ପୀତାମ୍ବରୀଙ୍କୁ ତାମସୀ ମାନିବା ଉଚିତ ନୁହେଁ । କାରଣ ବଗଳାଙ୍କ ଆଭିଚାରିକ କୃତ୍ୟରେ ରକ୍ଷାର ପ୍ରାଧାନ୍ୟ ଦ୍ରଷ୍ଟବ୍ୟ । ଶୁକ୍ଳ ଯଜୁର୍ବେଦର ମାଧ୍ୟନ୍ଦିନ ସଂହିତାର ପଞ୍ଚମ ଅଧ୍ୟାୟର ୨୩, ୨୪, ୨୫ ଶ୍ଳୋକରେ ଆଭିଚାରିକ କର୍ମ ନିବୃତ୍ତିରେ ଶ୍ରୀବଗଳାମୁଖୀ ସର୍ବୋତ୍ତମା ରୂପେ ବର୍ଣ୍ଣିତା । ଅର୍ଥାତ୍ ଶତ୍ରୁ ବିନାଶ ପାଇଁ ଯେଉଁ କୃତ୍ୟା ବିଶେଷକୁ ଭୂମିରେ ପ୍ରୋଥିତ କରାଯାଏ, [illegible]ର ନଷ୍ଟକାରିଣୀ ବୈଷ୍ଣବୀ ମହାଶକ୍ତି ଶ୍ରୀବଗଳାମୁଖୀ ।

ବଗଳା ମହାବିଦ୍ୟା ଊର୍ଦ୍ଧ୍ୱ ଆମ୍ନାୟ ରୀତିରେ ଉପାସ୍ୟା । ଏହି ଆମ୍ନାୟରେ ଶକ୍ତି କେବଳ ପୂଜ୍ୟା । ଶ୍ରୀକୁଳର ସମସ୍ତ ମହାବିଦ୍ୟା ଉପାସନା ଇନ୍ଦ୍ରିୟ ଓ ସଂଯମତା ଓ ପୁରୁଙ୍କ ସତର୍କତାରେ କରିବା ବିଧେୟ ।

ସାଧକ ଗୁରୁଙ୍କଠାରୁ ବଗଳାମନ୍ତ୍ର ଉପଦେଶ ଗ୍ରହଣ କରି ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଦେବୀ ମନ୍ଦିର, ପର୍ବତ ଶିଖର, ଶିବାଳୟ, ଗୁରୁଙ୍କ ସମୀପରେ ପୀତାମ୍ବରରେ ବଗଳା ମହାମନ୍ତ୍ରର ପୁରଶ୍ଚରଣ କରିବା ବିଧେୟ । ମନ୍ତ୍ର ଜପାଦି ବିଷୟରେ 'ସିଦ୍ଧେଶ୍ୱର ତନ୍ତ୍ର'ର ବଗଳା ପଟଳ ଦ୍ରଷ୍ଟବ୍ୟ ।

"ପୀତାମ୍ବରଧରୋ ଭୂତ୍ୱା ପୂର୍ବାଶାଭିମୁଖଃ ସ୍ଥିତଃ ।
ଲକ୍ଷମେକ ଜପେନ୍ ମନ୍ତ୍ରଂ ହରିଦ୍ରାଗ୍ରନ୍ଥି ମାଳୟା ॥
ବ୍ରହ୍ମଚର୍ଯ୍ୟରତୋ ନିତ୍ୟଂ ପ୍ରଯତୋ ଧ୍ୟାନ ତତ୍ପରଃ ।
ପ୍ରିୟଙ୍ଗୁ କୁସୁମେନାପି ପୀତପୁଷ୍ପୈଶ୍ଚ ହୋମୟେତ୍ ॥"

ବଗଳା ଜପରେ ପୀତବର୍ଣ୍ଣର ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ସାଧକ ପୀତବସ୍ତ୍ର ଧାରଣ କରି ହଳଦୀ ଗଣ୍ଠିମାଳାରେ ଜପ କରିବା ବିଧେୟ । ଦେବୀଙ୍କ ପୂଜା ଓ ହୋମରେ ପୀତବର୍ଣ୍ଣ ପୁଷ୍ପ, ପ୍ରିୟଙ୍ଗୁ, କନିଅର, ଗେଣ୍ଡୁ ଆଦି ପୁଷ୍ପର ପ୍ରୟୋଗ ଅପରିହାର୍ଯ୍ୟ । ପୂତ ପବିତ୍ର ହୋଇ ପୀତବସ୍ତ୍ର ପିନ୍ଧି ସାଧକ ପୂର୍ବାଭିମୁଖୀ ହୋଇ ବସି ଜପ କରିବା ଉଚିତ । ଜପ ପୂର୍ବରୁ ପୂର୍ବାଭିମୁଖୀ ହୋଇ ଆସନରେ ଉପବେଶନ କରି ଆସନ ଶୁଦ୍ଧି, ଭୂଶୁଦ୍ଧି, ଭୂତ ଶୁଦ୍ଧି, ଅଙ୍ଗନ୍ୟାସ, କରନ୍ୟାସ କରିବା ଉଚିତ୍ । ଏହା ପୂର୍ବରୁ ଭଗବତୀଙ୍କୁ ପୀତ ପୁଷ୍ପରେ ପୂଜା କରିବା ବିଧେୟ । ଜପ ସଂଖ୍ୟା ଏକ ଲକ୍ଷ ହେବା ଆବଶ୍ୟକ । ଯେଉଁ ଦିନ ଲକ୍ଷେ ଜପ ସରିବ, ସେହିଦିନ ଦଶାଂଶ ହୋମ ହେବା ବିଧେୟ ।

### ବଗଳାମୁଖୀଙ୍କ ଧ୍ୟାନ :

ସୁଧା ସମୁଦ୍ର ମଧ୍ୟସ୍ଥ ମଣି ମଣ୍ଡପର ରତ୍ନବେଦୀରେ ସ୍ୱର୍ଣ୍ଣାଭୂଷଣ ପରିଶୋଭିତ ପୀତବର୍ଣ୍ଣା ଦ୍ୱିଭୂଜା ବଗଳା ଉପବିଷ୍ଟା । ଦେବୀଙ୍କ ବାମ ହସ୍ତରେ ଶତ୍ରୁର ଜିହ୍ୱା ଓ ଦକ୍ଷିଣ ହସ୍ତରେ ଅରିକୁଳ ବିଧ୍ୱଂସୀ ମୁଦ୍‌ଗର ।

"ମଧ୍ୟେ ସୁଧାବ୍ଧି ମଣି ମଣ୍ଡପ ରତ୍ନବେଦୀ ।
ସିଂହାସନେ ପରିଗତାଂପରିପୀତ ବର୍ଣ୍ଣାମ୍ ॥
ପୀତାମ୍ବରାଭରଣମାଲ୍ୟ ବିଭୂଷିତାଙ୍ଗୀ ।
ଦେବୀଂ ସ୍ମରାମି ଧୃତ ମୁଦ୍‌ଗର ବୈରି ଜିହ୍ୱାମ୍ ॥"

(ଯାମଳୋକ୍ତ ଧ୍ୟାନ)

ଅଥବା

"ସୁବର୍ଣ୍ଣାସନ ସଂସ୍ଥିତାଂ ତ୍ରିନୟନାଂ
ପୀତାଂଶୁକୋଲ୍ଲାସିନୀଂ ।
ହେମାଭାଙ୍ଗରୁଚିଂ ଶଶାଙ୍କ ମୁକୁଟାଂ ସଚ୍ଚମ୍ପକସ୍ରଗ୍ୟୁତାମ୍ ॥
ହସ୍ତୈର୍ମୁଦ୍ଗର ପାଶବଦ୍ଧରସନାଂ ସମ୍ବିଭ୍ରତୀଂ ଭୂଷଣୈଃ ।
ବ୍ୟାପ୍ତାଙ୍ଗୀ ବଗଳାମୁଖୀଂ ତ୍ରିଜଗତାଂ ସଂସ୍ତମ୍ଭିନୀଂ
ଚିନ୍ତୟେତ୍ ॥"

ମେରୁ ତନ୍ତ୍ରରେ ଦେବୀ ତପ୍ତ କାଞ୍ଚନ ଗୌରାଙ୍ଗୀ, ପଦ୍ମାସନ ଉପବିଷ୍ଟା, ଗମ୍ଭୀରା, ମଦୋନ୍ମତ୍ତା, ଚତୁର୍ଭୁଜା ଓ ତ୍ରିନୟନା ରୂପେ ବର୍ଣ୍ଣିତା । ଦେବୀଙ୍କ ଦକ୍ଷିଣ ହସ୍ତ ଦ୍ୱୟରେ ମୁଦ୍ଗର (ଗଦା) ଓ ପାଶ ଏବଂ ବାମ ହସ୍ତଦ୍ୱୟରେ ଶତ୍ରୁର ଜିହ୍ୱା ବଜ୍ର । କର୍ଣ୍ଣଯୁଗଳରେ ଜାଜ୍ୱଲ୍ୟମାନ ଉଜ୍ଜ୍ୱଳ ସୁବର୍ଣ୍ଣ କୁଣ୍ଡଳ ଓ ଲଲାଟରେ ପୀତାଭ ଅର୍ଦ୍ଧଚନ୍ଦ୍ର । ମନୋଜ୍ଞ କୁଚ ଯୁଗଳ ବୃତ୍ତାକାର । ସ୍ୱର୍ଣ୍ଣାବତଂସ ବିଭୂଷିତା ଦେବୀ ସ୍ୱର୍ଣ୍ଣ ସିଂହାସନୋପରି ଅଧିଷ୍ଠିତା ।

" ଗମ୍ଭୀରାଂ ଚ ମଦୋନ୍ମତ୍ତାଂ ତପ୍ତ କାଞ୍ଚନ ସନ୍ନିଭାମ୍ ।
ଚତୁର୍ଭୁଜା ତ୍ରିନୟନାଂ କମଳାସନ ସଂସ୍ଥିତାମ୍ ॥
ମୁଦ୍‌ଗରଂ ଦକ୍ଷିଣେ ପାଶଂ ବାମେ ଜିହ୍ୱାଂଚ ବଜ୍ରକମ୍ ।
ପୀତାମ୍ବରଧରାଂ ସାନ୍ଦ୍ରବୃତ୍ତ ପୀନ ପୟୋଧରମ୍ ॥
ହେମ କୁଣ୍ଡଳ ଭୂଷାଂଚ ପୀତ ଚନ୍ଦ୍ରାର୍ଦ୍ଧ ଶେଖରଂ ।
ପୀତ ଭୂଷଣ ଭୂଷାଂଚ ସ୍ୱର୍ଣ୍ଣ ସିଂହାସନସ୍ଥିତାମ୍ ॥"

(ମେରୁ ତନ୍ତ୍ର)

### ବଗଳାଙ୍କ ମନ୍ତ୍ର :

ତନ୍ତ୍ରରେ ବଗଳାମୁଖୀଙ୍କ ଷଟତ୍ରିଂଶାକ୍ଷରୀ (୩୬ ଅକ୍ଷର) ମନ୍ତ୍ର ଦ୍ରଷ୍ଟବ୍ୟ । "ଓଁ ହ୍ରୀଂ ବଗଳାମୁଖୀ ସର୍ବଦୁଷ୍ଟାନାଂ ବାଚ ମୁଖ ସ୍ତମ୍ଭୟ ଜିହ୍ୱାଂ କୀଳୟ କୀଳୟ ବୁଦ୍ଧିଂ ନାଶାୟ ହ୍ରୀଂ ଓଁ ସ୍ୱାହା ।"

### ବଗଳାଙ୍କ ଯନ୍ତ୍ର :

" ତ୍ର୍ୟସ୍ରଂ ଷଡସ୍ରଂ ବୃତ୍ତମଷ୍ଟଦଳ ପଦ୍ମଭୂପୁରାନ୍ୱିତମ୍ ॥"

କେନ୍ଦ୍ର ବା ମଧ୍ୟ ଦେଶରେ ତ୍ରିକୋଣ ଓ ବହିର୍ଦ୍ଦେଶରେ ଷଡକୋଣ କରି ବୃତ୍ତ ଏବଂ ଅଷ୍ଟଦଳ ପଦ୍ମ ଅଙ୍କିତ କରିବ । ତାହାର ବହିର୍ଦ୍ଦେଶରେ ଭୂପୁର ଅଙ୍କନ ପୂର୍ବକ ଯନ୍ତ୍ର ପ୍ରସ୍ତୁତ କରିବ ।

**ଉପସଂହାର :**

ସୃଷ୍ଟିର ପ୍ରାରମ୍ଭରେ, ପ୍ରଜାପତି ବଗଳାମୁଖୀଙ୍କ ଐକାନ୍ତିକ ଉପାସନା ବୈଦିକ ରୀତିରେ କରି ସୃଷ୍ଟି ସୃଜନରେ ସଫଳତା ହାସଲ କରିଥିଲେ। ପ୍ରଜାପତି ଉକ୍ତ ମହାବିଦ୍ୟାର ଉପଦେଶ ସନକାଦି ମୁନିଙ୍କୁ ପ୍ରଦାନ କଲେ। ସନତ୍‌କୁମାର ନାରଦଙ୍କୁ, ସାଂଖ୍ୟାୟନ ନାମକ ପରମହଂସକୁ ପ୍ରଦାନ କଲେ। ସାଂଖ୍ୟାୟନ ୩୬ ପଟଳରେ ଉପନିବଦ୍ଧ ବଗଳାତନ୍ତ୍ର ରଚନା କଲେ। ସ୍ୱତନ୍ତ୍ର ତନ୍ତ୍ରାନୁସାରେ ଦ୍ୱିତୀୟ ଉପାସକ ନାରାୟଣ। ତୃତୀୟ ଉପାସକ ପର୍ଶୁରାମ ଓ ପର୍ଶୁରାମ ଆଚାର୍ଯ୍ୟ ଦ୍ରୋଣଙ୍କୁ ଏହି ବିଦ୍ୟାଶିକ୍ଷା ଦେଲେ।

ମହର୍ଷି ଚ୍ୟବନ ଏହି ବିଦ୍ୟା ପ୍ରଭାବରେ ଇନ୍ଦ୍ରଙ୍କ ବଜ୍ରକୁ ସ୍ତମ୍ଭିତ କରିଥିଲେ। ଶ୍ରୀଗୋବିନ୍ଦପାଦଙ୍କ ସମାଧି ସମୟରେ ଶ୍ରୀମଦ୍ ଶଂକରାଚାର୍ଯ୍ୟ ବଗଳାମୁଖୀଙ୍କୁ ଧ୍ୟାନକରି ରେବା ନଦୀ ବନ୍ୟାର ସ୍ତମ୍ଭନ କରିଥିଲେ। ମହାମୁନି ନିମ୍ବାର୍କ ଏହି ବିଦ୍ୟା ପ୍ରଭାବରେ ଏକ ପରିବ୍ରାଜକଙ୍କୁ ନିମ୍ବ ବୃକ୍ଷ ଉପରେ ସୂର୍ଯ୍ୟ ଦର୍ଶନ କରାଇଥିଲେ। ସାଧକ ଶୁଚିବନ୍ତ ହୋଇ ଇନ୍ଦ୍ରିୟ ସଂଯମତା ପୂର୍ବକ ଦେବୀଙ୍କ ଉପାସନା କରିବା ବିଧେୟ। ଅନୁଗ୍ରହୀତ ସାଧକ ବା ଭକ୍ତ ମହାଦେବୀଙ୍କ ଅହେତୁକୀ କୃପାରୁ ସର୍ବଦା ଅମ୍ଳାନ, ଅକ୍ଷୁଣ୍ଣ ଓ ଅକାତର।

ନିର୍ଗୁଣା, ନିର୍ଲିପ୍ତା, ସଚ୍ଚିଦାନନ୍ଦମୟୀ ଭଗବତୀ ଭକ୍ତ ବା ସାଧକଙ୍କ ପ୍ରୀତ୍ୟର୍ଥେ ବିବିଧ ରୂପରେ ପ୍ରତିଭାତ ହୋଇଥାଆନ୍ତି।

"ସ୍ୱୟଂ ଶକ୍ତି ମହାମାୟା ସଚ୍ଚିଦାନନ୍ଦ ରୂପିଣୀ।
ରୂପଂ ବିଭର୍ତ୍ୟ ରୂପାଚ ଭକ୍ତାନୁଗ୍ରହ ହେତବେ ॥"
(ଦେବୀ ଭାଗବତ ପୁରାଣ)

ଯେଉଁ ଇଚ୍ଛାମୟୀଙ୍କ ଇଚ୍ଛାରେ ଜଗତର ସୃଷ୍ଟି, ଯାହାର ଅବଲମ୍ବନରେ ବିଶ୍ୱ ବ୍ରହ୍ମାଣ୍ଡର ଅବସ୍ଥିତି ଏବଂ କଳ୍ପାନ୍ତେ ଯାହାଦ୍ୱାରା ସମସ୍ତ ଜଗତ ଉପସଂହୃତ ସେହି ବ୍ରହ୍ମା, ବିଷ୍ଣୁ, ଶିବାରାଧିତା ବ୍ରହ୍ମମୟୀ ଆନନ୍ଦମୟୀଙ୍କ ପୂଜାରାଧନା ହିଁ ଆଜିର ଶାରଦୀୟ ମହାପୂଜାର ଲକ୍ଷ୍ୟ।

"ସୃଷ୍ଟ୍ୱା ଖିଳଂ ଜଗଦିଦଂ ସଦସତ୍ ସ୍ୱରୂପଂ।
ଶକ୍ତ୍ୟା ସ୍ୱୟା ତ୍ରିଗୁଣୟା ପରିପାତି ବିଶ୍ୱମ୍ ॥
ସଂହୃତ୍ୟ କଳ୍ପ ସମୟେ ରମତେ ତଥୈକା।
ତାଂ ସର୍ବ ବିଶ୍ୱ ଜନନୀଂ ମନସା ସ୍ମରାମି ॥"

ସମ୍ପାଦକ, 'ମହାପ୍ରଭୁ'
ବୃନ୍ଦାବନ ଧାମ,
ଲୋକନାଥ ରୋଡ୍, ପୁରୀ-୭୫୨୦୦୧।



ବରମୁଣ୍ଡାଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ 'ଓଡ଼ିଶା ଦମକଳ ଭବନ'ର ଶିଳାନ୍ୟାସ କରୁଛନ୍ତି (୧୭/୧୧)।

# ଜନଶିକ୍ଷା ନିଳୟ କ'ଣ ଓ କାହିଁକି ?

● ଶ୍ରୀ ରବୀନ୍ଦ୍ର କୁମାର ଜେନା

ସାରା ଦେଶରେ ସାକ୍ଷରତା କାର୍ଯ୍ୟକ୍ରମ ଚାଲୁ ରହିଛି । ଏଥିରେ ନିରକ୍ଷରମାନଙ୍କୁ ସାକ୍ଷର କରିବାର ବ୍ୟବସ୍ଥା ରହିଛି । ଏହାକୁ ଆମେ ଜନଶିକ୍ଷା କାର୍ଯ୍ୟକ୍ରମ ବୋଲି କହିଥାଉଁ । ଯେଉଁମାନେ ଜନଶିକ୍ଷା କେନ୍ଦ୍ରରେ ପାଠ ପଢ଼ିଲେ ଓ ସାକ୍ଷର ହେଲେ ସେମାନଙ୍କୁ ଆମ୍ଭେ ନବ ସାକ୍ଷର ବୋଲି କହିଥାଉଁ । ନବ ସାକ୍ଷରମାନେ ଜନଶିକ୍ଷା କେନ୍ଦ୍ର ପରିତ୍ୟାଗ କଲାପରେ ପାଠ ସହିତ ସମ୍ପର୍କ ରଖିବା ଆବଶ୍ୟକ । ତାହା ନ ହେଲେ ସେମାନେ ପୁନରାୟ ନିରକ୍ଷର ପାଲଟି ଯିବେ ।

ନବ ସାକ୍ଷରମାନଙ୍କ ନିମିତ୍ତ ଅନୁଗାମୀ ଶିକ୍ଷା କାର୍ଯ୍ୟକ୍ରମ ଅଥବା ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମ ସାଙ୍ଗକୁ ନିରନ୍ତର ଶିକ୍ଷା ବ୍ୟବସ୍ଥା କରାଯାଇଛି । ଏହି ନିରନ୍ତର ଶିକ୍ଷା ଓ ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମ ବ୍ୟବସ୍ଥା ଫଳରେ ନବ ସାକ୍ଷରମାନେ ପୁନରାୟ ନିରକ୍ଷର ପାଲଟି ଯିବାର ଆଶଙ୍କା ନଥାଏ । ଜନଶିକ୍ଷା କାର୍ଯ୍ୟକ୍ରମ ଦୀର୍ଘ ଦିନଧରି ଦେଶରେ ପ୍ରଚଳିତ ହେଉଥିଲେ ମଧ୍ୟ ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମ ଓ ନିରନ୍ତର ଶିକ୍ଷା ବ୍ୟବସ୍ଥା କେବଳ ୧୯୮୫ ମସିହାଠାରୁ ଆମ ରାଜ୍ୟରେ ପ୍ରବର୍ତ୍ତନ କରାଯାଇଛି ।

ଏହି କାର୍ଯ୍ୟକ୍ରମ ଯୋଗୁଁ ନବ ସାକ୍ଷରମାନେ ପୁଣି ନିରକ୍ଷର ପାଲଟି ଯିବାର ଯେଉଁ ଆଶଙ୍କା ଥାଏ ତାହା ପ୍ରାୟ ଦୂରୀଭୂତ ହୋଇ ଯାଇଥାଏ, ସେଥି ସହିତ ସେମାନଙ୍କ ମଧ୍ୟରେ ପାଠ ସହିତ ସମ୍ପର୍କ ରଖିବାକୁ ପ୍ରେରଣା ଜାଗରିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ଜଡ଼ିତ ରହି ନବ ସାକ୍ଷରମାନେ ଅଧିକ ଜ୍ଞାନ, କୌଶଳ ଓ ଦକ୍ଷତା ଅର୍ଜନ କରିବାରେ ମଧ୍ୟ ସମର୍ଥ ହୋଇଥାନ୍ତି । ଏ ସବୁକୁ ବାଦ୍ ଦେଲେ ଜଣେ ନବ ସାକ୍ଷର ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମରେ ଅଂଶୀଦାର ହୋଇ ନିଜର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ପ୍ରୟାସୀ ହୋଇଥାଏ ।

ବର୍ତ୍ତମାନ ପରିପ୍ରେକ୍ଷୀରେ ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମ ଓ "ନିରନ୍ତର ଶିକ୍ଷା"କୁ ଏକତ୍ରୀକରଣ କରାଯାଇଛି । ଫଳରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ "ଜନଶିକ୍ଷା ନିଳୟ" ପ୍ରତିଷ୍ଠା କରାଯାଇଛି । ଏହି ନିଳୟର ତତ୍ତ୍ୱାବଧାରକ ଭାବେ ସ୍ଥାନୀୟ ଗ୍ରାମ ଅଥବା ଗ୍ରାମ ପଞ୍ଚାୟତର ଜଣେ ଉତ୍ସାହୀ ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି । ଉକ୍ତ ଯୁବକ ଗ୍ରାମର ନବ ସାକ୍ଷର ତଥା ଆଗ୍ରହୀ ବ୍ୟକ୍ତି ବିଶେଷଙ୍କୁ 'ନିଳୟ"ରେ ରକ୍ଷିତ ଥିବା ପାଠାଗାର ପୁସ୍ତକ ବିତରଣ କରିବେ ଓ ସମ୍ବାଦପତ୍ରମାନ ବିତରଣ କରିବେ ।

'ଜନଶିକ୍ଷା ନିଳୟ'କୁ ସଜାଗ ରଖିବା ନିମିତ୍ତ ନିଯୁକ୍ତ ଯୁବକଙ୍କୁ ପ୍ରେରକ ବୋଲି କୁହାଯାଇଥାଏ । ପ୍ରେରକ ଜନଶିକ୍ଷା ନିଳୟକୁ ପରିଚାଳନା କରିବା ନିମିତ୍ତ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଦରକାର ।

(୧) ନିଳୟ ଦାୟିତ୍ୱରେ ରହିଥିବା ପ୍ରେରକ ନିଳୟକୁ ଆସୁଥିବା ଶିକ୍ଷାର୍ଥୀମାନଙ୍କ ଆଶା ଆକାଙ୍କ୍ଷା ପୂରଣ କରିବା ଦିଗରେ ବିଶେଷ ଧ୍ୟାନ ଦେବା ଦରକାର ।

(୨) ନିଳୟକୁ ଆସୁଥିବା ଶିକ୍ଷାର୍ଥୀମାନେ କେଉଁ ଉଦ୍ଦେଶ୍ୟ ରଖି ଅବା କେଉଁ ଆଶା ପୋଷଣ କରି ଆସୁଛନ୍ତି, ସେ ବିଷୟରେ ପ୍ରେରକ ଭଲଭାବେ ବୁଝିବା ଦରକାର ।

(୩) ଶିକ୍ଷାର୍ଥୀମାନେ ନିଳୟକୁ ଆସି ସେଠାରେ କ'ଣ ସବୁ ଶିକ୍ଷା କରୁଛନ୍ତି ସେଥିପ୍ରତି ଦୃଷ୍ଟି ଦେବା ଦରକାର ।

(୪) ପ୍ରେରକ 'ଜନଶିକ୍ଷା ନିଳୟ' ଦାୟିତ୍ୱ ଗ୍ରହଣ କରିବା ପରଠାରୁ ନିରନ୍ତର ଶିକ୍ଷା, ବୃତ୍ତି ଭିତ୍ତିକ ଶିକ୍ଷା ଦାନ କିପରି ସେମାନଙ୍କର ମନପୂତାବକ ହେବା ଆବଶ୍ୟକ ତାହା ଭଲଭାବେ ହୃଦୟଙ୍ଗମ କରିବା ଏକାନ୍ତ ଆବଶ୍ୟକ ।

(୫) ସାମାଜିକ ବନୀକରଣ, ଜାତୀୟ ଏକତା, ଦାରିଦ୍ର୍ୟ ଦୂରୀକରଣ, ମହିଳାମାନଙ୍କ କଲ୍ୟାଣକର ଯୋଜନା, ବିଶୁଦ୍ଧ ପାଣି ଯୋଗାଣ, ଟୀକାଦାନ ବ୍ୟବସ୍ଥା, ଜନସଂଖ୍ୟା ବିସ୍ଫୋରଣର ଅପକାରିତା ଆଦି ସାମାଜିକ ସଚେତନତା ଭଲଭାବେ ହୃଦୟଙ୍ଗମ କରି 'ନିଳୟ'କୁ ଆସୁଥିବା ଶିକ୍ଷାର୍ଥୀମାନଙ୍କୁ ସମ୍ୟକ ସୂଚନା ଦେବା ପ୍ରେରକର ମୌଳିକ କର୍ତ୍ତବ୍ୟ ।

(୬) ଶିକ୍ଷାର୍ଥୀମାନେ କେଉଁ ସମୟରେ 'ଜନଶିକ୍ଷା ନିଳୟ'କୁ ଆସିବାକୁ ପସନ୍ଦ କରୁଛନ୍ତି, ତାହା ବୁଝିନେବେ ଏବଂ ସେହି ଅନୁସାରେ ନିଳୟକୁ ଖୋଲା ରଖିଲେ ଶିକ୍ଷାର୍ଥୀମାନେ ତାହା ଭଲଭାବେ ଉପଯୋଗ କରିପାରିବେ ।

(୭) ପ୍ରେରକଙ୍କୁ ପାଠାଗାର ପରିଚାଳନା, ଖେଳକସରତ କରିବା, ଚର୍ଚ୍ଚାମଣ୍ଡଳ ଗଠନ କରି ପରିଚାଳନା କରିବା ବିଷୟରେ ସ୍ୱଳ୍ପକାଳୀନ ତାଲିମ୍ ଦେବାର ବ୍ୟବସ୍ଥା କରାଯିବା ଦରକାର । ଏ ସବୁ ମାଧ୍ୟମରେ ଜନଶିକ୍ଷା ନିଳୟ ପରିଚାଳନା କରିବାରେ ସୁବିଧା ହେବ ।

(୮) ନିଳୟକୁ ଯୋଗାଇ ଦିଆଯାଉଥିବା ଟେଲିଭିଜନ୍, ରେଡିଓ ଆଦି ଉପକରଣଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ସମ୍ପର୍କରେ ପ୍ରେରକର ବିଶେଷ ଦକ୍ଷତା ରହିବା ଆବଶ୍ୟକ ।

(୯) ଜନଶିକ୍ଷା ନିଳୟର ସମସ୍ତ କାଗଜପତ୍ର ଯଥାରୀତି ରଖିବା ଓ ଆବଶ୍ୟକୀୟ ବିବରଣୀ ଦାଖଲ କରିବାର ସାମର୍ଥ୍ୟ ପ୍ରେରକର ରହିବା ଏକାନ୍ତ ଜରୁରୀ ।

(୧୦) "ଜନଶିକ୍ଷା ନିଳୟ"ଟି ପଞ୍ଚାୟତର କେନ୍ଦ୍ର ସ୍ଥଳୀରେ ସମସ୍ତଙ୍କ ସୁବିଧାଜନକ ସ୍ଥାନରେ ଥିଲେ ଶିକ୍ଷାର୍ଥୀମାନେ ନିଳୟକୁ ଆସିବାକୁ ଆଗ୍ରହ ପ୍ରକାଶ କରିବେ । ଏଥିପ୍ରତି ପ୍ରେରକ ଓ ଗ୍ରାମ୍ୟ ଶିକ୍ଷା କମିଟି ଧ୍ୟାନ ଦେବା ଦରକାର ।

(୧୧) ନିଳୟର ସୁପରିଚାଳନା ନିମିତ୍ତ ପ୍ରେରକଙ୍କୁ ବିଧିବଦ୍ଧ ତାଲିମ୍ ଦେବାକୁ ପଡ଼ିବ ଓ ଏହା ସ୍ୱଳ୍ପ କାଳୀନ ହୋଇଥିଲେ ମଧ୍ୟ ବର୍ଷକ ମଧ୍ୟରେ ଅନ୍ୟୁନ ୨/୩ ଥର ତାଲିମ୍ ଦିଆଯିବା ଦରକାର ।

(୧୨) ପ୍ରେରକର ଅନୁପସ୍ଥିତିରେ "ଜନଶିକ୍ଷା ନିଳୟ" କିପରି ଖୋଲା ରହିବ ସେ ସମ୍ପର୍କରେ ପଞ୍ଚାୟତ କର୍ମକର୍ତ୍ତା, ଗ୍ରାମ୍ୟ ଶିକ୍ଷା କମିଟି ଓ ପ୍ରେରକ ବସି ନିଷ୍ପତ୍ତି ନେବା ଦରକାର ।

(୧୩) ପ୍ରେରକର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ୟୁଲେସନ୍ ରଖାଯାଇଛି । ତେବେ ଏତେଗୁଡ଼ିଏ କାର୍ଯ୍ୟ ସମ୍ପାଦନ ଦିଗରେ ଜଣେ ମାଟ୍ରିକ୍ୟୁଲେଟ୍ ସମର୍ଥ ହୋଇପାରିବ କି ନାହିଁ ତାହା ଚିନ୍ତା କରିବା ଦରକାର ।

(୧୪) "ଜନଶିକ୍ଷା ନିଳୟ" ପ୍ରତିଷ୍ଠା କରାଗଲା ପରେ ପଞ୍ଚାୟତ ସ୍ତରରେ ଶିକ୍ଷିତ, ଅଶିକ୍ଷିତ, ପଞ୍ଚାୟତର ମୁଖିଆ ଲୋକ, ସାଧାରଣ ଲୋକଙ୍କ ମତାମତ ସଂଗ୍ରହ କରାଯାଇ ତଦନୁସାରେ ନିଳୟର କାର୍ଯ୍ୟକ୍ରମରେ ପରିବର୍ତ୍ତନ ଅଣାଯିବା ଦରକାର । ଏ ଦିଗରେ ପ୍ରେରକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

(୧୫) ନିଳୟକୁ ଜିଲ୍ଲା ଜନଶିକ୍ଷା ସଂସ୍ଥା ତରଫରୁ ଆବଶ୍ୟକୀୟ ଉପକରଣ, କିରୋସିନି ଖର୍ଚ୍ଚ ଆଦି ରୀତିମତ ମିଳୁଛି କି ନାହିଁ, ଯଦି ମିଳୁଥାଏ ତାହାହେଲେ ସେଗୁଡ଼ିକର ସଦ୍ ବିନିଯୋଗ ହେଉଛି କି ନାହିଁ, ସେ ସମ୍ପର୍କରେ ଗ୍ରାମ୍ୟ ଶିକ୍ଷା କମିଟି ପ୍ରତ୍ୟେକ ମାସରେ ଅନୁଧ୍ୟାନ କରି ଏକ ରିପୋର୍ଟ ଦେବା ଦରକାର ।

(୧୬) ନିଳୟ ପରିଚାଳନା ଦିଗରେ କି ରକମ ପ୍ରତିବନ୍ଧକ ଦେଖାଦେଉଛି ଓ ସେଗୁଡ଼ିକର ନିରାକରଣ ଦିଗରେ କି ପ୍ରକାରର ପ୍ରତିକାର କରାଯାଇ ପାରିବ, ତାହା ଗ୍ରାମ୍ୟ ଶିକ୍ଷା କମିଟି ଅନୁଧ୍ୟାନ କରିବା ଦରକାର ।

ଜନଶିକ୍ଷା ନିଳୟ ପ୍ରତିଷ୍ଠା ପରେ ଏହା କେତେଦୂର ଫଳପ୍ରଦ ହେଉଛି ତାହାର କାର୍ଯ୍ୟଧାରାକୁ ସମୀକ୍ଷା କରାଯିବା ଆବଶ୍ୟକ । ଏଣୁ ନବ ସାକ୍ଷରମାନେ ନିୟମିତ ଭାବେ ନିଳୟକୁ ଆସୁଛନ୍ତି କି ନାହିଁ ? ସେମାନେ ସାକ୍ଷରତା ହାସଲ ସହିତ ବୃତ୍ତିଗତ ଅଭିଜ୍ଞତା ଅର୍ଜନ କରିବାରେ କେତେଦୂର ସମର୍ଥ ହୋଇ ପାରିଛନ୍ତି ତାହା ମଧ୍ୟ ଜାଣିବା ଏକାନ୍ତ ଦରକାର ।

ନବ ସାକ୍ଷରମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବଢ଼ିଛି କି ନାହିଁ ? ସେମାନଙ୍କର ଚାଲି ଚଳନରେ ବିଶେଷ ପରିବର୍ତ୍ତନ ଘଟୁଛି କି ? ସେମାନେ ଅନ୍ୟମାନଙ୍କୁ ଏହା ଫଳରେ ପ୍ରଭାବିତ କରିବାରେ ସମର୍ଥ ହୋଇପାରୁଛନ୍ତି କି ନାହିଁ, ତା'ର ମଧ୍ୟ ଅନୁଧ୍ୟାନ ହେବା ଦରକାର ।

ନିଳୟକୁ ବିଭିନ୍ନ ଉନ୍ନୟନ ସଂସ୍ଥା କେତେଦୂର ସହଯୋଗ କରୁଛନ୍ତି ସେମାନଙ୍କର ବିଭାଗୀୟ ପ୍ରାଚୀରପତ୍ର ଛୋଟ ଛୋଟ ପୁସ୍ତିକା ଯୋଗାଇ ଦିଆଯାଉଛି କି ନାହିଁ, ତାହା ମଧ୍ୟ ଦେଖିବା କଥା ।

ଉକ୍ତ ପ୍ରାଚୀରପତ୍ର ଓ ପୁସ୍ତିକା ପାଠ କରିବା ପରେ ତା'ର ପ୍ରଭାବ କେତେଦୂର ଶିକ୍ଷାର୍ଥୀମାନଙ୍କ ଉପରେ ପଡୁଛି ତାହା ମଧ୍ୟ ଜାଣିବା ଦରକାର ।

ନିଳୟର ନିୟମିତ ଚର୍ଚ୍ଚା ମଣ୍ଡଳୀ ଅନୁଷ୍ଠିତ ହେବା କଥା । ଏହା ମଧ୍ୟରେ ନିଳୟର କାର୍ଯ୍ୟଧାରା ସମ୍ପ୍ରସାରଣ କରାଯାଇ ପାରିବ ।

"ଜନଶିକ୍ଷା ନିଳୟ" ଯଥାରୀତି କାର୍ଯ୍ୟ କରୁଛି କି ? ଜନଶିକ୍ଷା କେନ୍ଦ୍ର ସହାୟକ, ପ୍ରେରକ, ପ୍ରକଳ୍ପ ଅଧିକାରୀ, ଜିଲ୍ଲା ଜନଶିକ୍ଷା ଅଧିକାରୀ ଉପ ନିର୍ଦ୍ଦେଶକମାନଙ୍କ ଭୂମିକା କ'ଣ ରହିଛି ? ସେମାନେ ଏହି ନିଳୟଗୁଡ଼ିକୁ ନିୟମିତ ପରିଦର୍ଶନ କରୁଛନ୍ତି କି ? ସେଥି ସହିତ ନିକଟବର୍ତ୍ତୀ ସ୍କୁଲର ଶିକ୍ଷକ, ପ୍ରଧାନ ଶିକ୍ଷକ, ଅଧ୍ୟାପକ, ଅଧ୍ୟକ୍ଷ, ପାଠାଗାର ପରିଚାଳକ ଓ ସର୍ବୋପରି ଗ୍ରାମବାସୀଙ୍କ ସହଯୋଗ ମିଳୁଛି କି ନାହିଁ ତାହା ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସକ ସେମାନଙ୍କ ଗସ୍ତ ସମୟରେ ଅନୁଧ୍ୟାନ କରି ରିପୋର୍ଟ ଦେବା ଦରକାର ।

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ମଣ୍ଡଳ, ଶିକ୍ଷା ଅଧିକାରୀ, ମାଧ୍ୟମିକ ତାଲିମ୍ ବିଦ୍ୟାଳୟ ଓ ଗୁରୁ ତାଲିମ୍ ମହାବିଦ୍ୟାଳୟଗୁଡ଼ିକରୁ ସାହାଯ୍ୟ ସହଯୋଗ କିପରି ମିଳୁଛି ତାହାର ଅନୁଧ୍ୟାନ ହେବା ଦରକାର ।

"ଜନଶିକ୍ଷା ନିଳୟ"ଟି କେଉଁ ପରିବେଶରେ କାର୍ଯ୍ୟ କରୁଛି ? ଏହା ପରିଷ୍କାର, ପରିଚ୍ଛନ୍ନ ରହୁଛି କି ନାହିଁ ? ଆଲୋକ ଓ ପାଣି ଯୋଗାଣ ବ୍ୟବସ୍ଥା ଭଲଭାବେ ହୋଇଛି କି ନାହିଁ ? ଏଗୁଡ଼ିକର ଅନୁଧ୍ୟାନ କରାଯିବା ଦରକାର ।

ନିଳୟ ପ୍ରତିଷ୍ଠା ପରେ ଗ୍ରାମବାସୀ, ଯୁବକ ଗୋଷ୍ଠୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ପାଇଛି କି ନାହିଁ ? ତହିଁର ବିବରଣୀ ସଂଗ୍ରହ କରାଯିବା ଦରକାର ।

ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେଲେ ଜନଶିକ୍ଷା ନିଳୟ ପ୍ରତିଷ୍ଠାର ଉଦ୍ଦେଶ୍ୟ ଯଥାରୀତି ସାଧିତ ହୋଇପାରିବ ବୋଲି ଆମେ ଆଶା କରିବା । ସେଥି ସହିତ ସାକ୍ଷରତା ପରବର୍ତ୍ତୀ କାର୍ଯ୍ୟକ୍ରମ ଓ ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଗ୍ରାମମାନଙ୍କରେ ଖୋଲା ରହିଲେ ନିରକ୍ଷର ସଂଖ୍ୟା ହ୍ରାସ ପାଇବ ।

---

**ସହକାରୀ ଜନଶିକ୍ଷା ନିର୍ଦ୍ଦେଶକ,**
**ରାଜ୍ୟ ଜନଶିକ୍ଷା ନିର୍ଦ୍ଦେଶାଳୟ,**
**ଭୁବନେଶ୍ୱର ।**

# କବି ମାୟାଧର ମାନସିଂହ – ଏକ ଅନୁଶୀଳନ

● ଶ୍ରୀ ରସାନନ୍ଦ ପଣ୍ଡା

ଆଧୁନିକ ଓଡ଼ିଆ ସାହିତ୍ୟାକାଶରେ ଏକ ଦେଦୀପ୍ୟମାନ ଜ୍ୟୋତିଷ୍କ ଭାବରେ ଯେଉଁ କେତେକ ସ୍ୱନାମଧନ୍ୟ ସାହିତ୍ୟ–ସାଧକ ବୃନ୍ଦ ସ୍ୱକୀୟ ପ୍ରତିଭା ଦ୍ୱାରା ଲବ୍ଧ ପ୍ରତିଷ୍ଠ ହୋଇପାରିଥିଲେ ସେମାନଙ୍କ ମଧ୍ୟରେ ଡଃ ମାୟାଧର ମାନସିଂହ ଅନ୍ୟତମ ।

ମାୟାଧର ମାନସିଂହ ୧୯୦୫ ମସିହା ନଭେମ୍ବର ୧୩ ତାରିଖରେ ପୁରୀଜିଲ୍ଲା ଅନ୍ତର୍ଗତ ଚିଲିକା ହ୍ରଦ ମଧ୍ୟସ୍ଥ ପାରିକୁଦ ଅଞ୍ଚଳର ଏକ ଅଖ୍ୟାତପଲ୍ଲୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ପଦ୍ମଚରଣ ମାନସିଂହ ଓ ମାତାଙ୍କ ନାମ ସୁଭଦ୍ରା ଦେବୀ । ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଉଚ୍ଚଶିକ୍ଷା ଲାଭ କରିବାର ଦୁର୍ବାର ଆକାଂକ୍ଷା ତାଙ୍କୁ କ୍ରମେ ଏ ଦେଶର ସୀମିତ ସୀମାବଳୟକୁ ଅତିକ୍ରମ କରାଇଥିଲା । କଟକରେ ଅଧ୍ୟୟନ କରୁଥିବା ସମୟରେ ସେ ସାହିତ୍ୟ–ସାଧନାରେ ମନୋନିବେଶ କରିଥିଲେ । ପରବର୍ତ୍ତୀ କାଳରେ ପାଟଣା ବିଶ୍ୱବିଦ୍ୟାଳୟରୁ ସେ ଇଂରାଜୀ ସାହିତ୍ୟରେ M. A. ପାଶ୍ କରିଥିଲେ ଏବଂ ଡରହାମ୍ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟର Shakespeare ଓ ଭାରତୀୟ ସାହିତ୍ୟର କାଳିଦାସଙ୍କ ବିଷୟରେ ଏକ ତୁଳନାତ୍ମକ ସନ୍ଦର୍ଭ ଲେଖି Ph. D. degree ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ।

କର୍ମଜୀବନରେ ଡଃ ମାନସିଂହ ଅଧ୍ୟାପକ ତଥା "ଶଙ୍ଖ" ଓ "ଆରତୀ" ପତ୍ରିକାର ସମ୍ପାଦକ ହେବାର ଗୌରବ ଅର୍ଜନ କରିଥିଲେ । ସାହିତ୍ୟକ୍ଷେତ୍ରରେ ସେ ଥିଲେ ଏକାଧାରରେ ଜଣେ କବି, ପ୍ରାବନ୍ଧିକ, ସମାଲୋଚକ ତଥା ନାଟ୍ୟକାର । ତାଙ୍କର ଉଚ୍ଚକୋଟୀର ମନନଶୀଳତା, ପାଣ୍ଡିତ୍ୟ, ସ୍ୱଦେଶପ୍ରୀତି, ସୌନ୍ଦର୍ଯ୍ୟପ୍ରିୟତା, ପ୍ରତ୍ୟେକ କୃତିରେ ନିହିତ ହୋଇଥିବାର ଦେଖିବାକୁ ମିଳେ । ମାଟ୍ରିକ୍ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ସେ ରଚନା କରିଥିଲେ "ଜନ୍ମାଷ୍ଟମୀ", "କୋଣାର୍କ" ଓ "ମା ଓଡ଼ିଶା" କବିତା । ଯୌବନର ପ୍ରଥମ ପରଶରେ ପୁଲକିତ ହୋଇ ସେ ତାଙ୍କର କଲେଜ ଜୀବନରେ ଆଣିଥିଲେ ଓଡ଼ିଆ ସାହିତ୍ୟର Romantic କବି । ସେହି ସମୟରେ ସେ ସୃଷ୍ଟି କରିଥିଲେ "ବାରବାଟୀ", "ଧୂପ", "ହେମଶସ୍ୟ" ଆଦି କବିତାଗ୍ରନ୍ଥ ଓ "ରାଜକବି", "ପୂଜାରିଣୀ" "ଉପେକ୍ଷିତା", ପୁଷ୍ପିତା" ପ୍ରଭୃତି ନାଟିକାମାନ । ଅଧୁନା ଅପି କବିଙ୍କର ରଚିତ ଧୂପ, ହେମଶସ୍ୟ କବିତା ବିରହୀ ପ୍ରେମିକ–ପ୍ରେମିକାମାନଙ୍କର ଅବସର ଚିତ୍ତବିନୋଦନ ପାଇଁ ପ୍ରମୁଖ୍ୟ । ପରବର୍ତ୍ତୀ କାଳରେ ସେ ରଚନା କଲେ "ହେମପୁଷ୍ପ", "ସାଧବଝିଅ", "କେମା", "କମଳାୟନ", "ଜୀବନଚିନ୍ତା", "ମାଟିବାଣୀ", "ବାପୁତର୍ପଣ", "କୃଷ୍ଣ", "ନଷ୍ଟନୀଡ", "ପଶ୍ଚିମ ପଥିକ", "ଓଡ଼ିଆ ସମାଜ ଓ ଜୀବନ", "ଜୀବନୀ ଓ ପ୍ରବନ୍ଧ", "ଓଡ଼ିଆ ସାହିତ୍ୟର ଇତିହାସ", "ଶିକ୍ଷାବିତ୍‌ର ଗାଥା", "ସରସ୍ୱତୀ ଫକୀର ମୋହନ", Saga of Jagannath, History of Oriya Literature ଆଦି ପୁସ୍ତକମାନ ।

କବି ମାନସିଂହଙ୍କ କାବ୍ୟ ପ୍ରତିଭା ବାସ୍ତବିକ୍ ବିଚିତ୍ର ଅନୁଭୂତିରେ ଭରିମନ୍ତ । ମାନସିଂହଙ୍କୁ ଅନେକ ପ୍ରେମ–ପ୍ରଣୟର କବି ବୋଲି କହିଥାନ୍ତି । କିନ୍ତୁ ତାଙ୍କ ପ୍ରେମ ଦେହାବଦ୍ଧ ନୁହେଁ ଦେହାତୀତ । ଦେହ ମଧ୍ୟ ଦେଇ ସେ ଦେହାତୀତର ସନ୍ଧାନ ଦେଇଛନ୍ତି । ରୂପସୀ ପ୍ରଣୟିନୀର ରୂପସାଗର ମଧ୍ୟରେ କବି ବିଶ୍ୱର ସମଷ୍ଟି ବେଦନା ଓ ଯନ୍ତ୍ରଣାକୁ ସମାନ୍ୱିତ କରିଦେଇ ଏକ ମହିମାମୟ ଲୋକୋତ୍ତର ଜୀବନକୁ ବର୍ଣ୍ଣନା କରିଛନ୍ତି । ତାଙ୍କ ଭାଷାରେ–

"କ୍ଷୁଦ୍ର ଜୀବନ ମହାଜୀବନରେ ଧୀରେ ଧୀରେ ମିଶେ
ଭାସିଯାଏ ଆମ ମିଳନ–ମାଧୁରୀ ସୃଷ୍ଟିର ଦଶ ଦିଶେ
ସ୍ଥୂଳ ଧରଣୀର ଜଡ଼ ଅନୁଭବ ଦେହ ମନୁ ଧୀରେ ଟୁଟେ
ହୃଦୟ ତଳରୁ ସୌରଭ ସମ–ମହିମ୍ନସ୍ତବ ଫୁଟେ" ।

କବି ମାନସିଂହ ଏହି ଧୂଳିମାଟି ଧରଣୀର କବି । ସେ କେବଳ ପ୍ରେମର ଅମଳିନ କବିତା ରଚନା କରିନାହାନ୍ତି ସେ ରଚନା କରିଛନ୍ତି ମର୍ତ୍ତ୍ୟମାନବର ବେଦନାବିଧୁର ଜୀବନର ସାମଗାନଟିକୁ । ସେ ତେଣୁ ଧରଣୀର ଜୟଗାନ କରି 'ଧରଣୀ ଦାସ' କବିତାରେ ଲେଖିଛନ୍ତି–

"ସର୍ବ ଅକଲ୍ୟାଣ ମେଲେ, ହେ ଧରଣୀ ତେଣୁ ତୋ ଆଶ୍ରୟ
ପ୍ରିୟ ଏତେ ସର୍ବବ୍ୟାପୀ ପରାଜୟ ଜୟ–ସୁଖମୟ" ।

ଡଃ ମାନସିଂହ ତାଙ୍କର କବି ପ୍ରତିଭାର ସୂର୍ଯ୍ୟୋଦୟ କାଳରେ ପ୍ରୀତି ନୈବେଦ୍ୟର ଅର୍ଘ୍ୟଥାଳୀ ପ୍ରଦାନ କରିଥିଲେ ଏ ଦେଶର ସାହିତ୍ୟକୁ ତାଙ୍କ କାବ୍ୟ କବିତା ମାଧ୍ୟମରେ। ପ୍ରୀତି ଧୂପର ଉଚ୍ଛ୍ୱାସରେ ସେହି କାବ୍ୟମାନସ ସୁଗନ୍ଧିତ ହୋଇଉଠିଥିଲା। ସେହି ପ୍ରୀତିଧୂପରୁ କେତେବେଳେ ମାନବିକତାର ବେଦ ଉଚ୍ଚାରିତ ହେଉଥିଲା ତ କେତେବେଳେ ଜାତୀୟତାର ଉଦାରଭାବ ନିକ୍ୱଣିତ ହୋଇଥିଲା। ପୁଣି କେତେବେଳେ ସେଥିରୁ ସୃଷ୍ଟି ହୋଇଥିଲା ନରନାରୀଙ୍କର ବିରହ-କାତର ପ୍ରେମବିଧୁର ଜୀବନର ଅପରୂପ ସଙ୍ଗୀତ। ରୂପ ଓ ଅରୂପ, ଇନ୍ଦ୍ରିୟ ଓ ଅତୀନ୍ଦ୍ରୀୟ ଚେତନା ମଧ୍ୟରେ ଅପୂର୍ବ ସମନ୍ୱୟ ସ୍ଥାପନ କରି କବି ପ୍ରେମପ୍ରତି ସ୍ୱକୀୟ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଅଛନ୍ତି। ସେଥିପାଇଁ ସେ ଲେଖିଛନ୍ତି–

"ସବୁ ଡିଆଣରୁ ପୀରତି ଡିଆଣ ଜଟିଳ
ବିଳପି ବସିଲେ ବୋଧିବାର ଲୋକ ନ ଥାଏ
କଠୀନ ଆହୁରି ବାନ୍ଧିବା ଲୁହ ଆଖିର
ଯେତେ ପୋଛ ପୁଣି ସେତିକି ଗୋ ବୁକୁ ବଥାଏ"।

କବି ମାନସିଂହ ବାସ୍ତବତାର ପୂଜାରୀ। ଖାଲି ପ୍ରେମ ବା ସ୍ୱପ୍ନବିଳାସରେ ମଦିରାରେ ସେ ଆପଣାର ଜୀବନତରୀକୁ ଭସାଇ ଦେଇନାହାନ୍ତି। ଏଇ ମାଟି ମାଆର ମାୟା, ସମାଜର ପ୍ରଗାଢ଼ ବନ୍ଧନ, ଦେବତାର ଅନ୍ତର୍ନିହିତ ଭାବସତ୍ତା ତାଙ୍କ କବିପ୍ରାଣକୁ ଉଦ୍‌ବେଳିତ କରିଛି। ସେ ଦେବତାର ଅସ୍ତିତ୍ୱକୁ ସ୍ୱୀକାର କରିଛନ୍ତି ମାନବ ବନ୍ଦନାରେ। ତେଣୁ ସେ ତାଙ୍କର 'ଦେବପୂଜା' କବିତାରେ ଲେଖିଛନ୍ତି–

ଏବେ କାଠ ପଥର ନ ପୂଜି ପୂଜ ଆସ ଜୀବନ୍ତ ଦେବତା
ଯା ଆଖିରୁ ଲୁହ ଯିବ ବହି କହିଦେଲେ ପଦେ ମଧୁ କଥା।
ବନ୍ଦ କର ମନ୍ତ୍ରପାଠ ତବ, ବନ୍ଦ କର କର୍ପୂର ଆଳତୀ
ଦେଉଳର ବାହାରେ ଦେବତା, ହାତପାତି ଉଭା ହୋଇଛନ୍ତି।
ଦେବଭୋଗ ନିରନ୍ନରେ ଦିଅ, ଦେବସେବା ହେଉ ମାନବର
ଦେବତାର ଦରଶନ ଲାଭ, ମାନବର ପ୍ରତି ଘରେ ଘରେ।
ସେ ପୂଜାରେ ମୂଳ ଭଗବାନ ବାକ୍‌ମୟ ମୂରତି ହୋଇବେ
ଦିଅଁ ହୋଇ ପ୍ରତିବେଶୀ ନାରାୟଣୀ ବାଣୀ ଶୁଣାଇବେ"।

ବାସ୍ତବିକ୍ ମାନସିଂହଙ୍କର କାବ୍ୟ ପ୍ରତିଭା ବହୁ ବିଚିତ୍ର ଅନୁଭୂତିରେ ଋଦ୍ଧିମନ୍ତ। ତାଙ୍କର କାବ୍ୟ-କବିତା ଗୁଡ଼ିକ ପାଠକ ମନରେ ଏକ ବିଚିତ୍ର ବର୍ଣ୍ଣାଳୀ ସୃଷ୍ଟି କରିଥାଏ। ଯଦିଓ ଚଳିତ ଶତାବ୍ଦୀର ଓଡ଼ିଆ କାବ୍ୟ ସାହିତ୍ୟରେ ଜଣେ romantic କବି ରୂପେ ମାୟାଧର ମାନସିଂହ ପ୍ରସିଦ୍ଧ, କିନ୍ତୁ ତାଙ୍କର ଏ ପରିଚୟ ତାଙ୍କର ସାହିତ୍ୟ ସାଧନାର ମାତ୍ର ଗୋଟିଏ ଦିଗର ସ୍ୱୀକୃତି। ତାଙ୍କ ସାଧନାର ରୂପ-ବୈଭବର ମୂଲ୍ୟାଙ୍କନ କଲେ ସୁସ୍ପଷ୍ଟ ହୁଏ ଯେ ପଦ୍ୟପରି ତାଙ୍କର ଗଦ୍ୟରଚନାଗୁଡ଼ିକ ବିଶେଷତଃ ପ୍ରବନ୍ଧ ଓ ସମାଲୋଚନା ଏତେ ଶକ୍ତିଶାଳୀ ଯେ ତାହା ଥରେ ପାଠକଲେ ମନରେ ଅଳିଭା ହୋଇ ରହିଯାଏ। ଜୀବନ ଉତ୍ତାପ ସମ୍ବଳିତ ଭାଷାରେ କିପରି ଯାଦୁକରୀ ଶକ୍ତି ରହିଛି ମାନସିଂହଙ୍କର ପ୍ରବନ୍ଧ ଓ ସମାଲୋଚନାମାନଙ୍କରୁ ହିଁ ସମ୍ୟକ୍ ଭାବରେ ଉପଲବ୍ଧି ହୋଇଥାଏ। ସୂଚକରେ ଡଃ ମାୟାଧର ମାନସିଂହଙ୍କର ବିଭିନ୍ନ କୃତିରାଜି :–

**ପ୍ରବନ୍ଧ ଓ ସମାଲୋଚନା :–**

(୧) ଓଡ଼ିଆ ସମାଜ ଓ ସାହିତ୍ୟ, (୨) ମାଟିର ମହାକବି ସାରଳା ଦାସ, (୩) ସାହିତ୍ୟ ପ୍ରଭା, (୪) ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ, (୫) ଶିକ୍ଷାବିତ୍‌ର ଗାଥା, (୬) ଜୀବନ ପଥ, (୭) କବି ଓ କବିତା, (୮) ଓଡ଼ିଆ ସାହିତ୍ୟର ଇତିହାସ, (୯) ସରସ୍ୱତୀ ଫକୀରମୋହନ, (୧୦) ଗୀତା ମାହାତ୍ମ୍ୟ, (୧୧) ସାର୍ବଜନୀନ ଗୀତା, (୧୨) The Saga of the Land of Lord Jagannath, (୧୩) Ripples of Mahanadi.

**ନାଟକ ଓ ନାଟିକା :–**

(୧) ରାଜକବି ଉପେନ୍ଦ୍ର, (୨) ପୁଷ୍ପିତା, (୩) ପୂଜାରିଣୀ, (୪) ନଷ୍ଟନୀଡ଼, (୫) ବୁଦ୍ଧ, (୬) ବାରବାଟୀ, (୭) ଦୁର୍ଭିକ୍ଷ, (୮) ଚୁଲି ଦୁତୀ, (୯) ଶାସନଚକ୍ର, (୧୦) ପୁଷ୍ପାଭିନୟ।

**କାବ୍ୟ :–**

(୧) ଉପେକ୍ଷିତା, (୨) ନିକ୍ୱଣ, (୩) କୁଳବ୍ରଣି, (୪) ଜେମା, (୫) ସାଧବଝିଅ, (୬) କମଳାୟନ।

**କବିତା :–**

(୧) ସେ ଦିନର କବିତା, (୨) ଧୂପ, (୩) ହୋମପୁଷ୍ପ, (୪) ହେମଶସ୍ୟ, (୫) କୋଣାର୍କ, (୬) ବାପୁତର୍ପଣ, (୭) ଅକ୍ଷତ, (୮) ମାଟିବାଣୀ, (୯) ଜୀବନଚିତା, (୧୦) କୃଷ୍ଣ, (୧୧) ସିନ୍ଧୁ ଓ ବିନ୍ଦୁ, (୧୨) ସ୍ୱରାଜାଶ୍ରମ, (୧୩) କିଶୋର କବିତା।

**ଭ୍ରମଣ କାହାଣୀ :–**

(୧) ପଶ୍ଚିମ ପଥିକ।

**ଅନୁବାଦ :–**

(୧) ଧର୍ମପଦ (ଟୀକା ସହିତ), (୨) ଶ୍ରୀମଦ୍ ଭଗବଦ୍ ଗୀତା।


**ସଂକଳନ :–**

**ମହତ୍ ବାଣୀ–**

ଓଡ଼ିଆ ସାହିତ୍ୟର ଏହି ବିପୁଳ ଗ୍ରନ୍ଥରାଜିର ସ୍ରଷ୍ଟା ଡଃ ମାୟାଧର ମାନସିଂହ ୧୯୭୩ ମସିହା ଅକ୍ଟୋବର ମାସ ୧୧ ତାରିଖରେ ମୃତ୍ୟୁବରଣ କଲେ। ତାଙ୍କର ମାଟିର ଶରୀର ମାଟିରେ ମିଶିଗଲା ସତ୍ୟ କିନ୍ତୁ ତାଙ୍କର କାବ୍ୟପୁରୁଷ ଯେପରି ଭାବେ ଓଡ଼ିଆ ଜାତିକୁ ନୂତନ ପ୍ରାଣର ସନ୍ଧାନ ଦେଇଛି ସେଥିପାଇଁ ସେ ଚିର ଅମର ହୋଇ ରହିବେ।

---

ମାର୍ଫତ : ଶ୍ରୀଯୁକ୍ତ ବ୍ରଜବନ୍ଧୁ ପଣ୍ଡା,
ଘର ନଂ : ଆଇ.ଭି. ୭୨,
ଡେଲ୍‌ଟା କଲୋନୀ, ଭୁବନେଶ୍ୱର-୧୨।



# ଜନସଂଖ୍ୟା ବୃଦ୍ଧି ରୋକିବାରେ ମହିଳାଙ୍କ ଭୂମିକା

● ତନୁଶ୍ରୀ ଦାଶ

ସମ୍ପ୍ରତି ଯେଉଁ କେତେକ ସମସ୍ୟା ଦେଖାଦେଇଛି ସେ ମଧ୍ୟରୁ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଜନସଂଖ୍ୟା ବୃଦ୍ଧି। ପ୍ରତ୍ୟେକ ସମସ୍ୟାର ମୂଳ ଏହି ସମସ୍ୟା ସହ ଜଡ଼ିତ। ବର୍ତ୍ତମାନ ସାରା ଦେଶରେ ଜନସଂଖ୍ୟା ଏପରି କ୍ଷିପ୍ର ଗତିରେ ବଢ଼ିଚାଲିଛି ଯେ, ଯଦି ବର୍ତ୍ତମାନରେ ଏହାର ପ୍ରତିକାର କରାନଯାଏ ତେବେ ଭବିଷ୍ୟତ ଅନ୍ଧକାରମୟ ନିଶ୍ଚୟ। ଏପରି କୌଣସି ସମସ୍ୟା ନାହିଁ ଯାହାର ସମାଧାନ ମନୁଷ୍ୟ ପାଖରେ ନାହିଁ। କାରଣ ସମସ୍ୟା ଓ ସମାଧାନ ଉଭୟ ମନୁଷ୍ୟକୃତ। ଦେଶର ପ୍ରତ୍ୟେକ ସମସ୍ୟା ସହ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ। ତା'ଛଡ଼ା ଦେଶର ସମସ୍ୟାମାନଙ୍କ ବିଷୟରେ ଚିନ୍ତା କରିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। କିନ୍ତୁ ବର୍ତ୍ତମାନ ପ୍ରତିଦିନ ଦୂରଦର୍ଶନ, ଆକାଶବାଣୀ, ସମ୍ବାଦପତ୍ର ଆଦି ଗଣମାଧ୍ୟମଗୁଡ଼ିକରେ ବିଜ୍ଞାପନ ଜରିଆରେ ହେଉ ବା ଅନ୍ୟ କୌଣସି ଉପାୟରେ ହେଉ ଜନସାଧାରଣଙ୍କୁ ଏହି ସମସ୍ୟା ବିଷୟରେ ଅବଗତ କରାଯାଇ ସଚେତନ କରାଯାଉଛି। ତଥାପି ମଧ୍ୟ ଆଜି ଜନସଂଖ୍ୟା ସଂକ୍ରାମକ ରୋଗ ପରି ବ୍ୟାପୀ ଚାଲିଛି। ଫଳରେ ପୂର୍ବଠାରୁ ଆମ ଦେଶ ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ ହେବା ସହ ନାନା ସମସ୍ୟାରେ ବାନ୍ଧି ହୋଇଯାଇଛି ଏବଂ ଏ ସବୁର ମୂଳରେ ରହିଛି ଜନସଂଖ୍ୟା ବୃଦ୍ଧି।

ଏହାକୁ ରୋକିବାରେ ପୁରୁଷ ଅପେକ୍ଷା ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। କାରଣ ମହିଳା ହିଁ ସନ୍ତାନ ପ୍ରସବ କରେ। ତେଣୁ ତା' ଅନିଚ୍ଛାସତ୍ତ୍ୱେ ତା' ଦ୍ୱାରା ଏହି କାର୍ଯ୍ୟ କରାଇବା ସମ୍ଭବ ନୁହେଁ। ହେଲେ ଏଥିପାଇଁ ଦରକାର ନାରୀଶିକ୍ଷା କାରଣ ଜଣେ ଶିକ୍ଷିତା ନାରୀ ଦେଶର ସମସ୍ୟା ସହ, ପାରିପାର୍ଶ୍ୱିକ ଅବସ୍ଥାସହ ଓ ନିଜେ କରୁଥିବା କାର୍ଯ୍ୟର ଭୁଲ୍ ଠିକ୍ ସହ ଯେତେ ପରିଚିତ ହୋଇପାରେ ଜଣେ ଅଶିକ୍ଷିତା ନାରୀ ସେତେଟା ହୋଇପାରେ ନାହିଁ। ଦେଖାଯାଏ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଦ୍ରୁତ ଗତିରେ ହୋଇଥାଏ କାରଣ ସେଠାକାର ମହିଳା ଅଧିକାଂଶ ପରିମାଣରେ ଅଶିକ୍ଷିତ ଥାଆନ୍ତି, ପୁରୁଷ ମଧ୍ୟ। ସେମାନଙ୍କ ମନରେ ନାନା ପ୍ରକାର ଅନ୍ଧବିଶ୍ୱାସ, କୁସଂସ୍କାର ଆଦି ଭରିହୋଇ ରହିଥାଏ। ଯେପରି ସନ୍ତାନ ଭଗବାନ ଦିଅନ୍ତି, ଆମେ ସେଠି କ'ଣ କରିପାରିବୁ। ଏହା ସେମାନଙ୍କର ଚିନ୍ତାଧାରା ଅଟେ। ଫଳରେ ସରକାରଙ୍କର ପରିବାର କଲ୍ୟାଣ, ଜନସଂଖ୍ୟା ନିୟନ୍ତ୍ରଣ ଏସବୁ ସେପରି ସ୍ଥାନରେ ସେଭଳି ମହିଳାମାନଙ୍କ ନିକଟରେ ବା ବ୍ୟକ୍ତିବିଶେଷ ନିକଟରେ ଅସଫଳ ପ୍ରମାଣିତ ହୁଏ। ସେମାନେ ଏସବୁର ଉପଯୋଗିତା ବିଷୟରେ ଜାଣିପାରନ୍ତି ନାହିଁ ଏବଂ ସନ୍ତାନ ପ୍ରସବ କରି ଚାଲିଥାନ୍ତି। କିନ୍ତୁ ଶିକ୍ଷାଦ୍ୱାରା ସେମାନେ ଏହି ସମସ୍ୟାସହ ଅବଗତ ହୋଇପାରିବେ। ଦ୍ୱିତୀୟରେ ଆମେ ଏକପଟେ ଆଧୁନିକ ବିଜ୍ଞାନ ଯୁଗର ମଣିଷ କହୁଥିବା ବେଳେ ପୁଅ ନହେଲେ କୁଳ ଉଦ୍ଧାର ହେବନାହିଁ ବୋଲି ପୁଅ ଆଶାରେ ଝିଅ ସଂଖ୍ୟା ବଢ଼ାଇ ଚାଲିଥାଉ।

ଦେଖାଯାଏ କେତେକଙ୍କ ଘରେ ୭/୮ ଝିଅ ଥାନ୍ତି ପରେ ପୁଅଥାଏ ଅଥବା ନଥାଏ। ଫଳରେ ପରିବାରଟିର ସୁଖ, ଶାନ୍ତି, ନଷ୍ଟ ହୋଇଥାଏ। ଏହି ପୁଅ-ଝିଅର ଭେଦଭାବ ଆମର ଶିକ୍ଷିତ ପୁରୁଷ ଓ ମହିଳାଙ୍କ ନିକଟରେ ରହିଛି। ଜଣେ ପୁରୁଷ ହୁଏତ ଝିଅର ମୂଲ୍ୟ ବୁଝିନପାରେ, କିନ୍ତୁ ଜଣେ ମହିଳାତ ନିଶ୍ଚୟ ବୁଝିପାରିବ। ତେଣୁ ଯଦି ଆମ ଶିକ୍ଷିତା ମହିଳାମାନେ ଏହି ଭେଦଭାବକୁ ଲୋପ କରିବାର ଦୃଢ଼ ନିଷ୍ପତ୍ତି ନିଅନ୍ତେ ତାକୁ କାର୍ଯ୍ୟରେ ଲଗାନ୍ତେ ଓ ନିଜର ଅବସର ସମୟରେ ଅଥବା ନିଜ ଘରେ କାମକରୁଥିବା ଅଶିକ୍ଷିତା ସ୍ତ୍ରୀକର୍ମୀଙ୍କୁ ଏ ବିଷୟରେ ଅବଗତ କରାନ୍ତେ, ତେବେ ଜନସଂଖ୍ୟା ବୃଦ୍ଧିର ଦ୍ରୁତ ହ୍ରାସ ଘଟନ୍ତା ନିଶ୍ଚୟ। କିନ୍ତୁ ଏଥିପାଇଁ ଅଶିକ୍ଷିତା ମହିଳା ଅପେକ୍ଷା ଶିକ୍ଷିତା ମହିଳାର ସଚେତନତାର ଆବଶ୍ୟକତା ରହିଛି।

ପ୍ରତ୍ୟେକ ମହିଳା ଯଦି ରାଷ୍ଟ୍ରକୁ ପରିବାର ହିସାବରୁ ନେଇ ଚିନ୍ତା କରନ୍ତେ ତେବେ ଜନସଂଖ୍ୟା ବୃଦ୍ଧି ରୋକି ହୁଅନ୍ତା। କାରଣ ଗୋଟିଏ ପରିବାରରେ ଯଦି ଜଣେ ଆୟ କରୁଥାଏ ଚଳିବା ପାଇଁ ୭ ଜଣ ଥାଆନ୍ତି, ତେବେ ସେହିପରିବାର ଓ ଆଉ ଏକ ପରିବାର ଯେଉଁଠି ଜଣେ ଆୟ କରୁଥାଏ ଚଳିବାପାଇଁ ୬/୭ ଜଣରୁ ଅଧିକ ଥାଆନ୍ତି ସେହି ପରିବାର ମଧ୍ୟରେ ପ୍ରଭେଦ ରହିବ ନିଶ୍ଚୟ। ପ୍ରଥମଟିର ପରିବାରଟି ଯେତେ ସୁରୁଖୁରୁରେ ଚଳିପାରିବ ଦ୍ୱିତୀୟ ପରିବାରଟି ତା'ର ବିପରିତ ନିଶ୍ଚୟ ହେବ। ତେଣୁ ପ୍ରତ୍ୟେକ ମହିଳା ଏହା ଭାବିବା ଉଚିତ ଯେ, ନିଜ ପରିବାର ଓ ରାଷ୍ଟ୍ରମାନଙ୍କ ପରିବାରକୁ ନିର୍ବିଘ୍ନରେ ଚଳାଇବାକୁ ହେଲେ ଜନସଂଖ୍ୟାରେ ନିୟନ୍ତ୍ରଣ ରହିବା ନିତାନ୍ତ ଆବଶ୍ୟକ। ପୂର୍ବେ ଅନେକୋଚ ପୁରୋ...

ଶିକ୍ଷାର ପ୍ରସାର ମଧ୍ୟ ଘଟିନଥିଲା, ଚିକିତ୍ସା ବିଜ୍ଞାନ ଏତେଟା ଉନ୍ନତି କରିନଥିଲା। ତା'ଛଡ଼ା ଲୋକେ କୁସଂସ୍କାର ଓ ଅନ୍ଧ ବିଶ୍ୱାସକୁ ସଂସ୍କୃତି ବୋଲି ଭାବୁଥିଲେ। ତେଣୁ ସେତେବେଳେ ଗୋଟିଏ ପରିବାରରେ ସାଧାରଣତଃ ୫/୬ରୁ ଅଧିକ ସନ୍ତାନ–ସନ୍ତତି ଥାଇ ମଧ୍ୟ ପରିବାରଟିକୁ ସୁରୁଖୁରୁରେ ଚଳାଇ ହେଉଥିଲା। ସେହିଦିନ, ସେହିମାନଙ୍କର ବା ଆମ ପୂର୍ବପୁରୁଷମାନଙ୍କର ଭୁଲପାଇଁ ଆଜି ଆମେ ଉଚ୍ଚ ଡିଗ୍ରୀଧାରୀ ବେକାରୀ ଅନ୍ନ, ଖାଦ୍ୟ, ବସ୍ତ୍ର ଓ ବାସଗୃହ ପାଇଁ ପରସ୍ପର ପରସ୍ପରସହ ପ୍ରତିଯୋଗିତା କରୁଛୁ। ତା'ବୋଲି ଆଜିର ଏ ପ୍ରତିଯୋଗିତାର ସମୟରେ ଆଧୁନିକ ଯୁଗରେ ଯେତେବେଳେ ମନୁଷ୍ୟର ଚାହିଦା ବଢୁଛି, ମନୁଷ୍ୟ ଆରାମରେ ରହିବାକୁ ଚାହୁଁଛି ଓ ଆମ ତୁଳନାରେ ପୃଥିବୀ ଛୋଟ ହୋଇଯାଉଛି ଏପରି ଏକ ସମୟରେ ଯଦି ଆମେ ଅନ୍ଧବିଶ୍ୱାସ, କୁସଂସ୍କୃତିର ବଶୀଭୂତ ହୋଇ ସେହି ଭୁଲ୍ କରୁ, ତେବେ ଆମେ ଆଗାମୀମାନଙ୍କ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଯାହାକି ମନୁଷ୍ୟର ମୌଳିକ ଚାହିଦା, ପାଇବା କଷ୍ଟକର ହୋଇଯିବ। ଆରାମରେ ରହିବା ତ ଦୂରର କଥା ନିଜର ମୌଳିକ ଚାହିଦା ପୂରଣ ପାଇଁ ଯୁଦ୍ଧ କରିବାକୁ ପଡ଼ିବ। ତେଣୁ ପ୍ରତ୍ୟେକ ମହିଳା ଯଦି ବର୍ତ୍ତମାନର ସୁଖରେ ମଜି ନଯାଇ ଭବିଷ୍ୟତର ଅନ୍ଧକାରମୟ ରାତ୍ରୀ ପ୍ରତି ସଚେତନ ହୁଅନ୍ତେ ଅଥବା ଜନସଂଖ୍ୟା ବୃଦ୍ଧି ଦ୍ୱାରା ଘୋଟି ଆସୁଥିବା ସମସ୍ୟା ରୂପକ କଳାମେଘକୁ ଦେଖି ସତର୍କ ରହି ଜନସଂଖ୍ୟା ବୃଦ୍ଧି ରୋକିବାରେ ସଯତ୍ନ ଚେଷ୍ଟା କରନ୍ତେ ତେବେ ନିଶ୍ଚୟ ଏ ସମସ୍ୟାର ସମାଧାନ ହୁଅନ୍ତା। ପ୍ରତ୍ୟେକ ମହିଳା ଏହା ଭାବିବା ଉଚିତ୍ "ସୃଷ୍ଟିର ନିୟମାନୁଯାୟୀ ପ୍ରତ୍ୟେକ କାର୍ଯ୍ୟରେ ସନ୍ତୁଳତା ବା ସୀମା ରହିବା ଆବଶ୍ୟକ। ଯେତେବେଳେ କାର୍ଯ୍ୟଟି ସୀମା ଉଲଙ୍ଘନ କରେ ତାହା ସମସ୍ୟାର ରୂପ ନିଏ"। ତେଣୁ ସନ୍ତାନକୁ ଭଗବାନଙ୍କ ଦାନ ମାନନ୍ତୁ ନିଶ୍ଚୟ, କାରଣ ଜନ୍ମ–ମୃତ୍ୟୁ ଉପରେ ବର୍ତ୍ତମାନ ମଧ୍ୟ ଆମ ବୈଜ୍ଞାନିକମାନେ ନିୟନ୍ତ୍ରଣ କରିପାରି ନାହାନ୍ତି, ଜନ୍ମ ଉପରେ ହୁଏତ କିଛି ସଫଳ ହୋଇଛନ୍ତି କିନ୍ତୁ ମୃତ୍ୟୁ ଉପରେ ନୁହେଁ। କିନ୍ତୁ ସ୍ୱାବୋଲି ଭଗବାନଙ୍କ ଦାନ ଭାବି ଅନ୍ଧବିଶ୍ୱାସ ଓ କୁସଂସ୍କୃତିକୁ ସନ୍ତାନ ରୂପରେ ସ୍ଥାନ ଦିଅନ୍ତୁ ନାହିଁ। "ଜନସଂଖ୍ୟା ବୃଦ୍ଧି ରୋକିବାରେ ମହିଳାମାନଙ୍କ ଭୂମିକା ରହିଛି ନିଶ୍ଚୟ, ତଥାପି ପୁରୁଷର ସହଯୋଗ ମଧ୍ୟ ନିତାନ୍ତ ଆବଶ୍ୟକ।

ଗାନ୍ଧୀ ପାର୍କ ରୋଡ୍,
ଭବାନୀପାଟଣା–୭୬୬୦୦୧।





ମହିଳା ବିକାଶ ନିଗମ ମହିଳାମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ନିର୍ମିତ ଅଭିନନ୍ଦନ ପତ୍ରକୁ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଶ୍ରୀମତୀ କମଳା ଦାସ ଉନ୍ମୋଚନ କରୁଛନ୍ତି।

# ଆୟୁର୍ବେଦର ପ୍ରସାର ଓ ଅଭିବୃଦ୍ଧିରେ ଓଡ଼ିଶାର ଅବଦାନ

● ପଦ୍ମଚରଣ ସାହୁ

ଭାରତୀୟ ସଂସ୍କୃତିରେ ବେଦର ପ୍ରଭାବ ଯୁଗ ଯୁଗ ଧରି ଅକ୍ଷୁଣ୍ଣ ରହିଛି । ଚାରି ବେଦ ମଧ୍ୟରେ ସମଗ୍ର ଜୀବଜଗତର ସବୁ ସତ୍ତା ପରୀକ୍ଷିତ ଓ ସୁରକ୍ଷିତ ମଧ୍ୟ । ଆୟୁର୍ବେଦ ଅଥର୍ବ ବେଦର ଅଂଶ ବିଶେଷ । କିନ୍ତୁ ଏହା ଜୀବନ ବେଦ ହୋଇଥିବା ଯୋଗୁଁ ଏହି ଅଂଶର ସ୍ୱାତନ୍ତ୍ର୍ୟ ଯଥେଷ୍ଟ ଅଧିକ ରହୁଛି ଏବଂ ପ୍ରକାରାନ୍ତରେ କହିବାକୁ ଗଲେ ଏହା ପଞ୍ଚମ ବେଦ ଅଭିହିତ ହୋଇଛି ।

ଆର୍ଯ୍ୟ ସନାତନୀ ସମାଜ ବ୍ୟବସ୍ଥାରେ ଆୟୁର୍ବେଦ ଏକମାତ୍ର ସୁପ୍ରସିଦ୍ଧ ଚିକିତ୍ସା ପଦ୍ଧତି । ଭାରତର ପ୍ରାକୃତିକ ପରିବେଶରେ ସେହି ପ୍ରକୃତି ମଧ୍ୟରୁ ଉପାଦାନ ସଂଗ୍ରହ କରି, ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ଓ ବ୍ୟବହାର ଦ୍ୱାରା ସୁସ୍ଥ ସମାଜ ଗଠନ ଥିଲା ଯୁଗ ଯୁଗର ପ୍ରକ୍ରିୟା । ଗଛ ପତ୍ର, ଚେର ମୂଳରୁ ହିଁ ସଂଗ୍ରହ କରାଯାଏ ଜୀବନ ସୁରକ୍ଷାର ସଂଜୀବନୀ ସୁଧା ଏହି ଆୟୁର୍ବେଦ ପଦ୍ଧତିରେ ।

ଓଡ଼ିଶା ସବୁବେଳେ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ । ତେଣୁ ଆୟୁର୍ବେଦ ଜଗତକୁ ବହୁ ଉପାଦାନ ଯୋଗାଇଛି ଓଡ଼ିଶାର ଗଛ ପତ୍ର, ଲତାଗୁଳ୍ମ ଓ ଚେରମୂଳ । ଏ ସବୁର ବିନିଯୋଗ ପାଇଁ ଶାସ୍ତ୍ର ଜ୍ଞାନର ଆବଶ୍ୟକତା ରହିଛି ଯଥେଷ୍ଟ । ପ୍ରାକୃତିକ ଜଙ୍ଗଲର ସମ୍ଭବ ସଂସ୍କୃତିରେ ଏହାର କୌଣସି ଅଭାବ ନଥିଲା । ସଂସ୍କୃତ ଭାଷାର ଆଦୃତି ଓ ଗଭୀର ଅଧ୍ୟୟନ ଆୟୁର୍ବେଦ ପ୍ରସାରରେ ଅଧିକରୁ ଅଧିକ ସହାୟତା ଯୋଗାଇ ଥିଲା ।

ଅଷ୍ଟାଦଶ ଶତାବ୍ଦୀରେ ଭାରତକୁ ବାହ୍ୟ ସଂସ୍କୃତି ପ୍ରବଳ ବେଗରେ ପ୍ରବେଶ କରିଥିଲା । ଓଡ଼ିଶାରେ ଏହା ଅନୁଭୂତ ହୋଇଥିଲା ଊନବିଂଶ ଶତାବ୍ଦୀ ପ୍ରାରମ୍ଭରେ । ସେତେବେଳଠାରୁ ଭାରତୀୟଙ୍କର ସ୍ୱଦେଶୀ ବର୍ଜନ ଆରମ୍ଭ ହେଲା । ଅତ୍ୟାବଶ୍ୟକୀୟ ପଦାର୍ଥଠାରୁ ଆରମ୍ଭକରି ଭାରତୀୟ ସଂସ୍କୃତିର ଯାବତୀୟ ମୂଳ ଉପାଦାନ ପ୍ରତି ଘୋର ଅବହେଳା ଦେଖାଦେଲା । ସେତେବେଳେ ଆୟୁର୍ବେଦ ମଧ୍ୟ ଅବହେଳିତ ହେଲା । କିନ୍ତୁ ଏ ସବୁ ମନୋଭାବର ଅସାରତା ପ୍ରତ୍ୟେକ ସଂସ୍କୃତିପ୍ରେମୀ ବିଜ୍ଞ ବ୍ୟକ୍ତି ଯେ ଅନୁଭବ କରିନାହାନ୍ତି ତାହା ନୁହେଁ, ତଥାପି ବିଦେଶୀଙ୍କ ପ୍ରଭାବ ଏବଂ ଏ ଦେଶର ନିଜସ୍ୱ ସଂସ୍କୃତି ବିମୁଖ ତଥାକଥିତ ଉଚ୍ଚ ଶିକ୍ଷିତଙ୍କ ବିକୃତ ଚିନ୍ତାଧାରା ଯୋଗୁ କବିରାଜ୍‌କର୍ମୀମାନେ ବି କିଂକର୍ତ୍ତବ୍ୟମୂଢ଼ ହେବାକୁ ଏକ ପ୍ରକାର ବାଧ୍ୟ ହୋଇଥିଲେ । ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଭାରତର ସ୍ୱାଧୀନତା ଆନ୍ଦୋଳନ ସହିତ ବିଦେଶୀ ବର୍ଜନ ଆହ୍ୱାନ ସ୍ୱଦେଶୀ ପ୍ରତି ଆଦୃତି ବଢ଼ାଇଥିଲା । ଖଦୀ, କୁଟୀର ଶିଳ୍ପ ଆଦି ନିଜସ୍ୱ ଅର୍ଥନୀତି ସମେତ ଶିକ୍ଷା, ସଂସ୍କୃତି, ଭାଷା, ସାହିତ୍ୟ ଓ ଜାତୀୟତା ପ୍ରତି ଅଧିକରୁ ଅଧିକ ସଚେତନତା ସୃଷ୍ଟି ହେଲା । ଆୟୁର୍ବେଦର ପୁନଃ ପ୍ରସାର ମଧ୍ୟ ଗତିଶୀଳ ହେଲା ।

ଓଡ଼ିଶା ଏ କ୍ଷେତ୍ରରେ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଅଧିକ ଅଗ୍ରସର ହେଲା । ସଂସ୍କୃତ ଶିକ୍ଷାର ପ୍ରସାର ପାଇଁ ଶିକ୍ଷାନୁଷ୍ଠାନ ସବୁ ବହୁ ସଂଖ୍ୟାରେ ଦେଖାଦେଲା । ସଂସ୍କୃତ ଓ ସଂସ୍କୃତିର ପ୍ରସିଦ୍ଧ ପୀଠ ଜଗନ୍ନାଥ ଧାମରେ ସଂସ୍କୃତ ଓ ଆୟୁର୍ବେଦର ଉଚ୍ଚ ଶିକ୍ଷା ଦାନ ପାଇଁ ମହାବିଦ୍ୟାଳୟମାନ ପ୍ରତିଷ୍ଠା ହେଲା ।

ଅନୁଭୂତି ଦ୍ୱାରା ଜ୍ଞାନ ଅର୍ଜନ କରି ଆୟୁର୍ବେଦ ଚିକିତ୍ସା କରୁଥିବା କବିରାଜମାନଙ୍କ ସଂଖ୍ୟା ଓଡ଼ିଶାରେ କିଛି କମ୍ ନଥିଲା । ପୁଣି ଆନୁଷ୍ଠାନିକ ଶିକ୍ଷାଲାଭ କରି ଏ କ୍ଷେତ୍ରରେ ପ୍ରତିଷ୍ଠାଲାଭ କଲେ ଅନେକ ବିଦ୍ୱାନ କବିରାଜ । ଓଡ଼ିଶାର ବୃକ୍ଷଲତା ବନ ସମ୍ପଦ ସମେତ ଶାସ୍ତ୍ର ଜ୍ଞାନ ଅର୍ଜନ କରିଥିବା କବିରାଜମାନେ ସମଗ୍ର ଓଡ଼ିଶା ଏବଂ ରାଜ୍ୟ ବାହାରେ ମଧ୍ୟ ଚିକିତ୍ସା କ୍ଷେତ୍ରରେ ପ୍ରସିଦ୍ଧି ଲାଭକଲେ । ଓଡ଼ିଶା ଆୟୁର୍ବେଦ ଜଗତକୁ ଦେଲା ଦିଗ୍‌ଦର୍ଶନ । ଏ କ୍ଷେତ୍ରରେ ସୁପ୍ରତିଷ୍ଠିତ କବିରାଜମାନଙ୍କ ମଧ୍ୟରେ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ଅଗ୍ରଗଣ୍ୟ । ବିଚକ୍ଷଣ ପଣ୍ଡିତ, ବହୁ ଶାସ୍ତ୍ରବିତ୍, ନୀତିନିଷ୍ଠ ପଣ୍ଡିତ ତ୍ରିପାଠୀ ଶର୍ମା ଆୟୁର୍ବେଦ ଜଗତକୁ ଦେଇଗଲେ ବିପୁଳ ଅବଦାନ । ଏ କ୍ଷେତ୍ରରେ ସେ ହେଲେ ଓଡ଼ିଶାର ଗର୍ବ ଓ ଗୌରବ ।

ଚଳନ୍ତି ଚରକ, ଆୟୁର୍ବେଦ ଚକ୍ରବର୍ତ୍ତୀ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ଗଞ୍ଜାମ ଜିଲ୍ଲାର ଐତିହ୍ୟ ସମ୍ପନ୍ନ ଆସିକା ସହର ନିକଟବର୍ତ୍ତୀ ଗୁଣ୍ଡପଡ଼ା ଜଗନ୍ନାଥପୁର ଶାସନରେ ୧୯୦୪ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରିଥିଲେ । ପିତା ଗଦାଧର ତ୍ରିପାଠୀ ଜଣେ ସଂସ୍କୃତ ପଣ୍ଡିତ, ଜ୍ୟୋତିଷ ତଥା କବିରାଜ ଥିଲେ । ଏହି ନୈଷ୍ଠିକ ବ୍ରାହ୍ମଣ ପରିବାରରେ ସଂସ୍କୃତ ଶିକ୍ଷା, ବିଭିନ୍ନ ଶାସ୍ତ୍ର ଚର୍ଚ୍ଚା ଓ ଆୟୁର୍ବେଦ

ଚିକିତ୍ସାର ପରମ୍ପରା ରହିଥିଲା । ଏଣୁ ଶିଶୁ ଅନନ୍ତ ତ୍ରିପାଠୀ ଶର୍ମା ବାଲ୍ୟ କାଳରୁ ଏଭଳି ଏକ ପରିବେଶରେ ବଢ଼ି ଆସିଥିଲେ ଯାହାଦ୍ୱାରା କି ସେ ଗ୍ରାମ ଚାଟଶାଳୀ ଓ ସଂସ୍କୃତ ଟୋଲରେ ବାଲ୍ୟ ଶିକ୍ଷା ଗ୍ରହଣ କରିବା ପରେ ବାରିପଦା ଏବଂ ପାରଳାଖେମୁଣ୍ଡିଠାରେ ସଂସ୍କୃତରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ବୃତ୍ତି ଲାଭକରି ବିଜୟନଗରମ୍ ସଂସ୍କୃତ କଲେଜରେ ଚାରିବର୍ଷ ଶିକ୍ଷା ଗ୍ରହଣ ଓ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବାପରେ ପଣ୍ଡିତ ତ୍ରିପାଠୀ ଶର୍ମା ପାରଳାଖେମୁଣ୍ଡି କଲେଜରେ ହିଁ ଅଧ୍ୟାପନା କଲେ । ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମାଙ୍କ ସ୍ଥାନରେ ନିଯୁକ୍ତି ପାଇ ଅନନ୍ତ ତ୍ରିପାଠୀ ବହୁ ଗୌରବର ଅଧିକାରୀ ହୋଇପାରିଥିଲେ । ଜଣେ ସୁଦକ୍ଷ ଅଧ୍ୟାପକ ଭାବେ ତାଙ୍କର ସୁନାମ ଅନେକ ବଢ଼ି ଯାଇଥିଲା ।

ଅଧ୍ୟାପନା ସଙ୍ଗେ ସଙ୍ଗେ ସେ ଘରୋଇ ଭାବେ ଆୟୁର୍ବେଦ ଅଧ୍ୟୟନ କରି ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଥିଲେ । ଅଧ୍ୟାପକ ଦାୟିତ୍ୱ ତୁଲାଇବା ପରେ ସନ୍ଧ୍ୟା ଏବଂ ସକାଳେ ଆୟୁର୍ବେଦ ଚିକିତ୍ସା କରିବା ଆରମ୍ଭ କଲେ ଏବଂ ୧୯୨୯ରେ ସେହି ପାରଳାଖେମୁଣ୍ଡି ସହରରେ ଏକ ଭଡ଼ାଘରେ ଏକ ଭେଷଜ ମନ୍ଦିର ପ୍ରତିଷ୍ଠା କଲେ । ଆୟୁର୍ବେଦ ଔଷଧ ପ୍ରସ୍ତୁତି ଓ ଚିକିତ୍ସାରେ ପଣ୍ଡିତ ତ୍ରିପାଠୀ ଶର୍ମାଙ୍କର ସୁନାମ ବଢ଼ିଲା । ସ୍ୱଳ୍ପ ଆର୍ଥିକ ସମ୍ବଳ ଭିତରେ ସେ ଆରମ୍ଭ କରିଥିବା ଭେଷଜ ମନ୍ଦିରର ଉତ୍ତରୋତ୍ତର ଉନ୍ନତି ଘଟିଲା । ବହୁ ଦୁରାରୋଗ୍ୟ ରୋଗୀ କବିରାଜ ତ୍ରିପାଠୀ ଶର୍ମାଙ୍କ ଚିକିତ୍ସାରେ ସୁଫଳ ପାଇବା ଯୋଗୁଁ ଚିକିତ୍ସା ପରିସର ବଢ଼ିଲା ଏବଂ ଅର୍ଥାଗମ ମଧ୍ୟ ସ୍ୱଚ୍ଛଳ ହେଲା । ସେତେବେଳେ ସେଠାରେ ଘରୋଇ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ବିଦ୍ୱେଷ, ଉପହାସ ସତ୍ତ୍ୱେ ସ୍ଥିତପ୍ରଜ୍ଞ ପଣ୍ଡିତ ତ୍ରିପାଠୀ ଶର୍ମା ବିଚଳିତ ନହୋଇ ନିଜ ସାଧନାରେ ନିଜେ ଅଟଳ ରହିଲେ । ଡାକ୍ତରୀ ଚିକିତ୍ସାରେ କୌଣସି ସୁଫଳ ନପାଇ ସେହି ଡାକ୍ତରମାନଙ୍କଠାରୁ ଫେରିଆସି କେତେକ ରୋଗୀ ପଣ୍ଡିତ ତ୍ରିପାଠୀ ଶର୍ମାଙ୍କ ଚିକିତ୍ସାରେ ଆରୋଗ୍ୟ ଲାଭ କରିବା ଯୋଗୁଁ ଆୟୁର୍ବେଦର ସମ୍ମାନ ବଢ଼ିଲା, ଚିକିତ୍ସା ପ୍ରସାର ଲାଭକଲା ଏବଂ କବିରାଜ ତ୍ରିପାଠୀ ଶର୍ମାଙ୍କ ସୁନାମ ବହୁଗୁଣିତ ହେଲା ।

ଏଥିରେ କେତେକ ବ୍ୟକ୍ତି ଈର୍ଷା ପରାୟଣ ହୋଇଥିଲେ । ଅଧ୍ୟାପନା ଚାକିରିରେ ମଧ୍ୟ ଅନେକ ଅସୁବିଧା ସୃଷ୍ଟି କରାଇଥିଲେ । ପଣ୍ଡିତ ତ୍ରିପାଠୀ ଶର୍ମା ଆୟୁର୍ବେଦ ପ୍ରସାରରେ ଏତେ ଅଧିକ ପରିମାଣରେ ନିଜର ମନପ୍ରାଣ ଢାଳି ଦେଇଥିଲେ ଯେ ସେ ଆଉ ବେଶୀ ସମୟ ଚାକିରି ନ କରି ସ୍ୱାଧୀନଭାବେ ଚିକିତ୍ସାକୁ ହିଁ ଜୀବିକା ଭାବେ ଗ୍ରହଣ କରିବା ଶ୍ରେୟସ୍କର ମଣିଥିଲେ ଏବଂ ତାହା ହିଁ କରିଥିଲେ । ୧୯୩୮ରେ ଚାକିରିରୁ ଅବ୍ୟାହତି ପାଇ ପାରଳାଖେମୁଣ୍ଡିଠାରେ ଅବସ୍ଥାନ ଓ ଚିକିତ୍ସା ଚଳାଇବା ସଙ୍ଗେ ସଙ୍ଗେ ବିଜୟନଗରଠାରେ ମଧ୍ୟ ନିଜର ଭେଷଜ ମନ୍ଦିରର ଶାଖା ଖୋଲି ସପ୍ତାହର ଦୁଇ ତିନି ଦିନ ସେଠାରେ ରହିଥିଲେ ।

ଚିକିତ୍ସା ପାଇଁ ବିଜୟ ନଗର ପଣ୍ଡିତ ତ୍ରିପାଠୀ ଶର୍ମାଙ୍କୁ ଅଧିକ ପରିସର, ଅର୍ଥ ଓ ସୁନାମ ଆଣିଦେବା ସଙ୍ଗେ ସଙ୍ଗେ ଆୟୁର୍ବେଦର ଗୌରବ ବଢ଼ାଇବାରେ ସହାୟକ ହୋଇଥିଲା । ସେ ପୂର୍ବରୁ ଚାରିବର୍ଷ ସେଠାରେ ଛାତ୍ର ଜୀବନ କଟାଇଥିବା ଯୋଗୁ ଅନେକ ପୂର୍ବତନ ସହପାଠୀ ତଥା ସେଠାକାର ସୁପ୍ରତିଷ୍ଠିତ ବ୍ୟକ୍ତି ତାଙ୍କୁ ନୈତିକ ସହାୟତା ଦେଉଥିଲେ ।

ବିଜୟନଗରମ୍‌ଠାରେ ଅନେକ ଦୁଃସାଧ୍ୟ ରୋଗର ନିରାକରଣ ହୋଇଥିଲା ପଣ୍ଡିତ୍ ତ୍ରିପାଠୀ ଶର୍ମାଙ୍କ ଚିକିତ୍ସାରେ । ସେଠାରେ ମଧ୍ୟ ଡାକ୍ତରୀ ଚିକିତ୍ସା କରୁଥିବା ଡାକ୍ତରମାନେ ପ୍ରଥମେ ଉପହାସ କରିଥିଲେ । କେତେକ ଡାକ୍ତର ଦୁଃସାଧ୍ୟ ରୋଗୀଙ୍କୁ ପଠାଇ କବିରାଜ ତ୍ରିପାଠୀ ଶର୍ମାଙ୍କୁ ଏକ ପ୍ରକାର ପରୀକ୍ଷା କରାଇ ନେଇଥିଲେ ।ସେମାନେ ଭାବୁଥିଲେ ଯେ ଏହି ରୋଗୀଗୁଡ଼ିକୁ ଚିକିତ୍ସାରେ ଉପକୃତ କରାଇ ନପାରି ପଣ୍ଡିତ ତ୍ରିପାଠୀ ଶର୍ମା ଦୁର୍ନାମ ଅର୍ଜନ କରନ୍ତୁ । କିନ୍ତୁ ତାହା ହୋଇ ନଥିଲା ଏବଂ ଅନେକ ଦୁଃସାଧ୍ୟ ରୋଗୀ ଆରୋଗ୍ୟ ଲାଭ କରିବା ଯୋଗୁଁ ଆୟୁର୍ବେଦର ଗୌରବ ବଢ଼ିଥିଲା ଓ କବିରାଜ ଅନନ୍ତ ତ୍ରିପାଠୀ ବିଜୟନଗରମ୍‌ଠାରେ ଦେବତା ଭଳି ପୂଜା ପାଇଥିଲେ ।

ବ୍ରହ୍ମପୁରଠାରେ ଭେଷଜ ମନ୍ଦିରର ଅନ୍ୟ ଏକ ଶାଖା ୧୯୪୩ରେ ଖୋଲିଦେଇ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ସପ୍ତାହରେ ଦୁଇଦିନ ଏହିଠାରେ ରହି ଚିକିତ୍ସା କଲେ । ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ବହୁ ଖ୍ୟାତନାମା ରାଜନୈତିକ ନେତା ସେତେବେଳେ ବ୍ରହ୍ମପୁର ଜେଲ୍‌ରେ ଥାଆନ୍ତି । କବିରାଜ ଅନନ୍ତ ତ୍ରିପାଠୀଙ୍କୁ ଡକାଇ ବନ୍ଦୀ ନେତାମାନଙ୍କ ମଧ୍ୟରୁ କେତେଜଣ ନିଜର ଚିକିତ୍ସା ପାଇଁ ପରାମର୍ଶ ନେଇଥିଲେ । ଚିକିତ୍ସାରୁ ସୁଫଳ ପାଇବା ଯୋଗୁ ସେମାନଙ୍କର ଆନ୍ତରିକତା ବଢ଼ିଥିଲା ପଣ୍ଡିତ ତ୍ରିପାଠୀ ଶର୍ମାଙ୍କ ସହିତ । ପୂର୍ବରୁ କାକିନଡ଼ା କଂଗ୍ରେସ ଅଧିବେଶନ ସମୟରେ ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେତେବେଳଠାରୁ ବିଦେଶୀ ବର୍ଜନ କରିଥିଲେ । କଂଗ୍ରେସ ଆଦର୍ଶରେ ପୂର୍ବରୁ ଅନୁପ୍ରାଣିତ ହୋଇ ସାରିଥିବା ଯୋଗୁଁ ବ୍ରହ୍ମପୁର ଅବସ୍ଥାନବେଳେ ବହୁ ବିଶିଷ୍ଟ ନେତାଙ୍କ ସଂସର୍ଶରେ ଆସି ସେହିମାନଙ୍କ ଆହ୍ୱାନକ୍ରମେ କଂଗ୍ରେସରେ ଯୋଗଦେଲେ ।

ରାଜନୀତିରେ ପ୍ରବେଶ କରି ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ୧୯୪୬ ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲା ବୋର୍ଡ଼କୁ ନିର୍ବାଚିତ ହେଲେ ଏବଂ ଉପସଭାପତି ଭାବେ ଦାୟିତ୍ୱ ତୁଲାଇଲେ । ୧୯୪୬ ମଧ୍ୟ ଭାଗରେ ସେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେଲେ । ଏ ସମୟରେ ସେ ଗଞ୍ଜାମ ଜିଲ୍ଲା ବୋର୍ଡ଼ ପକ୍ଷରୁ କେତେକ ଆୟୁର୍ବେଦ ଚିକିତ୍ସାଳୟ ପ୍ରତିଷ୍ଠା କରାଇଥିଲେ । କେତେକ ସମୟ ଭୁବନେଶ୍ୱରରେ ଅବସ୍ଥାନ କରିବାର ଆବଶ୍ୟକତା ଦୃଷ୍ଟିରୁ ସେ ସେଠାରେ ମଧ୍ୟ ଭେଷଜ ମନ୍ଦିର ଶାଖା ପ୍ରତିଷ୍ଠା କରିଥିଲେ । ଭୁବନେଶ୍ୱର ଅବସ୍ଥାନ ବେଳେ ବହୁ ବିଶିଷ୍ଟ ବ୍ୟକ୍ତି ପଣ୍ଡିତ ତ୍ରିପାଠୀ ଶର୍ମାଙ୍କ ଚିକିତ୍ସାର ସୁଫଳ ପାଇବା ଯୋଗୁଁ ଆୟୁର୍ବେଦ ପ୍ରସାର ପାଇଁ ଅଧିକ ପରିସର ମିଳିଥିଲା । ବିଧାନସଭା ସଦସ୍ୟ ଭାବେ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୁର୍ବେଦ ଚିକିତ୍ସାଳୟ ପ୍ରତିଷ୍ଠା କରାଇ ପାରିଥିଲେ । ରାଜ୍ୟ ସରକାରଙ୍କୁ ଏଥିପାଇଁ ଅଧିକ ସଚେତନ କରାଇ ସେ ଆୟୁର୍ବେଦ ଚିକିତ୍ସା ଓ ଶିକ୍ଷା ପ୍ରସାର ପାଇଁ ଅଧିକ ଯତ୍ନଶୀଳ ହୋଇଥିଲେ । ଫଳରେ ଓଡ଼ିଶା ସରକାର ଆୟୁର୍ବେଦର ପ୍ରସାର ପାଇଁ ବିଧାନସଭାର ଏକ କମିଟି ଗଠନ କରିଥିଲେ । ଅନନ୍ତ ତ୍ରିପାଠୀ ଶର୍ମା ଏହି କମିଟିର ଅଧ୍ୟକ୍ଷ ଭାବେ

ସମଗ୍ର ଭାରତ ଭ୍ରମଣ କରି ଆୟୁର୍ବେଦ ପ୍ରସାର ପାଇଁ ସଚେତନତା ସୃଷ୍ଟି କରିଥିଲେ ଏବଂ ତାଙ୍କରି ଯୋଜନା ଚିଠା ପ୍ରକାରେ ପୁରୀଠାରେ ସେହି ସମୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା । ଏ ସମୟ ମଧ୍ୟରେ ପଣ୍ଡିତ ତ୍ରିପାଠୀ ଶର୍ମା ସର୍ବ ଭାରତୀୟ ଆୟୁର୍ବେଦ କଂଗ୍ରେସର ସଭ୍ୟ ଭାବେ ସମଗ୍ର ଦେଶରେ ଆୟୁର୍ବେଦ ଶିକ୍ଷା ଓ ଚିକିତ୍ସା ପ୍ରସାର କରାଇ ବହୁ ସୁନାମର ଅଧିକାରୀ ହୋଇଥିଲେ । ଆସିକାଠାରେ ପ୍ରତିଷ୍ଠିତ ଉତ୍କଳ ଆୟୁର୍ବେଦ ସମବାୟ ଫାର୍ମାସୀ ପଣ୍ଡିତ ଅନନ୍ତ ତ୍ରିପାଠୀଙ୍କ ପରିକଳ୍ପନା ଓ ପ୍ରେରଣାର ସୁଫଳ । ବର୍ତ୍ତମାନ ଏହି ଆୟୁର୍ବେଦ ଫାର୍ମାସୀ ସମବାୟ ସୂତ୍ରରେ ପ୍ରତିଷ୍ଠିତ ଅନୁଷ୍ଠାନମାନଙ୍କ ମଧ୍ୟରେ ଭାରତର ଅନ୍ୟତମ ସର୍ବ ବୃହତ୍ତମ ସଂସ୍ଥା ।

ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ୧୯୬୧ରେ ବ୍ରହ୍ମପୁର ଏବଂ ୧୯୬୬ରେ ଆସିକା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଏକାଦିକ୍ରମେ ୧୧ ବର୍ଷ ଭାରତର ଲୋକସଭା ସଦସ୍ୟ ଥିଲେ । ସେ ଏଥିପୂର୍ବେ ୧୯୫୭ରେ ନିଖିଳ ଭାରତ ଆୟୁର୍ବେଦ କଂଗ୍ରେସର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ଲୋକସଭା ସଭ୍ୟ ଭାବେ ଦିଲ୍ଲୀରେ ଅବସ୍ଥାନ ଯୋଗୁଁ ସର୍ବ ଭାରତୀୟ ସ୍ତରରେ ଆୟୁର୍ବେଦ ପ୍ରସାର ସକାଶେ ସଚେତନତା ସୃଷ୍ଟି କରିବାରେ ସୁଯୋଗ ପାଇଥିଲେ ।

ପାର୍ଲାମେଣ୍ଟରେ ଆୟୁର୍ବେଦ କମିଟି ଗଠିତ ହୋଇଥିଲା ଏବଂ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ସେହି କମିଟିର ଅଧ୍ୟକ୍ଷ ଥିଲେ । ଆୟୁର୍ବେଦ ଶିକ୍ଷା ପ୍ରସାର ପାଇଁ ସେ ସମଗ୍ର ଦେଶରେ ସମନ୍ୱୟ ପ୍ରତିଷ୍ଠା କରି ଭାରତ ପାଇଁ ବି: ଏ: ଏମ୍: ଏସ୍: ଶିକ୍ଷା ପ୍ରଚଳନ କରାଇଥିଲେ । ଆୟୁର୍ବେଦର ଏହି ସ୍ନାତକ ଉପାଧି ଶିକ୍ଷା ସମେତ ଜାମନଗର ଆୟୁର୍ବେଦ ସ୍ନାତକୋତ୍ତର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଇଥିଲେ । ଭାରତର ସବୁ ରାଜ୍ୟରେ ଆୟୁର୍ବେଦ ଶିକ୍ଷା ପ୍ରସାର ସକାଶେ ସେ ଦେଶର ବିଶ୍ୱବିଦ୍ୟାଳୟଗୁଡିକର ପାଠ୍ୟକ୍ରମରେ ଆୟୁର୍ବେଦକୁ ସ୍ଥାନିତ କରିବାରେ ସକ୍ଷମ ହୋଇଥିଲେ । ବିଶ୍ୱବିଦ୍ୟାଳୟ ଆୟୋଗ ଜରିଆରେ ବୃତ୍ତି ବ୍ୟବସ୍ଥା କରାଇ ଆୟୁର୍ବେଦର ଉଚ୍ଚତର ଗବେଷଣା କରାଇବା ଏବଂ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରାଇବାରେ ସକ୍ଷମ ହୋଇଥିଲେ ।

ଭାରତୀୟ ଆୟୁର୍ବେଦ କଂଗ୍ରେସର ଦୁଇଥର ସଭାପତି ନିର୍ବାଚିତ ହୋଇ ଦୀର୍ଘଦିନ ଏହି ପଦବୀରେ ରହିବା ସଙ୍ଗେ ସଙ୍ଗେ ଲୋକସଭା ସଦସ୍ୟ ଭାବେ ସେ କେନ୍ଦ୍ର ସରକାରଙ୍କୁ ସଚେତନ କରାଇ ସମଗ୍ର ଭାରତରେ ଆୟୁର୍ବେଦ ଶିକ୍ଷାର ପ୍ରସାର କରାଇଥିଲେ । ୧୯୫୮ ମସିହାରେ ଦିଲ୍ଲୀଠାରେ ଅନୁଷ୍ଠିତ ଆୟୁର୍ବେଦ କଂଗ୍ରେସରେ ଇଂରାଜୀ ଓ ହିନ୍ଦୀ ଭାଷା ବିବାଦ ବେଳେ ସଭାପତି ଭାବେ ଅନର୍ଗଳ ସଂସ୍କୃତ ଭାଷଣ ଦେଇ ସମଗ୍ର ଦେଶରୁ ଆସି ଉପସ୍ଥିତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ନିଜ ପ୍ରତିଭାରେ ବିସ୍ମିତ କରି ଦେଇଥିଲେ ।

ଲୋକ୍‌ସଭାରେ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ଚିକିତ୍ସାକୁ ରାଷ୍ଟ୍ରୀୟ ସ୍ୱୀକୃତି ପାଇଁ ଏକ ବେସରକାରୀ ବିଲ୍ ଆଣିଥିଲେ । ଏହାର ଆଲୋଚନା ବେଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଲୋକସଭାରେ କହିଥିଲେ 'Pandit Tripathy Sharma is just an incarnation of Charak, his fame is not confined to India, but it has crossed the boarder of the sea'.

ବାସ୍ତବରେ ଭାରତର ଏହି ମୁକୁଟ ବିହୀନ ଆୟୁର୍ବେଦ ସମ୍ରାଟ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମାଙ୍କ ସୁନାମ ଦେଶର ସୀମା ଅତିକ୍ରମ କରି ଯାଇଥିଲା । ସେ ସିଂହଳ ସରକାରଙ୍କ ଆୟୁର୍ବେଦ ପରାମର୍ଶଦାତା ଥିଲେ ଏବଂ ସେହି ସରକାରଙ୍କଠାରୁ 'ଆୟୁର୍ବେଦ ଚକ୍ରବର୍ତ୍ତୀ' ଉପାଧି ପାଇଥିଲେ ।

ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ଥିଲେ ବହୁଭାଷା ପ୍ରବୀଣ । ସଂସ୍କୃତ ସାହିତ୍ୟ, ଆୟୁର୍ବେଦ, ବ୍ୟାକରଣ, ଅଳଙ୍କାର ଶାସ୍ତ୍ରରେ ଉଚ୍ଚତମ ସୋପାନରେ ଉପନୀତ ହୋଇଥିଲେ । ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ /ଉପାଧି ଏ ସବୁ ଶିକ୍ଷାରେ ଗ୍ରହଣ କରିପାରିଥିବା ସଙ୍ଗେ ସଙ୍ଗେ ସେ ଘରୋଇ ଭାବେ ଅଧ୍ୟୟନ କରି ନାଗପୁର ବିଶ୍ୱବିଦ୍ୟାଳୟରୁ ଏମ୍: ଏ: ପାସ୍ ହୋଇଥିଲେ । ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିନେଟ ଏବଂ ସିଣ୍ଡିକେଟ ସଭ୍ୟ ଥିଲେ । ବିଶ୍ୱବିଦ୍ୟାଳୟର ପରୀକ୍ଷକ ଏବଂ ପାଠ୍ୟକ୍ରମ ନିର୍ଦ୍ଧାରଣ କମିଟିର ମୁଖ୍ୟ ହୋଇଥିଲେ ।

ଆୟୁର୍ବେଦ ଓ ସଂସ୍କୃତ ସାହିତ୍ୟର ବହୁ ମୂଲ୍ୟବାନ ଗ୍ରନ୍ଥ ସେ ପ୍ରଣୟନ କରି ଯାଇଛନ୍ତି । ଜଣେ ସୁଦକ୍ଷ ଅନୁବାଦକ ଭାବେ ସେକ୍‌ସପିଅରଙ୍କ ଇଂରାଜୀ ନାଟକଗୁଡିକୁ ସଂସ୍କୃତରେ ଅନୁବାଦ କରିବା, ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକୁ ଇଂରାଜୀରେ ଏବଂ ରବୀନ୍ଦ୍ର ନାଥ ଠାକୁରଙ୍କ ବଙ୍ଗଳା କୃତିଗୁଡିକୁ ଓଡିଆରେ ଅନୁବାଦ କରିବା ସମେତ ବହୁ ପ୍ରତିନିଧିମୂଳକ ହିନ୍ଦୀ ଓ ତେଲୁଗୁ କୃତିକୁ ଓଡିଆରେ ଅନୁବାଦ କରି ପଣ୍ଡିତ ତ୍ରିପାଠୀ ଶର୍ମା ଭାରତୀୟ ସାହିତ୍ୟର ମହୋପକାର ସାଧନ କରିଛନ୍ତି । ଏଥିପାଇଁ ସେ ଦେଶ ବିଦେଶରୁ ବହୁ ସମ୍ମାନ, ସମ୍ବର୍ଦ୍ଧନା ଓ ସ୍ୱୀକୃତି ପାଇବା ସଙ୍ଗେ ସଙ୍ଗେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ଲାଭ କରିଥିଲେ ।

ଭାରତର ଏହି ଅଗ୍ରଗଣ୍ୟ ପଣ୍ଡିତ, ଯଶସ୍ୱୀ ଶିକ୍ଷାବିତ୍ ତଥା ପ୍ରବୀଣ ସାହିତ୍ୟିକ ଆୟୁର୍ବେଦର ପ୍ରସାରକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ଅନ୍ତିମ ଜୀବନରେ ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁରଠାରେ ସେ ଏକ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରତିଷ୍ଠା କଲେ । ନିଜ ଜୀବନର ସମସ୍ତ ସଞ୍ଚିତ ଅର୍ଥ ଏବଂ କେତେକ ସ୍ଥାବର ସମ୍ପତ୍ତି ବିକ୍ରି କରି ଦେଇ ତାହାରି ପ୍ରତିଫଳ ଧନରେ ସେହି ଆୟୁର୍ବେଦ ମହାବିଦ୍ୟାଳୟ ଗଢିଲେ । ଅନେକ କବିରାଜ ଏବଂ ଆୟୁର୍ବେଦ ପ୍ରେମୀ ବଦାନ୍ୟ ବ୍ୟକ୍ତିଙ୍କୁ ଏଥି ସହିତ ସେ ସମ୍ପୃକ୍ତ କରାଇ ନେଲେ । ସେ ଥିଲେ ଏହି ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ । ଅନେକ ଆୟୁର୍ବେଦ ଶିକ୍ଷାବିତ୍‌ଙ୍କୁ ଏହି ଅନୁଷ୍ଠାନରେ ନିଯୁକ୍ତି ଦେଇ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଶିକ୍ଷାଦାନ ପରିଚାଳନା କଲେ । ଖ୍ରୀ: ୧୯୯୦ ଜୁଲାଇ ୨୭ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କଲାଯାଏଁ ଏହି ମହାବିଦ୍ୟାଳୟର ଅଧ୍ୟକ୍ଷ ଥାଇ ସେ ଆୟୁର୍ବେଦ ଶିକ୍ଷା ପ୍ରସାରରେ ନିଜକୁ ନିୟୋଜିତ କରିଥିଲେ ।

ଆୟୁର୍ବେଦ ଜଗତକୁ ଯୁଗ ଯୁଗ ଧରି ଓଡିଶାର ଅବଦାନ ଅତୁଳନୀୟ । ପ୍ରାକୃତିକ ସମ୍ପଦ, ଶିକ୍ଷାନୁଷ୍ଠାନ, ଗବେଷଣା ପ୍ରତିଷ୍ଠାନ ଏବଂ ଧୁରୀଣ ବ୍ୟକ୍ତି, ଚିକିତ୍ସକ ଓ ନୀତିନିଷ୍ଠ କବିରାଜ ଓ ଆୟୁର୍ବେଦ ପ୍ରେମୀ ଓଡିଶାରେ ଜନ୍ମ ହୋଇ ଦେଶ ବିଦେଶରେ ଏ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ଏ ସବୁ ଦାନ ସମେତ ପଣ୍ଡିତ ଅନନ୍ତ ତ୍ରିପାଠୀ ଶର୍ମା ହେଉଛନ୍ତି ଆୟୁର୍ବେଦ ଜଗତକୁ ଓଡିଶାର ଶ୍ରେଷ୍ଠ ଅବଦାନ ।

---

ଅଶୋକ ନଗର, ବ୍ରହ୍ମପୁର, ଗଞ୍ଜାମ ।

# କର୍ମଯୋଗୀ ବ୍ରଜମୋହନ

● ଶ୍ରୀ ସୁଶୀଲ କୁମାର ପାଣିଗ୍ରାହୀ

ଓଡ଼ିଶାର ବରପୁତ୍ର ଯୋଗଜନ୍ମା କର୍ମଯୋଗୀ ବ୍ରଜମୋହନ ପଣ୍ଡା ଥିଲେ ସମାଜସେବୀ, ପ୍ରୟୋଗବାଦୀ କୃଷକ, ଶିକ୍ଷାବିତ୍, ନବୋନ୍ମେଷବାଦୀ, ଶିଳ୍ପୋଦ୍ୟୋଗୀ, ଜାତୀୟତାବାଦୀ, ସ୍ୱାଧୀନତା ସଂଗ୍ରାମୀ, ନିରଳସ ପ୍ରଶାସକ ଏବଂ ସୁସାହିତ୍ୟିକ । ଏହି ଯୁଗପୁରୁଷଙ୍କ ଜନ୍ମ ୧୮୯୦ ମସିହା ଜୁନ୍ ମାସ ୫ ତାରିଖ ଆଷାଢ଼ କୃଷ୍ଣ ତୃତୀୟା ତିଥିରେ ଗୋଡ଼ଭଗା ନିକଟସ୍ଥ ଲଉସ୍ତା ଗ୍ରାମରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଥିଲା ବୃନ୍ଦାବନ ପଣ୍ଡା ଓ ମାତାଙ୍କ ନାମ ଚନ୍ଦ୍ରମା ଦେବୀ ।

ବ୍ରଜମୋହନଙ୍କ ଶିକ୍ଷାରମ୍ଭ ସମ୍ବଲପୁରରେ ହୋଇଥିଲା । ସେ ମେଧାବୀ ଛାତ୍ର ଥିଲେ । ତାଙ୍କର ସ୍ମରଣ ଶକ୍ତି ଅତ୍ୟନ୍ତ ପ୍ରଖର ଥିଲା । ପଞ୍ଚମ ଶ୍ରେଣୀ ପରୀକ୍ଷାରେ ସେ ସମ୍ବଲପୁର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତା'ପରେ ସେ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ । ମାତ୍ର ଦୁଇମାସ ପଢ଼ିବା ପରେ ସମ୍ବଲପୁରରେ ହଇଜା ସଂକ୍ରମଣ ଯୋଗୁଁ ତାଙ୍କୁ ଗାଁକୁ ଫେରିଯିବାକୁ ପଡ଼ିଲା । ୧୯୦୬ ମସିହା ଅଗଷ୍ଟ ୧୨ ତାରିଖରେ ସେ ନିଜ ଗ୍ରାମରେ ଏକ ଗୁଟଶାଳୀ ଆରମ୍ଭ କଲେ । ଛାତ୍ର ବ୍ରଜମୋହନ ନିଜ ଜଳଖିଆ ଖର୍ଚ୍ଚରୁ ମାସକୁ ଟଙ୍କାଏ ଲେଖାଏଁ ଶିକ୍ଷକଙ୍କ ଦରମା ଦେଲେ । ଏଥିରୁ ତାଙ୍କର ଶିକ୍ଷା ପ୍ରତି ଗଭୀର ପ୍ରେମ ଜଣାପଡ଼େ । ବ୍ରଜମୋହନ କଟକସ୍ଥ ରେଭେନ୍ସା କଲିଜିଏଟ୍‌ରୁ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଲିକତାରେ ପ୍ରେସିଡେନ୍‌ସି କଲେଜ୍ ଓ ଆଇନ୍ କଲେଜରେ ଅଧ୍ୟୟନ କରିଥିଲେ ।

ବ୍ରଜମୋହନ ଥିଲେ ସ୍ୱାଭିମାନୀ, ଦରଦୀ ଏବଂ ଜଣେ ଉତ୍ସାହୀ ମଣିଷ । ନିଜ ଅଞ୍ଚଳରେ ଉଚ୍ଚ ଶିକ୍ଷା ନିମନ୍ତେ ସ୍ଥାନୀୟ ଛାତ୍ର ଛାତ୍ରୀଙ୍କ ଅସୁବିଧାକୁ ଉପଲବ୍ଧି କରି ସେ ଶିକ୍ଷା ଓ ସାଂସ୍କୃତିକ ଉନ୍ନତି ପାଇଁ ବ୍ରତୀ ହୋଇଥିଲେ । ସେ କହୁଥିଲେ– "ବିଶ୍ୱ କବି ରବୀନ୍ଦ୍ରନାଥ ଆମର ସୋନାର ବାଙ୍ଗଲା କହି ତାକୁ ବିଶ୍ୱବିଖ୍ୟାତ କରିପାରିଥିଲେ । ଠିକ୍ ସେହିପରି ମୁଁ ନିଜ ମାତୃଭୂମିକୁ ସୁନା ଓ ହୀରାଖଣ୍ଡରେ ପରିଣତ କରିଯିବି ।" ଶିକ୍ଷାର ଉନ୍ନତି ପାଇଁ ସେ ନିଜର ସବୁ କିଛି ଉତ୍ସର୍ଗ କରିଦେବାକୁ ପ୍ରସ୍ତୁତ ଥିଲେ । ୧୯୩୮ ମସିହାରେ ତାଙ୍କ ଉଦ୍ୟମରେ ଲଉସ୍ତାରେ ଆବାସିକ ଉଚ୍ଚଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ସମ୍ବଲପୁରରେ 'ସମ୍ବଲପୁର କଲେଜ୍' ପ୍ରତିଷ୍ଠା କରିଥିଲେ । ଯାହାକି ବର୍ତ୍ତମାନ ଗଙ୍ଗାଧର ମେହେର କଲେଜ୍ ନାମରେ ପରିଚିତ । ଏହା ପୂର୍ବରୁ ସେ ଲଉସ୍ତାଠାରେ କଲେଜ୍ ପ୍ରତିଷ୍ଠା କରିବା ଲାଗି ଉଦ୍ୟମ କରିଥିଲେ । ମାତ୍ର ତତ୍‌କାଳୀନ ଡି.ପି.ଆଇ. ଲଉସ୍ତା ଗ୍ରାମ କଲେଜ୍ ପାଇଁ ଉପଯୁକ୍ତ ସ୍ଥାନ ନୁହେଁ କହି ମନା କରିଦେଇଥିଲେ । କାରଣ ଲଉସ୍ତାରେ ହାଟ ବଜାର ନାହିଁ, ସିନେମା ହଲ୍ ନାହିଁ, ଦୋକାନ ନାହିଁ । ବ୍ରଜମୋହନ ଖୋଜୁଥିଲେ ପଲ୍ଲୀର ଶାନ୍ତ, ମଧୁର, ପବିତ୍ର ବାତାବରଣ ମଧ୍ୟରେ କଲେଜ କରିବାକୁ । ପାନ ଦୋକାନ, ସିନେମା ଏସବୁ ପିଲାର ଚରିତ୍ର ନଷ୍ଟରେ ସହାୟକ, ଚରିତ୍ର ଗଠନରେ ସହାୟକ ନୁହେଁ । ବ୍ରଜମୋହନ ଥିଲେ ଦୃଢ଼ ମାନବ । ସହଜରେ ଭାଙ୍ଗିପଡ଼ିବା ବ୍ୟକ୍ତି ନଥିଲେ । ତାଙ୍କ ଜୀବନକାଳ ଭିତରେ ନିଶ୍ଚୟ ଲଉସ୍ତାରେ କଲେଜ୍ ପ୍ରତିଷ୍ଠା କରିବାକୁ ଦୃଢ଼ ସଙ୍କଳ୍ପ ନେଇଥିଲେ । ସେ ସଫଳ ହେଲେ ମଧ୍ୟ ।

ପ୍ରାଥମିକ ସ୍କୁଲରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତିଷ୍ଠା କରିବା ପାଇଁ ସେ ସ୍ୱପ୍ନ ଦେଖୁଥିଲେ । ସମ୍ବଲପୁର ଟ୍ରଷ୍ଟଫଣ୍ଡ କଲେଜ୍, ମହିଳା କଲେଜ୍, ବୁର୍ଲା ଇଞ୍ଜିନିୟରିଂ କଲେଜ୍, ମେଡ଼ିକାଲ କଲେଜ୍, ଶିକ୍ଷକ ଟ୍ରେନିଂ କଲେଜ୍ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ତାଙ୍କର ଅବଦାନ ଉଲ୍ଲେଖନୀୟ । ସମ୍ବଲପୁରରେ ଶିକ୍ଷାର ପ୍ରସାର ପାଇଁ ଡଃ ପର୍ଶୁରାମ ମିଶ୍ର ଓ ସେ ଓଡ଼ିଶା ଏଜୁକେସନ୍ ସୋସାଇଟି ଗଠନ କରିଥିଲେ । ବ୍ରଜମୋହନ ଥରେ କହିଥିଲେ– "ଯଦି ତୁମେ ମୋତେ ଖଣ୍ଡ ଖଣ୍ଡ କରିଦିଅ ତେବେ ତଥାପି ତୁମେ ଦେଖିବାକୁ ପାଇବ ଯେ, ମୋର ପ୍ରତ୍ୟେକ ଶିରା ପ୍ରଶିରାରେ ଶିକ୍ଷା ପ୍ରେମ ଭର୍ତ୍ତି ହୋଇରହିଛି ।" ସମାଜ ସେବା କ୍ଷେତ୍ରରେ ସେ ଥିଲେ ଜଣେ ଆଗୁଆ ସୈନିକ । ୧୯୧୭ ରୁ ୧୯୪୭ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ପରିଷଦର ସଦସ୍ୟ ଥିଲେ । ସେ ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାର ପ୍ରତିନିଧି ଭାବରେ ନିର୍ବାଚିତ ହୋଇ ଏହି ପଦରେ ଦଶ ବର୍ଷ ରହିଥିଲେ । ସେହି ସମୟରେ ବ୍ରଜମୋହନ ବ୍ୟବସ୍ଥାପକ ସଭାରେ ସମ୍ବଲପୁର ଜିଲ୍ଲାର ଏକମାତ୍ର ସଦସ୍ୟ ଥିଲେ । ବ୍ରଜମୋହନ ନିଜ ଦେଶର ସ୍ୱାଧୀନତା ଲାଗି ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଆହୁତ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ । ୧୯୨୦ରେ ନାଗପୁର କଂଗ୍ରେସ ଓ ୧୯୨୧ରେ ଅହମଦାବାଦ

କଂଗ୍ରେସର ନିଷ୍ଠାପର ସେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେତେବେଳେ ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ବଲପୁରରେ ଅବସ୍ଥାନ କରୁଥିବା ବେଳେ, ସମ୍ବଲପୁରସ୍ଥିତ ବ୍ରଜମୋହନଙ୍କ ବାସଭବନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏହି ସମୟରେ ଜାତୀୟ ବିଦ୍ୟାଳୟ ମଧ୍ୟ ଖୋଲାଯାଇଥିଲା । ଉତ୍କଳମଣି ଗୋପବନ୍ଧୁ ଦାସ ଓ ଆଚାର୍ଯ୍ୟ ହରିହରଙ୍କ ସହ ତାଙ୍କର ଗଭୀର ସମ୍ପର୍କ ଥିଲା ।

ଶିକ୍ଷିତ ବ୍ରଜମୋହନ ବାବୁ ଅଚଳାଚଳ ସମ୍ପତ୍ତିର ମାଲିକ ଥିଲେ । ତାଙ୍କର ବହୁତ ଜମିବାଡ଼ି ଥିଲା । କୃଷକ ହିସାବରେ ସେ ଥିଲେ ଅତୁଳନୀୟ । ମୁଗ, ଆଖୁ ପ୍ରଭୃତି ଅର୍ଥକରୀ ଫସଲ ଚାଷ କରି ବହୁ ଉପାର୍ଜନ କରିଥିଲେ । ତାଙ୍କର ଫଳ ବଗିଚା ଓ ଧାନଚାଷ ଯେ ଦେଖିଛି, ସେ ଜାଣିଛି, ସେ କିପରି ଚାଷୀ ଥିଲେ । ଜଣେ ଆଦର୍ଶ କୃଷକ ଭାବରେ ସେ ପରିଚିତ ଥିଲେ । ତାଙ୍କୁ ଆଳସ୍ୟ ଛୁଇଁ ପାରିନଥିଲା । ବହୁ ଧନ ସମ୍ପତ୍ତିର ମାଲିକ ହୋଇ ମଧ୍ୟ ଖରା, ବର୍ଷାକୁ ଭ୍ରୂକ୍ଷେପ ନକରି କ୍ଷେତବାଡ଼ି ଦେଖା ଦେଖି କରୁଥିଲେ । ତାଙ୍କର ପରିଶ୍ରମ ଓ ଚେଷ୍ଟା ସମସ୍ତଙ୍କ ପାଇଁ ଅନୁସରଣୀୟ । କେବଳ କୃଷି ନୁହେଁ ଗ୍ରାମ୍ୟ ଶିଳ୍ପ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ । କାରଣ ସେ ଜାଣିଥିଲେ ଗ୍ରାମ୍ୟଶିଳ୍ପ ଭାରତ ପରି ଗ୍ରାମ୍ୟ ବହୁଳ ଦେଶ ପାଇଁ ଉପଯୁକ୍ତ । ତେଣୁ ସେ ଶିରେ ରାଣୀଗଞ୍ଜ ଟାଇଲ୍ ଓ ଚିନିକଳ ଆଦି ଆରମ୍ଭ କରିଥିଲେ ।

ବ୍ରଜମୋହନ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିଭାର ସଂସ୍ପର୍ଶରେ ଆସି କବିତା ରଚନା କରିଥିଲେ । ଗୁଣଗ୍ରାହୀ ଗଙ୍ଗାଧର ମଧ୍ୟ ବ୍ରଜମୋହନଙ୍କ ସାହିତ୍ୟ ସାଧନା କରିବା ପାଇଁ ଉତ୍ସାହ ପ୍ରଦାନ କରିଥିଲେ । ୧୯୧୦ରୁ ୧୯୧୪ ମଧ୍ୟରେ ସେ ଅନେକ କବିତା ଲେଖିଥିଲେ । ନିଜ ସାହିତ୍ୟିକ ଜୀବନ ସମ୍ପର୍କରେ ସେ ତାଙ୍କର "ଯୌବନ ଗାଥା" କବିତା ପୁସ୍ତକରେ ଲେଖିଛନ୍ତି– "ସୌଭାଗ୍ୟ ବଶତଃ ଉତ୍କଳର ବୃଦ୍ଧ କବି ଫକୀର ମୋହନ ସେନାପତି ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ବ୍ୟକ୍ତିଗତ ସମ୍ପର୍କରେ ଆସି ଓ ସେମାନଙ୍କ ସତ୍‌ସଙ୍ଗ ଲାଭ କରି ମୋ ତରୁଣ ଜୀବନର ସାହିତ୍ୟାନୁରାଗରେ ଅରୁଣୋଦିତ ହୋଇଥିଲା ।" ସମୁଦାୟ ୧୦୬ଟି କବିତା ଏବଂ ଗୋଟିଏ ଗଦ୍ୟ ସାହିତ୍ୟ 'ହୁମା' ଏହାହିଁ ତାଙ୍କର ସାରସ୍ୱତ ଜୀବନର ସମ୍ପଦ । ତାଙ୍କ ରଚିତ କବିତା ମଧ୍ୟରେ ଶ୍ମଶାନ, ନୀରବତା, ଭୁବନେଶ୍ୱର ଇତ୍ୟାଦି ଉଲ୍ଲେଖ ଯୋଗ୍ୟ । ତାଙ୍କର କବିତାଗୁଡ଼ିକରେ ଜାତୀୟ ଚେତନା ପ୍ରକୃତି ପ୍ରେମ, ବିଶ୍ୱପ୍ରୀତି ତଥା ଦାର୍ଶନିକ ଚିନ୍ତାଧାରା ବେଶ୍ ସୁସ୍ପଷ୍ଟ ।

ବ୍ରଜମୋହନଙ୍କ ସାହିତ୍ୟ ପ୍ରତି ଯେପରି ଅନୁରାଗ ଭରିରହିଥିଲା, ସେହିପରି ସାହିତ୍ୟିକମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ମାନ ରହିଥିଲା । ସେ ଅନେକ କବି ଲେଖକଙ୍କୁ ପ୍ରେରଣା ଯୋଗାଇଥିଲେ । ସେ ସ୍ୱଭାବ କବି ଗଙ୍ଗାଧରଙ୍କ ରଚନାବଳୀକୁ ଲୋକଲୋଚନକୁ ଆଣିବା ଦିଗରେ ବହୁଳ ଭାବରେ ସାହାଯ୍ୟ କରିଥିଲେ । ଏହି ଉତ୍ସାହୀ ଯୁଗପୁରୁଷ, ପ୍ରଖ୍ୟାତ ଯଶାଙ୍କ ଜୀବନର ଅବସାନ ହୋଇଥିଲା ୧୯୬୫ ମାର୍ଚ୍ଚ ମାସ ୧୫ ତାରିଖରେ । ସାଂସ୍କୃତିକ ପୁରୁଷ ବ୍ରଜମୋହନ ତାଙ୍କର ଜୀବନ କାଳରେ ଶିକ୍ଷା ଓ ସାଂସ୍କୃତିକ ବିକାଶ ପାଇଁ ଯଥେଷ୍ଟ କାର୍ଯ୍ୟ କରି ଜାତିର ଚିର ନମସ୍ୟ ହୋଇଛନ୍ତି । ଏଣୁ ସେ ଆଜି ସ୍ମରଣୀୟ । ତାଙ୍କର ଆଦର୍ଶ, ତ୍ୟାଗ, ଦୃଢ଼ମନୋବଳ, ଦେଶବାସୀଙ୍କର ପାଥେୟ ।

କ୍ୱାଟର ନଂ–ଇ ୨୨/୩,
ବୁର୍ଲା, ସମ୍ବଲପୁର–୭୬୮୦୧୭ ।



ଭଗବତୀ ବିଦ୍ୟାପୀଠ ମୁକ୍ତେଶ୍ୱରଠାରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର ମହାତ୍ମା ଗାନ୍ଧୀଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି । ଜଙ୍ଗଲମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଉକ୍ତ ଉତ୍ସବରେ ଯୋଗଦାନ କରିଛନ୍ତି (୨୩/୧୦) ।

# ଜନଶିକ୍ଷା ମତେ ମଣିଷ କଲା

● ଶ୍ରୀ ଉଦୟନାଥ ରଥ

ନରସିଂହପୁର ବ୍ଲକର ଏକ ପଲ୍ଲୀ ଗାଁ "ମଲ୍ଲିକା" ଗାଁରେ କନ୍ଧ, ଶବର, ହରିଜନମାନେ ବାସ କରନ୍ତି । ଲୋକ ସଂଖ୍ୟା ଶହେ ଭିତରେ ହେବ । ଗାଁଟି ନଈକୂଳଠାରୁ ଟିକିଏ ଦୂରରେ ଓ ପାହାଡ଼ ନିକଟରେ ଥିବାରୁ ଭଲ ଗୁଣ ଜମି ପ୍ରାୟ ଲୋକମାନଙ୍କର ନାହିଁ । ବହୁ ଲୋକ ଭୂମିହୀନ । ଏବେ ଲୋକମାନେ ସରକାରଙ୍କର କୃଷି ଋଣ ପାଇ ଯାହା ଉନ୍ନତି କରିଛନ୍ତି ।

ସେଇ ଗାଁର ପଞ୍ଚାନନ । ଗାଁରେ ସମସ୍ତେ ପଞ୍ଚୁଆ ପଞ୍ଚୁଆ ବୋଲି ଡାକନ୍ତି । ଘରେ ତା'ର ସ୍ତ୍ରୀ ସୁରେଖା ଓ ଗୋଟିଏ ଝିଅ । କେତେଦିନ ହେଲା ସରକାରଙ୍କ କୃଷି ଋଣରେ ଗୋଟିଏ ବଳଦ ହଳ କରିଛି । ଅନ୍ୟ ଲୋକମାନଙ୍କର ଜମିଧରି ଛଅ ମାସ ଚଳେ । ପରିବାରର ଦୂରାବସ୍ଥା କେବଳ ମୂର୍ଖତା ଯୋଗୁ । ମୂର୍ଖତାର ସୁଯୋଗ ନେଇ ଗାଁ ଟାଉଟର, ସାହୁକାର, କଣ୍ଟ୍ରୋଲ୍ ଦୋକାନୀ, ନିଜ ବନ୍ଧୁବାନ୍ଧବ କେତେ ଯେ ଠକିଛନ୍ତି ତା'ର ଇୟତା ନାହିଁ । ଜନଶିକ୍ଷା ଦ୍ୱାରା ପଞ୍ଚାନନ ଏବେ ଲେଖିପଢ଼ି ଜାଣିବାରୁ ଆଉ ଏଣିକି ସେମାନଙ୍କର ଗ୍ରେଟ କାଟୁନି ।

ଶିକ୍ଷା କେନ୍ଦ୍ରକୁ ପଢ଼ି ଗଲାବେଳେ ପଞ୍ଚୁଆକୁ ବୁଢ଼ା ବୁଢ଼ୀମାନେ କହୁଥାଆନ୍ତି—ନିଶ ଉଠା ପାଠ, ଛତୁ ଫୁଟା କାଠ କୌଣସି କାମକୁ ଆସି ପାରେନି । ଆଉ କେତେକ କହନ୍ତି, ଯାହା ନ ହୋଇଛି ବାଳ କାଳେ, ତାହା କି ହୋଇବ ପାଚିଲା ବାଳେ ? ପଞ୍ଚୁଆ ଭାବିଲା ସରକାର ଏତେ ଖର୍ଚ୍ଚକରି ଲୋକମାନଙ୍କୁ ଶିକ୍ଷିତ କରାଉଛନ୍ତି କାହିଁକି ? ଯଦି ସେମାନଙ୍କ କଥାରେ ପଡ଼ି ପଞ୍ଚୁଆ ଯଦି ପଢ଼ି ନ ଥାନ୍ତା, ତା' ହେଲେ ପରିବାରର ଅନ୍ଧକାର ଆହୁରି ଘନେଇ ଯାଇ ଥାଆନ୍ତା । ଯେଉଁମାନେ ତାକୁ ଥଟ୍ଟା କରୁଥିଲେ, ସେମାନେ ପଞ୍ଚାନନର ପୁରାଣ, ଭାଗବତ, ଖବର କାଗଜ ପଢ଼ିବା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଉଛନ୍ତି । ଯେଉଁମାନେ ପରର ଶିରି ଦେଖିପାରୁ ନାହାନ୍ତି ସେମାନେ କହୁଛନ୍ତି, ନ ଦେଖିବା ଲୋକ ଦେଖେ, କର୍ଣ୍ଣିଛ କାଢ଼ିଛି ବେଙ୍ଗ ।

ପରିବାରରେ ଝିଅ ବାହାଘର ପଞ୍ଚାନନର ଗୋଟିଏ ବଡ଼ ଚିନ୍ତା ଥାଏ । ଝିଅ ପିଅ ବେଶୀଦିନ ଘରେ ରହିଲେ ଖରାପ ବୋଲି ସ୍ତ୍ରୀ ସୁରେଖା ବହୁଥର ଚେତେଇ ଦେଲାଣି । ଟଙ୍କା ଆସିବ କେଉଁଠୁ ? ସୁରେଖାକୁ ଡାକି ପଞ୍ଚାନନ କହିଲା, କାଲି ସାହୁକାର ଘରକୁ ଯାଇ ହଜାରେ ଟଙ୍କା ଋଣ ଆଣିବା । ଆମର ଯୌତୁକ ଦବାର କିଛି ନାହିଁ । ସମୁଦି କହିଛି ତୁମ ଶକ୍ତି ଅନୁସାରେ ଜୋଇଁକୁ ଯାହା ଦେବ । କାଲି ଟିକିଏ ବେଗାବେଗି ସାହୁକାର ଘରକୁ ଗଲେ ତା' ସାକ୍ଷାତ ପାଇବା ।

ପଞ୍ଚୁଆ ଓ ସୁରେଖା ସକାଳୁ ଦୁଇଜଣ ଯାକ ସାହୁକାର ଘରକୁ ଗଲେ । ଗଲାମାତ୍ରେ ଦେଖିଲେ, ଗୋବିନ୍ଦ ସାହୁ ଦାଣ୍ଡଘରେ ବସିଛି । ଆଉ କେତେ ଜଣ ଖାତକ ତାଙ୍କ ଆଗରୁ ଆସି ଗଲେଣି । ଦୁହେଁ ମୁଣ୍ଡିଆ ମାରିବାରୁ ସାହୁଏ ପଚାରିଲେ, କିରେ ପଞ୍ଚୁଆ! ତୁ କ'ଣ ଟଙ୍କା ଆଉ ଦେବୁନି ? ଆଗ ତିନି ହଜାର ଟଙ୍କା କଳନ୍ତର ମିଶି ପାଞ୍ଚ ହଜାର ଯାଏଁ ହେଇ ଗଲାଣି । ଦେବିନି କାହିଁକି ଆଜ୍ଞା! ଦିଆନିଆଡ ଶୁଝିଛି । ଝେଲିଟି ଏବେ ଦୁଇଟି ପିଲା କଅଁଳେଇଛି । ଟିକିଏ ବଡ଼ ହେଇଗଲେ ଯାହା ହେବ । କଳନ୍ତର ହେଉ ପଛେ ଦେଇଦେବି । ଫଗୁଣରୁ ପାଞ୍ଚଦିନ ପଶିଥିବ । ଝିଅର ବାହାଘର, ପାଖେଇ ଆସିଲା । ତେଣୁ କିଛି ନବାକୁ ଆସିଛି । କେତେ ନେଲେ ଚଳିବ ? ଆଜ୍ଞା, ହଜାରେ ଦେଲେ ଚଳେଇ ନେବି ।ହଜାରେ ନବୁ, ସବୁ ଟଙ୍କା ବଢ଼ିଗଲେ ଆଉ ଉଠି ପାରିବୁନି । ଏବେ ଆଉ କ'ଣ ଉଠି ପାରୁଚିକି ? ସରକାର କୃଷିଋଣ ଦେଇଛନ୍ତି ବୋଲି ହଳଟିଏ କରି ଟିକିଏ ଚଳୁଛି । ନଁ ହେଲେ ଆଗରୁ ଯେଉଁ ଉପବାସ ତାକୁ ମନେ ପକେଇଲେ କାନ୍ଦ ମାଡୁଛି । ହଜାରେ ଟଙ୍କା ନ ଦେଲେ ଚଳିବନି ସାହୁକାରେ ! ଝିଅଟିକି ବିଦା କରି ଦେଲେ ମୁଣ୍ଡରୁ ବୋଝ ଯିବ ।

ସାହୁକାରେ ହ୍ୟାଣ୍ଡନୋଟ୍ ଲେଖିବା ଆରମ୍ଭ କଲେ । ଲେଖିସାରି ଯେତେବେଳେ ଲେଖା ଓ ଟିପ ପଢ଼ା ପଞ୍ଚୁଆ ଆଡ଼କୁ ବଢ଼େଇ ଦିଅନ୍ତି, ପଞ୍ଚୁଆ କହିଲା ଆଜ୍ଞା, ମୁଁ ନାଁ ଲେଖିବି । ତୁ ତ ଆଗ ଟିପ ଦେଉ ଥିଲୁ ? ଆଜ୍ଞା, ଏବେ ଗାଁ ଗାଁ ମାନଙ୍କରେ ସରକାର ଯେଉଁ ବଡ଼ ବଡ଼ଙ୍କ ପାଇଁ ସ୍କୁଲ ସବୁ ଖୋଲିଛନ୍ତି, ସେଥିରେ ମୁଁ ଯଦି ଖାଲି ନାଁ ଦସ୍ତଖତ କାହାକିଁ, ଲେଖିପଢ଼ି ମଧ୍ୟ ଜାଣିଛି । କଲମ ଯେତେବେଳେ ଦସ୍ତଖତ ପାଇଁ ବଢ଼େଇ ଦିଅନ୍ତି, ସେତେବେଳେ କ'ଣ ଲେଖା ଅଛି ପଞ୍ଚୁଆ ପଢ଼ିଲା । ଆଖି ଲାଲ୍ ଲାଲ୍ କରି କହିଲା, ସାହୁକାରେ! କେତେଟଙ୍କା ଲେଖିଛ ? ଆରେ ଲେଖୁ ଲେଖୁ କ'ଣ ଗୋଟାଏ ଲେଖି ହୋଇଯାଇଥିବ । ହଜାରେ ଜାଗାରେ ତୁମେ ପାଞ୍ଚ ହଜାର ଲେଖିଛ, ସାହୁକାରେ, ଭାବନି ତୁମେ

ଭାରତ ସ୍ୱାଧୀନ ହେଲାପରେ ଏ ଦେଶରେ ଥିବା ଗାଁ ଗହଳର ଲୋକମାନେ ସବୁଦିନ ପାଇଁ ଅନ୍ଧ ଥିବେ ବୋଲି, ଆଜି ସମସ୍ତ ଶିଖିଛି ତୁମର ସେହି ବେଇମାନ କାର୍ଯ୍ୟସବୁ ଛାଏଁ ଛାଏଁ ପଦାରେ ପଡ଼ି ଯାଉଛି । ଏତେ ରାଗୁଛୁ କାହାକିଁ ? ଆଣ ତାକୁ ମୁଁ ଠିକ୍ କରି ଦିଏ. ନା, ମୁଁ ତାକୁ ତୁମ ହାତକୁ ଦେବିନି । ଗାଁରେ ପାଞ୍ଚ ଜଣଙ୍କୁ ଦେଖେଇବି । ଏଇ ପ୍ରକାର ତୁମେ ଗରିବ ମଳି ମୁଣ୍ଡିଆଙ୍କ ଆଖିରେ ଧୂଳି ଦେଇ ସାହୁକାର ବୋଲାଉଚ ? ସାହୁକାରେ ପଞ୍ଚୁଆର ହାତଧରି କହିଲେ, ଆରେ ନେ ଏଇ ହଜାରେ ଟଙ୍କା । ଏ ହ୍ୟାଣ୍ଡନୋଟ୍ ମୁଁ ଚିରି ଦଉଛି—ଏହା କହି ତା ଆଗରେ ଚିରି ଦେଲେ ଏବଂ କାକୁତି ମିନତି ହୋଇ କହିଲେ, ପଞ୍ଚୁଆ ତୁ ମତେ ଆଉ ଅଧିକ ହନ୍ତସନ୍ତ କରନା । ସାହୁକାରେ ହଜାରେ ଟଙ୍କା ତାକୁ ଧରେଇ ଦେଲେ । ପୁଣି କହିଲେ ତୁ ଏ ଟଙ୍କା ଦେଲେ ଦେ ନହେଲେ ନାହିଁ । ବୁଝିଲ ସାହୁକାରେ ଖାଲି ସେତିକି ନୁହେଁ । ମୋର ସନ୍ଦେହ ପିଛିଲା ଋଣ ଯେତେ ତାକୁ ମଧ୍ୟ ତମେ ନଅ ଛଅ କରି ହିସାବ କରିଥିବ । ତା'ର ସଠିକ୍ ହିସାବ ନ ହେଲା ପର୍ଯ୍ୟନ୍ତ ଟଙ୍କା ପାଇବାକୁ ଆଶା ରଖିବନି । ସାହୁକାରେ ! ଅନ୍ୟାୟ କେବେବେଳେ ହେଲେ କରନି । କଥାରେ ଅଛି, ଅନ୍ୟାୟ ବିତ୍ତ ବଢ଼େ ବହୁତ, ଗଲା ବେଳେ ଯାଏ ମୂଳ ସହିତ ।

ଝିଅର ବାହାଘର ପାଖେଇ ଆସିବାରୁ ସେ ବଡ଼ସା ଗଡ଼ରେ ତା ମାମୁଁ ଘରେ ଗୁଆ ଦେବାକୁ ଗଲା । ନରସିଂହପୁର ଗଡ଼ରୁ ବସ୍‌ରେ ଚଢ଼ି କଣ୍ଡକ୍ଟରଙ୍କୁ ଦଶଟଙ୍କିଆ ନୋଟ୍ ଖଣ୍ଡିଏ ବଢ଼େଇ ଦେଲା । କଣ୍ଡକ୍ଟର କହିଲେ, ଟିକଟରେ ପଇସା ଲେଖି ଦେଇଛି, ଓହ୍ଲାଇବା ଜାଗାରେ ନେଇ ଯିବ । ବଡ଼ସା ନିକଟ ହେଇ ଆସିବାରୁ ପଞ୍ଚୁଆ ବସ୍‌ର ଦ୍ୱାର ପାଖକୁ ଆସି ଠିଆ ହେଲା । ବସ୍ ରହିବା ମାତ୍ରେ ଓହ୍ଲାଇ ପଡ଼ି କଣ୍ଡକ୍ଟରଙ୍କୁ ଟିକଟ ବଢ଼େଇ ଦେବାରୁ ସେ ଦୁଇଟଙ୍କା ଫେରାଇ ଦେଲେ । ସାଙ୍ଗେ ସାଙ୍ଗେ ଘଣ୍ଟି ବଜେଇ ଦେଲେ । ବସ୍ ଗଡ଼ିବାକୁ ଆରମ୍ଭ କରିବାରୁ ପଞ୍ଚୁଆ ହାତଟେକି ପାଟିକଲା । ଆଜ୍ଞା ମୋ ପଇସା ଭୁଲ ହୋଇ ଗଲା । ବସ୍ ରହିଲା ମାତ୍ରେ କହିଲା, ମୋର ଛଅଟଙ୍କା ପରିବର୍ତ୍ତେ ମତେ କ'ଣ ଦୁଇଟଙ୍କା ଦେଇଛନ୍ତି ? ଟିକଟରେ କ'ଣ ଲେଖିଛନ୍ତି ଦେଖିଲେ, ତମେ କେତେ ଦେଇଥିଲକି ? ଖଣ୍ଡେ ଦଶ ଟଙ୍କିଆ ନୋଟ୍ । କଣ୍ଡକ୍ଟର ନିଜ ଭୁଲ ବୁଝିପାରି ଆଉ ଚାରି ଟଙ୍କା ବଢ଼େଇ ଦେଲେ । ପଞ୍ଚୁଆ ମନ ଖୁସିରେ ମାମୁଁ ଘରେ ଗୁଆଦେଇ ଉପର ବେଳା ଘରକୁ ଫେରିଲା ।

ଝିଅର ବାହାଘର ନିକଟ ହେଇ ଆସିବାରୁ ଚିନି, ଗହମ, କିରୋସିନି ପାଇଁ ମୁଣ୍ଡ ଖେଳେଇଲା । କଣ୍ଟ୍ରୋଲ ଦୋକାନୀକୁ ପାଞ୍ଚକିଲୋ ଚିନି ପାଇଁ କହିବାରୁ ସେ କହିଲା, କେଉଁଠୁ ଆଣିବି ? ତୋର କାର୍ଡ଼ ଆଣି ତୋର ଯେତିକି ପ୍ରାପ୍ୟ ସେତିକି ନେଇ ଯା । ଆଜ୍ଞା, ତିନି କେଜି କ'ଣ ପାଇବ ? ଝିଅଟି ପରା ବାହା ହେବ ! ବେଶୀ ବକ୍ ବକ୍ ହୁଅନି. ତା' ଆରଦିନ ସକାଳୁ ପଞ୍ଚୁଆ କାର୍ଡ଼ ନେଇ ପହଞ୍ଚିଲା । କାର୍ଡ଼ପାଇ ସେଥିରେ ୩ କେଜି ଲେଖି ଦେଲା ଏବଂ ଖାତାରେ ୩ କେଜି ଲେଖି ତାକୁ ଟିପ ଦେବାକୁ କହିଲା । ନାଇଁ ବାବୁ, ମୁଁ ଦସ୍ତଖତ କରିବି । କଲମଟି ବଢ଼େଇ ଦେବାରୁ ପଞ୍ଚୁଆ ଦସ୍ତଖତ କଲା । ଦୋକାନୀ ଦେଖିଲା—ଇଏ ସେହି ଭଲା ପଞ୍ଚୁଆ ! ଥରେ ଦେଢ଼ କେଜି ଓ ଆଉ ଥରେ ଅଧ କେଜିଏ ଓଜନ କରି ଦେଇ ଦେଲା ଏବଂ ତିନି କେଜିର ପଇସା ନେଲା । ପଞ୍ଚୁଆ ଦେଖିଲା ଚିନି ୩ କିଲୋ ଆଖିକି ଦିଶୁନି, ଆଜ୍ଞା, ମତେ କେତେ ଦେଲେ କି ? ଯେତେ କେଜି ପାଇଁ ଦସ୍ତଖତ କଲୁ । ମୁଁ ତିନି କେଜି ପାଇଁ ଦସ୍ତଖତ କରିଛି । ଏତ ତିନି କେଜି ଚିନି ହେବନି ? ଲୋକମାନେ ଜମା ହୋଇଛନ୍ତି । ଜିଦ୍ ଧଇଲା ଆଉ ଥରେ ଓଜନ କରି ଦେଖେଇ ଦେବାକୁ ! ଲୋକମାନେ ମଧ୍ୟ ତାକୁ ସମର୍ଥନ ଜଣେଇଲେ । ଓଜନ କରି ଦେଖିଲା ବେଳକୁ ଚିନି ୨ କେଜି ହେଲା । ଲୋକମାନେ କଣ୍ଟ୍ରୋଲ ଦୋକାନୀର ଠକାମି ଜାଣିପାରି ବହୁ ସମାଲୋଚନା କଲେ । ପଞ୍ଚୁଆ କହିଲା, ଆଜ୍ଞା ! ଅଜ୍ଞାନ ଅନ୍ଧକାର ଘୁଞ୍ଚି ଯାଇଛି । ଆଉ ଆପଣମାନେ ଆମ୍ଭମାନଙ୍କ ଆଖିରେ ଧୂଳି ପକେଇ ପାରିବେନି । ଜାଣି ରଖନ୍ତୁ ସ୍ୱାଧୀନତା ପାଇଲା ଦିନ ଠାରୁ ଲୋକମାନଙ୍କ ଆଖି ଧୀରେ ଧୀରେ ଖୋଲି ଯାଉଛି । ଜନଶିକ୍ଷା ଯେଉଁ ଜାଗରଣ ଆଣିଛି ସେଥିରେ ନିରକ୍ଷରତାର ମୂଳୋତ୍ପାଟନ ହେଉଛି । ଜନଶିକ୍ଷା କ'ଣ କରୁଛି ଜାଣନ୍ତି—

ଯୋଜନା ଜନଶିକ୍ଷାର
କରୁଛି ସାକ୍ଷର ଯେତେ ନିରକ୍ଷର
ତଡ଼ି ଅଜ୍ଞାନ ଅନ୍ଧାର

---

ଅବସରପ୍ରାପ୍ତ ହେଲ୍ଥ ସୁପରିନ୍‌ଟେଣ୍ଡେଣ୍ଟ,
ହେମାଦେଈପୁର ଶାସନ, ନରସିଂହପୁର,
କଟକ, ପିନ୍—୭୫୪୦୩୨ ।

# ଆମ ହାତ କଥା କହେ

● ଶ୍ରୀ ଭିକାରୀ ଚରଣ ରଥ

ଉପରୋକ୍ତ ଶିରୋନାମାଟି ପଢ଼ି ଯେ କୌଣସି ଲୋକ ମନରେ କୌତୁହଳ ଜାତ ହେବା ସ୍ୱାଭାବିକ । ହାତ କଥା କହେ, କିପରି ? କାହାପାଇଁ ? କେଉଁ ସମୟରେ ? ବକ୍ତାର ଅଜାଣତରେ ହାତ ତା'ର କଥା କହି ଯାଉଛି । କିନ୍ତୁ ସେ ଜାଣି ପାରୁନାହିଁ । ଏ ପ୍ରସଙ୍ଗରେ ଏକ ଉଦାହରଣ ଦିଆଯାଇପାରେ । ତୁମେ କହିଲାବେଳେ ବକ୍ତାଙ୍କ ତର୍ଜନୀ ଶ୍ରୋତାଙ୍କ ଆଡ଼କୁ ଆପେ ଆପେ ଅଗ୍ରସର ହୋଇଥାଏ । ମୁଁ କହିଲା ବେଳେ ସେହି ତର୍ଜନୀର ଅଗ୍ରଭାଗ ନିଜର ବକ୍ଷ ଦେଶ ଆଡ଼େ ଆଗେଇ ଆସି କେତେବେଳେ ସ୍ପର୍ଶ କରି ଯାଏ । 'ଗୋଲ' ଏହି ଶବ୍ଦ ପ୍ରସଙ୍ଗ ସମେ ଉଚ୍ଚାରଣରେ ବକ୍ତାଙ୍କ ହାତର ପାପୁଲି ବର୍ତ୍ତୁଳାକାର ରୂପ ଧାରଣ କରେ । ଆଉ ଗୋଟିଏ ଶବ୍ଦ ଲମ୍ବା' ଉଚ୍ଚାରଣରେ ପାପୁଲି ପରସ୍ପରଠାରୁ ଦୂରେଇ ଯାଇ ଶୂନ୍ୟରେ ଏକ ଦୀର୍ଘତ୍ୱର ଚିହ୍ନ ଆଙ୍କେ । ବିଶେଷତଃ ଶ୍ରବଣ ଶକ୍ତି ସମ୍ପନ୍ନ ଲୋକମାନେ ପରସ୍ପର ମଧ୍ୟରେ ତର୍କ ବିତର୍କ ମଧ୍ୟରେ ଅଲକ୍ଷ୍ୟରେ ଏତେ ଠାର ବା ଇସାରା ବ୍ୟବହାର କରିଥାଆନ୍ତି ଯେ ତା'ର ହିସାବ କିଏ ରଖେ ? 'ହଁ' କହିଲେ ମୁଖମଣ୍ଡଳ ତଳ ଉପର ହେବା, 'ନାହିଁ' କହିଲେ ମୁଣ୍ଡକୁ ଯୋରରେ ହେଉ ନତୁବା ଆସ୍ତେ କରି ହେଉ ହଲେଇ ଦେବା, ଦୁଷ୍ଟ ପିଲାକୁ, "ରହ ତୋତେ ମାଡ଼ ଦେଉଛି ।" କହିଲାବେଳେ ତାଗିଦକାରୀଙ୍କ ହାତ ଚଟକଣା ଆକୃତି ଧାରଣ କରେ ନତୁବା ମୁଷ୍ଟିବଦ୍ଧ ହୋଇ ବିଧାମାରିବା ଆକୃତି ଧାରଣ କରେ ; ଇତ୍ୟାଦି ଭୂରି ଭୂରି ଉଦାହରଣ ଦିଆଯାଇପାରେ ।

ବଧିର ପିଲା ସହିତ କଥାବାର୍ତ୍ତା ବେଳେ ଏହି ଇଙ୍ଗିତ ବା ଇସାରା ବ୍ୟାପକ୍ ଆକାର ଧାରଣ କରେ । କେତେବେଳେ କେତେବେଳେ ଏହା ସ୍ୱତଃସ୍ଫୂର୍ତ୍ତ ଓ ଅନ୍ୟବେଳେ ଜାଣିଶୁଣି ପରିବେଶକୁ ଆଖି ଆଗରେ ରଖି ଏହି ଠାରଗୁଡ଼ିକର ଆକାର ଭିନ୍ନ ରୂପ ଧାରଣ କରେ । ବଧିର ପିଲାମାନଙ୍କ ସାକ୍ଷାତରେ ବିଭିନ୍ନ କଥାବାର୍ତ୍ତା ବେଳେ ଏହି ଠାର ବା ଇଙ୍ଗିତଗୁଡ଼ିକ ଅବଶ୍ୟ ଲକ୍ଷ୍ୟ କରିବାର କଥା । ଏଁ ସ୍ଥଳରେ ମୌଖିକ କଥାବାର୍ତ୍ତା ଗୌଣରୂପ ଧାରଣ କରେ ଯଦିଓ ମୁଖର ଅନୁରୂପ ଆକୃତିକୁ ଏଡ଼ାଇ ଦେଇ ହୁଏନା । ଏଠି ଆମର ହାତ କଥା କହେ' କହିଲେ ଅତ୍ୟୁକ୍ତି ହେବ ନାହିଁ । ବକ୍ତାଙ୍କ ହାତ କେତେବେଳେ ମସ୍ତକ ସହିତ କେତେବେଳେ ବକ୍ଷଦେଶ ସହିତ ନିର୍ଦ୍ଦେଶ କରି ଆଉ କେତେବେଳେ ଉଭୟ ହାତ ପରସ୍ପର ଲଗାଲଗି ଅଥବା ଛନ୍ଦୁଣିମନ୍ଦୁଣି ହୋଇ ଶ୍ରୋତା ବା ଦର୍ଶକମାନଙ୍କ ମନରେ ଏପରି ଭାବ ସୃଷ୍ଟି କରନ୍ତି ଯାହାର ଦର୍ଶନରେ ବଧିର ପିଲା ମନରେ ଫୁଟିଉଠେ ଅଭିନବ ଭାବାନ୍ତର ଏହି କଥୋପ କଥନରେ ରତ ଥିବା ସମୟରେ ମନରେ ସ୍ୱତଃ ଉକ୍ତିମାରେ ଭାଷା, ମୌଖିକ ହେଉ ନତୁବା ଠାର ବା ଇସାରା ହେଉ ଭାବ ପରିପ୍ରକାଶ ବା ଭାବ ଗ୍ରହଣର ଏକ ବଳିଷ୍ଠ ମାଧ୍ୟମ । ବଧିର ପିଲା ତାଳେ ତାଳେ ନଚ୍ଚଇଯାଏ ତା'ର ଦ୍ରୁତ କରାଙ୍ଗୁଳି, ମନର ଅକୁହା କଥା ତା'ର ସହଜରେ ଧରାପଡ଼ିଯାଏ । ବଧିର ପିଲାର ଏହି ହସ୍ତ କୌଶଳ ଦର୍ଶନରେ ମନରେ ସ୍ୱତଃ ଜାଗିଉଠେ ସାଧକ ଅଥବା ମନ୍ଦିର ପୂଜକଙ୍କ ଅଙ୍ଗନ୍ୟାସ ଅଥବା କରନ୍ୟାସ ଶୈଳୀ ହାସ୍ୟମୟୀ ଲାସ୍ୟମୟୀ ନର୍ତ୍ତକୀର ନୃତ୍ୟଭଙ୍ଗୀର ତାଳେତାଳେ ଚକ୍ଷୁର ଚଞ୍ଚଳତା ଆଙ୍ଗିକ ଅଭିବ୍ୟକ୍ତ କର, ଗ୍ରୀବା ବାହୁର ସଞ୍ଚାଳନରେ ଭାବୋଦ୍ଦୀପନା ଯେପରି ସୁସ୍ପଷ୍ଟ, ବଧିର ପିଲାଙ୍କ କଥୋପକଥନ ଦର୍ଶକ ମନରେ ସୃଷ୍ଟିକରେ ଯୁଗପତ୍ ବିସ୍ମୟ ଓ ଅଭିନବ ଭାବାନ୍ତର । ନିର୍ନିମେଷ ନୟନରେ ସତେ ଅବା ଦର୍ଶକ ଦେଖି ଚାଲିଥାଏ ଗୋଟିଏ ପରେ ଗୋଟିଏ ଅଭିନବ ମନୋରମ ନିର୍ବାକ ରଙ୍ଗରସ ଭରା ବିଚିତ୍ର ଠାଣିମାଣିରେ ।

ବର୍ତ୍ତମାନ ଆମର ଆଲୋଚନାର ବିଷୟ ହେଉଛି, ହାତ ଆମର କିପରି କଥା କହେ ? ଏହାକୁ ଆମେ ଅନେକ ପ୍ରକାର କହିପାରିବା । ପ୍ରଥମତଃ ମସ୍ତକ ସହଯୋଗ ରକ୍ଷାକରି ଆମର ଦ୍ରୁତ କରାଙ୍ଗୁଳି ସୃଷ୍ଟି କରିଯାଏ କେତେ ଠାର ବା ଇଙ୍ଗିତ । ଉଦାହରଣ ସ୍ୱରୂପ "ଜାଣେ ବା ଜାଣିବା ଏପରି ସ୍ଥଳେ ଦକ୍ଷିଣ ହସ୍ତର ତର୍ଜନୀ ବା ବିଶି ଆଙ୍ଗୁଠି ଦକ୍ଷିଣ କପାଳକୁ ସ୍ପର୍ଶ କରେ । ଦ୍ୱିତୀୟତଃ ବକ୍ଷଦେଶ ସହିତ ହାତ ବା କରାଙ୍ଗୁଳି ସଂଯୋଗ ସ୍ଥାପନ କରି କତିପୟ ଇଙ୍ଗିତ ବା ଠାର ସୃଷ୍ଟି ହୋଇଥାଏ । ଯଥାः– 'ମୋର' ଏହି ଶବ୍ଦ କହିଲା ବେଳେ ଆମ ଦକ୍ଷିଣ ହାତକୁ ମୁଷ୍ଟିବଦ୍ଧ କରି ସ୍ୱ–ବକ୍ଷ ଦେଶରେ ସ୍ପର୍ଶ କରିବାକୁ ହୋଇଥାଏ । ମୁଷ୍ଟିବଦ୍ଧ ହସ୍ତ ବ୍ୟକ୍ତ କରେ 'ମୋର' ଏହି ଇଙ୍ଗିତରେ ଅଧିକାରୀ ଭାବ । ତୃତୀୟତଃ ଉଭୟ ହାତ ଅଥବା କରାଙ୍ଗୁଳି ପରସ୍ପର ସଂଯୋଗ ରକ୍ଷା କରନ୍ତି ନତୁବା ସ୍ୱତନ୍ତ୍ର ଭାବରେ ଏକ ଆଙ୍ଗୁଠି ଦ୍ୱାରା ମଧ୍ୟ ଇଙ୍ଗିତର ସୁ–ଅଭିବ୍ୟକ୍ତି ଘଟିଥାଏ । ଉଦାହରଣ ସ୍ୱରୂପ, 'ଭଲ' କଥନରେ ହାତକୁ ମୁଠା କରି ବୁଢ଼ାଆଙ୍ଗୁଠି ଉପରକୁ




ଉଠେ । ଖରାପ କିମ୍ବା ଉଚ୍ଚାରଣରେ ମୁଷ୍ଟି ବନ୍ଦ ହାତର କନିଷ୍ଠ ଆଙ୍ଗୁଠି ବାହାରକୁ ଦେଖାଇବାକୁ ପଡ଼େ । ମୁଖରେ ଅନୁରୂପ ହର୍ଷ ଓ ବିଷାଦ ଭାବ ଫୁଟାଇ କଥକ ବା ଅଙ୍ଗ ସଞ୍ଚାଳନକାରୀ ସୃଷ୍ଟି କରେ ଇଙ୍ଗିତର ଜୀବନ୍ତ ପରିବେଶ । ଉପରେ ସାଧାରଣ ଠାର ସମ୍ପର୍କରେ କ୍ଷୀଣ ଆଲୋକପାତ କରାଗଲା ମାତ୍ର । ଏହିପରି ଅସଂଖ୍ୟ ଠାର ବିଭିନ୍ନ ଅଙ୍ଗ ସଞ୍ଚାଳନ ଦ୍ୱାରା ଯଥା:—ହସ୍ତ, ପଦ, ବାହୁ, ଗ୍ରୀବା, କପାଳ, କପୋଳ, ମସ୍ତକ, ନାସିକା ଓ ଜିହ୍ୱା ଇତ୍ୟାଦିଙ୍କ ସୁସଂହତ ସନ୍ଧୀକୃତ ସଞ୍ଚାଳନ ଦ୍ୱାରା ମୁଁ ଓ ମୋର ମଧ୍ୟରେ ଥିବା ପାର୍ଥକ୍ୟ ଏହି ଠାର ମାଧ୍ୟମରେ ତଥା ଭାବୋଦ୍ଦୀପକ ବିନ୍ୟାସ ମାଧ୍ୟମରେ କିପରି ସ୍ଥିରୀକୃତ ହୋଇଥାଏ ତାହା ଉପରେ ଉଦାହରଣ ଦେଇ ବର୍ଣ୍ଣନା କରାଯାଇଛି । ବ୍ୟାକରଣଗତ କେତେକ ବିଶେଷ୍ୟ ବିଶେଷଣ, ସର୍ବନାମ, ଅବ୍ୟୟ କ୍ରିୟା ନିମ୍ନରେ ରେଖାଚିତ୍ର ସାହାଯ୍ୟରେ ପ୍ରଦର୍ଶିତ ହେଲା ।

| 1 | 2 | 3 | 4 | 5 | 6 |
|---|---|---|---|---|---|
| ଭଲ | ଖରାପ | ମୋର | କଥଣ | ଶୋଇବା | ଟେଲିଫୋନ୍ |


ଉପରେ ଯେ କେତୋଟି ଠାର ବା ଇସାରାର ରେଖାଚିତ୍ର ପ୍ରଦତ୍ତ ହେଲା, ଏହିପରି ଭାବରେ ଅସଂଖ୍ୟ ରେଖାଚିତ୍ର ମଧ୍ୟ ଦିଆ

ଯାଇପାରେ । କେତେକ ସ୍ଥଳରେ ପରସ୍ପର ଇଙ୍ଗିତ ବା ଠାର ମାଧ୍ୟମରେ କଥାବାର୍ତ୍ତା ହେଉଥିବା ବାଳକ ବାଳିକାଙ୍କ ଫଟୋଚିତ୍ର ନେଇ ବିଭିନ୍ନ ଠାର ସମ୍ବନ୍ଧରେ ଏକ ମୋଟାମୋଟି ଧାରଣା କରାଯାଇପାରେ । ବିଭିନ୍ନ ପ୍ରକାର ଇଙ୍ଗିତ ଏବଂ ହସ୍ତକୃତ ବନାନର ଯଥୋଚିତ ସଜ୍ଜୀକରଣରେ ଖଣ୍ଡବାକ୍ୟ ବାକ୍ୟାଂଶ ଓ ପରିପୂର୍ଣ୍ଣ ବାକ୍ୟ ଗଠନରେ ସମୁଚିତ ପଦକ୍ଷେପ ନିଆ ଯାଇପାରେ ମଧ୍ୟ ।


ଆଉ କେତେକ ଶବ୍ଦ ଅଛି ଯାହାକୁ କି ଠାର ମାଧ୍ୟମରେ ବ୍ୟକ୍ତ କରିବା ଅତୀବ କଷ୍ଟ ସାଧ୍ୟ । ଏସ୍ଥଳରେ ବିଭିନ୍ନ ବ୍ୟକ୍ତିବାଚକ ଶବ୍ଦମାନଙ୍କର ଉଦାହରଣ ଦିଆ ଯାଇପାରେ । ରାମ, ଗୋପାଳ, ମଧୁ, ଅବଦୁଲ୍, ଜନ୍ ଇତ୍ୟାଦି, ଇତ୍ୟାଦି । ଭାରତ, ହିମାଳୟ, ଆଣ୍ଟିକ୍, ରବି ଇତ୍ୟାଦି ଠାର ମାଧ୍ୟମରେ ବ୍ୟକ୍ତ କରିବା ଏତେ ସହଜ ନୁହେଁ । ପୁଣି ବଧିରମାନଙ୍କ ମନରେ ଏହିଠାରେ କିପରି ଭାବରେ ରେଖାପାତ କରିବ ତାହା ମଧ୍ୟ କଳନା କରିବା ଅସମ୍ଭବ । ଏପରିସ୍ଥଳେ ଶିକ୍ଷାର୍ଥୀମାନଙ୍କୁ ଆଙ୍ଗୁଠି ମାଧ୍ୟମରେ କେତେକ ବନାନ ଅନୁଶୀଳନ କରିବାକୁ ପଡ଼ିବ । ଦୂରଦର୍ଶନରେ ଏହି ଠାର ଓ ଆଙ୍ଗୁଠି ଗୁଳନାକୁ ବ୍ୟବହାର କରି ସମ୍ବାଦ ବ୍ୟାଖ୍ୟାକାରୀଙ୍କ ଦ୍ୱାରା ଇଂରାଜୀ ସମ୍ବାଦ ପ୍ରସ୍ତୁତ କରାଯାଉଛି । ଲକ୍ଷ୍ୟ କଲେ ଦେଖାଯାଏ, ଭାରତ କହିଲା ବେଳେ ଇଙ୍ଗିତ କାରିଣୀ ଶୂନ୍ୟରେ ଭାରତର ମାନଚିତ୍ର ପ୍ରସଙ୍ଗକ୍ରମେ ଅଙ୍କନ କରୁଛନ୍ତି । ଯେଉଁମାନେ ଭାରତର ମାନଚିତ୍ର ସହ ସଂଶ୍ଳିଷ୍ଟ କିମ୍ବା ଭାରତର ମାନଚିତ୍ରକୁ ଯେ ପୁନଃପୁନଃ ଦେଖୁଛନ୍ତି ସେହି ଶ୍ରବଣ ଶକ୍ତି ବିହୀନ ଛାତ୍ର ଛାତ୍ରୀମାନେ ବୁଝିପାରିବେ କିନ୍ତୁ ଯେଉଁ ଛାତ୍ର ଛାତ୍ରୀମାନେ ଇଂଲଣ୍ଡ, ଆମେରିକା, ବ୍ରାଜିଲ୍, ଚିଲି ଇତ୍ୟାଦି ମାନଚିତ୍ର ଦର୍ଶନରେ ସୁଯୋଗ ପାଇନାହାନ୍ତି, ଉପରୋକ୍ତ ମାନଚିତ୍ରଗୁଡ଼ିକର ଶୂନ୍ୟାଙ୍କନ ବଧିରମାନଙ୍କ ମାନସିକ ପ୍ରତିଛାୟା ଗଠନ ଦିଗରେ ଯଥୋଚିତ ଭୂମିକା ନେଇ ପାରିବ କି ? ଏଠାରେ ଇସାରା ବଧିର ପକ୍ଷେ ମୂଲ୍ୟହୀନ ହୋଇଥାଏ । ଏପରି ସ୍ଥଳେ ଉପରୋକ୍ତ **Finger spelling**ରେ ମହତ୍ତ୍ୱ ଉପଲବ୍ଧି କରିହୁଏ । ଶିକ୍ଷାର୍ଥୀଙ୍କ ସାମାନ୍ୟ ଉଦ୍ୟମରେ ଏହି ପ୍ରକାର ସ୍ପେଲିଙ୍ଗ୍ ପ୍ରଣାଳୀ ଆୟତ୍ତ କରାଯାଇପାରେ । ହସ୍ତକୃତ ବନାନ୍ ପ୍ରଣାଳୀକୁ ଆୟତ୍ତ କରିବାକୁ ହେଲେ ଦୁଇହାତରେ ସୁଷ୍ଠ ବନାନ୍ ପ୍ରଣାଳୀ ଏବଂ ଏକହାତିଆ ବନାନ୍ ପ୍ରଣାଳୀ ମଧ୍ୟରେ ଥିବା ପାର୍ଥକ୍ୟ ଅନୁଧ୍ୟାନ କରିବାକୁ ପଡ଼ିବ । ଉଭୟ ଚିତ୍ର ନିମ୍ନରେ ପ୍ରଦତ୍ତ ହେଲା

## THE STANDARD MANUAL ALPHABET






**THE ONE-HANDED MANUAL ALPHABET**



ଉଭୟ ପ୍ରଣାଳୀ ବଧିର ଛାତ୍ରଛାତ୍ରୀମାନେ ଅନୁସରଣ କରିଥାନ୍ତି । ଦୁଇହାତ ଦ୍ୱାରା ସୃଷ୍ଟ ବନାନ୍ ପ୍ରଣାଳୀ ଅପେକ୍ଷାକୃତ ସହଜ ବୋଧଗମ୍ୟ ଓ ସୁସ୍ପଷ୍ଟ ମାସିକ ପ୍ରତିଛାୟା ଅଙ୍କନ କରିଥାଏ । ତେଣୁ ଏହା ବଧିର ସମାଜରେ ଓ ଜନସମାଜରେ ବିଶେଷ ଭାବରେ ଆଦୃତ । ଏକହାତିଆ ବନାନ୍ ପ୍ରଣାଳୀ ଏକ ସୁବିଧା ହେଉଛି, ଦୁଇଜଣ ସାଇକେଲ ଆରୋହୀ ବଧିର ଛାତ୍ର ଏହି ପ୍ରଣାଳୀ ଅନୁସରଣ କରିଥାନ୍ତି । ଗୋଟିଏ ହାତ କଥା କହୁଥିଲା ବେଳେ ଅପର ହସ୍ତଟି ସାଇକେଲ ହ୍ୟାଣ୍ଡିଲ୍ ଧରିବାରେ ନ୍ୟସ୍ତ ଥାଏ । ଯଦ୍ୱାରାକି ଏକ ହସ୍ତ ସାଇକେଲ୍ ହ୍ୟାଣ୍ଡିଲ ଛାଡ଼ିଦେଇ ଦୁର୍ଘଟଣାର ସମ୍ମୁଖୀନ ହେବାର ଅବକାଶ ନଥାଏ । ଏହି ଉଭୟ ପ୍ରଣାଳୀ ଅନୁସରଣ କରି ଶିକ୍ଷାର୍ଥୀ ଶିକ୍ଷାର୍ଥିନୀ ବିଭିନ୍ନ ଭାରତୀୟ ଭାଷା, ଯଥା– ଓଡ଼ିଆ, ହିନ୍ଦି, ବଙ୍ଗଳା ତାମିଲ ତେଲୁଗୁ ଇତ୍ୟାଦିର କଥୋପ କଥନ ସହ ବିଭିନ୍ନ ବୈଦେଶିକ ଭାଷା ଯଥା– ଇଂରାଜୀ, ଫରାସୀ, ଜର୍ମାନୀ ଡର୍ ଭାଷା ମଧ୍ୟ ଏହି କରାଙ୍ଗୁଳି ନ୍ୟସ୍ତ ଭାଷା ମାଧ୍ୟମରେ ଫୁଟାଇ ପାରିଥାନ୍ତି ।

ଭାଷା ଓ ଭାବର ଅଭିବ୍ୟକ୍ତି ବା ପରି ପ୍ରକାଶ ମୌଖିକ କିମ୍ବା ମୌଖିକହୀନ ହୋଇଥାଏ । ଶିକ୍ଷକ, ଅଭିଭାବକ, ସମାଜସେବୀ ଇତ୍ୟାଦି ବହୁ ବଧିର ହିତାକାଂକ୍ଷୀଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଯେଉଁ ବଧିର ପିଲା ମୌଖିକ କଥାବାର୍ତ୍ତାରେ ଆଶାନୁରୂପ ଉନ୍ନତି ଦେଖାଇ ପାରୁନାହିଁ ନତୁବା ବୋଧଗମ୍ୟ ଭାଷାରେ ସ୍ୱ–ମନୋଭାବ ବ୍ୟକ୍ତ କରିବାରେ ସତତ ବିଫଳ ସେ ସ୍ଥଳରେ ମୌଖିକହୀନ ଭାଷା ଯଥା ଠାର ବା ଇସାରା ଅଙ୍ଗୁଳି ସୃଷ୍ଟ ବନାନ୍ ଶିକ୍ଷା ଓଷ୍ଠ୍ୟ ପଠନ ବିଶେଷ ସହାୟକ ହୋଇଥାଏ । ଓଷ୍ଠ୍ୟ ପଠନ, ଇଙ୍ଗିତ ଓ ହସ୍ତକୃତ ବନାନ୍ ପ୍ରଣାଳୀ ତ୍ରିବେଣୀ ସଙ୍ଗମରେ ଭାଷା ଜାହ୍ନବୀ ଗତିକରେ ସ୍ୱଚ୍ଛନ୍ଦ ଗତିରେ । ବଧିର ପ୍ରାଣରେ ଦିଏ ଅପାର ପୁଲକ । ଭାବୋତ୍ପତ୍ତି, ଭାବଗ୍ରହଣ ଓ ଭାବର ପରିପ୍ରକାଶରେ ବଧିର ଛାତ୍ରର ମାନସିକ ପ୍ରତିଛାୟା ଗଠନରେ ଯେ ଉପରୋକ୍ତ ତ୍ରିବେଣୀ ଦୃଶ୍ୟ କଳାର ଭୂମିକା ଗଠନ କରେ ଏଥିରେ ସଂଶୟର ଲେଶମାତ୍ର ଅବକାଶ ନାହିଁ । ବଧିର ପ୍ରାଣରେ ଅଫୁରନ୍ତ ଆନନ୍ଦ ଦେବାପାଇଁ ଏବଂ ତାହାର ବିଭିନ୍ନ ମାନସିକ ଦ୍ୱନ୍ଦ୍ୱର ଅବସାନ ପାଇଁ ଆସନ୍ତୁ ଆମେ ସମସ୍ତେ ଏହି କରାଙ୍ଗୁଳି ନ୍ୟସ୍ତ କଥନ ଶୈଳୀ ଆୟତ୍ତ କରିବା ଏବଂ ବଧିର ପିଲା ସନ୍ଦର୍ଶନରେ ତା'ର ଅଭାବ ଅସୁବିଧା ମୋଚନ ଦିଗରେ ଆମର ହାତ ଅବଶ୍ୟ କଥା କହିବ ବଧିର ପିଲାର ହାତ ସହିତ ତାଳ ଦେଇ ଦେଇ, ଆମେ ହସିବୁ ହସାଇବୁ ।

---

ସରକାରୀ ଦୃଷ୍ଟିହୀନ ମହାବିଦ୍ୟାଳୟ,
ବୁର୍ଲା, ସମ୍ବଲପୁର ।




ରବୀନ୍ଦ୍ର ମଣ୍ଡପଠାରେ ଲୋକସଂସ୍କୃତି କେନ୍ଦ୍ର ଦ୍ୱାରା ଆୟୋଜିତ 'ଶିଶୁମେଳା–୯୨'ରେ ଶିକ୍ଷାମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ଉଦ୍‌ବୋଧନ ୧୪/୧୧ ।



ଭୀମଟାଙ୍ଗୀଠାରେ ଓଡ଼ିଶା ବିଦ୍ୟୁତ୍ ପରିଷଦ ଦ୍ୱାରା ପ୍ରତିଷ୍ଠିତ ୩୩/୧୧ କେ.ଭି. ୨×୮" ସବ୍-ଷ୍ଟେସନକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ୭/୧୧ ।



ଭୁବନେଶ୍ୱର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଥିବା ସହିଦ୍ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଗଣମାଲ୍ୟାର୍ପଣ (୨୨/୧୧) ।



ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଶ୍ରୀ ଭୈରୋନ ସିଂହ ସେଖାୱାତ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ତାଙ୍କ ସଚିବାଳୟସ୍ଥ ପ୍ରକୋଷ୍ଠରେ ଆଲୋଚନା କରୁଛନ୍ତି (୬/୨)।



ଭୁବନେଶ୍ୱର ରାଷ୍ଟ୍ରୀୟ ଲଳିତକଳାକେନ୍ଦ୍ରଠାରେ ସୁନନ୍ଦା ପାଠି ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ 'ଦି ନେସନ୍ ଏ ବି ସି ଶୋ-୯୨ ମୋ ଦେଶ ମୋ ଜନତା'କୁ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର ଉଦ୍‌ଘାଟନ କରୁଛନ୍ତି (୨୨/୧୨)।




ରବୀନ୍ଦ୍ର ମଣ୍ଡପଠାରେ କୁଆଁତାରା ଆନୁକୂଲ୍ୟରେ ଆୟୋଜିତ ଏକ ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଅଭିଭାଷଣ।




## ପାତାଳ ଗଙ୍ଗା ଧୌତ କରିଲା ଦାରିଦ୍ର୍ୟ ପାତକ

ଫୁଲବାଣୀ ଜିଲ୍ଲାର ବଉଦ ଉପଖଣ୍ଡ ଅନ୍ତର୍ଗତ ସଦର ବ୍ଲକ ତାଳସରଡ଼ା ଗ୍ରାମପଞ୍ଚାୟ୍‌ତ ମାଣେଶ୍ୱର ଗ୍ରାମରେ ସମାଜର ଦାରିଦ୍ର୍ୟ ସୀମାରେଖା ତଳେ ପଡ଼ି ପଡ଼ି ବହୁତ କଷ୍ଟରେ ଧୀବର ଜୀବନ ବିତାଇ ଆସୁଥିବା ୩୮ ବର୍ଷ ବୟସ ଘୁମ ନାୟକଙ୍କ ଜୀବନରେ ଯେଉଁ ସଫଳତା ଦେଖାଦେଇଛି ତାହା ବାସ୍ତବରେ କାହାଣୀ ମନେହେଲେ ମଧ୍ୟ ଏକ ସତ୍ୟତାର ପ୍ରତୀକ ହୋଇ ଉଠିଛି । ସମାଜର ଦରିଦ୍ରତମ ପରିବାରଙ୍କୁ ଆର୍ଥିକ ସ୍ତରରେ ଥଇଥାନ କରିବାରେ ଓଡ଼ିଶା ସରକାର ଦୃଢ଼ ପଦକ୍ଷେପ ଉଠାଇଛନ୍ତି । ଘୁମ ନାୟକ ଜମି ହୀନ ତଫସିଲଭୁକ୍ତ ପରିବାରର ଗୃହସ୍ୱାମୀ ଭାବେ ଇ: ଆର: ଆର: ପି: କାର୍ଯ୍ୟକ୍ରମରେ ୨-୫ ଏକର ଶୁଷ୍କ ଜମି, ହଳ, ବଳଦ ପାଇଥିଲେ । କ୍ରମଶଃ ଗୁଷ କାର୍ଯ୍ୟରେ ମନ ଲଗାଇଲେ । କିନ୍ତୁ ସ୍ୱର୍ଗ ଆଶ୍ରା ଜମି ଭାବେ ବର୍ଷା ଉପରେ ନିର୍ଭର କରିବାକୁ ପଡୁଥିଲା । ମହାନଦୀ ଅବବାହିକା ସମତଳ ଅନ୍ତର୍ଗତ ମାଣେଶ୍ୱର ଗ୍ରାମରେ ଘୁମ ନାୟକ ଜୀବନରେ ପରିବର୍ତ୍ତନ ଆସିଲା । ପୂର୍ବରୁ ମୁଢ଼ି, ଲିଆ, ଚଣା ଭାଜି ବିକ୍ରି କରି ଚଳୁଥାଏ । କ୍ରମଶଃ ସବୁଜ ରଙ୍ଗର ଶାଢ଼ୀରେ ନିଜର କ୍ଷେତକୁ ବର୍ଣ୍ଣତମାମ ଦେଖିବାକୁ ଘୁମ ନାୟକର ଇଚ୍ଛା ବଢ଼ିଲା ।

ଓଡ଼ିଶା ସରକାରଙ୍କ ଅଭ୍ୟୁଥାନ ମୂଳକ ପଦକ୍ଷେପରେ ଗାଁ ଗାଁରେ ବୈପ୍ଳବିକ ପରିବର୍ତ୍ତନ ଖବର ଚାଲୁଥାଏ । "ଜୀବନଧାରା" ଯୋଜନାରେ ମାଗଣାରେ ସେଚ କୂପ କରିବାକୁ ବ୍ଲକ୍ ଦ୍ୱାରା ସହାୟତା ମିଳୁଥିବା ଶୁଣିଲା । ଗ୍ରାମସେବକଙ୍କ ମାଧ୍ୟମରେ ବଉଦ ବି: ଡି: ଓ:ଙ୍କୁ ଦରଖାସ୍ତ ଲେଖିଲା । ନିଜ ଜମିରେ ଏକ ସେଚକୂପ ହୋଇ ପାରିଲେ ପନିପରିବା ସହ ଫସଲର ସ୍ୱପ୍ନ ସାର୍ଥକ ହେବା ଆଶାରେ ଘୁମ ନାୟକ ଆଶା ବାନ୍ଧି ବି: ଡି: ଓ:ଙ୍କ ନିକଟକୁ ଯାଇ କହିଲା । ଘୁମ ନାୟକ କହିବା ଅନୁଯାୟୀ "ଭଗୀରଥ ଭାଗିରଥୀଙ୍କୁ" ସ୍ୱର୍ଗରୁ ଆଣି ନିଜ ପୂର୍ବ ପୁରୁଷଙ୍କୁ ପାତକ ଅଭିଶାପରୁ ଉଦ୍ଧାର କରିପାରିଥିଲେ । ଗଙ୍ଗା ମାଟି ତଳେ ବହୁଛନ୍ତି । ତାହାଙ୍କ ପାଣିରେ ମୋ ଜମିକୁ ଚିରହରିତ୍ କରି ଏ ଦାରିଦ୍ର୍ୟ ଜୀବନରେ ସବୁଦିନିଆ ସରସ ଆଣିପାରିବି । ଦଳିତ, ପତିତ ତଥା ଦାରିଦ୍ର୍ୟ ଘେରରେ ପଛୁଆ ଜାତିକୁ ସମାଜର ଉପର ସ୍ତରକୁ ଆଣିବାକୁ ଓଡ଼ିଶା ସରକାରଙ୍କ ପ୍ରଗତିଶୀଳ କାର୍ଯ୍ୟକ୍ରମରେ ଘୁମ ନାୟକ ସୁଯୋଗ ପାଇଲା ୧୯୯୦-୯୧ରେ । ୨୦ ଫୁଟ ପ୍ରଶସ୍ତ ୩୦ ଫୁଟ ଗଭୀର ସେଚକୂପ ପଥର ସିମେଣ୍ଟରେ ଘୁମ ନାୟକ ଜମିରେ ଖୋଳାଗଲା । ୧୩ ହଜାର ଟଙ୍କା ବିନିଯୋଗରେ "ଜୀବନଧାରା" କାର୍ଯ୍ୟକ୍ରମରେ ଫୁଲବାଣୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅର୍ଥ ଲଗାଣରେ ଘୁମ ନାୟକ ଜମିରେ ପାତାଳ ଗଙ୍ଗା ବର୍ଷସାରା ଫୁଟି ଉଠିଲେ । ଟେଣ୍ଡା ଲଗାଇ ପାଣି ଉଠାଇବାର ବ୍ୟବସ୍ଥା କରିଛନ୍ତି । ଧାନ ଜମି ମଧ୍ୟରୁ କିଛି ଜମିରେ ପ୍ରାୟ ୨୦ରୁ ୨୫ ଡେସିମିଲ ଜମିରେ ୨୦୦ ମଞ୍ଜା ପୋଟଳ ଲଗାଇଛନ୍ତି । ଗତବର୍ଷ ପୋଟଳ ବିକ୍ରି କରି ଗୁରି ହଜାର ଟଙ୍କାରୁ ଅଧିକ ପାଇଥିବା ବେଳେ ଅନ୍ୟାନ୍ୟ ପନିପରିବା ବିକ୍ରି କରି ନିଜର ଆର୍ଥିକ ସ୍ଥିତିରେ ଅଧିକରୁ ଅଧିକ ସୁଧାର ଆଣି ପାରିଛନ୍ତି । ନିଜର ପୂର୍ବ ବୃତ୍ତି ମୁଢ଼ି, ଲିଆ ଭାଜି ବିକିବା ଚଳାଇଛନ୍ତି । କିଛି ଜମିରେ ଆଖୁ ଲଗାଇଛନ୍ତି । ସମ୍ପୂର୍ଣ୍ଣ ସହାୟତା ସରକାରଙ୍କଠାରୁ "ଜୀବନଧାରା" ଯୋଜନାରେ କୂଅ ପାଇଥିବାରୁ ପିଇବା ପାଇଁ ମଧ୍ୟ ଖରାଦିନେ ପାଣିର ଅଭାବ ରହୁନାହିଁ । ଯେ କୌଣସି ସମୟରେ ଗୋଟିଏ ପରେ ଗୋଟିଏ ଫସଲ ଲଗାଇବାକୁ "ଜୀବନଧାରା" ସେଚକୂପ ଘୁମ ନାୟକ ମନରେ ସାହସ, ବଳ ଆଣି ଦେଇଛି । ଆଜି ସେ ପରମ ଭାଗ୍ୟବାନ ମନେ କରୁଛି । ତା'ର ଦାରିଦ୍ର୍ୟ ପାତକ, ପଛୁଆ ଜାତି କଳଙ୍କକୁ ପାତାଳ ଗଙ୍ଗା ଫୁଟିଉଠି ଧୋଇନେଇ ଯାଇଛି ।

ଶ୍ରୀ ଦାମୋଦର ସାହୁ,
ଅନୁବିଭାଗୀୟ ସୂଚନା ଓ ଲୋକ ସମ୍ପର୍କ
ଅଧିକାରୀ, ବୌଦ୍ଧ, ଫୁଲବାଣୀ ।

# ସମ୍ବାଦ ପରିକ୍ରମା

## ରାଜ୍ୟରେ ନିର୍ମାଣ କାର୍ଯ୍ୟରେ କାଠ ବ୍ୟବହାର ନିଷିଦ୍ଧ ହେବ

ଆସନ୍ତା ଜାନୁଆରୀ ମାସଠାରୁ ରାଜ୍ୟରେ ନିର୍ମାଣ କାର୍ଯ୍ୟରେ କାଠର ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଓଡିଶା ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ମର୍ମରେ ଏକ ନିର୍ଦ୍ଦେଶନାମା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା, ଉନ୍ନୟନ କର୍ତ୍ତୃପକ୍ଷ, ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ, ଓ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାମାନଙ୍କୁ ପଠାଯାଇ ନିର୍ମାଣ କାର୍ଯ୍ୟରେ କାଠ ବ୍ୟବହାର ନକରି ବିକଳ୍ପ ବ୍ୟବସ୍ଥା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି ।

ଦେଶର କ୍ରମକ୍ଷୟିଷ୍ଣୁ ଜଙ୍ଗଲ ସମ୍ପଦ ଓ ପରିବେଶ ପ୍ରତି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ଭାରତ ସରକାର ଏପ୍ରିଲ ୧୯୯୩ ଠାରୁ କେନ୍ଦ୍ର ପୂର୍ତ୍ତ ବିଭାଗ ଦ୍ୱାରା ହାତକୁ ନିଆଯାଉଥିବା ନିର୍ମାଣ କାର୍ଯ୍ୟରେ କାଠର ବ୍ୟବହାରକୁ ନିଷିଦ୍ଧ କରିବା ପାଇଁ ଘୋଷଣା କରିଛନ୍ତି । କାଠ ବଦଳରେ ଅନ୍ୟାନ୍ୟ ବିକଳ୍ପ ପଦାର୍ଥ ଉପଯୋଗ କରି ଉତ୍ପାଦିତ ହେଉଥିବା ନିର୍ମାଣ ସାମଗ୍ରୀ ବଜାରରେ ମିଳୁଥିବାରୁ ଏଗୁଡିକର ବ୍ୟାପକ ବ୍ୟବହାର ଦ୍ୱାରା କାଷ୍ଠ ସାମଗ୍ରୀର ବ୍ୟବହାରକୁ ରୋକାଯାଇ ପାରିବ । ସରକାରୀ ସଂସ୍ଥା ଦ୍ୱାରା ଏହି ପଦ୍ଧତି ଅବଲମ୍ବନ କରାଗଲେ ଘରୋଇ ନିର୍ମାଣକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷ ମଧ୍ୟ ଏଥିପ୍ରତି ଆକୃଷ୍ଟ ହେବେ ବୋଲି ଆଶା କରାଯାଏ ।

## ବ୍ୟାସକବି ଫକୀର ମୋହନ ସ୍ମାରକୀ ଡାକ ଟିକଟ ପ୍ରକାଶନ ବିଚାରାଧୀନ

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଏକ ସ୍ମାରକୀ ଡାକ ଟିକଟ ପ୍ରକାଶ କରିବାକୁ ରାଜ୍ୟ କ୍ରୀଡା, ସଂସ୍କୃତି, ଯୁବସେବା ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଏକ ସ୍ୱତନ୍ତ୍ର ପତ୍ର ଲେଖି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ଉକ୍ତ ପତ୍ରର ଉତ୍ତରରେ କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାଜେଶ ପାଇଲଟ୍ ସୂଚାଇଛନ୍ତି ଯେ ଉକ୍ତ ସ୍ମାରକୀ ଡାକ ଟିକଟ ପ୍ରକାଶନ ନେଇ କେନ୍ଦ୍ର ସରକାର ବିଚାର କରୁଛନ୍ତି । ଏହା ପ୍ରକାଶ କରାଗଲେ, ଜାତୀୟ ସ୍ତରରେ ବ୍ୟାସକବି ଫକୀର ମୋହନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଇ ପାରିବ ।

## ଯାଜପୁର ଠାରେ ଲୋକ ଅଦାଲତ

ଚଳିତମାସ ୧ ତାରିଖରେ ଯାଜପୁର ସବ୍‌ଡିଭିଜନ ଆଇନ ଓ ପରାମର୍ଶ କମିଟି ତରଫରୁ ଯାଜପୁର ଅଦାଲତ ପରିସର ମଧ୍ୟରେ ଏକ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହି ଅଦାଲତରେ ମୋଟ ୪୫୧ ଗୋଟି ମୋକଦ୍ଦମା ଫଇସଲା କରାଯାଇ ଜୋରିମାନା ବାବଦରେ ୯,୨୭୩ ଟଙ୍କା ଆଦାୟ ହୋଇଥିଲା । ୧୧ ଗୋଟି ଦେୱାନୀ, ୬୩ ଗୋଟି ଫୌଜଦାରୀ ଏବଂ ୩୭୭ ଗୋଟି ରାଜସ୍ୱ ମୋକଦ୍ଦମା ଏହାର ଅନ୍ତର୍ଭୁକ୍ତ ।

ଏହି ଅଦାଲତରେ ଯାଜପୁରର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା କମିଟିର ଅଧ୍ୟକ୍ଷ, ସବ୍‌ଜଜ୍ ତଥା କମିଟିର ସଭ୍ୟ ସମ୍ପାଦକ, ଉପ ଜିଲ୍ଲାପାଳ, ଏସ୍ଃ ଡିଃ ଜେଃ ଏମ୍ଃ, ମୁନ୍‌ସିଫ୍, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍, ରାଜସ୍ୱ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲ୍‌ଦାର ଓ ଯାଜପୁରର ସମସ୍ତ ଆଇନଜୀବୀ ଉପସ୍ଥିତ ରହି ଏ ଲୋକ ଅଦାଲତ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିଥିଲେ ।

## ପରିବର୍ତ୍ତିତ ପେନ୍‌ସନ୍ ଫର୍ମ ସରକାରୀ ଛାପାଖାନାରୁ ମିଳିବ

ନୂତନ ପେନ୍‌ସନ୍ ନିୟମାବଳୀ ଅନୁସାରେ ଛାପାଯାଉଥିବା ପରିବର୍ତ୍ତିତ ଫାରମମାନ ବିଭିନ୍ନ ସରକାରୀ ଦପ୍ତରକୁ ଯୋଗାଇବା ପାଇଁ ଓଡିଶା ସରକାରୀ ଛାପାଖାନାରେ ମହଜୁଦ୍ ଅଛି । ଏ ସମ୍ପର୍କରେ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ଓ ପ୍ରକାଶନ, କଟକ ତାଙ୍କ ଚିଠିରେ ସମସ୍ତ ସରକାରୀ ଦପ୍ତର, ମୁଖ୍ୟ ଦପ୍ତର ଏବଂ ଜିଲ୍ଲାପାଳଙ୍କୁ ଜଣାଇଥିଲେ ଏବଂ ବାଣିଜ୍ୟ ବିଭାଗ ତରଫରୁ ମଧ୍ୟ ଦୈନିକ ଓଡ଼ିଆ ସମ୍ବାଦ ପତ୍ରରେ ପ୍ରକାଶ କରାଯାଇଥିଲା । ପୁନର୍ବାର ଇଣ୍ଡେଣ୍ଟିଂ ଅଫିସରମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି ସେମାନେ ପେନ୍‌ସନ୍ ଫାରମ ଇଣ୍ଡେଣ୍ଟ କରି ସରକାରୀ ଛାପାଖାନାରୁ ଶୀଘ୍ର ନେଇ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ପେନ୍‌ସନ୍ କାଗଜ ପ୍ରସ୍ତୁତ କରନ୍ତୁ ।

# ସମ୍ବଲପୁର ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ବିମର୍ଶ

**ସମ୍ବଲପୁର ଜିଲ୍ଲାକୁ ବଦଳି ହୋଇ ଏ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ** ଦେଇ ନଥିବା ଡାକ୍ତରମାନେ ନିଜ କାର୍ଯ୍ୟରେ ଯେପରି ଅବିଳମ୍ବେ ଯୋଗ ଦିଅନ୍ତି, ସେଥିପାଇଁ ବାଧ୍ୟ କରାଯିବାକୁ, ଡାକ୍ତର ପଦବୀଗୁଡ଼ିକୁ "ଆଡ଼ହକ" ଭିତ୍ତିରେ ନିଯୁକ୍ତି କରାଯାଇ ସେମାନଙ୍କୁ ଜିଲ୍ଲାରେ ଖାଲିଥିବା ଗ୍ରାମାଞ୍ଚଳ ଡାକ୍ତରଖାନାମାନଙ୍କୁ ପଠାଯିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବାକୁ ଏବଂ ଜିଲ୍ଲା ସଦର ମହକୁମାରେ ଥିବା "ଲିଭ୍ ରିଜର୍ଭ" ମହିଳା ଡାକ୍ତରମାନଙ୍କୁ ଆବଶ୍ୟକତା ଅନୁଯାୟୀ ସବଡିଭିଜନ ଏବଂ ସହରାଞ୍ଚଳ ଡାକ୍ତରଖାନାକୁ ଅସ୍ଥାୟୀ ଭାବେ ପଠାଯାଇ ସେ ସବୁ ଡାକ୍ତରଖାନାର ଡାକ୍ତର ଅଭାବ ଦୂର କରିବା ପାଇଁ, ଜଙ୍ଗଲ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ପରାମର୍ଶ ଦେଇଛନ୍ତି ।

ଭୁବନେଶ୍ୱର ବିଧାନସଭା କକ୍ଷରେ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଆଲୋଚନା କରିବା ପାଇଁ, ସମ୍ବଲପୁର ଜିଲ୍ଲା ଯୋଜନା ବୋର୍ଡ଼ର ଏକ ସ୍ୱତନ୍ତ୍ର ବୈଠକ ବୋର୍ଡ଼ର ଅଧ୍ୟକ୍ଷ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଯେଉଁ ଡାକ୍ତରମାନେ ସେ ଜିଲ୍ଲାକୁ ଯିବା ପାଇଁ ଆବେଦନ କରିଛନ୍ତି ଏବଂ ସେମାନଙ୍କର ଅନ୍ୟଠାରେ ୩ ବର୍ଷ କାର୍ଯ୍ୟକାଳ ପୂରିଯାଇଛି, ସେମାନଙ୍କୁ ସମ୍ବଲପୁର ଜିଲ୍ଲାକୁ ବଦଳି କରାଯିବାକୁ ବିଚାର କରାଯାଉ ବୋଲି ଶ୍ରୀ ବକ୍ସିପାତ୍ର ପରାମର୍ଶ ଦେଇଛନ୍ତି । ବିଭିନ୍ନ ଡାକ୍ତରଖାନାରେ ଖାଲିଥିବା ଡାକ୍ତର ଏବଂ ବୁର୍ଲା ମେଡ଼ିକାଲ କଲେଜରେ ଖାଲିଥିବା ଡାକ୍ତର ପଦବୀ ପୂରଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବାକୁ ଏବଂ ସେ ଦିଗରେ ନିଷ୍ଠା ଓ ଆନ୍ତରିକତା ସହକାରେ କାର୍ଯ୍ୟ କରିବାକୁ ସେ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି, ସେ କହିଛନ୍ତି ଯେ ଲୋକଙ୍କ ମନୋଭାବକୁ ସମ୍ମାନ ଦେଇ କାର୍ଯ୍ୟ କରିବାକୁ ହେବ ଏବଂ ସେ ଅଞ୍ଚଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳା ହୋଇଛି ବୋଲି ଯେପରି ଲୋକଙ୍କ ମଧ୍ୟରେ ଧାରଣା ସୃଷ୍ଟି ନହୁଏ ତାକୁ ଦୂର କରିବାକୁ ହେବ । ବିଶେଷଭାବେ ନିମନ୍ତ୍ରିତ ହୋଇ ଏହି ବୈଠକରେ ଯୋଗ ଦେଇଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା କହିଲେ ଯେ, କେବଳ ସମ୍ବଲପୁର ଜିଲ୍ଲାକୁ ବଦଳି ହୋଇ ଯାଉଥିବା ଡାକ୍ତରମାନେ ଯେ ଯାଉନାହାନ୍ତି, ତା ନୁହେଁ ଅନ୍ୟାନ୍ୟ ଜିଲ୍ଲାକୁ ବଦଳି ହୋଇଥିବା ଡାକ୍ତରମାନେ ମଧ୍ୟ ସେ ସବୁ ଜିଲ୍ଲାକୁ ନ ଯାଇ ଛୁଟିରେ ରହୁଛନ୍ତି, କିମ୍ବା କାର୍ଯ୍ୟରେ ଯୋଗ ଦେଇ ଛୁଟିରେ ଚାଲି ଆସୁଛନ୍ତି । ସମ୍ବଲପୁର ଜିଲ୍ଲାରେ ୬ ବର୍ଷ ପୂରଣ ହୋଇ ଅନ୍ୟତ୍ର ବଦଳି ହୋଇଥିବା ଡାକ୍ତରମାନେ ଯଦି ସମ୍ବଲପୁର ଜିଲ୍ଲାରେ ରହିବାକୁ ଚାହିଁବେ, ତେବେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ସେ ପ୍ରକାର ଡାକ୍ତରମାନଙ୍କୁ ରଖାଯିବାକୁ ବିଚାର କରାଯାଇପାରେ ବୋଲି ସେ ମତବ୍ୟକ୍ତ କରିଥିଲେ । ଆଡ଼ହକ ଭିତ୍ତିରେ ନିଯୁକ୍ତି ଦିଆଯାଉଥିବା ଡାକ୍ତରମାନେ ମଧ୍ୟ ନିଜ ଜିଲ୍ଲାର ଗ୍ରାମାଞ୍ଚଳକୁ ଯାଉନଥିବା ସେ ପ୍ରକାଶ କରିଥିଲେ । ଇଚ୍ଛୁକ ଓ କାର୍ଯ୍ୟକ୍ଷମ ଅବସରପ୍ରାପ୍ତ ଡାକ୍ତରମାନଙ୍କୁ ପୁନଃନିଯୁକ୍ତି ଦିଆଯାଇ ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ୍ୟ ଚିନ୍ତା କରାଯାଉଛି ବୋଲି ଆଲୋଚନା ବେଳେ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଲେ, ସମ୍ବଲପୁର ଜିଲ୍ଲାରୁ ଅନ୍ୟତ୍ର ବଦଳି ହେଉଥିବା ଡାକ୍ତରମାନଙ୍କୁ ରିଲିଭ୍ କରି ଦିଆଯାଉଥିବା ବେଳେ ଅନ୍ୟ ଜିଲ୍ଲାରୁ ସମ୍ବଲପୁର ଜିଲ୍ଲାକୁ ବଦଳି ହୋଇ ଆସୁଥିବା ଡାକ୍ତରମାନଙ୍କୁ ରିଲିଭ୍ କରାଯାଉନାହିଁ । ତେଣୁ ସମ୍ବଲପୁର ଜିଲ୍ଲାରୁ ବଦଳି ହେଉଥିବା ଡାକ୍ତରମାନଙ୍କୁ ସେମାନଙ୍କ ରିଲିଭର୍ ନଆସିବା ପର୍ଯ୍ୟନ୍ତ ରିଲିଭ୍ କରା ନଯିବାକୁ ଏବଂ ବଦଳି ହୋଇ ଛୁଟିରେ ଚାଲିଯାଉଥିବା ଡାକ୍ତରମାନଙ୍କୁ ସେମାନଙ୍କ ଅନୁପସ୍ଥିତି କାଳରେ ରିଲିଭ୍ କରି ଦିଆଯିବାକୁ ଆଦେଶ ଦେବାପାଇଁ ସେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଅଭିଯୋଗ କରିଥିଲେ ଯେ ୧୯୯୦—୯୧ ମସିହା ପାଇଁ ଜିଲ୍ଲା ଉନ୍ନୟନ ବୋର୍ଡ଼ ପକ୍ଷରୁ ସୁପାରିଶ କରାଯାଇଥିବା ୪ଟି ଅତିରିକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ସରକାର ୨ଟିର ସ୍ଥାନ ପରିବର୍ତ୍ତନ କରିଦେଇଛନ୍ତି ।

ସ୍ମୃ: କେ: ଏଜେନ୍ସି ପ୍ରୋଜେକ୍ଟ କର୍ତ୍ତୃପକ୍ଷ ସେମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ ପ୍ରତିନିଧିମାନଙ୍କୁ ଅବଗତ କରାଇ ନାହାନ୍ତି ।

ବୈଠକରେ ଉପସ୍ଥିତ ଝାରସୁଗୁଡ଼ା, ମେଲଛାମୁଣ୍ଡା, ବ୍ରଜରାଜନଗର, ଦେବଗଡ଼ ଆଦିର ବିଧାୟକମାନେ ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କ ନିର୍ବାଚନ ମଣ୍ଡଳୀରେ କେତେକ ସ୍ଥାନରେ ଡାକ୍ତର ନଥିବା ଦର୍ଶାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ପ୍ରାୟ ସମସ୍ତ ବିଧାୟକ, ଜିଲ୍ଲାପାଳ, ସ୍ୱାସ୍ଥ୍ୟ ବିଭାଗର ୩ ଜଣ ନିର୍ଦ୍ଦେଶକ, ବୁର୍ଲା ମେଡ଼ିକାଲ୍ କଲେଜର ଅଧ୍ୟକ୍ଷ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ, ଯୁଗ୍ମ ଏବଂ ଉପ ଶାସନ ସଚିବ, ସି.ଡି.ଏମ୍.ଓ. ପ୍ରମୁଖ ବହୁ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ରାଜ୍ୟରେ ୧୭ଟି ହୋମିଓପାଥିକ୍ ଡାକ୍ତର, ୨ଟି ଆୟୁର୍ବେଦିକ ଡାକ୍ତର, ୩୩ଟି ହୋମିଓପାଥିକ୍ ଡିଷ୍ଟ୍ରିବ୍ୟୁଟର ଏବଂ ୨୬ଟି ଆୟୁର୍ବେଦିକ ଡିଷ୍ଟ୍ରିବ୍ୟୁଟର ପଦବୀ ଖାଲି ରହିଥିବା ଏବଂ ଉଚ୍ଚ ନ୍ୟାୟାଳୟର ସ୍ଥଗିତାଦେଶ ଯୋଗୁଁ ଡାକ୍ତର ପଦବୀ ଦୀର୍ଘ ୨ବର୍ଷ ହେଲା ପୂରଣ ହୋଇପାରୁ ନଥିବା ସମୀକ୍ଷାରୁ ପ୍ରକାଶ । ସେହିପରି ବୁର୍ଲା ମେଡ଼ିକାଲ କଲେଜରେ ୪୬ ଗୋଟି ବିଭିନ୍ନ ସ୍ତରର ଡାକ୍ତରୀ ପଦବୀ ଖାଲି ରହିଥିବା ଏବଂ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଅବସ୍ଥାପିତ ହୋଇଥିଲେ ମଧ୍ୟ ଛୁଟିରେ ରହି କାର୍ଯ୍ୟରେ ଯୋଗ ଦେଇ ନଥିବା ଯୋଗୁ ପ୍ରାୟ ୩୯ ଗୋଟି ଡାକ୍ତର ପଦବୀ ଖାଲି ରହିଥିବା ଆଲୋଚନାରୁ ପ୍ରକାଶ ।

# ରାଜ୍ୟରେ କ୍ରୀଡ଼ାକୁ ଅଧିକ ସକ୍ରିୟ ଓ ଗତିଶୀଳ କରିବା ପାଇଁ ସରକାର ସମସ୍ତ ଉଦ୍ୟମ କରୁଛନ୍ତି

—ମନ୍ତ୍ରୀ ଶ୍ରୀ କର

ଓଡ଼ିଶାରେ ବିଭିନ୍ନ କ୍ରୀଡ଼ାକୁ ଅଧିକ ସକ୍ରିୟ ଓ ଗତିଶୀଳ କରିବା ପାଇଁ ରାଜ୍ୟ ସରକାର ଯେତେଶୀଘ୍ର ସମ୍ଭବ, ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ ଢାଞ୍ଚାରେ 'ସ୍ପୋର୍ଟସ୍ ଅଥରିଟି ଅଫ୍ ଓଡ଼ିଶା' ଗଠନ କରିବା ନିମନ୍ତେ ପରିକଳ୍ପନା କରିଛନ୍ତି ବୋଲି ସମ୍ପ୍ରତି ଓଡ଼ିଶା ନେଟ୍‌ବଲ ଅସୋସିଏସନ୍ ଦ୍ୱାରା ଏଠାରେ ଆୟୋଜିତ ଦୁଇଦିନିଆ ଚତୁର୍ଥ ନେଟ୍‌ବଲ ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟ କ୍ରୀଡ଼ା, ସଂସ୍କୃତି, ଯୁବସେବା ଏବଂ ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ପ୍ରକାଶ କରିଛନ୍ତି । ସେ ପୁଣି କହିଲେ ଯେ ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନକୁ ରାଜ୍ୟ ସରକାର କିଛି କିଛି ଆର୍ଥିକ ଅନୁଦାନ ଯୋଗାଇ ଉତ୍ସାହିତ କରିଥାନ୍ତି । କେନ୍ଦ୍ର ସରକାରଙ୍କଠାରୁ ଏହି ବାବଦରେ ଯେଉଁ ପରିମାଣ ଅନୁଦାନ ଆମ ରାଜ୍ୟ ପାଇଥାଏ, ତାହା ଯଥେଷ୍ଟ ହୋଇ ନଥିବା ଦୃଷ୍ଟିରୁ ପର୍ଯ୍ୟାପ୍ତ ପରିମାଣ ଅର୍ଥ କ୍ରୀଡ଼ା ଅନୁଷ୍ଠାନଗୁଡ଼ିକୁ ଯୋଗାଇ ଦେବା ସମ୍ଭବପର ହୋଇପାରେନି । ଅତଏବ୍ କ୍ରୀଡ଼ାର ବିକାଶ ନିମନ୍ତେ କେବଳ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ନହୋଇ ଏଥିନିମନ୍ତେ ରାଜ୍ୟବାସୀଙ୍କ ପୃଷ୍ଠପୋଷକତାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ କର ମତବ୍ୟକ୍ତ କରିଥିଲେ । ତେବେ ଅର୍ଥବଳ ଦ୍ୱାରା କ୍ରୀଡ଼ାର ମାନ ଯେ କେବଳ ସମ୍ଭବ, ଏହି ଧାରଣା ମନରୁ ଦୂର କରି କ୍ରୀଡ଼ାବିତ୍‌ମାନେ ବରାବର ଖେଳର ଅଭ୍ୟାସକୁ ବଜାୟ ରଖିବା ଉପରେ ମନ୍ତ୍ରୀ ଶ୍ରୀ କର ଗୁରୁତ୍ୱ ଆରୋପ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ କର ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପୁରୁଷ ବିଭାଗର 'କଟକ ପିଃଟିଃ ଉଷା 'କ' କୁ ଚମ୍ପିୟାନ୍ ଏବଂ ପିଃଟିଃ ଉଷା 'ଖ' କୁ ରନର୍ସ ଅପ୍ ନିମନ୍ତେ ଯଥାକ୍ରମେ ସିଲ୍‌ଡ ଓ କପ୍ ପ୍ରଦାନ କରିଥିବା ବେଳେ ମହିଳା ବିଭାଗର ରାଉରକେଲା ଦଳ ଚମ୍ପିୟାନ୍ ଓ କଟକ ପିଃଟିଃ ଉଷା ରନର୍ସ ଅପ୍ ହୋଇ ଯଥାକ୍ରମେ ସିଲ୍‌ଡ଼ ଓ କପ୍ ଗ୍ରହଣ କରିଥିଲେ ।

ଏହି ଉତ୍ସବରେ ମୁଖ୍ୟ ବକ୍ତା ରୂପେ ଭୁବନେଶ୍ୱର ବ୍ଲକ୍ ଚେୟାରମ୍ୟାନ୍ ଶ୍ରୀ ଦୁଃଶାସନ ସ୍ୱାଇଁ ଯୋଗ ଦେଇ କହିଲେ ଯେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଶୃଙ୍ଖଳିତ ଭାବେ କ୍ରୀଡ଼ା ଅଭ୍ୟାସ କରି କ୍ରୀଡ଼ାର ମାନ ବୃଦ୍ଧି ପାଇଁ ଉଦ୍ୟମ କରିବା ଉଚିତ । ରାଜ୍ୟରେ କ୍ରୀଡ଼ା କ୍ଷେତ୍ରରେ ଯେଉଁ ଭିତ୍ତିଭୂମିର ଅଭାବ ରହିଛି, ତାକୁ ସରକାର ପୂରଣ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଭାରତୀୟ ନେଟ୍‌ବଲ ଆସୋସିଏସନ୍‌ର ସମ୍ପାଦକ ଶ୍ରୀ ପ୍ରଦୀପ କୁମାର ବାନାର୍ଜୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଦେଶରେ ଅନ୍ୟାନ୍ୟ ଖେଳଗୁଡ଼ିକର ଯେଉଁଳି ପ୍ରସାର ଘଟୁଛି, ସେହିଭଳି ନେଟ୍‌ବଲର ମଧ୍ୟ ପ୍ରସାର ପାଇଁ ଉଦ୍ୟମ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଓଡ଼ିଶା ନେଟ୍‌ବଲ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଶ୍ରୀ ପ୍ରମୋଦ କିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସନ୍ତୋଷ ରାୟ, ପୂର୍ଣ୍ଣ ମହାନ୍ତି ଓ ପ୍ରମୋଦ ସାହୁ ପ୍ରମୁଖ ଭାଷଣ ଦେଇଥିଲେ । ପୂର୍ବରୁ ଶ୍ରୀ ସର୍ବେଶ୍ୱର ବର୍ଦ୍ଧନ ସ୍ୱାଗତ ଭାଷଣ ଏବଂ ଶ୍ରୀ ପ୍ରସନ୍ନ ମିଶ୍ର ବିବରଣୀ ପ୍ରଦାନ କରିଥିଲେ । ଶେଷରେ ଆସୋସିଏସନ୍‌ର ଉପ ସଭାପତି ଶ୍ରୀ ପଦ୍ୟୁମ୍ନ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂଚନାଯୋଗ୍ୟ ଯେ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଗତ ଶନିବାର ଦିନ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ ।

# ଶିମୁଳିଆଠାରେ ନୂତନ ସୂଚନା କେନ୍ଦ୍ର ଓ ପାଠାଗାର ମନ୍ତ୍ରୀ ଶ୍ରୀ କରଙ୍କ ଦ୍ୱାରା ଉଦ୍‌ଘାଟିତ

ସମ୍ପ୍ରତି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଶିମୁଳିଆଠାରେ କ୍ରୀଡ଼ା, ସଂସ୍କୃତି, ଯୁବସେବା ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଦଶମ ବ୍ଲକ୍‌ସ୍ତରୀୟ ସୂଚନା କେନ୍ଦ୍ର ଓ ପାଠାଗାରକୁ ଉଦ୍‌ଘାଟନ କରିଛନ୍ତି । ଏହା ଉଦ୍‌ଘାଟିତ ହେବା ଫଳରେ ବାଲେଶ୍ୱର ଜିଲ୍ଲାର ସୂଚନା କେନ୍ଦ୍ର ଓ ପାଠାଗାର ସଂଖ୍ୟା ଗୁରିକୁ ବୃଦ୍ଧି ପାଇଛି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ କର ଉଦ୍‌ବୋଧନ ଦେଇ କହିଲେ ଯେ ସରକାର ପାଠାଗାର ଆନ୍ଦୋଳନକୁ ବ୍ୟାପକ କରିବା ସାଙ୍ଗକୁ ପାଠକମାନଙ୍କୁ ପାଠାଗାର ସେବା ଯୋଗାଇ ଦେବା ନିମନ୍ତେ ବ୍ଲକ୍ ସ୍ତରରେ ସୂଚନା କେନ୍ଦ୍ର ଓ ପାଠାଗାର ସ୍ଥାପନ କାର୍ଯ୍ୟକ୍ରମକୁ ଅବ୍ୟାହତ ରଖିଛନ୍ତି । ଗତ ଆର୍ଥିକ ବର୍ଷଠାରୁ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇ ଦଶମ ବ୍ଲକ୍‌ସ୍ତରୀୟ ସୂଚନା କେନ୍ଦ୍ରକୁ ଆଜି ଏଠାରେ ସ୍ଥାପନ କରାଯାଇ ପାରିଛି ବୋଲି ସୂଚାଇ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏଭଳି ଆଉ ଦଶଟି ବ୍ଲକ୍‌ସ୍ତରୀୟ ସୂଚନା କେନ୍ଦ୍ର ସ୍ଥାପନର କାର୍ଯ୍ୟକ୍ରମ ରହିଥିବା ମନ୍ତ୍ରୀ ଶ୍ରୀ କର ପ୍ରକାଶ କରିଥିଲେ ।

ରାଜ୍ୟରେ ପାଠାଗାର ସେବାର ସୁବିଧା ସୃଷ୍ଟି ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅଦ୍ୟାବଧି କଟକ ଜିଲ୍ଲାରେ ନଅଟି, ପୁରୀରେ ଗୁରୋଟି, ବାଲେଶ୍ୱରରେ ଗୁରୋଟି, ସମ୍ବଲପୁରରେ ଆଠଟି, ଢେଙ୍କାନାଳରେ ନଅଟି, ସୁନ୍ଦରଗଡ଼ରେ ତିନୋଟି, ବଲାଙ୍ଗୀରରେ ପାଞ୍ଚୋଟି, କେନ୍ଦୁଝରରେ ତିନୋଟି, କୋରାପୁଟରେ ଛଅଟି ଏବଂ ଫୁଲବାଣୀ ଜିଲ୍ଲାରେ ଗୁରୋଟି କରି ସୂଚନା କେନ୍ଦ୍ର ଓ ପାଠାଗାର ସ୍ଥାପିତ ହୋଇଥିବା ବେଳେ ସଂସ୍କୃତି ବିଭାଗ ଦ୍ୱାରା ରାଜ୍ୟରେ ମୋଟ୍ ୨୭ଟି ଲାଇବ୍ରେରୀ ପ୍ରତିଷ୍ଠା କରାଯାଇଥିବା ମନ୍ତ୍ରୀ ଶ୍ରୀ କର ସୂଚାଇଥିଲେ । ସେ ପୁଣି କହିଲେ ଯେ ସଂସ୍କୃତି ବିଭାଗ ଦ୍ୱାରା ଗ୍ରାମାଞ୍ଚଳ ପାଠାଗାରଗୁଡ଼ିକୁ ବହି ଓ ଆର୍ଥିକ ସାହାଯ୍ୟ ଦିଆଯାଇ ଉତ୍ସାହିତ କରାଯାଉଛି । ଏ ବାବଦରେ ପୂର୍ବ ବର୍ଷମାନଙ୍କରେ ୧୪ ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା ଥିବା ସ୍ଥଳେ ଚଳିତ ଆର୍ଥିକ ବର୍ଷ ଏହାକୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାର ଅର୍ଦ୍ଧେକ ମୂଲ୍ୟର ବହି 'ରାଜା ରାମ ମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍' ଯୋଗାଇ ଦେବେ ବୋଲି ଶ୍ରୀ କର ପ୍ରକାଶ କରିଥିଲେ । ସଂସ୍କୃତି ବିଭାଗ ଅଧୀନସ୍ଥ ଓ ଗ୍ରାଣ୍ଟ ପ୍ରାପ୍ତ

ରାଜ୍ୟର ଲାଇବ୍ରେରୀଗୁଡ଼ିକ ଏକ ନିର୍ଦ୍ଦେଶାଳୟ ଅଧୀନରେ ପ୍ରବନ୍ଧାପିତ କରାଯିବା ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶକ ପଦବୀ ମଧ୍ୟ ସୃଷ୍ଟି କରାଯାଇଥିବା ସେ ପ୍ରକାଶ କରିଥିଲେ ।

ଏହି ସମସ୍ତ କାର୍ଯ୍ୟକ୍ରମ ପାଇଁକୁ ରାଜ୍ୟ ସରକାର ବିଭିନ୍ନ ଯୋଜନାମାନ ପ୍ରଣୟନ କରି ରାସ୍ତାଘାଟ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଇତ୍ୟାଦି କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ କର କହିଥିଲେ । ଏହା ବ୍ୟତୀତ ସରକାର ଗୋପାଳପୁରଠାରେ ଏକ ଇସ୍ପାତ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି । ଫଳରେ ରାଜ୍ୟର ଅନେକ ବେକାର ଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ସରକାରଙ୍କ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ଜନସାଧାରଣ ନିଜକୁ ଜଡ଼ିତ କରିବା ସଙ୍ଗେ ସଙ୍ଗେ ତା'ର ସୁଫଳ ଯେପରି ଉପଭୋଗ କରିପାରନ୍ତି, ସେ ନେଇ ସଚେତନ ହେବା ନିମନ୍ତେ ମନ୍ତ୍ରୀ ଶ୍ରୀ କର ଆହ୍ୱାନ ଦେଇଥିଲେ ।

ଶିମୁଳିଆ ବିଧାୟକ ଶ୍ରୀ ପର୍ଶୁରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସି.ଆର୍. ପାଲ୍ ଏବଂ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେ... ଶ୍ରୀ କାଳୀ କୁମାର ରଥ ପ୍ରମୁଖ ଉଦ୍‌ବୋଧନ ଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣକର ଗ୍ରାମାଭିମୁଖୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କର ସହଯୋଗ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ ।

## ସାମ୍ବାଦିକର ଲେଖନୀ ଅବରୁଦ୍ଧ ହେଲେ ସମାଜର ପ୍ରଗତି ବାଧାପ୍ରାପ୍ତ ହେବ

ସତ୍ୟାନ୍ୱେଷୀ ସାମ୍ବାଦିକର ଲେଖନୀକୁ ଅବରୁଦ୍ଧ କରିଦେଲେ ...ମାଜର ପ୍ରଗତି ବାଧାପ୍ରାପ୍ତ ହେବ ବୋଲି ରାଜ୍ୟପାଳ ...ୀ ଯଜ୍ଞଦତ୍ତ ଶର୍ମା ସାବଧାନ କରାଇ ଦେଇଛନ୍ତି ।

ଭୁବନେଶ୍ୱରର ସୂଚନା ଭବନଠାରେ ଦୁଇଦିନ ବ୍ୟାପୀ ...ୟୋଜିତ ଭାରତୀୟ ସାମ୍ବାଦିକ ୟୁନିୟନ (ଆଇ.ଜେ.ୟୁ)ର ଷଷ୍ଠ ...ୀୟ ସମ୍ମିଳନୀରେ ମାନ୍ୟବର ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ...ଗ ଦେଇଥିଲେ । ସମ୍ବାଦପତ୍ର ଏବଂ ସାମ୍ବାଦିକଙ୍କୁ ଗଣତନ୍ତ୍ରର ...ତ ପ୍ରହରୀ ବୋଲି ବର୍ଣ୍ଣନା କରି ସ୍ୱାଧୀନ ଓ ସୁସ୍ଥ ପତ୍ରକାରିତା ...ତାନ୍ତ୍ରିକ ଶାସନ ବ୍ୟବସ୍ଥାର ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି ...ର୍ମା କହିଥିଲେ । ସୁସ୍ଥ ଜନମତର ଅଭିବୃଦ୍ଧିରେ ସାହାଯ୍ୟ ...ା ଏବଂ ଏହାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ...ାରର ଗୁରୁଦାୟିତ୍ୱ ବୋଲି ସେ ପରାମର୍ଶ ଦେଇଥିଲେ । ...ନ ବିରୋଧୀ ଶକ୍ତିର ଅନ୍ୟାୟ, ଅତ୍ୟାଚାରର ଓ ଦୁର୍ନୀତି ...ରେ ଲେଖନୀ ଚାଳନାକରି ସମାଜର ଦୃଷ୍ଟି ଆକର୍ଷଣ ...ବଳେ ସମସ୍ତ ସମୟରେ ସେମାନଙ୍କ ଜୀବନ ବିପଦ ସଙ୍କୁଳ ...ପଡ଼େ ବୋଲି ଶ୍ରୀ ଶର୍ମା ସ୍ମରଣ ଦେଇଥିଲେ । ...ଙ୍କର ସୁରକ୍ଷାକୁ ସମାଜ ଓ ଦେଶର ସୁରକ୍ଷା ବୋଲି ଅଭିହିତ ...କି ସୁସ୍ଥ ଭୟଶୂନ୍ୟ ବାତାବରଣ ସାମ୍ବାଦିକତାକୁ ଉତ୍କର୍ଷର ଉଚ୍ଚ ...ୁ ନେଇ ଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।

ମାନ୍ୟବର ରାଜ୍ୟପାଳ ପତ୍ରକାରିତା ଭଳି ପବିତ୍ର ଓ ମହା... ଜୀବିକାଧାରୀ ସାମ୍ବାଦିକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣା... ସ୍ୱତନ୍ତ୍ରତା ସେନାନୀଙ୍କ ଦ୍ୱାରା ବହୁକଷ୍ଟଲବ୍ଧ ସ୍ୱାଧୀନତାର ଦେଶ... ପ୍ରକୃତ ଦରିଦ୍ରନାରାୟଣଙ୍କ ନିକଟରେ ପହଞ୍ଚାଇବା ଏବଂ ଦୁଃଖୀ, ପୀଡ଼ିତର ପୀଡ଼ାକୁ ଉପଶମ ପାଇଁ ସଂଗ୍ରାମ ଅବ୍ୟାହତ ରଖିବାକୁ ପରାମର୍ଶ ଦେଇଥିଲେ ।

କ୍ରୀଡ଼ା ଓ ଯୁବକଲ୍ୟାଣ କେନ୍ଦ୍ର ମନ୍ତ୍ରୀ କୁମାରୀ ମମତା ବାନାର୍ଜୀ ଏହି ସମ୍ମିଳନୀରେ ଯୋଗଦେଇ ଶ୍ରମଜୀବୀ ପତ୍ରକାରମାନଙ୍କୁ ଗୁରୁଦାୟିତ୍ୱ ସମ୍ବନ୍ଧରେ ସୂଚନା ଦେଇ କହିଥିଲେ ଯେ ସେମାନଙ୍କୁ କଠିନ ପରିସ୍ଥିତିରେ ଓ ଦାରିଦ୍ର୍ୟର କଷାଘାତ ମଧ୍ୟରେ ଅହରହ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିଥାଏ । ସେମାନଙ୍କ ନ୍ୟାଯ୍ୟ ଦାବୀ ପ୍ରତି ତାଙ୍କର ପୂର୍ଣ୍ଣ ସମର୍ଥନ ପ୍ରକାଶ କରି ମନ୍ତ୍ରୀ କୁମାରୀ ବାନାର୍ଜୀ ଏ ଦିଗରେ ସେ ପାରୁପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ଆଶ୍ୱାସନା ଦେଇଥିଲେ ।

ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରି ବରିଷ୍ଠ ସାମ୍ବାଦିକ ଶ୍ରୀ ରାମହରି ମିଶ୍ର, ଶ୍ରୀ ପ୍ରଭାତ କୁମାର ତ୍ରିପାଠୀ, ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ଏବଂ ଧରିତ୍ରୀ ସମ୍ପାଦକ ଶ୍ରୀ ତଥାଗତ ଶତପଥୀ ସେମାନଙ୍କର ପରାମର୍ଶଗୁଡ଼ିକ ପ୍ରଦାନ କରିଥିଲେ । ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାମ୍ବାଦିକ ପ୍ରତିନିଧିଗଣ ବହୁସଂଖ୍ୟାରେ ଉପସ୍ଥିତ ଥିଲେ ।

ଭାରତୀୟ ସାମ୍ବାଦିକ ୟୁନିୟନର ଅଧ୍ୟକ୍ଷ ଶ୍ରୀ ସୁରେଶ ଆଖୁରୀ ଏହି ସମ୍ମେଳନୀରେ ସଭାପତିତ୍ୱ କରିଥିଲେ ।

## ଜିଲ୍ଲାପାଳମାନେ ରାଜନୀତିକ ଗ୍ରୁପର ଊର୍ଦ୍ଧ୍ୱରେ ରହି ନିରପେକ୍ଷ ଭାବେ କାର୍ଯ୍ୟ କରନ୍ତୁ

—ମୁଖ୍ୟମନ୍ତ୍ରୀ

ଜିଲ୍ଲାପାଳମାନେ କୌଣସି ପ୍ରକାରର ରାଜନୀତିକ ଗ୍ରୁପ ବା ବାଧ୍ୟବାଧକତାର ବଶବର୍ତ୍ତୀ ନହୋଇ ନିଷ୍ଠାପର ଓ ନିରପେକ୍ଷ ଭାବେ ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ମୋଚନ କରିବା ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି ।

ସମ୍ପ୍ରତି ରାଜ୍ୟର ଜିଲ୍ଲାପାଳମାନଙ୍କର ଏକ ଦିନିକିଆ ସମ୍ମିଳନୀ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏବେ ରାଜ୍ୟ ସରକାର ୫ଟି ନୂଆ ଜିଲ୍ଲା ସୃଷ୍ଟି କରିଛନ୍ତି ଏବଂ ନିକଟ ଭବିଷ୍ୟତରେ ଜିଲ୍ଲା ସଂଖ୍ୟା ଆହୁରି ବୃଦ୍ଧି ପାଇବ । ତେଣୁ ଜିଲ୍ଲାପାଳମାନେ ଜନସାଧାରଣଙ୍କ ନିକଟତର ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭାବ ଅସୁବିଧା ଓ ସମସ୍ୟାଗୁଡ଼ିକ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଠିକ୍ ରୂପେ ଅବହିତ ରଖିପାରିବେ ।

ମୁଖ୍ୟମନ୍ତ୍ରୀ ତାଙ୍କର ଉଦ୍‌ଘାଟନୀ ଅଭିଭାଷଣରେ କହିଲେ ଯେ, ପଞ୍ଚାୟତିରାଜ ଓ ନଗରପାଳିକା ବ୍ୟବସ୍ଥା ମାଧ୍ୟମରେ ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟକ୍ରମ ରୂପାୟନ ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ କରିବା ସଙ୍ଗେ ସଙ୍ଗେ ମହିଳାମାନଙ୍କୁ ଦିଆଯାଇଥିବା ସୁବିଧାସୁଯୋଗ ଦ୍ୱାରା ସେମାନେ ସମାଜ ଗଠନ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିପାରିବେ ।

ସମ୍ମିଳନୀରେ ଆଲୋଚନା କରାଯାଉଥିବା ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା : ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ **ଅତ୍ୟାବଶ୍ୟକ** ସାମଗ୍ରୀ ବଣ୍ଟନ, ଜନସଂଖ୍ୟା ନିୟନ୍ତ୍ରଣ, ଭୂମି ଓ ଘରବାଡ଼ି ବିହୀନ ଲୋକମାନଙ୍କ ଭିତରେ ସରକାରୀ ବଳକା ଜମି ବଣ୍ଟନ ଓ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ । ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ସେ କହିଲେ ଯେ, ଦୁର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଧିକରୁ ଅଧିକ ସୁଲଭମୂଲ୍ୟ ଦୋକାନ ଖୋଲିବା ଉପରେ ଆଗ୍ରହ ପ୍ରକାଶ ପାଉଛି । ମାତ୍ର କେବଳ ଅଧିକ ଦୋକାନ ଖୋଲିବା ଦ୍ୱାରା ସମସ୍ୟା ସୁଧୁରିବ ନାହିଁ । ଗରିବ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ସେମାନଙ୍କ ପାଖରେ ଠିକ୍‌ରୂପେ ପହଞ୍ଚି ପାରୁନାହିଁ । କଳାବଜାରୀ, ମୁନାଫାଖୋର ଓ ଟାଉଟରମାନଙ୍କ ଦ୍ୱାରା ତାହା ବାଟମାରଣା ହେଉଛି । ମାତ୍ର ଏସବୁ ଖବରମାନ ଜିଲ୍ଲାପାଳଙ୍କ ପାଖରେ କିପରି ପହଞ୍ଚି ପାରୁନାହିଁ ବୋଲି ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ଜିଲ୍ଲାପାଳମାନେ ନିଜେ ଗ୍ରାମାଞ୍ଚଳକୁ ଯାଇ ଲୋକମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରନ୍ତୁ ଓ ସୁଲଭ ମୂଲ୍ୟ ଦୋକାନଗୁଡ଼ିକୁ ତନଖି କରନ୍ତୁ । କେବଳ ଅଧସ୍ତନ କର୍ମଚାରୀମାନଙ୍କ କଥାରେ ପରିଚାଳିତ ହେବାଦ୍ୱାରା ସମାଜର ଦୁର୍ବଳ ଶ୍ରେଣୀର ଲୋକେ, କୃଷି ଶ୍ରମିକ, ଦିନମଜୁରିଆ ଓ ଛୋଟ ଛୋଟ କାରିଗର ଭଳି ଲୋକେ ଏହି ସୁବିଧାରୁ ବଞ୍ଚିତ ହେବେ । ସେ କହିଥିଲେ ଯେ, ପ୍ରତି ଜିଲ୍ଲାରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁ-ପୁଙ୍ଖ ଖବର ସଂଗ୍ରହ କରିବା ଦିଗରେ ଚିନ୍ତା କରାଯିବା ଉଚିତ୍ ।

ଦେଶର କ୍ରମ ବର୍ଦ୍ଧମାନ ଜନସଂଖ୍ୟା ବୃଦ୍ଧି ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସ୍ୱାଧୀନତା ପାଇଲାବେଳେ ଆମର ଜନସଂଖ୍ୟା ୩୪ କୋଟି ଥିଲା ବେଳେ ତାହା ଏବେ ୮୪ କୋଟିରୁ ଟପି ଗଲାଣି । ଏହାର କୁପ୍ରଭାବ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳମାନେ ନେତୃତ୍ୱ ନେବା ଦରକାର । ଏ ଦିଗରେ ନିଷ୍ଠାପର ଭାବରେ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ସବୁ ପ୍ରକାରର ସାହାଯ୍ୟ ସହଯୋଗ ଦିଆଯିବା ଉଚିତ୍, କିନ୍ତୁ ଯେଉଁ ସ୍ୱେଚ୍ଛାସେବୀ ସଙ୍ଗଠନର କାର୍ଯ୍ୟକ୍ରମ ଖରାପ ବା ସନ୍ଦେହଜନକ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ।

ଭୂମିହୀନ ଓ ଘରବାଡ଼ି ନଥିବା ଗରିବଲୋକଙ୍କୁ ସରକାରୀ ଜମି ବଣ୍ଟନ ସାଙ୍ଗକୁ ଭୂସଂସ୍କାର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଓ ହରିଜନ ଆଦିବାସୀମାନଙ୍କ ଜମିଜମା ସେମାନଙ୍କୁ ଫେରାଇଦେବା ଉପରେ ଜିଲ୍ଲାପାଳମାନେ ଦକ୍ଷତାର ସହ କାର୍ଯ୍ୟ କରିବାପାଇଁ ସେ ପରାମର୍ଶ ଦେଇଥିଲେ ।

ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ସେ କହିଥିଲେ ଯେ, ମୋଟାମୋଟି ଭାବରେ ରାଜ୍ୟରେ ଶାନ୍ତି ବଜାୟ ରହିଥିଲା ବେଳେ ଅଳ୍ପ କେତେକ ସ୍ଥାନରେ ସାମ୍ପ୍ରଦାୟିକ ଅସଦ୍‌ଭାବ, ବଧୂନିର୍ଯ୍ୟାତନା ଓ ଅନ୍ୟାନ୍ୟ ଅପରାଧ ବୃଦ୍ଧି ପାଉଥିବା ଉଦ୍‌ବେଗଜନକ । ବିଶେଷ ଭାବରେ ନାରୀ ନିର୍ଯ୍ୟାତନା ଓ ବଧୂ ହତ୍ୟା ସମ୍ପର୍କରେ ଗଭୀର କ୍ଷୋଭ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଲର୍ଡ ବେଣ୍ଟିଙ୍କଙ୍କ ଭଳି ଜଣେ ବ୍ରିଟିଶ୍ ପ୍ରଶାସକ ସତୀପ୍ରଥା ଭଳି ଜଘନ୍ୟ କୁସଂସ୍କାରକୁ ମୂଳପୋଛ କରିପାରିଥିବା ବେଳେ ଆମଦେଶର ଉଚ୍ଚ ଶିକ୍ଷିତ ଯୁବକମାନଙ୍କର ଯୌତୁକ ବିଷୟରେ ରୁଗ୍‌ଣ ମାନସିକତା ବାସ୍ତବିକ ବେଦନାଦାୟକ । ଅପରାଧ ନିୟନ୍ତ୍ରଣ କରିବାରେ ଓ ଅପରାଧୀମାନଙ୍କୁ କଠୋର ଶାସ୍ତି ଦିଆଯିବା ଉପରେ ରାଜ୍ୟ ପୋଲିସ ବାହିନୀ ଜାଗ୍ରତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ । ଜିଲ୍ଲାପାଳ ସମ୍ମିଳନୀ ବର୍ଷରେ ଅନ୍ତତଃପକ୍ଷେ ୩ଥର ଆହୂତ ହେବ ବୋଲି ସେ ପ୍ରକାଶ କରିଥିଲେ ।

ଏହି ଜିଲ୍ଲାପାଳ ସମ୍ମିଳନୀରେ ୧୩ଟି ଜିଲ୍ଲାର ଜିଲ୍ଲାପାଳ, ରାଜସ୍ୱ ଆୟୁକ୍ତ, ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଫିସର ଓ ଶାସନ ସଚିବବୃନ୍ଦ, ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

## ଉତ୍ତମ ଆଇନ ଶିକ୍ଷାଦାନ ବିନା ଆଇନ ବ୍ୟବସ୍ଥା ସୁସଙ୍ଗଠିତ ହୋଇ ପାରିବ ନାହିଁ

—ଆଇନ ମନ୍ତ୍ରୀ

ଗତ ଅକ୍ଟୋବର ୧୭ ଏବଂ ୧୮ ତାରିଖ ଦୁଇଦିନ ଧରି ବାଙ୍ଗାଲୋର ଓ ମହୀଶୂରଠାରେ ଯଥାକ୍ରମେ ସର୍ବଭାରତୀୟ ଆଇନମନ୍ତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏହି ସମ୍ମିଳନୀରେ ଆଇନ ମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର ଯୋଗ ଦେଇ ଥିଲେ । ଏହାଛଡ଼ା ୧୬ ତାରିଖ ଦିନ ବାଙ୍ଗାଲୋରଠାରେ ଆଇନ ସଚିବମାନଙ୍କର ଏକ ସର୍ବଭାରତୀୟ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଆଇନମନ୍ତ୍ରୀମାନଙ୍କ ସମ୍ମିଳନୀରେ ମୁଖ୍ୟତଃ ବକେୟା ମୋକଦ୍ଦମାଗୁଡ଼ିକର ଆଶୁ ଫଇସଲା ଲାଗି ଜଷ୍ଟିସ୍ ମାଲିମ୍‌ଥ୍ କମିଟି ଦେଇଥିବା ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉକ୍ତ ସମିତିର ପ୍ରସ୍ତାବଗୁଡ଼ିକୁ ସମସ୍ତ ରାଜ୍ୟ ଗ୍ରହଣ କରିଥିଲେ ଏବଂ ଏହା କାର୍ଯ୍ୟକାରୀ କରିବାଲାଗି ଆବଶ୍ୟକ ପଡ଼ିଲେ ସମ୍ବିଧାନ ଓ ଦେୱାନୀ କାର୍ଯ୍ୟବିଧି ଆଇନରେ ସଂଶୋଧନ ଆଣିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ମାଲିମ୍‌ଥ୍ କମିଟିର ପ୍ରସ୍ତାବକୁ ସ୍ୱାଗତ ଜଣାଇ ଆଇନମନ୍ତ୍ରୀ ଶ୍ରୀ ମିଶ୍ର କହିଲେ ଯେ, ସ୍ୱାଧୀନତା ପରବର୍ତ୍ତୀ କାଳରୁ ମୋକଦ୍ଦମା ଫଇସଲାରେ ଅତ୍ୟଧିକ ବିଳମ୍ବ ଘଟିବା ଏକ ବିରାଚରିତ ଘଟଣା । ଯାହାଫଳରେ ସାଧାରଣତଃ ଜନସାଧାରଣଙ୍କର ଆଇନବ୍ୟବସ୍ଥା ଉପରୁ ଆସ୍ଥା ଲୋପ ପାଉଥିବା ଉପରେ । ତେଣୁ ବିଚାର ବିଭାଗକୁ ନିଜକୁ ଆତ୍ମଭାଜନ କରିବାଲାଗି ଉତ୍ତରଦାୟୀ ମନୋଭାବ ପୋଷଣ କରିବାଲାଗି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ । ଆଇନ ଶିକ୍ଷା ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରି ଆଇନମନ୍ତ୍ରୀ କହିଲେ ଯେ, ଉତ୍ତମ ଆଇନଶିକ୍ଷା ବିନା ଉତ୍ତମ ଆଇନଜୀବୀ ଓ ଦକ୍ଷ ବିଚାରପତି ସୃଷ୍ଟି ହେବା ଅସମ୍ଭବ । ମକଦ୍ଦମାଗୁଡ଼ିକର ଆଶୁ ବିଚାର ଲାଗି ମାଲିମ୍‌ଥ୍ କମିଟି ଦେଇଥିବା ପ୍ରସ୍ତାବ ସମ୍ପର୍କରେ ଆଲୋକପାତ କରି ଆଇନ ମନ୍ତ୍ରୀ କହିଲେ ଯେ, ଏଥିଲାଗି ନୂତନ କୋର୍ଟ ଗଠନ ନିମନ୍ତେ କେନ୍ଦ୍ର ସରକାର ଶତକଡ଼ା ୫୦ ଭାଗ ଖର୍ଚ୍ଚ ବହନ କରିବାକୁ ରାଜି ହୋଇଥିଲେ ହେଁ ରାଜ୍ୟଗୁଡ଼ିକର ଆର୍ଥିକ ଦୁରାବସ୍ଥା ହେତୁ କେନ୍ଦ୍ର ସରକାର ନୂତନ କୋର୍ଟ ପ୍ରତିଷ୍ଠା ଲାଗି ସମସ୍ତ ଖର୍ଚ୍ଚ ଓ ରିକରିଂ ବ୍ୟୟର ଶତକଡ଼ା ୫୦ ଭାଗ କେନ୍ଦ୍ର ସରକାର ବହନ କରିବାକୁ ମତ ପ୍ରକାଶ କରିଥିଲେ ।

# ନଭେମ୍ବର ମାସର ମୁଖ୍ୟ ସମ୍ବାଦ

୧-୧୧-୧୯୯୭ ଶକ୍ତି ମନ୍ତ୍ରୀ **ଶ୍ରୀ କାଳିନ୍ଦୀ ଚରଣ ବେହେରାଙ୍କ** ଦ୍ୱାରା ପୁରୀ ଜିଲ୍ଲା **ଗଣିଆଠାରେ** ୩୩/୧୧ କେଭି କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ସବ୍‌ଷ୍ଟେସନ ଉଦ୍‌ଘାଟନ ।

୨-୧୧-୧୯୯୭ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ **ଶ୍ରୀ ପ୍ରସନ୍ନ ପାଟଶାଣୀଙ୍କ** ଦ୍ୱାରା ଭୁବନେଶ୍ୱର ହୋଟେଲ୍ ଯଜାତିଠାରେ **ଆଦିବାସୀ ହସ୍ତଶିଳ୍ପ ମେଳା** ଉଦ୍‌ଘାଟନ ।

୩-୧୧-୧୯୯୭ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ **ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ**, ପେନ୍‌ସନ୍ ଓ ସାଧାରଣ ଅଭିଯୋଗ ମନ୍ତ୍ରୀ **ଶ୍ରୀ ପ୍ରସନ୍ନ ପାଟଶାଣୀ** ଏବଂ ରେଶମ ମନ୍ତ୍ରୀ **ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ** ପୌରୋହିତ୍ୟରେ ଭୁବନେଶ୍ୱର ସୂଚନା ଭବନଠାରେ **ଶହୀଦ୍ ଜୟୀ ରାଜଗୁରୁଙ୍କ** ରାଜ୍ୟ **ସ୍ତରୀୟ ଜୟନ୍ତୀ** ଉତ୍ସବ ପ୍ରଥମ ଥର ପାଇଁ ପାଳନ ।

୪-୧୧-୧୯୯୭ ସଂସ୍କୃତି ବିଭାଗ ପକ୍ଷରୁ ଛତ୍ରପୁରଠାରେ ଦଶଦିନିଆ ଜିଲ୍ଲାସ୍ତରୀୟ **ସାଂସ୍କୃତିକ ପ୍ରତିଯୋଗିତା** ଉଦ୍‌ଘାଟନ ।

୬-୧୧-୧୯୯୭ କୃଷି ମନ୍ତ୍ରୀ **ଜଗନ୍ନାଥ ମଲ୍ଲିକଙ୍କ** ସଭାପତିତ୍ୱରେ କେନ୍ଦ୍ର କୃଷି ମନ୍ତ୍ରୀ **କାହ୍ନୁ ଚରଣ ଲେଙ୍କାଙ୍କ** ଦ୍ୱାରା ଭୁବନେଶ୍ୱରଠାରେ **ଆଞ୍ଚଳିକ ଉଦ୍ୟାନ ଗବେଷଣା କେନ୍ଦ୍ର** ଉଦ୍‌ଘାଟନ ।

୭-୧୧-୧୯୯୭ ମୁଖ୍ୟ ମନ୍ତ୍ରୀ **ଶ୍ରୀ ବିଜୁ ପଟ୍ଟନାୟକଙ୍କ** ଦ୍ୱାରା ଭୁବନେଶ୍ୱର **ଭୀମଟାଙ୍ଗୀ** କେପିଟାଲ୍ ହସ୍ପିଟାଲଠାରେ ବିଦ୍ୟୁତ୍ ବିଭାଗର ଏକ ସବ୍‌ଷ୍ଟେସନ ଉଦ୍‌ଘାଟନ ।

ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ **ଶ୍ରୀ ଯାଦବ ମାଝିଙ୍କ** ଦ୍ୱାରା ଗଞ୍ଜାମ ଜିଲ୍ଲା ଗୋଳନ୍ଥରାଠାରେ ଆଞ୍ଚଳିକ **ବାଳିକା ମଧ୍ୟ ଇଂରାଜୀ ବିଦ୍ୟାଳୟ** ଗୃହ ଉଦ୍‌ଘାଟନ ।

୯-୧୧-୧୯୯୭ ଶ୍ରମ ରାଷ୍ଟ୍ରମନ୍ତ୍ରୀ **ଶ୍ରୀ ପ୍ରଫୁଲ୍ଲ ସାମଲଙ୍କ** ଦ୍ୱାରା କଟକ ଜିଲ୍ଲା **ଅଠଗଡ଼ାହାଟଠାରେ** ଏକ ନୂତନ ପ୍ରାଥମିକ **ସ୍ୱାସ୍ଥ୍ୟ କେନ୍ଦ୍ର** ଉଦ୍‌ଘାଟନ ।

୧୦-୧୧-୧୯୯୭ ମୁଖ୍ୟମନ୍ତ୍ରୀ **ଶ୍ରୀ ବିଜୁ ପଟ୍ଟନାୟକଙ୍କ** ଦ୍ୱାରା ପାରାଦ୍ୱୀପଠାରେ **କଳିଙ୍ଗ ବାଲି ଯାତ୍ରା-୧୯୯୭** ଉଦ୍‌ଘାଟନ ।

୧୧-୧୧-୧୯୯୭ **ବାଲିଦ୍ୱୀପ** ଅଭିମୁଖେ ଯାତ୍ରା କରୁଥିବା ଜାହାଜ ଆଇ.ଏନ୍.ଏସ୍. ସମୁଦ୍ରକୁ **ଗୋପାଳପୁର ବନ୍ଦରଠାରେ** ପଦାର୍ପଣ ।

୧୩-୧୧-୧୯୯୭ ଯୋଜନା ଓ ସମନ୍ୱୟ ମନ୍ତ୍ରୀ **ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କ** ଦ୍ୱାରା କଟକ ଜିଲ୍ଲା **ଅନ୍ତୁରପାଟଣା** କଲେଜର ଭୂମି ପୂଜା ଉତ୍ସବ ।

୧୪-୧୧-୧୯୯୭ ରାଜ୍ୟ କୃଷି ମନ୍ତ୍ରୀ **ଶ୍ରୀ ଜଗନ୍ନାଥ ମଲ୍ଲିକଙ୍କ** ସଭାପତିତ୍ୱରେ କେନ୍ଦ୍ର କୃଷି ମନ୍ତ୍ରୀ **ଶ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ** ଦ୍ୱାରା କଟକ ସନ୍ତପୁରଠାରେ **କୃଷି ବିଜ୍ଞାନ କେନ୍ଦ୍ରର** ଭିତ୍ତି ପ୍ରସ୍ତର ସ୍ଥାପନ ।

୧୫-୧୧-୧୯୯୭ ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀର **ବାହାଦା** ଗ୍ରାମ ପଞ୍ଚାୟତଠାରେ ରାଜ୍ୟ ପରିବହନ ମନ୍ତ୍ରୀ **ଶ୍ରୀ ଭାଗବତ ବେହେରାଙ୍କ** ଦ୍ୱାରା **କୁଡ଼ିଆ** ସେତୁ ଉଦ୍‌ଘାଟନ ।

୧୬-୧୧-୧୯୯୭ ଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ **ଶ୍ରୀ ଶରତ କୁମାର କରଙ୍କ** ଦ୍ୱାରା **ଓଡ଼ିଶା ଉତ୍ସବ** ଉଦ୍‌ଘାଟନ ।

୧୭-୧୧-୧୯୯୭ ମାନ୍ୟବର ପୂର୍ତ୍ତ ଓ ନଗର ଉନ୍ନୟନ ମନ୍ତ୍ରୀ **ଶ୍ରୀ ନଳିନୀକାନ୍ତ ମହାନ୍ତିଙ୍କ** ଦ୍ୱାରା **ଉମରକୋଟ** ବିଜ୍ଞାପିତ ଅଞ୍ଚଳ ପରିଷଦର **ପାନୀୟ ଜଳ ଯୋଗାଣ** ଯୋଜନାର ଭୂମି ପୂଜା ।

୧୮-୧୧-୧୯୯୭ ଜଳ ସେଚନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ **ଶ୍ରୀ ବିଜୟ ମହାପାତ୍ରଙ୍କ** ଦ୍ୱାରା ଢେଙ୍କାନାଳ ଜିଲ୍ଲା **ନୂଆଗଡ଼ଠାରେ ସାପୁଆ-କଦଯୋର** ମଧ୍ୟମ ଜଳସେଚନ ଯୋଜନାର ଭୂମି ପୂଜା । ପଞ୍ଚାୟତି ରାଜ ମନ୍ତ୍ରୀ **ଶଙ୍କର ଦାମୋଦର** ରାଉତଙ୍କ ଦ୍ୱାରା ଏରସମା ବ୍ଲକ **ବାଲିତୁଠ ଗାଡ଼ଖୋଲା** ପୋଲର ଭୂମି ପୂଜା ।

୧୯-୧୧-୧୯୯୭ ମୁଖ୍ୟମନ୍ତ୍ରୀ **ଶ୍ରୀ ବିଜୁ ପଟ୍ଟନାୟକଙ୍କ** ସଭାପତିତ୍ୱରେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ **ଶ୍ରୀ ଅଜିତ୍ କୁମାର ପାଞ୍ଜାଙ୍କ** ଦ୍ୱାରା ଭୁବନେଶ୍ୱରଠାରେ **ଅତ୍ୟାଧୁନିକ ଦୂର ଦର୍ଶନ କେନ୍ଦ୍ର** ଉଦ୍‌ଘାଟନ ।

ମୁଖ୍ୟମନ୍ତ୍ରୀ **ଶ୍ରୀ ବିଜୁ ପଟ୍ଟନାୟକଙ୍କ** ଦ୍ୱାରା ପୁରୀ କୁମାର ଉତ୍ସବ ସମିତିର **ରୌପ୍ୟ ଜୟନ୍ତୀ ସ୍ମରଣିକା** ଉନ୍ମୋଚନ ।

୨୦-୧୧-୧୯୯୭ ମୁଖ୍ୟମନ୍ତ୍ରୀ **ଶ୍ରୀ ବିଜୁ ପଟ୍ଟନାୟକଙ୍କ** ଦ୍ୱାରା ପୁରୀ କୁମାର ଉତ୍ସବ ସମିତିର ରୌପ୍ୟ ଜୟନ୍ତୀ ସ୍ମରଣିକା ଉନ୍ମୋଚନ ।

୨୨-୧୧-୧୯୯୭ ଭୁବନେଶ୍ୱର ସୂଚନା ଭବନଠାରେ ଅନୁଷ୍ଠିତ **ଶହୀଦ୍ ଲକ୍ଷ୍ମଣ ନାୟକଙ୍କ** ଜୟନ୍ତୀ ଉତ୍ସବରେ ରାଜ୍ୟପାଳ **ଶ୍ରୀଯୁକ୍ତ ସୀ.ରଙ୍ଗରାଜନ ଶର୍ମାଙ୍କ** ଦ୍ୱାରା ଇତିହାସ ଅଧ୍ୟାପକ **ଡଃ ନିହାର ରଞ୍ଜନ** ପଟ୍ଟନାୟକଙ୍କ ଲିଖିତ **"ଲକ୍ଷ୍ମଣ ନାୟକ ଏ ଷ୍ଟଡ଼ି ଇନ୍ ଟ୍ରାଇବାଲ୍ ଏସାର୍ଟିଅଭିଜମ୍"** ଇଂରାଜୀ ପୁସ୍ତକ ଉନ୍ମୋଚିତ ।

୨୩-୧୧-୧୯୯୭ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ **ସୟଦ୍ ମୁସ୍ତାଫିଜ୍ ଅହମଦ୍‌ଙ୍କ** ଦ୍ୱାରା ଭୁବନେଶ୍ୱର ଅଶୋକା ମାର୍କେଟ୍‌ଠାରେ ଓ.ଡି.ଏମ୍. ଶୋରୁମ୍ ଉଦ୍‌ଘାଟନ ।

୨୪-୧୧-୧୯୯୭ ପର୍ଯ୍ୟଟନ ମନ୍ତ୍ରୀ **ଶ୍ରୀ ଅନଙ୍ଗ ଉଦୟ ସିଂହଦେଓ**, ସଂସ୍କୃତି ମନ୍ତ୍ରୀ **ଶ୍ରୀ ଶରତ କୁମାର କର** ଏବଂ ରାଜସ୍ୱ ମନ୍ତ୍ରୀ **ଶ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ** ପୌରୋହିତ୍ୟରେ କୋଣାର୍କଠାରେ **କୋଣାର୍କ ଉତ୍ସବ** ଉଦ୍‌ଘାଟିତ ।

୨୬-୧୧-୧୯୯୭ ସଂସ୍କୃତି ମନ୍ତ୍ରୀ **ଶ୍ରୀ ଶରତ କୁମାର କରଙ୍କ** ଦ୍ୱାରା ବ୍ରହ୍ମପୁରଠାରେ **ଓଡ଼ିଶୀ ଶିକ୍ଷା କେନ୍ଦ୍ର** ଉଦ୍‌ଘାଟନ ।

୨୮-୧୧-୧୯୯୭ ଗଞ୍ଜାମ ଜିଲ୍ଲାର ୯୮ଟି କ୍ଷୁଦ୍ର ଜଳସେଚନ ଯୋଜନାର ମରାମତି ଓ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ **୨ କୋଟି ୬୬ ଲକ୍ଷ ଟଙ୍କା** ମଞ୍ଜୁର କରାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ **ରାମକୃଷ୍ଣ ପଟ୍ଟନାୟକଙ୍କ** ସୂଚନା ।

୨୯-୧୧-୧୯୯୭ **ପୁରୀ ଶ୍ରୀମନ୍ଦିରର** ଗର୍ଭଗୃହ ମରାମତି ନିମନ୍ତେ ଠାକୁରମାନଙ୍କୁ ଅସ୍ଥାୟୀ ସିଂହାସନକୁ ସ୍ଥାନାନ୍ତର ।

୩୦-୧୧-୧୯୯୭ ରାଜ୍ୟର ମୁଖ୍ୟ ଶାସନ ସଚିବ **ଶ୍ରୀ ରମାକାନ୍ତ ରଥଙ୍କ** ଅବସର ଗ୍ରହଣ ଓ ମୁଖ୍ୟ ଶାସନ ସଚିବ ରୂପେ **ଶ୍ରୀ ରବି ନାରାୟଣ ଦାସଙ୍କ** ଦାୟିତ୍ୱ ଗ୍ରହଣ ।

# ଓଡ଼ିଶାର ଆଦିବାସୀ ସଂସ୍କୃତି

● ଶ୍ରୀ ଅବନୀ ଚନ୍ଦ୍ର ଦାସ

ସୃଷ୍ଟିର ଆଦିମକାଳରୁ ଯେଉଁ ମାନବ ଗୋଷ୍ଠୀର ପରିଚିତି, ସ୍ଥିତି ଓ ପର୍ଯ୍ୟାୟକ୍ରମେ ସେମାନଙ୍କ ସାମାଜିକ ପରମ୍ପରା ତଥା ସଂସ୍କୃତି ସମଗ୍ର ବିଶ୍ୱକୁ ବହୁଭାବରେ ପ୍ରଭାବିତ କରିଛି, ଉଦ୍‌ବୁଦ୍ଧ କରିଛି ; ସମ୍ପ୍ରତି ସେମାନେ "ଆଦିବାସୀର" ଆଖ୍ୟା ନେଇଛନ୍ତି । ବେଦରେ, ପୁରାଣରେ, ପ୍ରାଚୀନ ଶିଳାଲେଖରେ ଏହି ଆଦିମ ଅଧିବାସୀମାନଙ୍କ ସମ୍ପର୍କରେ ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି । ଅନାର୍ଯ୍ୟ, ଅସୁର, ଶବର, କିରାତ, ବ୍ୟାଧ, ପ୍ରଭୃତି ନାମରେ ପରିଚିତ ହୋଇ କ୍ରମଶଃ ବନବାସୀ, ଗିରିଜନ, ଜନ ଜାତି, ଆଦିବାସୀ ଭାବରେ ସେମାନେ ପ୍ରସିଦ୍ଧି ଲାଭ କରିଛନ୍ତି ।

ଶାରଳା ମହାଭାରତରେ ଭୂୟାଁ, ଶବର, କନ୍ଧମାନଙ୍କ ସମ୍ବନ୍ଧରେ ଉଲ୍ଲେଖ ଅଛି । ବୈଦିକ ଯୁଗରେ ଆଧୁନିକ ଓଡ଼ିଶାର ସମଗ୍ର ଅଞ୍ଚଳ ଏହି ଆଦିବାସୀମାଙ୍କର ଅଧିକୃତ ଥିବାର ପ୍ରମାଣ ମିଳେ । ପ୍ରାଚୀନ ଓଡ୍ର ଓ କଳିଙ୍ଗର ବୀର ରାଜାମାନଙ୍କ ବର୍ଣ୍ଣନାରୁ ଏମାନଙ୍କ ସମ୍ପର୍କରେ ପ୍ରଚୁର ପ୍ରମାଣ ମିଳେ । ବୌଦ୍ଧଧର୍ମ ଗ୍ରହଣ କରିବାପରେ ସମ୍ରାଟ ଅଶୋକଙ୍କ ଦ୍ୱାରା ଉତ୍କୀର୍ଣ୍ଣ ହୋଇଥିବା ଶିଳାଲେଖରେ ମଧ୍ୟ ଏହି ଅରଣ୍ୟ ଅଧିବାସୀଙ୍କ ସୂଚନା ଦିଆଯାଇଛି ।

ଏହି ଆଦିମ ଅଧିବାସୀମାନଙ୍କ ଜୀବନ-ଜୀବିକା, ସ୍ଥିତି ଓ ଚଳଣି ହିଁ ପ୍ରକୃତରେ ଆମ ସଂସ୍କୃତିର ମୂଳଭିତ୍ତି । ଏହି 'ସଂସ୍କୃତି' ଶବ୍ଦକୁ କେହି କେହି ସଭ୍ୟତା ଅର୍ଥରେ, ସମାଜର ଚଳଣି ଅର୍ଥରେ, ଇଂରାଜୀ ପ୍ରତିଶବ୍ଦ Culture ଅଥବା ବୈଦିକ ପ୍ରତିଶବ୍ଦ କୃଷ୍ଟି ଅର୍ଥରେ ବ୍ୟବହାର କରିଥାନ୍ତି ।ତେବେ ସାମଗ୍ରିକ ଭାବେ, ମଣିଷର ଜୀବନ-ଜୀବିକାର ସାମାଜିକ ବିଧିବ୍ୟବସ୍ଥା ଓ ଏଥି ସମ୍ବନ୍ଧୀୟ ସହଜ, ସୁନ୍ଦର ଭାବାଚରଣକୁ 'ସଂସ୍କୃତି' ଭାବରେ ଗ୍ରହଣ କରାଯାଇଛି । ମହେଞ୍ଜୋଦାରୋ ଓ ହରପ୍ପାରୁ ମିଳିଥିବା ଆଦିମ ସଭ୍ୟତା ଓ ଆଦିବାସୀ ସଂସ୍କୃତିର ବହୁ ତଥ୍ୟ ଉଦ୍‌ଘାଟିତ ହୋଇସାରିଛି । ଆମର କ୍ରମବର୍ଦ୍ଧିଷ୍ଣୁ ସଂସ୍କୃତି ଓ ସଭ୍ୟତାରେ ଆଜିର ଆଧୁନିକ ଯୁଗରେ ମଧ୍ୟ ଏହି ଆଦିବାସୀ ସଂସ୍କୃତିର ଛାପ ସୁସ୍ପଷ୍ଟ । କାରଣ, ଆଦିବାସୀମାନଙ୍କ ସଂସ୍କୃତି ପ୍ରାକ୍ ଐତିହାସିକ ଋକ୍‌ବେଦଠାରୁ ମଧ୍ୟ ଆହୁରି ପ୍ରାଚୀନ ।

ଆମ ରାଜ୍ୟ ଓଡ଼ିଶା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଥିଲା । ବହୁ ପ୍ରାଚୀନ କାଳରୁ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଏହି ଅଞ୍ଚଳରେ ବସବାସ କରିଆସୁଥିଲେ । ସମ୍ପ୍ରତି ଓଡ଼ିଶାରେ ପ୍ରାୟ ୬୨ ପ୍ରକାର ଆଦିବାସୀ ସମ୍ପ୍ରଦାୟ ଅଛନ୍ତି । ମୁଖ୍ୟତଃ କୋରାପୁଟ, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, କେଉଁଝର ଓ ଫୁଲବାଣୀ ଜିଲ୍ଲାମାନଙ୍କରେ ଆଦିବାସୀ ବସତିମାନ ରହିଛି । ଏହି ଆଦିବାସୀମାନଙ୍କ ସଂସ୍କୃତି ଓଡିଶାରେ ସୁପ୍ରାଚୀନ ଏବଂ ଏହା ଓଡିଶାର ସାମ୍ପ୍ରତିକ ଆଧୁନିକ ସଭ୍ୟ ସଂସ୍କୃତିକୁ ବହୁଭାବରେ ଉଦ୍‌ବୁଦ୍ଧ କରିଛି, ଏଥିରେ ସନ୍ଦେହ ନାହିଁ ।

ସମ୍ପ୍ରତି ଝାଡଖଣ୍ଡ ଅଞ୍ଚଳକୁ ଓଡିଶାରୁ ବିଚ୍ଛିନ୍ନ କରାଇବାଲାଗି ଚକ୍ରାନ୍ତ ଚାଲିଛି । କିନ୍ତୁ ଏହି ଅଞ୍ଚଳ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ପ୍ରାଚୀନ ଓଡ଼ିଶାର ଆଦିବାସୀ ଲୋକକଥାରୁ ସ୍ପଷ୍ଟ ଜଣାପଡ଼େ । ଏହି ଲୋକକଥା ଅନୁଯାୟୀ, ୨୧ ପ୍ରକାର ମୁଣ୍ଡାମାନଙ୍କ ମଧ୍ୟରୁ ଗୋଟିଏ ଭାଗ ମୁଣ୍ଡାଙ୍କର ପରିଚୟ ହେଉଛି "ଓଡ଼ିଆ" । ପୁରାଣ ବର୍ଣ୍ଣିତ ଜନ୍ମେଜୟଙ୍କ ସର୍ପଯଜ୍ଞ ସମୟରୁ ଓଡ଼ିଶାରେ ଏହି ମୁଣ୍ଡାମାନେ 'ଓଡ଼ିଆର' ପରିଚୟ ନେଇ ବସବାସ କରି ଆସୁଅଛନ୍ତି । ସର୍ପଯଜ୍ଞ ସମୟରେ 'ପୁଣ୍ଡରୀକ ନାଗ' କୌଶଳ କ୍ରମେ ପଳାଇ ଆସି ଶ୍ରୀଜଗନ୍ନାଥଙ୍କ ଶରଣ ନେଇଥିଲେ । ଝାଡ଼ଖଣ୍ଡ ଅଞ୍ଚଳ ଦେଇ ଆସିଥିବା ଏହି ସର୍ପ ପରେ ମନୁଷ୍ୟ ରୂପ ଧାରଣ କରି ଏହି ଅଞ୍ଚଳରେ 'ମୁଣ୍ଡା ଓଡ଼ିଆ'ର ପରିଚୟ ନେଇ ବସବାସ କଲେ । ଓଡ଼ିଶାର ମୁଣ୍ଡାମାନେ ଏହିମାନଙ୍କ ବଂଶଧର ବୋଲି କୁହାଯାଏ । ପରମ୍ପରା କ୍ରମେ ଏହିମାନଙ୍କ ଦ୍ୱାରା ପ୍ରଚଳିତ ସର୍ପପୂଜା ଓଡ଼ିଶୀ ଲୋକ ସଂସ୍କୃତିରେ ମିଶି "ନାଗଲ ଚଉଠିବ୍ରତ"ର ରୂପ ନେଇଛି ।

ହରପ୍ପାରୁ ମିଳିଥିବା ଆଦିମ ସଂସ୍କୃତିର ପରିଶ୍ରୁଣ୍ଣକ ପୃଥିବୀମାତାର ଚିତ୍ର ସହିତ ମାର୍କଣ୍ଡେୟ ପୁରାଣ ବର୍ଣ୍ଣିତ ଦେବୀ ଶାକାମ୍ବରୀ (ଦୁର୍ଗା)ଙ୍କର ତୁଳନାରେ ସମାନ୍ୟତମ ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । ଓଡ଼ିଶାରେ ପ୍ରଚଳିତ ଧରିତ୍ରୀମାତାର ପୂଜା (ରଜପର୍ବ) ଏହି ଆଦିବାସୀ ସଂସ୍କୃତିର ଅନ୍ୟତମ ପରମ୍ପରା ।

ଓଡ଼ିଶାର ଶ୍ରୀଜଗନ୍ନାଥ ହେଉଛନ୍ତି ଶବର ଦେବତା ଏବଂ ଦଇତାମାନେ ଏହି ଶବରଙ୍କ ବଂଶଧର ବୋଲି ବହୁ ଗବେଷକ ଓ ସମାଲୋଚକ ମତ ଦେଇଛନ୍ତି । ଶାରଳା ମହାଭାରତ

(ସେଭାପର୍ବ)ରେ ଅଜପତି ବିରାଟ ଘରେ ଶାରଳା ଠାକୁରାଣୀଙ୍କ ଆବିର୍ଭାବ ବିଷୟ ଉଲ୍ଲେଖ ଅଛି । ଝଙ୍କଡ଼ବାସିନୀ ମା' ଶାରଳାଙ୍କ ସେବକ ରାଉଳମାନେ ଏହି ଶବର ବଂଶୀୟ ବୋଲି ଦାବୀ କରନ୍ତି । ଦୁର୍ଗା ଶବର ବର୍ଗର ପୁଲିନ୍ଦଙ୍କ ଦ୍ୱାରା ପୂଜିତ ହୋଇଥିବାର କିମ୍ବଦନ୍ତୀ ଅନୁଯାୟୀ ଆଶ୍ୱିନ ମାସର ଦୁର୍ଗାପୂଜା ଏକ ଶବର-ଉତ୍ସବ ଭାବରେ ମଧ୍ୟ ଗ୍ରହୀତ ହୋଇଛି ।

ପ୍ରକୃତରେ ପ୍ରକୃତିର ପୂଜାରୀ ଆଦିବାସୀମାନେ ଗ୍ରହ, ନକ୍ଷେତ୍ର, ସୂର୍ଯ୍ୟ, ଚନ୍ଦ୍ର, ବଣ, ପାହାଡ଼, କୃଷିଭୂମି, ନଦନଦୀ, ଝରଣାର ପ୍ରକୃତିକୁ ଦେବଦେବୀ ଭାବରେ ଗ୍ରହଣ କରି ଉପାସନା କରିବାର ସଂସ୍କୃତି ଓ ତତ୍‌ନିହିତ ଆଦର୍ଶ ମୂଲ୍ୟବୋଧ ଆଜି ହଜାର ହଜାର ବର୍ଷ ପରେ ବି ଆଧୁନିକ ସଭ୍ୟ ସାମାଜ ଜୀବନକୁ ସରସ, ସୁନ୍ଦର, କର୍ମ ଓ ଛନ୍ଦ ଚଞ୍ଚଳ କରିଛି । ସେମାନଙ୍କର ଏହି ଦେବାଦେବୀ ବିଶ୍ୱାସ, ମୃତ ମଣିଷର ଆତ୍ମାର ସଦ୍‌ଗତି ଓ ଶାନ୍ତିବିଧାନ, ପର୍ବ ପର୍ବାଣୀମାନଙ୍କରେ ଜ୍ଞାତି-ବନ୍ଧୁ-ସ୍ୱଜନମାନଙ୍କ ପରିଚର୍ଯ୍ୟା ଏବଂ ସର୍ବୋପରି ସାଂସ୍କୃତିକ ଉତ୍ସବ ଅନୁଷ୍ଠାନ ଜନିତ ନୃତ୍ୟଗୀତ ଓ ଛନ୍ଦରେ ହର୍ଷ ମୁଖରିତ ପରିବେଶ ସୃଷ୍ଟି କରିବାର ପରମ୍ପରା ବାସ୍ତବରେ ମହାନ୍ । ଅନ୍ୟ ସମ୍ବନ୍ଧୀ ଆଦିବାସୀ ସଂସ୍କୃତିର ତୁଳନା ବା ପଟାନ୍ତର ନାହିଁ । ଏହି ଆଦିମ ସଂସ୍କୃତି ସାଧାରଣ ଲୋକ ପରମ୍ପରା କ୍ରମେ ଓଡ଼ିଶାରେ ସାର୍ବଜନୀନ ଆଦର୍ଶ ସଂସ୍କୃତି ଭାବେ ସଭ୍ୟ ସମାଜରେ ପ୍ରତିଫଳିତ ହୋଇ ଏକ ଗୌରବାବହ ପରମ୍ପରା ସୃଷ୍ଟି କରିଛି ।

ବହୁଧା ଆଦିବାସୀ ସଂସ୍କୃତି ମଧ୍ୟରୁ କେତୋଟି ସାଂସ୍କୃତିକ ପର୍ବ ଓ ପରମ୍ପରାର ଅନୁଶୀଳନ କରାଯାଇ ପାରେ, ଯାହାକି ଓଡିଶାର ଜନଜୀବନକୁ ବେଶ୍ ଆଲୋଡ଼ିତ କରିପାରିଛି ।

ଆଦିବାସୀମାନଙ୍କର ପ୍ରଚଳିତ ବୃକ୍ଷପୂଜା, ସର୍ପପୂଜା ଶିଳାପୂଜା ପ୍ରଭୃତି ପରବର୍ତ୍ତୀ କାଳରେ ଆମ ଉତ୍କଳୀୟ ଧର୍ମ ପରମ୍ପରାକୁ ଗଭୀର ଭାବେ ପ୍ରଭାବିତ କରିଛି । ଓଡିଶାରେ ପ୍ରଚଳିତ ବଟବୃକ୍ଷ, ବିଲ୍ୱବୃକ୍ଷ, ଅଶ୍ୱତ୍ଥବୃକ୍ଷ ପ୍ରଭୃତି ପୂଜା ବହୁପ୍ରାଚୀନ କାଳରୁ ଚଳିଆସୁଛି । ଏପରିକି ବିଭିନ୍ନସ୍ଥାନରେ ବଟବୃକ୍ଷ-ପୂଜାଅର୍ଚ୍ଚନାର ପରମ୍ପରାକ୍ରମେ ଉପାସ୍ୟ ଦେବତାଙ୍କ ସହିତ ସେଇ ନିର୍ଦ୍ଦିଷ୍ଟସ୍ଥାନର ନାମକରଣ ହୋଇଥିବାର ପ୍ରତୀତ ହୁଏ । କଟକ ଜିଲ୍ଲାର ଛତିଆରେ ଛତିଆବଟ, ଅଚ୍ୟୁତାନନ୍ଦଙ୍କ ଗାଦିପୀଠ ନେମାଳବଟ, ପୁରୀରେ କଳ୍ପବଟ ପ୍ରଭୃତି ଉପାସନା ସର୍ବଜନ ବିଦିତ । ସେହିପରି ଶକ୍ତିଉପାସନା କ୍ଷେତ୍ରରେ, ଦୁର୍ଗାପୂଜା ସମୟରେ ବିଲ୍ୱବରଣ, ବିଲ୍ୱଶାଖା ଛେଦନ, ବିଲ୍ୱନବପତ୍ର ପ୍ରଚଳନ, ବିଲ୍ୱବୃକ୍ଷ ମୂଳରେ ଆବାହନାଦି ଉପଚାରମାନ ରହିଛି । ଷଷ୍ଠୀ ପୂଜାରେ ନବମୀ ବୋଧନ ପରେ ବିଲ୍ୱବୃକ୍ଷ ପୂଜାବିଧି ଏହି ଆଦିମ ସଂସ୍କୃତିରୁ ହିଁ ଆନୀତ ।

ଆଦିବାସୀଙ୍କ ଶିଳାପୂଜାରୁ ଆମ ଆଧୁନିକ ସମାଜରେ ପ୍ରଚଳିତ ଶାଳଗ୍ରାମ, ଶିବଲିଙ୍ଗ ପ୍ରଭୃତିର ପୂଜା ଆରାଧନା ସମ୍ପର୍କରେ ଅନୁମାନ କରାଯାଏ । ଅନୁରୂପ ଭାବରେ ମଧ୍ୟ ଓଡିଶାର ପ୍ରିରପଲ୍ଲୀରେ 'ନାଗଲଚଉଠି ବ୍ରତ' ଏକ ପ୍ରସିଦ୍ଧ ସାଂସ୍କୃତିକ ପର୍ବ, ଯାହାକି ଆଦିବାସୀ ଲୋକ ସଂସ୍କୃତିରୁ ଗ୍ରହୀତ ହୋଇଛି ।

ଓଡିଶାରେ ସୂର୍ଯ୍ୟ ପୂଜାର ମହାନ ପରମ୍ପରା ଆଦିବାସୀମାନଙ୍କର ଯଥା ଖରିଆଙ୍କର 'ବେରୋ', କୋହ୍ଲ ଏବଂ ଓରାମ୍‌ଙ୍କର 'ଦୁରାପେନୁ', ଭୂୟାଁଙ୍କର 'ବୋରମ୍', ସାନ୍ତାଳଙ୍କର 'ସିନ୍‌ବୋଙ୍ଗା' ଜୁଆଙ୍ଗଙ୍କର 'ଧରମ୍‌ଦେବତା' ଆଦି ପୂଜାର ପ୍ରଛାୟାରେ ପ୍ରଚଳିତ, କେତେକ ଆଦିବାସୀ ସମ୍ପ୍ରଦାୟ ସୂର୍ଯ୍ୟଙ୍କୁ 'ସିଂଗ୍‌ଅର୍କ' ଭାବରେ ଉପାସନା କରନ୍ତି । ଓଡିଶାର ଅର୍କକ୍ଷେତ୍ର କୋଣାର୍କ ମନ୍ଦିରର ଅଧିଷ୍ଠିତ ଦେବତା"ସୂର୍ଯ୍ୟଙ୍କ" ସହିତ ଆଦିବାସୀଙ୍କ ଏହି "ସିଂଗଅର୍କ" ତୁଳନୀୟ ।

ଆଦିବାସୀ 'ହୋ' ଜାତିର 'ମନସା' ଦେବୀ ଓ ଲକ୍ଷ୍ମୀଦେବୀଙ୍କର ପୂଜା ଉତ୍କଳର ପ୍ରିରପଲ୍ଲୀରେ ଆର୍ଯ୍ୟଘରେ ପ୍ରଚଳିତ ହୋଇ ଆସୁଅଛି । ଏହି ଜାତିର ଅନ୍ୟତମ ଉପାସ୍ୟ ଦେବତା "ମାରଙ୍ଗ ବୋଙ୍ଗାଙ୍କୁ" ଉତ୍କଳର ସଭ୍ୟ ଆର୍ଯ୍ୟମାନଙ୍କ ପୂଜିତ ଶିବ ବା ମହାଦେବଙ୍କ ସହିତ ତୁଳନା କରାଯାଇପାରେ । ଏତଦ୍ ଭିନ୍ନ ଉତ୍କଳୀୟ ସଂସ୍କୃତିରେ ବହୁ ମହନୀୟ ପାରମ୍ପରିକ ପୂଜାପାର୍ବଣ, ଉତ୍ସବ ଅନୁଷ୍ଠାନ ଯଥା: ରଥଯାତ୍ରା, ଗହ୍ମାପର୍ବ, ବିଦାଲାଗି, ମକର ପର୍ବ, ପୁଷପୁନିପର୍ବ, ଦିଏଲପର୍ବ, ନୂଆଖାଇପର୍ବ, ଚୈତପର୍ବ, ପ୍ରଭୃତି ଆଦିବାସୀମାନଙ୍କ ସାଂସ୍କୃତିକ ଚେତନାରୁ ସମ୍ଭୂତ ହୋଇଛି ବୋଲି କହିବା ଅସଙ୍ଗତ ନୁହେଁ ।

ଓଡ଼ିଶାର ଶ୍ରୀ ଲିଙ୍ଗରାଜ, ବେଦବ୍ୟାସ, କପିଳେଶ୍ୱର, ନୃସିଂହନାଥ, ହରିଶଙ୍କର, ରାଣୀପୁର ଝରିଆଲ, ସମଲେଶ୍ୱରୀ ପ୍ରଭୃତି ମନ୍ଦିରମାନଙ୍କରେ ମଧ୍ୟ ଆଦିବାସୀ ସଂସ୍କୃତିର ଆଧ୍ୟାତ୍ମିକ ପ୍ରଭାବ ଏବେବି ଅତୁଟ ରହିଛି ।

ଓଡ଼ିଶାର ଆଦିବାସୀମାନଙ୍କର ପ୍ରଧାନ ଜୀବିକା 'କୃଷି' ହୋଇଥିବାରୁ ଓ ସେମାନଙ୍କ ଜୀବନ ଯାତ୍ରାରେ ଏହି କୃଷିର ପ୍ରଭାବ ଯୋଗୁଁ ଆଦିବାସୀ ସଂସ୍କୃତି, ଯାନିଯାତ୍ରା, ପର୍ବ ପର୍ବାଣୀ ମୁଖ୍ୟତଃ କୃଷି ଭିତ୍ତିକ । ଏହାଛଡ଼ା ସାମାଜିକ ଓ ଆଧ୍ୟାତ୍ମିକ ସଂସ୍କୃତିର ବାର୍ତ୍ତାବହ ଆଦିବାସୀ ଅନ୍ୟ କେତେକ ପାରମ୍ପରିକ ଉତ୍ସବ ଅନୁଷ୍ଠାନ କରିଥାଏ ।

କନ୍ଧମାନଙ୍କର ଧରଣୀପେନୁ ପୂଜା, ଜୁଆଙ୍ଗମାନଙ୍କର ବାଲିଯାତ୍ରା, ଭୂୟାଁଙ୍କର ରଜପର୍ବ ଭଳି ଓଡିଆ ସମାଜରେ ଧରିତ୍ରୀ ପୂଜାର ପ୍ରବର୍ତ୍ତନ ହୋଇଛି । ଭାଦ୍ରବ ମାସରେ ନୂଆଖାଇପର୍ବ ଆଦିବାସୀମାନଙ୍କର ସାଂସ୍କୃତିକ ଚେତନାର ଏକ ସମନ୍ୱିତ ରୂପ । ନବ ଶସ୍ୟ ଭକ୍ଷଣ ଅବକାଶରେ ସାମାଜିକ ବିଧି ଓ ପରମ୍ପରାଗତ ସାଂସ୍କୃତିକ କ୍ରିୟାମାନ ଓଡ଼ିଶାରେ ସର୍ବତ୍ର ପରିଦୃଷ୍ଟ ହୁଏ । ଆଦିବାସୀଙ୍କର ଆମ ନୂଆଖାଇ ପରି ଓଡ଼ିଶାରେ ବଉଳ ଅମାବାସ୍ୟାରେ ଆସ ବଉଳ ଏବଂ ଅଶୋକାଷ୍ଟମୀରେ ପ୍ରଥମକରି ଅଶୋକ କଢ଼କୁ ଖାଦ୍ୟରୂପେ ଗ୍ରହଣ କରାଯାଇଥାଏ । କିଶାନମାନଙ୍କ ମୁଖ୍ୟପର୍ବ ମଧ୍ୟରୁ ଅକ୍ଷୟତୃତୀୟା, ଗହ୍ମାପର୍ବ, ମକରପର୍ବ ପ୍ରଭୃତି ଆଧୁନିକ ଓଡ଼ିଶାରେ ଏବେ ମଧ୍ୟ ବହୁଳ ଭାବରେ ପାଳିତ ହୋଇଆସୁଛି । ଗଦବା ଜାତିର 'ବାଲିଯାତ୍ରା' ସେହିପରି ଏକ ସାଂସ୍କୃତିକ ପର୍ବ । ସେଦିନ ଏହି ସମ୍ପ୍ରଦାୟର ଯୁବାଦଳ ଶିକାର କରିବାକୁ ଯାନ୍ତି । ସଂଗ୍ରହୀତ ସମସ୍ତ ଶୀକାର, ବନ୍ୟଜାତ ଦ୍ରବ୍ୟକୁ ଗ୍ରାମ୍ୟ ମୁଖ୍ୟଙ୍କ ପାଖରେ ରଖାଯାଏ ଏବଂ ବସତିର ସବୁ ଲୋକଙ୍କୁ ବଣ୍ଟନ କରାଯାଏ । ଏହା ହୁଏତ, ଆଦିବାସୀ ସମାଜର

"ସର୍ବେ ଭବନ୍ତୁ ସୁଖୀନଃ........" ବାଣୀର ଅପୂର୍ବ ସାର୍ଥକତା । ଏହି ପରିପ୍ରେକ୍ଷୀରେ ମଧ୍ୟ ଓଡ଼ିଆମାନଙ୍କର ବାଲିଯାତ୍ରାର ପରମ୍ପରାର ସଂସ୍କୃତି ଗର୍ଭିତ ମହନୀୟତା ସୁସ୍ପଷ୍ଟ । ବାହାରୁ ବିଭିନ୍ନ ଧନ ରତ୍ନାଦି ବୋହିଆଣି ନିଜ ଦେଶବାସୀଙ୍କୁ ସମୃଦ୍ଧିର ପଥ ଦେଖାଇବାର ଆଦର୍ଶ ମୂଲ୍ୟବୋଧ ଏହି ଆଦିବାସୀ ସଂସ୍କୃତିରୁ ଗ୍ରହଣ କରାଯାଇ ଥାଇପାରେ ।

ଖାଲି ସେତିକି ନୁହେଁ ବହୁ ସାମାଜିକ ବିଧି ବ୍ୟବସ୍ଥାରେ, ବିବାହାଦି ଉତ୍ସବ, ମୃତକର୍ମାଦିରେ ଆଦିବାସୀ ଜୀବନର ପାରମ୍ପରିକ କର୍ମ ଓଡ଼ିଶାର ସଂସ୍କାରଧର୍ମୀ ସଭ୍ୟ ସମାଜକୁ ମଧ୍ୟ ପ୍ରଭାବିତ କରିଛି ।

ନାରୀ ବିନା ପୁରୁଷ ଜୀବନର ସାର୍ଥକତା ନାହିଁ ବୋଲି ଆଦିବାସୀମାନଙ୍କର ପୂର୍ଣ୍ଣ ବିଶ୍ୱାସ । ତେଣୁ ପ୍ରାପ୍ତ ବୟସ୍କ ବ୍ୟକ୍ତିର ବିବାହ ଏକାନ୍ତ ଆବଶ୍ୟକ । ସାମାଜିକ ଜୀବନକୁ ଅଧିକ ମଞ୍ଜୁଳ, ମାର୍ଜିତ ଓ ସ୍ୱାର୍ଥ ସଂପୂର୍ଣ୍ଣ କରି ଗଢ଼ିତୋଳିବାରେ ବିବାହ ଅପରିହାର୍ଯ୍ୟ । ଏଥିପାଇଁ ଆଦିବାସୀ ସମାଜରେ ପ୍ରଚଳିତ ବହୁ ବିଧି ବିଧାନ ଓଡ଼ିଆ ବିବାହାଦିରେ ଦେଖିବାକୁ ମିଳେ । ବିବାହ ପୂର୍ବରୁ ଦିଅଁ ମଙ୍ଗୁଳା, ମଙ୍ଗଳ ହାଣ୍ଡି ବିଧି, କନ୍ୟା ପକ୍ଷକୁ ଦିଆଯାଉଥିବା ମୂଲ୍ୟ ବାବଦକୁ ଉପଢ଼ୌକନ ଓଡ଼ିଶାର ବୈବାହିକ ପରମ୍ପରାରେ ମଧ୍ୟ ସନ୍ନିବେଶିତ । ଗ୍ରାମ୍ୟ ଦେବତୀଙ୍କ ନିକଟର ଦିଅଁ ମଙ୍ଗୁଳା ଓ ମଙ୍ଗଳ ହାଣ୍ଡି ବିଧି ସହିତ ବରପକ୍ଷରୁ କନ୍ୟା ଘରକୁ ସମ୍ପତ୍ତି ଉପହାର ଯଥା: ପାଟଶାଢ଼ୀ, ଗୁଆ, ଶଙ୍ଖା, ସିନ୍ଦୁର ସହିତ ସୁନାଗହଣା ପ୍ରଭୃତି ନେଇ ଯିବାର ପ୍ରଥା ଆଧୁନିକ ଓଡ଼ିଶାରେ ଏବେ ବି ପ୍ରଚଳିତ ଅଛି । ଉତ୍ସବାଦିରେ ନୃତ୍ୟଗୀତର ପ୍ରାଧାନ୍ୟ ଆଦିବାସୀ ସଂସ୍କୃତିର ପ୍ରଚଳିତ ପରମ୍ପରାରୁ ଗ୍ରହଣ କରି ଓଡ଼ିଆ ସମାଜ ଜୀବନ ଉତ୍କର୍ଷ ଲାଭ କରି ପାରିଛି । ପରିଣୟ ପରେ ଆଦିବାସୀ ରମଣୀ ସ୍ୱାମୀର ଜୀବନ–ସଙ୍ଗିନୀ, ସହଗାମିନୀ, ସହକର୍ମିଣୀ ଓ ସାହାଯ୍ୟ କାରିଣୀ ଭାବରେ ଯେଉଁ କର୍ତ୍ତବ୍ୟ ସଂପାଦନ କରେ ତା'ର ପ୍ରଭାବରେ ରକ୍ଷଣଶୀଳ ଓଡ଼ିଶାର ଆଧୁନିକ ସମାଜର ବହୁ ସଭ୍ୟ ପରିବାରର ସ୍ତ୍ରୀ ଲୋକେ ସେଇ ରକ୍ଷଣଶୀଳତାର କଠୋର ନିୟମର ଊର୍ଦ୍ଧ୍ୱକୁ ଉଠିଲେଣି । ଅଧୁନା ବହୁ ଶିକ୍ଷିତା, ଅର୍ଦ୍ଧଶିକ୍ଷିତା, ଅଶିକ୍ଷିତା ନାରୀ, ସ୍ୱାମୀ ସହ ପାଦ ମିଳାଇ ଜୀବନ ସଂଗ୍ରାମରେ ଅବତୀର୍ଣ୍ଣ ହେବାରୁ ଓଡ଼ିଶାର ନାରୀ ପ୍ରଗତିର ଲକ୍ଷଣ ପ୍ରକାଶ ପାଇବାରେ ଲାଗିଛି ।

ଓଡ଼ିଶାର ଜନଜୀବନରେ ଯେଉଁ ସାଂସ୍କୃତିକ ଅନୁଷ୍ଠାନମାନ ଗଢ଼ି ଉଠିଛି, ସେ ସବୁର ମୂଳରେ ଆଦିବାସୀର 'ସୁବାସର' ହିଁ ସର୍ବ ପ୍ରଥମ ପ୍ରେରଣାର ଉତ୍ସ । ଆଦିବାସୀମାନଙ୍କର ପ୍ରେତ୍ ପୂଜା, ପିତୃ ପୁରୁଷଙ୍କ ଆତ୍ମାର ସଦ୍‌ଗତି ବିଧାନ ପ୍ରଭୃତି ଆମ ଓଡ଼ିଶାର ସାମାଜିକ କ୍ଷେତ୍ରରେ ବହୁ ଭାବରେ ଦେଖାଯାଏ । କନ୍ଧ, ଗଣ୍ଡ, କୋୟା, ବଣ୍ଡା ଆଦିଙ୍କ ଗୋତର ପର୍ବରେ ଏହା ପାଳିତ ହେଲା ବେଳେ କେତେକ ଆଦିବାସୀ ଦିଏଲ ପର୍ବରେ ପାଳନ କରନ୍ତି । ଆଧୁନିକ ଓଡ଼ିଶାରେ ଦୀପାବଳୀ, ମହାଳୟା ପ୍ରଭୃତି ଉତ୍ସବରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବାର ବିଧି ରହିଛି । ଆଦିବାସୀ ସଂସ୍କୃତିର ପର୍ଯ୍ୟାପ୍ତ ଧାରା ଏହିପରି ଓଡ଼ିଆ ସଂସ୍କୃତିକୁ ସମନ୍ୱିତ କରିଛି । ସାମୂହିକ ସହାବସ୍ଥାନ, ଗୀତ, ନୃତ୍ୟ, ଛନ୍ଦରେ ଆଦିବାସୀ ଜୀବନଧାରା ସମଗ୍ର ଓଡିଶାରେ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଛି । ଏହି ଆଦିମ ସଂସ୍କୃତିର ସମନ୍ୱୟରେ ଓଡ଼ିଆର ସାମୂହିକ ଜୀବନ ବିକଶିତ ହୋଇଛି । ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ଛଉନୃତ୍ୟ, ସାହିଯାତ୍ରା, ମେଳଣ, ଖୁଦପୂଜା, ଖୁଦୁରୁକୁଣୀ ପ୍ରଭୃତି ଲୋକ ସଂସ୍କୃତିର ଆଦିଭିତି ହେଉଛି ଆଦିବାସୀ ସଂସ୍କୃତି । ମାଟିରେ ଚିତା ଲେଖିବା, ଘରକାନ୍ଥକୁ ଝୋଟି, ଚିତା ଆଦିରେ ଚିତ୍ରିତ କରିବାର ଆଦିମ ପରମ୍ପରା ଆମ ସଂସ୍କୃତିର ସୌନ୍ଦର୍ଯ୍ୟ ବୋଧକୁ ବହୁଗୁଣରେ ପରିବର୍ଦ୍ଧିତ କରିଛି । ଓଡ଼ିଶାର ଆଦିବାସୀ ସମାଜର ଭାଷା, ସଂସ୍କୃତି, ଲୋକନୃତ୍ୟ, ଧର୍ମ, ପୂଜା, ସାମାଜିକ ଚଳଣି ଓ ପରମ୍ପରାର ପ୍ରଲେପ ଆମ ଓଡ଼ିଶୀ ସଂସ୍କୃତିକୁ କରିଛି ଅଧିକ ରସୋତ୍ତୀର୍ଣ୍ଣ ଏବଂ ଅଧିକ ଛନ୍ଦାୟିତ ।

ଘନ ଅରଣ୍ୟ ଓ ଅଜ୍ଞାନ ଅନ୍ଧକାରରେ ନିକ୍ଷେପିତ ବୋଲି ଘୃଣା ବା ଅସୂୟାରେ ଆଦିବାସୀମାନଙ୍କ ପ୍ରତି ନାସିକା କୁଞ୍ଚନ କରିବା ଉତ୍କଳୀୟ ସଂସ୍କୃତିର ସଂହତିର ଧ୍ୟେୟ ନୁହେଁ । ବାସ୍ତବ କ୍ଷେତ୍ରରେ ସେମାନେ ଓଡ଼ିଶାର ଜାତୀୟ ଜୀବନର ଯଥାର୍ଥ ଉପାସକ । କାରଣ, ଆଦିବାସୀର ନିଜ ମାତୃଭୂମି ପ୍ରତି ଶ୍ରଦ୍ଧା ଅତୁଟ । ନିଜ ବସତିର ଆକର୍ଷଣ ତା'ର ଅସୀମ । ମାଟିର ମମତା ଆଦିବାସୀ ହୃଦୟରେ ଅକଳନୀୟ ।

ଉତ୍କଳ ପ୍ରସଙ୍ଗ ଗତ ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ ଓଡ଼ିଶାର ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଭାଷାରେ "ଯେତେବେଳ ଯାଏ ନିଜ ମାତୃଭୂମିକୁ ଆମେ ତୀର୍ଥ ଭୂମି ବୋଲି ମନେ କରି ନାହୁଁ; ଯେ ପର୍ଯ୍ୟନ୍ତ ପ୍ରତିଭା ପୂଜା ସାଙ୍ଗରେ ନୂତନ ପ୍ରତିଭାର ଉଦୟ ପାଇଁ ପରିବେଶ ସୃଷ୍ଟି କରିନାହୁଁ; ସେଦିନ ଯାଏ, ଯେତେ ବିଜ୍ଞ ପଞ୍ଜ ତିଆରି କଲେ, ଯେତେ ପ୍ରତିମୂର୍ତ୍ତୀ ସ୍ଥାପନ କଲେ, ଡ଼ାକ ଟିକଟ ପ୍ରଚଳନ କଲେ, ପୁଷ୍ପମାଲ୍ୟ ଦେଲେ, ଦୀପ ପ୍ରଜ୍ୱଳିତ କଲେ ମଧ୍ୟ ଗୋଟିଏ ଜାତି କେବେ ହେଲେ ଉଠି ପାରିବ ନାହିଁ ।

ବାସ୍ତବରେ ଏ ଉକ୍ତି ଆମ ଓଡ଼ିଶାର ଆଦିବାସୀମାନଙ୍କ ପ୍ରତି ଅଧିକ ପ୍ରଯୁଜ୍ୟ । କାରଣ, ଶହ ଶହ ବର୍ଷ ଧରି ନିଜ ମାତୃ ଭୂମିକୁ ତୀର୍ଥ ଭୂଇଁ ଭାବରେ ଗ୍ରହଣ କରି ସ୍ୱକୀୟ ସଂସ୍କୃତିକୁ ଯଦି କେହି ବଜାୟ ରଖିପାରିଛି, ସେ ହେଉଛି ଆଦିବାସୀ ।

ଓଡ଼ିଶାର ଆଦିମ ସଂସ୍କୃତି ଚିର ଭାସ୍ୱର ହେଉ, ଜନଜୀବନରେ ଅଧିକ ଆଦୃତ ହେଉ, ଏହାହିଁ କାମନା ।

---

ସଂପାଦକ,
ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ,
ଓଡ଼ିଶା, ଭୁବନେଶ୍ୱର–୧୨ ।

# ଜନଗଣଙ୍କ ବିପ୍ଳବ

"ଏହି ମୁହୂର୍ତ୍ତରୁ ତମେ ସମସ୍ତେ ପ୍ରତ୍ୟେକେ ନିଜକୁ ଜଣେ ଜଣେ ସ୍ୱାଧୀନ ବ୍ୟକ୍ତି ଭାବି ଏହି ସାମ୍ରାଜ୍ୟବାଦୀ ଶାସନରୁ ମୁକ୍ତ ହୋଇଯାଇଛ ବୋଲି ମନେ କରିବ। ମୁଁ ଏହାକୁ ମନଗଢ଼ା ବିଶ୍ୱାସ ଭାବରେ ବୁଝାଇ ଦେଉନାହିଁ। ଏହାହିଁ ସ୍ୱାଧୀନତାର ବାସ୍ତବ ନିର୍ଯ୍ୟାସ। ଦାସତ୍ୱର ବନ୍ଧନ, ଜଣେ ନିଜକୁ ସ୍ୱାଧୀନ ବୋଲି ବିଶ୍ୱାସ କରିବା ମୁହୂର୍ତ୍ତରୁ ଛିନ୍ନ ହୋଇଯାଏ।" ମହାତ୍ମା ଗାନ୍ଧୀ ୧୯୪୨ ଅଗଷ୍ଟ ୮ରେ କଂଗ୍ରେସ "ଭାରତ ଛାଡ଼ ପ୍ରସ୍ତାବ" ଗ୍ରହଣ କଲାପରେ ଏହା ଘୋଷଣା କରିଥିଲେ। ସେ ଦେଶବାସୀଙ୍କୁ ବିଦେଶୀ ଶାସନରୁ ମୁକ୍ତ କରିବା ପାଇଁ ସେମାନଙ୍କୁ "କର ବା ମର" ଆହ୍ୱାନ ଦେଇଥିଲେ। ଭାରତ ଛାଡ଼ ଆନ୍ଦୋଳନ, ବ୍ରିଟିଶ୍ ସାମ୍ରାଜ୍ୟବାଦୀ ଶକ୍ତି ସମୂହ ଦ୍ୱାରା ଦେଶର ସାମାଜିକ ଅର୍ଥନୈତିକ ଶୋଷଣ ବିରୁଦ୍ଧରେ ଦୀର୍ଘକାଳ ଧରି ଚାଲିଥିବା ସ୍ୱାଧୀନତା ସଂଗ୍ରାମର ପରିଣତି। ବ୍ରିଟିଶ୍ ସରକାର "ଭାରତୀୟ ଜାତୀୟତାବାଦ"ର ଅଦମ୍ୟ ଶକ୍ତିକୁ ସ୍ୱୀକାର କରିବା ପାଇଁ କୁଣ୍ଠିତ। ୧୯୩୫ରେ ଏହା ଭାରତ ଉପରେ ଏକ ସମ୍ବିଧାନ ଜାରି କରି ସବୁ ଦିନ ପାଇଁ ଏ ଦେଶକୁ ଅଧୀନସ୍ଥ ରଖିବାକୁ ଚାହିଁଥିଲା। ଏହା ମହାଭାରତୀୟ ଜାତୀୟତାବାଦକୁ ଭାଙ୍ଗି ଦେଇ ଜାତୀୟତାବାଦୀ ଶକ୍ତି ସମୂହକୁ ପ୍ରାଦେଶିକ ଶାସନ ବ୍ୟବସ୍ଥାରେ ନିୟୋଜିତ କରିବା କୌଶଳ ଅନୁସରଣ କରି ସାରା ଭାରତରେ ଦୀର୍ଘକାଳ ସ୍ଥାୟୀ କୌଶଳମୂଳକ ନିୟନ୍ତ୍ରଣ ଜାରି କରିବା ପାଇଁ ଉଦ୍ଦିଷ୍ଟ ଥିଲା।

ମାତ୍ର ବ୍ରିଟିଶ୍ ଶାସନ ଜାତୀୟତାବାଦୀ ନେତାମାନଙ୍କର ରାଜନୈତିକ ପରିପକ୍ୱତାକୁ ସଠିକ୍ ମୂଲ୍ୟାୟନ କରିପାରି ନଥିଲା କିମ୍ବା ସେମାନଙ୍କ ପଛରେ ଜନସାଧାରଣଙ୍କ ସମର୍ଥନର ବିଶାଳତା କଳନା କରିପାରି ନଥିଲା।

୧୯୩୯ ସେପ୍ଟେମ୍ବରରେ ବ୍ରିଟିଶ୍ ସରକାର ନାଜୀ ଶାସିତ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା ଏବଂ ଭାରତର ଜାତୀୟତାବାଦୀ ମତାମତକୁ ଚରମ ଅବଜ୍ଞା କରି ଜଣେ କାହାରି ମଧ୍ୟ ପରାମର୍ଶ ନେଲା ନାହିଁ। ଭାରତର ନ୍ୟାୟୋଚିତ ମୁଖପାତ୍ର ହିସାବରେ କଂଗ୍ରେସ ନେତାମାନେ ଏହି ସାମ୍ରାଜ୍ୟବାଦୀ ଅହଙ୍କାରରେ ଗଭୀର ଭାବରେ ମର୍ମାହତ ହେଲେ। ସେମାନେ ଇଉରୋପରେ ଘଟିଥିବା ଏହି ସଂଘର୍ଷର ପୃଷ୍ଠଭୂମି ପରିସ୍ଥିତି ସବୁ ୧୯୪୦ ମାର୍ଚ୍ଚରେ ରାମଗଡ଼ରେ ଅନୁଷ୍ଠିତ କଂଗ୍ରେସର ବାର୍ଷିକ ଅଧିବେଶନରେ ଅନୁଧ୍ୟାନ କରିଥିଲେ। ଏହି ସନ୍ଧିସନ୍ଧି ସମୟରେ ଦୁଇଟି ମୁଖ୍ୟ ବିଷୟରେ ଆଲୋଚନା କରାଯାଇଥିଲା – ଭାରତର ପୂର୍ଣ୍ଣ ସ୍ୱାଧୀନତା ଏବଂ ସ୍ୱାଧୀନ ଭାରତରେ ଶାସନ ବ୍ୟବସ୍ଥା ବିଷୟରେ ନିଷ୍ପତ୍ତି କରିବା ପାଇଁ ଜନସାଧାରଣଙ୍କ ପ୍ରତିନିଧିମୂଳକ ସମ୍ବିଧାନ ସଭା ଗଠନ। ଏହା ମଧ୍ୟ ସିଦ୍ଧାନ୍ତ କରାଯାଇଥିଲା ଯେ ବ୍ରିଟିଶ୍ ସରକାର ସ୍ୱାଧୀନତାର ଦାବୀକୁ ଗ୍ରହଣ ନକଲେ, କଂଗ୍ରେସ ଉପଯୁକ୍ତ ସମୟରେ ଆଇନ ଅମାନ୍ୟ ଆନ୍ଦୋଳନ କରିବ।

ବାସ୍ତବରେ ନୂଆଦିଲ୍ଲୀରେ କେନ୍ଦ୍ର ବ୍ୟବସ୍ଥା ସଭାର ସମସ୍ତ ନିର୍ବାଚିତ ସଦସ୍ୟମାନଙ୍କର ବିଶ୍ୱାସଭାଜନ କ୍ଷମ ଅସ୍ଥାୟୀ ଜାତୀୟ ସରକାର ନିଯୁକ୍ତି ହିଁ ସମସ୍ୟାର ସର୍ବୋତ୍କୃଷ୍ଟ ସମାଧାନ ଥିଲା। ଏପରି ସରକାର ତତ୍‌କ୍ଷଣାତ୍ ଗଠିତ ହୋଇଥିଲେ। କଂଗ୍ରେସ ଦେଶର ପ୍ରତିରକ୍ଷା ସଙ୍ଗଠନ ପାଇଁ ତା'ର ସମସ୍ତ ଶକ୍ତି ବିନିଯୋଗ କରିପାରିଥାନ୍ତା। ଫାସିବାଦ ସାମୟିକ ଭାବରେ ବିଜୟ ଲାଭ କରୁଥିବା ବେଳେ ଭାରତ ଭିତରେ ଏବଂ ବାହାରେ ଗଣତାନ୍ତ୍ରିକ ଉଦାର ମୂଲ୍ୟବୋଧକୁ ବଳିଷ୍ଠ କରିବା ପାଇଁ କଂଗ୍ରେସର ଉତ୍କଣ୍ଠାକୁ ବ୍ରିଟିଶ୍ ସରକାର ଗ୍ରହଣ ନକରିବା ବଡ଼ ଦୁଃଖଦାୟକ ଘଟଣା।

ଅସ୍ଥାୟୀ ଜାତୀୟ ସରକାର ଗଠନ ଦାବୀର ଉତ୍ତରରେ ବଡ଼ ଲାଟ୍ ୧୯୪୦ ଅଗଷ୍ଟରେ ଘୋଷଣା କଲେ ଯେ ବ୍ରିଟେନ୍ ଭାରତୀୟ ଜାତୀୟ ଜୀବନରେ ବହୁତ ଏବଂ କ୍ଷମତାଶାଳୀ ଗୋଷ୍ଠୀମାନେ ବିରୋଧ କରୁଥିବା କୌଣସି ରାଜନୈତିକ ଦଳକୁ କ୍ଷମତା ହସ୍ତାନ୍ତର କରିବ ନାହିଁ। ବଡ଼ ଲାଟ୍‌ଙ୍କ ମତାମତ "ବିଭେଦ କରି ଶାସନ କର" ନୀତିରେ ବାସ୍ତବରେ ପ୍ରତିଫଳିତ। କଂଗ୍ରେସର ନେତାମାନେ ଏମିତି "ଡରାଇ ଶାସନ କରିବା ନୀତି" ଆଗରେ ମୁଣ୍ଡ ନୁଆଁଇଲେ ନାହିଁ। ଗଣତନ୍ତ୍ର ପ୍ରତି ଦୃଢ଼ ଅନୁରକ୍ତି ପୁନରପି ଘୋଷଣା କରି କଂଗ୍ରେସ ନେତୃତ୍ୱ ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶରେ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବାର ନିଷ୍ପତ୍ତି ଗ୍ରହଣ କଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ସତ୍ୟାଗ୍ରହୀ ଥିଲେ ବିନୋବା ଭାବେ। ତେବେ ଶହ ଶହ ହଜାର ହଜାର ଅନୁଗାମୀ ଭାରତରେ ବ୍ରିଟିଶ୍ ଶାସନକୁ ବିରୋଧ କରି ଯୁଦ୍ଧ ଉଦ୍ୟମରେ ଅସହଯୋଗ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇ କାରାବରଣ କରିଥିଲେ।

୧୯୪୧ ଶେଷ ହେବା ବେଳକୁ ଭାରତର ଭିତରେ ଏବଂ ବାହାରେ ଜାତୀୟତାବାଦ ଏବଂ ସାମ୍ରାଜ୍ୟବାଦ ମଧ୍ୟରେ ସଙ୍କଟ ତୀବ୍ର ହୋଇଗଲା । ଆନ୍ତର୍ଜାତିକ ଚାପ ସହିତ ବ୍ରିଟିଶ୍ ପାର୍ଲିଆମେଣ୍ଟର ଚାପ ଫଳରେ ବାଧ୍ୟ ହୋଇ ବ୍ରିଟିଶ୍ ସରକାର କଂଗ୍ରେସ ନେତାମାନଙ୍କ ସହିତ ଆଲୋଚନା ଆରମ୍ଭ କରିଥିଲେ । ଫଳରେ ୧୯୪୨ ବସନ୍ତ ଋତୁରେ ଷ୍ଟାଫୋର୍ଡ଼ କ୍ରିପ୍ସ ଭାରତୀୟ ନେତାମାନଙ୍କ ସହିତ ବାର୍ତ୍ତାଳାପ କରିବାକୁ ଦୂତ ହିସାବରେ ଆସିଥିଲେ । ସେ ଆଣିଥିବା ତିନୋଟି ପ୍ରସ୍ତାବରେ ଶାସନ ସଂସ୍ଥାରେ ଭାରତୀୟ ପ୍ରତିନିଧିମାନଙ୍କୁ ଗ୍ରହଣ, ଯୁଦ୍ଧ ପରେ ଭାରତ ପାଇଁ ଯୁକ୍ତିଯୁକ୍ତ ସମ୍ବିଧାନ ପ୍ରଣୟନ କରିବାକୁ ସମ୍ବିଧାନ ସଭା ନିର୍ବାଚନ ଏବଂ ଭବିଷ୍ୟତ ଭାରତୀୟ ଇଉନିୟନରୁ ପୃଥକ୍ ହୋଇଯିବା ପାଇଁ ଇଚ୍ଛୁକ ପ୍ରଦେଶମାନଙ୍କର ସେଥିପାଇଁ ଅଧିକାର ବିଷୟ ରହିଥିଲା ।

କ୍ରିପ୍ସ ମିଶନ୍ ବିଫଳ ହେବା ପରେ ବିଗତ ଦଶନ୍ଧିମାନଙ୍କର ଜାତୀୟବାଦୀ ଆନ୍ଦୋଳନରେ ଦେଶ ବ୍ୟାପୀ କୃଷୀକୁଳ ସମେତ ଗ୍ରାମାଞ୍ଚଳ ଉତ୍ପ୍ଲାବିତ ହୋଇଗଲେ । ଏହା ଫଳରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଶ୍ରେଣୀ ସମୂହ ଜାତୀୟବାଦୀ ପରିସରଭୁକ୍ତ ହୋଇଗଲେ । ଭାରତୀୟ ଜନଗଣ ସ୍ୱାଧୀନତା ପାଇଁ ଚୂଡ଼ାନ୍ତ ସଂଗ୍ରାମ କରିବାକୁ ସଙ୍କଳ୍ପବଦ୍ଧ ହୋଇଗଲେ ।

୧୯୪୨ ଜୁଲାଇ ୧୪ରେ ଅନୁଷ୍ଠିତ କାର୍ଯ୍ୟକାରୀ ସମିତି ବୈଠକରେ ମହାତ୍ମା ଗାନ୍ଧୀ ସେଥିପାଇଁ ତାଙ୍କ ଅନୁଗାମୀମାନଙ୍କୁ ଭାରତରେ ପ୍ରଚଳିତ ବ୍ରିଟିଶ୍ ଶାସନକୁ ଚରମପତ୍ର ଦେବା ପାଇଁ ଜୋର ଦେଇଥିଲେ । ବ୍ରିଟିଶ୍ ଜନଗଣଙ୍କୁ କ୍ଷମତା ଦେଇଦେଉ କିମ୍ବା ଅହିଂସା ମାର୍ଗରେ ଜନଗଣଙ୍କ ଆନ୍ଦୋଳନର ସମ୍ମୁଖୀନ ହେଉ ।

କାର୍ଯ୍ୟକାରୀ ସମିତିର ନିଷ୍ପତ୍ତିକୁ ପ୍ରସ୍ତାବ ଆକାରରେ ୧୯୪୨ ଅଗଷ୍ଟ ୭ରେ ଜବାହରଲାଲ୍ ନେହେରୁ ବମ୍ବେରେ ଆଗତ କରିଥିଲେ । ସେ କହିଥିଲେ ଯେ "ଏହା ଗୋଟିଏ ସଂକୀର୍ଣ୍ଣ ଜାତୀୟବାଦୀ ପ୍ରସ୍ତାବ ନୁହେଁ । ପ୍ରଶସ୍ତ ଭିତ୍ତି ଏବଂ ଆନ୍ତର୍ଜାତିକ ପୃଷ୍ଠଭୂମି ସମ୍ବଳିତ ଭାରତୀୟ ଜାତୀୟବାଦ ପାଇଁ ମୁଁ ଗର୍ବିତ । ଏହି ଆନ୍ଦୋଳନ କେବଳ ଜାତୀୟବାଦୀ ଲକ୍ଷ୍ୟ ହାସଲ କରିବା ପାଇଁ ନୁହେଁ, ବିଶ୍ୱ ମୁକ୍ତି ହାସଲ କରିବାକୁ ଉଦ୍ଦିଷ୍ଟ ।"


ମହାତ୍ମା ଗାନ୍ଧୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଇ ଉପସଂହାରରେ କହିଥିଲେ ଯେ "ଏବେ ମୁଁ ତୁମମାନଙ୍କୁ ଗୋଟିଏ ଛୋଟ ମନ୍ତ୍ର ଦେଉଛି, ତୁମେ ତୁମ ହୃଦୟରେ ଏହାକୁ ଉଚ୍ଚାରଣ କରି ପ୍ରତି ନିଃଶ୍ୱାସରେ ଏହାକୁ ପ୍ରକାଶ କରିବ । ମନ୍ତ୍ର ହେଉଛି "କର ବା ମର" । ଆମେ ଭାରତକୁ ମୁକ୍ତ କରିବା କିମ୍ବା ଏହି ଉଦ୍ୟମରେ ମୃତ୍ୟୁବରଣ କରିବା ।"

"ଭାରତ ଛାଡ଼" ପ୍ରସ୍ତାବ ଗୃହୀତ ହେବା ସଙ୍ଗେ ସଙ୍ଗେ ଜାତୀୟତାବାଦୀମାନଙ୍କୁ ସମସ୍ତ ଶକ୍ତି ଠୁଳ କରି ବ୍ରିଟିଶ୍ ସରକାର ଆଘାତ ଦେଲେ । କାର୍ଯ୍ୟକାରୀ ସମିତିର ସଦସ୍ୟମାନେ ଅଗଷ୍ଟ ୯ ସକାଳେ ଗିରଫ ହୋଇଗଲେ । ବ୍ରିଟିଶ୍ ସରକାର ମୂଳରୁ ଆନ୍ଦୋଳନକୁ ଦଳି ଦେବା ପାଇଁ ଭାବୁଥିଲେ । ରାଜନୈତିକ ନେତୃବୃନ୍ଦଙ୍କର ଗିରଫଦାରୀ ସମ୍ବାଦ ଦେଶସାରା ପ୍ରସାରିତ ହେବାପରେ ବଡ଼ ଧରଣର ଗଣ ବିକ୍ଷୋଭ ସାରା ଦେଶରେ ଦେଖାଦେଲା ।

ମହାନଗରୀ ଏବଂ ସହରାଞ୍ଚଳରେ ବ୍ରିଟିଶ୍ ରାଜ ବିରୁଦ୍ଧରେ ସ୍ୱତଃସ୍ଫୂର୍ତ୍ତ ଗଣ ଆନ୍ଦୋଳନର ରୂପ ନେଇ "ଭାରତ ଛାଡ଼" ଆନ୍ଦୋଳନର ଅଭ୍ୟାରମ୍ଭ ହୋଇଗଲା । ଜନଗହଳିରୁ ଆବିର୍ଭୂତ ନୂତନ ନେତାମାନେ ବିରାଟ କୃଷୀ ଏବଂ ଗ୍ରାମବାସୀଙ୍କର ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ । ଏହି ଶୋଭାଯାତ୍ରା ବେଳେ ବିକ୍ଷୋଭକାରୀମାନେ ଗ୍ରାମାଞ୍ଚଳରେ ବ୍ରିଟିଶ୍ ଶାସନର ପ୍ରତୀକ ସବୁ ଧ୍ୱଂସ କରି ଦେଇଥିଲେ ।

ଅଗଷ୍ଟ ବିପ୍ଳବର ବିଶେଷତ୍ୱ ହେଉଛି ଯେ ବଙ୍ଗର ମେଦିନିପୁର ଏବଂ ମହାରାଷ୍ଟ୍ରର ସତାରା ଜିଲ୍ଲା ପରି କେତେକ ଅଞ୍ଚଳରେ ସମାନ୍ତରାଳ ଶାସନ ପ୍ରତିଷ୍ଠା କରାଯାଇଥିଲା । ଏହା ଯୁକ୍ତିସିଦ୍ଧ ଯେ ଭାରତ ଛାଡ଼ ଆନ୍ଦୋଳନରେ ତତ୍କାଳ ଲକ୍ଷ୍ୟ ହାସଲ ନହେଲେ ମଧ୍ୟ ଏହା ଭାରତୀୟ ସମାଜରେ ଜାତୀୟତାବାଦୀ ଚେତନାର ଗଭୀରତା ସ୍ପଷ୍ଟ କରିଦେବା ସଙ୍ଗେ ସଙ୍ଗେ ବ୍ରିଟିଶ୍ ରାଜ୍‌ରୁ ଲୋକଙ୍କୁ ବିଚ୍ଛିନ୍ନ କରିଦେଲା । ୧୯୪୨ର ଅଗଷ୍ଟ ବିପ୍ଳବ ଜାତୀୟତାବାଦୀ ସଂଗ୍ରାମରେ ନିଷ୍ପତ୍ତିମୂଳକ ପଦକ୍ଷେପ । ଏହି ଆନ୍ଦୋଳନରେ କଂଗ୍ରେସର ନେତୃବୃନ୍ଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଲେ ମଧ୍ୟ ଭାରତର ଜନସାଧାରଣ ହେଉଛନ୍ତି ଏହାର ବାସ୍ତବ ନେତା । ସେମାନଙ୍କର ଜାତୀୟତାବାଦୀ ମନୋଭାବ ଦ୍ୱାରା ସଙ୍ଘଠିତ ଘଟଣାବଳୀର ପରିଣତି ସ୍ୱରୂପ ଅଗଷ୍ଟ ୮ର ଐତିହାସିକ ପ୍ରସ୍ତାବ ସ୍ୱାଧୀନତା ପାଇଁ "କର ବା ମର" ମନ୍ତ୍ରରେ ଜନସାଧାରଣଙ୍କୁ ପ୍ରରୋଚିତ କରିଥିଲା । ତେଣୁ ଏହି ଅଗଷ୍ଟ ଆନ୍ଦୋଳନକୁ ଜନସାଧାରଣଙ୍କର ଭାବପ୍ରବଣତାର ବିରାଟ ବିସ୍ଫୋରଣ ସହିତ ତୁଳନା କରାଯାଇପାରେ । ଦେଶର ଜାତୀୟତାବାଦୀ ରାଜନୀତିରେ ଏହା ନିର୍ଦ୍ଦିଷ୍ଟ ଅଭିମୁଖ୍ୟ ନିର୍ଣ୍ଣୟ କରିପାରିଥିଲା । ଏହି ୧୯୪୨ର ଜନ ଆନ୍ଦୋଳନ ଭାରତର ଭାଗ୍ୟ ଗଠନକୁ ସାକାର କରିବା ପାଇଁ ନେଇଥିବା ନିଷ୍ପତ୍ତିମୂଳକ ଭୂମିକା "ଭାରତ ଛାଡ଼" ଆନ୍ଦୋଳନର ଇତିହାସରେ କାଳକାଳକୁ ଲିପିବଦ୍ଧ ହୋଇ ରହିବ ।

(ପି: ଆଇ: ବି: ସୌଜନ୍ୟରୁ)



# ବାର୍ଦ୍ଧକ୍ୟ ଏବଂ ବିଧବା ଭତ୍ତା ଯୋଜନା

**● ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି**

ରାଜ୍ୟରେ ଥିବା ଅସହାୟ ବୃଦ୍ଧ, ବୃଦ୍ଧା କୁଷ୍ଠରୋଗୀ ବିଧବାମାନଙ୍କୁ ସାମାନ୍ୟତମ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୧୯୭୫ ମସିହା ମାର୍ଚ୍ଚ ୨୫ ତାରିଖରେ ଏକ ବିଧିବଦ୍ଧ ଯୋଜନା ଆରମ୍ଭ କଲେ । ଏହି ଯୋଜନା ଅନୁସାରେ ୬୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଅସହାୟ ବ୍ୟକ୍ତି, ୬୦ ବର୍ଷରୁ ଉର୍ଦ୍ଧ୍ୱ କୁଷ୍ଠ ରୋଗୀ (ଯାହାଙ୍କୁ ଅଙ୍ଗ ବିକୃତ ଦିଶୁଥିବା) ଏବଂ ୫୦ ବର୍ଷରୁ ଉର୍ଦ୍ଧ୍ୱ ବିଧବାମାନଙ୍କୁ ଭତ୍ତା ଦେବା ପର୍ଯ୍ୟାୟ କ୍ରମେ ବ୍ୟବସ୍ଥା କରାଗଲା । ୧୯୮୫ ମସିହାରେ ବିଧବାମାନଙ୍କୁ ଏବଂ ୧୯୮୯ ମସିହାରେ କୁଷ୍ଠରୋଗୀଙ୍କୁ ଏହି ଭତ୍ତାର ଅନ୍ତର୍ଭୁକ୍ତ କରାଗଲା ।

ଚଳିତ ସରକାର ପୂର୍ବ ସରକାରଙ୍କ ଅମଳରେ ପ୍ରଚଳିତ ୬୦ ଟଙ୍କାର ଭତ୍ତା ପରିମାଣକୁ ୧୦୦ ଟଙ୍କାକୁ ବୃଦ୍ଧିକଲେ ଏବଂ ଏହି ବର୍ଦ୍ଧିତ ଭତ୍ତା ୧୯୯୦ ମସିହା ଅକ୍ଟୋବର ୨ ତାରିଖରୁ କାର୍ଯ୍ୟକାରୀ କରାଯାଉଛି । କ୍ଷୁଦ୍ର ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକମାନେ ଏହି ଯୋଜନାର ପରିସରଭୁକ୍ତ ହୋଇଛନ୍ତି । ବିଧବାମାନଙ୍କ ପାଇଁ ଥିବା ବୟସର ସୀମାକୁ ଉଠାଇ ଦିଆଯାଇଛି । ହିତାଧିକାରୀମାନଙ୍କ ପାଇଁ ପୂର୍ବରୁ ଥିବା ବାର୍ଷିକ ଆୟର ପରିମାଣ ୨,୨୬୯ ଟଙ୍କାରୁ ୩,୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଯେଉଁମାନେ ଅନ୍ୟାନ୍ୟ ସର୍ତ୍ତପୂରଣ କରୁଥିବେ ସେମାନଙ୍କୁ ମଧ୍ୟ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯିବ । ଏହି ବ୍ୟବସ୍ଥା କୋହଳ ହେବା ଫଳରେ ଚଳିତବର୍ଷ ୪ ଲକ୍ଷ ୩୩ ହଜାର ହିତାଧିକାରୀଙ୍କୁ ଏହି ଭତ୍ତା ପ୍ରଦାନ କରାଯାଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ବାର୍ଦ୍ଧକ୍ୟ ଏବଂ ବିଧବା ଭତ୍ତା ଠିକ୍‌ଭାବେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବାର୍ଦ୍ଧକ୍ୟ ଭତ୍ତା ଅଧିନିୟମର ଆବଶ୍ୟକୀୟ ପରିବର୍ତ୍ତନ କରି ଏହି ଯୋଜନାର ପରିଚାଳନାକୁ ପଞ୍ଚାୟତ ସମିତି ହାତରେ ଦେବାକୁ ସରକାର ନିଷ୍ପତ୍ତି କରିଛନ୍ତି । ଏହାଦ୍ୱାରା ପଞ୍ଚାୟତ ରାଜ ବ୍ୟବସ୍ଥା ବିଶେଷ ଭାବେ ଜନକଲ୍ୟାଣକର ହେବ ବୋଲି ଆଶାକରାଯାଏ ।

ପଞ୍ଚାୟତ ରାଜ ବିଭାଗ ୧୯୯୦ ମସିହାରେ ନେଇଥିବା ନିଷ୍ପତ୍ତି ଅନୁଯାୟୀ ହିତାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ରାଜ୍ୟର ସ୍ଥାୟୀ ବାସିନ୍ଦା ଯେକି କୌଣସି ଅପରାଧରେ ସଜା ଭୋଗ କରିନଥିବେ । ରାଜ୍ୟ, କେନ୍ଦ୍ର କିମ୍ବା ରାଜ୍ୟ ସହାୟତାରେ ଚାଲିଥିବା କୌଣସି ଅନୁଷ୍ଠାନରୁ ସହାୟତା ପାଇନଥିବେ ଏବଂ ନିମ୍ନୋକ୍ତ ସର୍ତ୍ତ ପୂରଣ କରୁଥିବେ, ତେବେ ତାଙ୍କୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯିବ ।

**ସର୍ତ୍ତଗୁଡିକ ହେଲା :**

(୧) ଅସହାୟ ବାର୍ଦ୍ଧକ୍ୟ ବ୍ୟକ୍ତିଙ୍କୁ ୬୫ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ।

(୨) ବିଧବାମାନଙ୍କର କୌଣସି ବୟସସୀମା ନାହିଁ ।

(୩) କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକ ଯେଉଁମାନଙ୍କର ବୟସ ୬୦ ବର୍ଷ କିମ୍ବା ଉର୍ଦ୍ଧ୍ୱ ହୋଇଥିବ ।

(୪) କୁଷ୍ଠରୋଗୀ (ଯାହାଙ୍କୁ ବିକୃତ ଅଂଶ ଦିଶୁଥିବା) ଏବଂ ୬୦ କିମ୍ବା ତଦୁର୍ଦ୍ଧ୍ୱ ବୟସ ହୋଇଥିବ ।

ପଞ୍ଚାୟତ ରାଜ ବିଭାଗର (ସମାଜ କଲ୍ୟାଣ) ଶାଖା ଏହାର କାର୍ଯ୍ୟ କରିବାର ଦାୟିତ୍ୱ ବହନ କରିଛନ୍ତି ।

ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜିଲ୍ଲା ସ୍ତରରେ ସବ୍ କଲେକ୍ଟର ସବ୍‌ଡିଭିଜନ୍ ସ୍ତରରେ ଏବଂ ସାମାଜିକ ଶିକ୍ଷା ସଙ୍ଗଠକ ବ୍ଲକ୍ ସ୍ତରରେ ଏହାର ଦାୟିତ୍ୱ ନେଇଛନ୍ତି । ଜିଲ୍ଲାପାଳ ଏହି ଯୋଜନାର ସଫଳତାକୁ ପରୀକ୍ଷା ନିରୀକ୍ଷା କରିପାରିବେ । ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବି.ଡି.ଓ. ପର୍ଯ୍ୟନ୍ତ ଏହି ଯୋଜନା ସଫଳତା ସମ୍ପର୍କରେ ଅନୁଧ୍ୟାନ କରିପାରିବେ । ଏହି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ୧୯୯୦ ମସିହାରୁ ନିର୍ଦ୍ଦେଶ ଦିଆଯାଇଛି । ପୋଲିସ୍ ଯାଞ୍ଚ ବ୍ୟତିରେକେ ଆବେଦନକାରୀଙ୍କ ଦରଖାସ୍ତକୁ ବିବେଚନା କରିବା ପାଇଁ ମଧ୍ୟ କୁହାଯାଇଛି ।

ଏହି ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ନେଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ତଳସ୍ତରରେ ଏହାର ରୂପାୟନ ଠିକ୍ ଭାବେ କରାଯାଇ ପାରୁ ନଥିବାରୁ ବହୁ

ହିତାଧିକାରୀ ଏହି ଯୋଜନାର ସୁଫଳ ପାଇ ପାରୁ ନାହାନ୍ତି । ତଳ ସ୍ତରର କେତେକ ସରକାରୀ କର୍ମଚାରୀଙ୍କ ଖାମଖିଆଲି ଯୋଗୁଁ ଏହି ଯୋଜନା ପୂର୍ଣ୍ଣମାତ୍ରାରେ ସଫଳ ହୋଇ ପାରୁ ନଥିବା ମଧ୍ୟ ସର୍ଭେରୁ ଜଣା ପଡ଼ିଛି । ୧୯୯୧ ସେପ୍ଟେମ୍ବର ମାସରେ ବିଭାଗୀୟ ସର୍ଭେ କରାଯାଇଥିଲା । ଏଥିରୁ ଜଣାଗଲା ଯେ, ୧୯୯୧ ଅକ୍ଟୋବରରେ ୬୭ ହଜାର, ୧୯୯୨ ମସିହା ଜାନୁଆରୀରେ ୮୫ ହଜାର, ଫେବୃଆରୀରେ ୯୧ ହଜାର, ମାର୍ଚ୍ଚରେ ୧ଲକ୍ଷ ୧୩ ହଜାର ଏବଂ ଜୁଲାଇରେ ୪୦ ହଜାର ଦରଖାସ୍ତ ହିତାଧିକାରୀଙ୍କଠାରୁ ଗ୍ରହଣ କରାଯାଇ ପଡ଼ି ରହିଥିଲା । ଅନ୍ୟ ମାସଗୁଡ଼ିକରେ ୩୦ ହଜାରରୁ ୫୯ ହଜାର ଦରଖାସ୍ତକାରୀଙ୍କୁ ପେନ୍‌ସନ୍ ଦିଆଯିବାର ବ୍ୟବସ୍ଥା କରାଯାଇ ଥିବାବେଳେ ୯୨ ଜୁନ୍‌ରେ ୫,୩୪୬ ଜଣଙ୍କୁ ପେନ୍‌ସନ୍ ଦିଆଯାଇଥିଲା ।

୧୯୮୫-୮୬ ବର୍ଷରେ ରାଜ୍ୟରେ ଏକ ଲକ୍ଷ ୨ ହଜାର ୩୫୮ ହିତାଧିକାରୀ ଥିବା ବେଳେ ୧୯୯୧-୯୨ରେ ଏହାର ପରିମାଣ ୩ ଲକ୍ଷ ୯୯ ହଜାରକୁ ବୃଦ୍ଧି ପାଇଛି । ଏହି ବର୍ଷ ୨ ଲକ୍ଷ ୪୭ ହଜାର ହିତାଧିକାରୀ ବଢ଼ି ଯାଇଥିବା ସରକାରୀ ରିପୋର୍ଟରୁ ପ୍ରକାଶ ।


ବିଧବା ଭତ୍ତାର ବୟସ ଉଠାଇ ଦେବା ଫଳରେ ହିତାଧିକାରୀଙ୍କ ସଂଖ୍ୟା ବଢ଼ିଯାଇଛି । ୧୯୯୧ ଜନଗଣନା ଅନୁସାରେ ଅସହାୟ ବାର୍ଦ୍ଧକ୍ୟର ପରିସର ମଧ୍ୟରେ ୧୬ ଲକ୍ଷ ବ୍ୟକ୍ତି ଥିଲାବେଳେ ବଜେଟ୍‌ରେ ୨ ଲକ୍ଷ ୫୪ ହଜାର ବ୍ୟକ୍ତି ବିଶେଷଙ୍କୁ ଏହି ଯୋଜନାର ପରିସରଭୁକ୍ତ କରିବା ପାଇଁ ଧାର୍ଯ୍ୟ କରାଯାଇଛି । ଏହା ଏକ ସମାଜ କଲ୍ୟାଣ ବ୍ୟବସ୍ଥା ହୋଇଥିବାରୁ ସରକାର ହିତାଧିକାରୀଙ୍କ ସଂଖ୍ୟା ଚଳିତ ବର୍ଷ ୪ ଲକ୍ଷ ୩୩ ହଜାର ୩୦୧କୁ ବୃଦ୍ଧି କରିଛନ୍ତି । ଉତ୍କଳ ଦିବସକୁ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରାଯାଇ, ସମସ୍ତ ବିଧାୟକମାନଙ୍କୁ ବାର୍ଦ୍ଧକ୍ୟଭତ୍ତା ଦରଖାସ୍ତଗୁଡ଼ିକର ନିଷ୍ପତ୍ତି କରି ବଣ୍ଟନ କରିବା କ୍ଷେତ୍ରରେ ସହଯୋଗ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

---

କ୍ୱାଃନଂ-ଭିଏ: ୪/୧
ୟୁନିଟ୍-୨, ଭୁବନେଶ୍ୱର-୯ ।



କେନ୍ଦୁଝରଠାରେ ଅନୁଷ୍ଠିତ ଉତ୍କଳ ପ୍ରସଙ୍ଗ ପାଠକ ସମାବେଶରେ ଉତ୍କଳ ପ୍ରସଙ୍ଗ ମୁଖ୍ୟ ସଂପାଦକ ଶ୍ରୀ ସର୍ବେଶ୍ୱର ପାଣ୍ଡଙ୍କ ଉଦ୍‌ବୋଧନ ।



# ଆପଣଙ୍କ କଲମରୁ

**ଶ୍ରୀ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସହକାରୀ ଶିକ୍ଷକ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଶହୀଦ ନଗର,
ଭୁବନେଶ୍ୱର–୭୫୧୦୦୭ ।**

* *ଅକ୍ଟୋବର ୧୯୯୨ ସଂଖ୍ୟା "ଉତ୍କଳ ପ୍ରସଙ୍ଗ" ପାଇ ପଢ଼ିଲି । ଏଥିରେ ପ୍ରକାଶିତ "ରୋଗ ନିରାକରଣରେ ମହାପ୍ରସାଦ ସେବନ" ଲେଖାଟି ଉଚ୍ଚକୋଟୀର । ତେବେ ପ୍ରତି ସଂଖ୍ୟାରେ ଓଡ଼ିଶାର ବରପୁତ୍ରମାନଙ୍କର ଆବକ୍ଷ ଫଟୋଚିତ୍ର କିଛି କିଛି ସ୍ଥାନ ଦିଅନ୍ତୁ । ଏ ସଂଖ୍ୟାର ଫଟୋଗୁଡ଼ିକ ସାଇଟି ରଖିଲା ଭଳି ହୋଇଛି । ସବୁ ବିଭାଗ ରହୁଛି, ଗୋଟିଏ ବିଭାଗର ଅଭାବ ଅନୁଭୂତ ହୁଏ । ଏଇଟି "ଶିଶୁ ସାହିତ୍ୟ" ଓ "ଶିଶୁ ସାହିତ୍ୟିକ" । ଏ ସମ୍ପର୍କରେ କିଛି ପ୍ରବନ୍ଧ ଦେଲେ ପ୍ରକାଶ କରିବେ କି ? ମୋର ବିଶ୍ୱାସ ଆପଣଙ୍କ ବଳିଷ୍ଠ ସମ୍ପାଦନା କାଳରେ ଏ ସବୁ ସମ୍ଭବ ହୋଇପାରିବ । ମଝିରେ ମଝିରେ ବିଶେଷାଙ୍କ କରି ଆପଣ ଉଚ୍ଚ ପ୍ରଶଂସାର ଅଧିକାରୀ ହୋଇ ପାରିଛନ୍ତି । ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଉପରେ ଏକ ବିଶେଷାଙ୍କ କରିବେ କି ?*

** ଗୋପୀନାଥ ମହାନ୍ତିଙ୍କ ସମ୍ପର୍କରେ ଆମକୁ ସ୍ମରଣ କରାଇଥିବାରୁ ଧନ୍ୟବାଦ ଜଣାଉଛୁ । ଉପଯୁକ୍ତ ସମୟରେ ଆମେ ନିଶ୍ଚିତ ଭାବେ ଶ୍ରଦ୍ଧାଞ୍ଜଳି ଜଣାଇବୁ ।

**ଆଡ୍‌ଭୋକେଟ୍ ରବୀନ୍ଦ୍ର କୁମାର ଦାଶ,
ବିଦ୍ୟା ଭବନ, ପା/ପୋ: ଅ: ଭୁବନ–୨,
ଢେଙ୍କାନାଳ–୭୫୯୦୧୭ ।**

* *ମହାଶୟ, ଏଇତ ଆଜି ଅର୍ଥାତ୍ ତା ୨୯–୯–୯୨ ରିଖ ଡାକଯୋଗେ "ଉତ୍କଳ ପ୍ରସଙ୍ଗ" ପାଇଲି । କୁହନ୍ତୁ ତ, ତା ୩୦–୯–୯୨ ରିଖ ଭିତରେ ମୋପରି ଅଗଣିତ ପାଠକ କେମିତି ପାଠକୀୟ ମତାମତ ଦେଇପାରିବେ ? ଏଣୁ ତା' ପରବର୍ତ୍ତୀ ମାସର ୭ ତାରିଖ ସୁଦ୍ଧା ଏହି ସମୟ ସୀମା ରଖିଲେ ଭଲ ତଥା ନିରପେକ୍ଷ ହୁଅନ୍ତା । ରଥଯାତ୍ରା ସଂଖ୍ୟାଟି ଏକ ଉପାଦେୟ ଓ ସ୍ମରଣୀୟ ସଂଖ୍ୟା ଅଟେ । ସ୍ୱାଧୀନତା ବିଶେଷାଙ୍କ, ଏଇ ପତ୍ରିକାଟିରେ ଏଥର ମୋଟେରୁ କବିତା ନରହିବା ଦୁଃଖର କଥା । ଅଥଚ, ରଥ ସଂଖ୍ୟାରେ କବିତାର ବନ୍ୟା । ଶିଶୁ ସାହିତ୍ୟ ପାଇଁ ୨/୩ ପେଜ୍ ଛାଡ଼ିବାକୁ ଅନୁରୋଧ । ପ୍ରତି ସଂଖ୍ୟାରେ ଅନ୍ତତଃ ୨/୩ଟି କବିତା ରଖିଲେ ସବୁ ବିଭାଗକୁ ପାଆନ୍ତା । ଏ ସଂଖ୍ୟାରେ ପ୍ରଚ୍ଛଦପଟ ଭଲ ହୋଇଛି । କେତୋଟି ପ୍ରବନ୍ଧ ମନଛୁଆଁ ବି ହୋଇଛି ।*

** କବିତାକୁ ଖୋଜି ବସେ କବି । କବିତା ନପାଇଲେ ଦୁଃଖରେ ଭାଙ୍ଗିପଡ଼େ ଏବଂ କବିତାର ବନ୍ୟାକୁ ଦେଖିଲେ ଆନନ୍ଦରେ ଲୋଟିପଡ଼େ । ହସ–କାନ୍ଦର ଦୁନିଆ ଭିତରେ ଅଗଷ୍ଟ ସଂଖ୍ୟାରେ କବିତା ନପାଇ ଆପଣ ଦୁଃଖ ପ୍ରକାଶ କରିଛନ୍ତି । ସ୍ୱାଧୀନତା ଦିବସ ବିଶେଷାଙ୍କରେ ପ୍ରକାଶ ପାଇବା ଭଳି କବିତା ଆମେ ପାଇନଥିଲୁ । ସେଥିପାଇଁ କ୍ଷମା ମାଗୁଛୁ ।

**ଅଧ୍ୟାପକ ଚିତ୍ତ ମିଶ୍ର,
ବଧୂବାମନ ମହାବିଦ୍ୟାଳୟ,
ହରସୁଣ୍ଡୀ, କେନ୍ଦୁଝର ।**

* *ମହାଶୟ, ଉତ୍କଳ ପ୍ରସଙ୍ଗ ବାସ୍ତବିକ୍ ଛବିଳା ଉତ୍କଳର ଦର୍ପଣ ସଦୃଶ । ସେପ୍ଟେମ୍ବର ସଂଖ୍ୟା ପଢ଼ିଲି । ଭାଷା, ସାହିତ୍ୟ, ସଂସ୍କୃତି, ଜୀବନଧାରା, ସମାଜ ଚେତନାର ଅନେକ ସ୍ୱର ତା' ଭିତରେ ରହିଛି । ପ୍ରବନ୍ଧ ପ୍ରଷ୍ଠାରେ ପ୍ରହ୍ଲାଦ ମହାନ୍ତିଙ୍କ ପ୍ରବନ୍ଧ, "ଚରିତ ଚିତ୍ରଣରେ ସେକ୍ସପିଅର୍ ଓ ଫକୀର ମୋହନ" ଓ ଫକୀର ଚରଣ ରାଉତଙ୍କ ପ୍ରବନ୍ଧ "ଜୁଆଙ୍ଗ ସଂସ୍କୃତି ଓ ଜୀବନ ଧାରା" ଉଚ୍ଚକୋଟୀର । କବିତାର କଳେବର ସଙ୍କୁଚିତ ହୋଇଯାଉଛି । କବିତାର ସଂଖ୍ୟା ବଢ଼େଇ ନବୀନ ସ୍ରଷ୍ଟାଙ୍କୁ ସ୍ଥାନ ଦେଲେ ଭଲ ହୁଅନ୍ତା ।*

** ମତାମତ ପାଇଁ ଧନ୍ୟବାଦ । କବିତାର ସଂଖ୍ୟା ସଙ୍କୁଚିତ କରିବା ଆମର ଲକ୍ଷ୍ୟ ନୁହେଁ । ଆବଶ୍ୟକତାକୁ ନେଇ ପରିବେଷଣ କରୁଛୁ ।

**ବି: ଆର୍: ପାତ୍ର,
ଆସିକା ବସ୍ ଷ୍ଟାଣ୍ଡ,
ଆସିକା, ଗଞ୍ଜାମ ।**

* *ପ୍ରିୟ ମହାଶୟ, ମୁଁ ଉତ୍କଳ ପ୍ରସଙ୍ଗର ଜଣେ ନିୟମିତ ପାଠକ । କିନ୍ତୁ ଅଗଷ୍ଟ ସଂଖ୍ୟାଟି ବିଶେଷ ବିଳମ୍ବରେ ପହଞ୍ଚିଲା । ସେଥିପାଇଁ ପ୍ରତ୍ୟେକ ମାସର ଶେଷ ପୂର୍ବରୁ ପହଞ୍ଚି ପାରିଲେ ଭଲ ହୁଅନ୍ତା । ସମ୍ପାଦକ ସତୀଶ ପାତ୍ରଙ୍କ ବଳିଷ୍ଠ ସମ୍ପାଦନା ତଥା ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କ ରଚିତ ରଚନାରେ ଉତ୍କଳ ପ୍ରସଙ୍ଗଟି ଉଚ୍ଚକୋଟୀର ମନେହେଉଛି । ପୁଣି ଓଡ଼ିଶାର ଐତିହ୍ୟ ସମ୍ପର୍କେ ବିଶିଷ୍ଟ ଐତିହାସିକ ଡକ୍ଟର୍ ମନ୍ମଥନାଥ ଦାସଙ୍କର ଲେଖା ଏଥିରେ ସ୍ଥାନ ପାଇଲେ ଉତ୍କଳ ପ୍ରସଙ୍ଗ ଉଚ୍ଚକୋଟୀର ହୋଇପାରିବ ବୋଲି ମୋର ବିଶ୍ୱାସ ।*

** ପ୍ରକାଶନରେ ବିଳମ୍ବ ନହେଲେ ମଧ୍ୟ ଆପଣଙ୍କ ନିକଟରେ ପହଞ୍ଚିବାରେ ବିଳମ୍ବ ହୋଇଥିବାରୁ ଆମେ ଦୁଃଖିତ । ଆମେ ଆମର ତ୍ରୁଟିକୁ ଜାଣିବା ପାଇଁ ହିଁ ଏହି ପ୍ରଶ୍ନ କୁପନ୍‌ର ବ୍ୟବସ୍ଥା କରିଛୁ । ତ୍ରୁଟି ସୁଧାରିବା ଏବଂ ଆପଣଙ୍କ ମତାମତକୁ ସମ୍ମାନ ଦେବା ଆମର ଏକମାତ୍ର ଲକ୍ଷ୍ୟ ।

## ପ୍ରଶ୍ନ କର୍ତ୍ତାଙ୍କ ପାଇଁ କୁପନ

CUT HERE

**ପ୍ରଶ୍ନ କର୍ତ୍ତାଙ୍କ ଠିକଣା**

ନାମ ............................

ଗ୍ରାମ ............................

ପୋଷ୍ଟ ............................

ଥାନା ............................ ଜିଲ୍ଲା ............................

କେବଳ ୩୧/୧ /୧୯୯୩ପୂର୍ବରୁ ବ୍ୟବହାର ପାଇଁ

**ମତାମତ ବା ପ୍ରଶ୍ନ**

............................................................................................

............................................................................................

............................................................................................

............................................................................................

............................................................................................

............................................................................................

............................................................................................

............................................................................................


............................................................................................

............................................................................................

............................................................................................

............................................................................................

ସ୍ୱାକ୍ଷର -



OGP-MP-PTS (I&PR) 50-10,000-25-12-1992




ହୋଟେଲ ସ୍ୱାତୀଠାରେ ଭାରତୀୟ ଶିଳ୍ପ ସଂଘ ଦ୍ୱାରା ଆୟୋଜିତ "ଓଡ଼ିଶାରେ ଶିଳ୍ପୋନ୍ନତି" ଶୀର୍ଷକ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଭିଭାଷଣ ।



ନଭେମ୍ବର ୧୪ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ହାଇସ୍କୁଲ ଛାତ୍ରୀମାନଙ୍କ ସମୂହ ଗାନ ଉତ୍ସବରେ ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ।

OL. XLVIII No. 5 UTKAL PRASAD Regd. No. 0-05/92
Licence No. C.R.N.P. 5—Licensed to post without Pre-Payment



ପାରାଦ୍ୱୀପଠାରେ ବାଲି ଅଭିମୁଖେ ଯାତ୍ରା କରୁଥିବା 'ଆଇ:ଏନ୍:ଏସ୍: ସମୁଦ୍ର ପୋତକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପତାକା ହଲାଇ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି ।



କିଶାନ ନଗରଠାରେ ଅନୁଷ୍ଠିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ନୃସିଂହନାଥ ଫୁଟ୍‌ବଲ ଟିମ୍‌ର ବିଜେତାମାନଙ୍କ ଗହଣରେ ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ଓ କ୍ରୀଡ଼ାମନ୍ତ୍ରୀ ଶ୍ରୀ ଶରତ କୁମାର କର ।

PRINTED AT ORISSA GOVERNMENT PRESS, CUTTACK-753010